# ଧରିତ୍ରୀ DHARITRI

ଧରିତ୍ରୀ 52 Years

ପୃଷ୍ଠା-୮+୮

ଭୁବନେଶ୍ୱର, ରବିବାର, ଡିସେମ୍ବର ୭/୨୦୨୫ (୮+୮=୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, December 7/2025 | Page 16 | ₹ 7.00 | RAYAGADA

୫୨ଶ ଭାଗ ୧୪ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 52 ISSUE 14 | ମୂଲ୍ୟ ₹୭/-






Celebrating
60
Years of
Anokha Swad
KP GROUP
DIAMOND JUBILEE
KAMLA PASAND®
Celebrating
60
YEARS
अनोखा स्वाद
No Tobacco, No Nicotine
• Not recommended for minors
• Chewing of pan masala is injurious to health

# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ରବିବାର, ଡିସେମ୍ବର ୭/୨୦୨୫ | Bhubaneswar, Sunday, December 7/2025 | ପୃଷ୍ଠା-୧




ପୁରୀରେ ଶନିବାର ୨ ଦିନିଆ ଗ୍ଲୋବାଲ୍ ଏନର୍ଜି ଲିଡର୍ସ ସମିଟ୍‌କୁ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ନୂତନ ଏବଂ ନବିକରଣୀୟ ଶକ୍ତିମନ୍ତ୍ରୀ ପ୍ରହ୍ଲାଦ ଜୋଷୀ। ନିକଟରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ।

# ୧୮,୦୦୦ ଟପିବନି ବିମାନ ଭଡ଼ା

## ଅଙ୍କୁଶ ଲଗାଇଲା କେନ୍ଦ୍ର

**ଇଣ୍ଡିଗୋ ବିଭ୍ରାଟ ଯୋଗୁ ୪ ଦିନ ଧରି ଭାରତରେ ବିମାନ ଉଡ଼ାଣ ସେବା ଘୋର ବାଧାପ୍ରାପ୍ତ ହୋଇଛି। ଇଣ୍ଡିଗୋରୁ ସେବା ପାଇପାରୁ ନ ଥିବାରୁ ଯାତ୍ରୀମାନେ ଅନ୍ୟ ଏୟାରଲାଇନ୍ସ ଆଡ଼େ ମୁହାଁଇଛନ୍ତି। 'ମହରଗରୁ ଯାଇ କାନ୍ତାରରେ ପଡ଼ିଲା' ଭଳି ଏୟାରଲାଇନ୍ସଗୁଡ଼ିକ ମନଇଚ୍ଛା ଭଡ଼ା ବଢ଼ାଇ ଚାଲିଥିବା ବେଳେ କେନ୍ଦ୍ର ସରକାର ଏଥିରେ ଅଙ୍କୁଶ ଲଗାଇଛନ୍ତି। ସାଧାରଣ ବିମାନଯାତ୍ରା ପାଇଁ ୧୮,୦୦୦ ଟଙ୍କା ମଧ୍ୟରେ ଭଡ଼ାକୁ ସୀମିତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେପଟେ ଇଣ୍ଡିଗୋ ଏୟାରଲାଇନ୍ସର ପାଇଲଟଙ୍କ ସାପ୍ତାହିକ ବିଶ୍ରାମକୁ ଛୁଟି ବିବେଚନା କରାଯିବ ନାହିଁ ବୋଲି ଡିଜିସିଏ କହିବା ପରେ ପାଇଲଟ ସଂଘ ପ୍ରତିବାଦ ଜଣାଇଛି। ନିର୍ଦ୍ଦିଷ୍ଟ ଏୟାରଲାଇନ୍ସ ପ୍ରତି କୋହଳ ମନୋଭାବକୁ ସଂଘ ପକ୍ଷରୁ ବିରୋଧ କରାଯାଇଛି।**

**ନୂଆଦିଲ୍ଲୀ,୬।୧୨**

ଇଣ୍ଡିଗୋର ବିମାନ ଉଡ଼ାଣରେ ଅତ୍ୟଧିକ ବିଳମ୍ବ ସମେତ ଅର୍ଦ୍ଧାଧିକ ବିମାନ ଉଡ଼ାଣ ବାତିଲ ଯୋଗୁ ବିଭିନ୍ନ ବିମାନବନ୍ଦରରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିବା ବେଳେ ଏହାର ସୁଯୋଗ ନେଇ ଅନ୍ୟ କେତେକ ଏୟାରଲାଇନ୍ସ ବିମାନ ଭଡ଼ା ଅତ୍ୟଧିକ ବୃଦ୍ଧି କରିଥିଲେ। ଏହାକୁ ନେଇ ଯାତ୍ରୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଥିଲାବେଳେ କେନ୍ଦ୍ର ସରକାର ଶନିବାର ଭଡ଼ା ଉପରେ ଅଙ୍କୁଶ ଲଗାଇଛନ୍ତି। ଅସ୍ୱାଭାବିକ ଭଡ଼ା ବୃଦ୍ଧିକୁ ☞ପୃଷ୍ଠା-୨

## ଇଣ୍ଡିଗୋ ପାଇଁ ନିୟମ କୋହଳ ପାଇଲଟ୍ ସଂଘର ପ୍ରତିବାଦ



ALPA
Airline Pilots' Association of India

Member of IFALPA

Date : 05th Dec 2025

To,
The Director General of Civil Aviation
Government of India
New Delhi

**Subject: Strong Objection to Selective and Unsafe Dispensation Granted to IndiGo on FDTL CAR Implementation**

Sir,

It is with profound concern and deep disappointment that we write to you regarding the recent **selective dispensations** granted to IndiGo Airlines in respect of the implementation of the revised FDTL CAR (Phase II). This decision, taken despite repeated representations, formal letters, and direct discussions with your esteemed office, has undermined the very spirit of the FDTL regulations and gravely compromised the safety of the flying public.

During our meeting on **24 November 2025**, it was unequivocally agreed that no dispensation, exemption, or variation, particularly those motivated by commercial interests would be granted to any operator. The consensus was clear: **FDTL norms exist solely to safeguard human life**, and any dilution of these limits would expose pilots, passengers, and aircraft to unacceptable risks.

Yet, in complete contradiction to this understanding, your office has extended **selective** dispensation to IndiGo for Phase II implementation, allowing them to operate beyond the safety envelope prescribed by the CAR.
On the pretext of passenger inconvenience, IndiGo is seeking relief despite having knowingly increased their Winter operations while being fully aware of the Phase II implementation of the FDTL CAR.

What is even more alarming is that **Phase II itself already includes many dispensations tailor made to the operators selectively**, intended as a transitional relaxation to assist operators. Despite this built-in relief, your office has **granted further selective dispensations exclusively to IndiGo**, creating a situation where an operator already benefitting from relaxed provisions is given **additional layers of relaxation on top of it**, without any safety justification. Such a precedent is not only indefensible but also dangerous.

All operators had **almost two years to implement the new FDTL**, and that too in **two phases**. Even with this ample time, IndiGo failed to organise its roster and instead increased its operations for Winter 2025 which was approved by your office. It is equally questionable how such large-scale disruptions surfaced **35 days after the implementation of Phase II on 1st November 2025** which was informed to them well in advance. These events raise serious concerns that an artificial crisis was engineered to exert pressure on the government for commercial gain under the pretext of "public inconvenience.

Our strongest objection is to the nature of the dispensations granted. Not only has the night definition been relaxed, but the permitted number of landings encroaching night has been doubled, from **two to four**, directly contradicting the original CAR issued by the DGCA. Such modifications fundamentally dilute the protective intent of the regulation and jeopardise pilot alertness and flight safety.

By granting these **layered, selective dispensations**, the DGCA/Government of India has effectively acknowledged that **IndiGo pilots will now fly with reduced rest and increased fatigue**, placing their passengers at elevated risk compared to passengers of other airlines. Aviation safety norms cannot differ from airline to airline based on commercial interests.

ପାଇଲଟ୍ ସଂଘ ପକ୍ଷରୁ ଡିଜିସିଏକୁ ଦିଆଯାଇଥିବା ପତ୍ର ।

**ନୂଆଦିଲ୍ଲୀ,୬।୧୨**

ଇଣ୍ଡିଗୋର ବିମାନ ଉଡ଼ାଣ ୪ ଦିନ ଧରି ବାଧାପ୍ରାପ୍ତ ହେବା ପରେ ବେସାମରିକ ବମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଶୁକ୍ରବାର ଉକ୍ତ ଏୟାରଲାଇନ୍ସ ପାଇଁ ଉଡ଼ାଣ ଡ୍ୟୁଟି ସମୟସୀମା (ଏଫ୍‌ଡିଟିଏଲ୍) ନିୟମକୁ କୋହଳ କରିଥିଲା। ଉକ୍ତ ଏୟାରଲାଇନ୍ସର ପାଇଲଟ୍‌ମାନଙ୍କ ସାପ୍ତାହିକ ବିଶ୍ରାମକୁ ଛୁଟି ବିବେଚନା କରାଯିବ ନାହିଁ ବୋଲି ଡିଜିସିଏ କହିଥିଲା। ଡିଜିସିଏର ଏଭଳି ନିଷ୍ପତ୍ତିକୁ ଭାରତର ☞ପୃଷ୍ଠା-୨

# ୨ ଡିଗ୍ରୀ ତଳେ ଶିମିଳିପାଳ

## ଥରୁଛି ମୟୂରଭଞ୍ଜ

**ବାରିପଦା,୬।୧୨**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲାରେ ଶୀତର ଲହରୀ ବୃଦ୍ଧି ପାଉଛି। ଶିମିଳିପାଳରେ ପାରଦ ୨ ଡିଗ୍ରୀ ତଳକୁ ଖସିଆସିଛି। ତାପମାତ୍ରା ହ୍ରାସ ପାଇଥିବାରୁ ବନ୍ୟପ୍ରାଣୀଙ୍କ ଉପରେ ପ୍ରଭାବ ପଡୁଛି। ଏଥିସହ ଅସହ୍ୟ ଶୀତରେ ଲୋକେ ହନ୍ତସନ୍ତ ହେଉଛନ୍ତି। ସନ୍ଧ୍ୟା ପୂର୍ବରୁ ସହର ଜନଶୂନ୍ୟ ହୋଇଯାଉଛି। ଜିଲାରେ ଉତ୍ତରା ପବନ ପ୍ରବାହିତ ହେଉଥିବାରୁ ଦିନକୁ ଦିନ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ସମଗ୍ର ଜିଲାରେ ଶୀତର ପ୍ରଭାବ ପାଇଁ ଲୋକେ ଦିନତମାମ ଶୀତବସ୍ତ୍ର ପରିଧାନ କରୁଛନ୍ତି। ଜିଲାର ୨୬ଟି ବ୍ଲକ୍ ମଧ୍ୟରୁ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ପାଖାପାଖି ରହୁଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ଶିମିଳିପାଳରେ ସର୍ବନିମ୍ନ ତାପମାତ୍ରା ୨ ଡିଗ୍ରୀ ରେକର୍ଡ ହୋଇଛି। ଶନିବାର ସକାଳ ୬ଟାରେ ଶିମିଳିପାଳ ଅଭୟାରଣ୍ୟ ଉତ୍ତର ଡିଭିଜନର ଉପରବାହ୍ରାକାମୁଡ଼ା ରେଞ୍ଜରେ ସର୍ବନିମ୍ନ ୨ଡିଗ୍ରୀ, ଚହଲାରେ ୪, ବରେହିପାଣିରେ ୭, ଗୁଡୁଗୁଡ଼ିଆରେ ୬, ରାମତୀର୍ଥରେ ୧୨, କିଆଝରୀ ଓ ସାତକୋଶିଆରେ ୧୩ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଏହାର ପ୍ରଭାବରେ ବାରିପଦା ସହରରେ ତାପମାତ୍ର ଦିନକୁ ଦିନ ଖସିବାରେ ଲାଗିଛି। ରାତି ଓ ଭୋରରେ କୁହୁଡ଼ି ପାଇଁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ☞ପୃଷ୍ଠା-୨

# ୨୦୩୬ ସୁଦ୍ଧା ରାଜ୍ୟ ହେବ ଗ୍ରୀନ୍ ଏନର୍ଜି ହବ୍: ମୁଖ୍ୟମନ୍ତ୍ରୀ

## ଗ୍ଲୋବାଲ୍ ଏନର୍ଜି ଲିଡର୍ସ ସମିଟ-୨୦୨୫ ଉଦ୍‌ଘାଟିତ

- **ସୌରଶକ୍ତି କ୍ଷମତା ୧୧ବର୍ଷରେ ୨.୮ ଗିଗାୱାଟରୁ ୧୩୦ ଗିଗାୱାଟକୁ ବୃଦ୍ଧି ପାଇଛି: ଜୋଷୀ**
- **୨୦୭୦ ସୁଦ୍ଧା ଓଡ଼ିଶା ହାସଲ କରିବ ନେଟ୍ ଜିରୋ କାର୍ବନ ଏମିଶନ**

**ପୁରୀ,୬।୧୨(ଅଜିତ୍ କୁମାର ମହାନ୍ତି)**

ଓଡ଼ିଶା ଏବେ ବି ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ବଳକା ରାଜ୍ୟ। ରାଜ୍ୟ ସରକାର ଗତ ଦେଢ଼ ବର୍ଷ ମଧ୍ୟରେ ଅକ୍ଷୟ ଶକ୍ତିକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ୨୦୩୬ ସୁଦ୍ଧା ଓଡ଼ିଶା ଗ୍ରୀନ୍ ଏନର୍ଜି ହବ୍ ହେବ ବୋଲି ଶନିବାର ପୁରୀରେ ଅନୁଷ୍ଠିତ ୨ ଦିନିଆ ଗ୍ଲୋବାଲ୍ ଏନର୍ଜି ଲିଡର୍ସ ସମିଟ୍-୨୦୨୫କୁ ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମତବ୍ୟକ୍ତ କରିଛନ୍ତି।

ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି, ରାଜ୍ୟର ବିକାଶରେ ଏନର୍ଜି ସପ୍ଲାଇ ଚେନ୍‌କୁ ଓଡ଼ିଶା ନିଜର ପ୍ରମୁଖ ଉପାଦାନ ଭାବେ ଗ୍ରହଣ କରିଛି। ଫଳରେ ୨୦୩୬ ସୁଦ୍ଧା ଜୀବାଶ୍ମ ଇନ୍ଧନ ଶକ୍ତି ଉତ୍ପାଦନ ଓ ବ୍ୟବହାର ହ୍ରାସ କରି ଆମ ରାଜ୍ୟ ଗ୍ରୀନ ଏନର୍ଜି ହବ୍ ଭାବେ ଉଭା ହେବ। ଗ୍ରାମୀଣ ଜନସାଧାରଣଙ୍କ ପାଇଁ ନିରବଚ୍ଛିନ୍ନ ବିଦ୍ୟୁତ୍ ଶକ୍ତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ଶକ୍ତି କ୍ଷେତ୍ରରେ ଓଡ଼ିଶା ନିଜର ଭବିଷ୍ୟତ ପିଢ଼ି ଉପରେ ବିନିଯୋଗ କରୁଛି, କାରଣ ବିଦ୍ୟୁତ୍ ଏକ ସର୍ବୋଚ୍ଚ ପ୍ରାଥମିକତା ଏବଂ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି। ଓଡ଼ିଶା ପରି ପ୍ରତ୍ୟେକ ରାଜ୍ୟ ନିଜସ୍ୱ ଶକ୍ତି ଉତ୍ପାଦନ ତଥା ସଂରକ୍ଷଣକୁ ପ୍ରାଥମିକତା ଦେବାର ଆବଶ୍ୟକତା ରହିଛି। କାର୍ଯ୍ୟକ୍ରମରେ ଉଭୟ କେନ୍ଦ୍ର, ରାଜ୍ୟ, ଶିଳ୍ପ, ଗବେଷକ, ଅନୁଷ୍ଠାନ ଏବଂ ବିଶ୍ୱର ଶକ୍ତି ବିଶେଷଜ୍ଞଙ୍କୁ ଏକତ୍ରିତ କରି ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରତା ଓ ସ୍ଥାୟିତ୍ୱ ହାସଲ କରିବା ପାଇଁ ଏହାଏକ ଅଭିନବ ପ୍ରୟାସ। ଏହା ହେଉଛି ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଏକ ସ୍ପଷ୍ଟ ରୋଡ୍ ମ୍ୟାପ ପ୍ରସ୍ତୁତ କରିବା ପାଇଁ ପ୍ରଥମ ସର୍ବଭାରତୀୟ ପଦକ୍ଷେପ। ୨୦୧୪ ପୂର୍ବରୁ ସାରା ଦେଶରେ ଘରୋଇ ଗ୍ରାହକ ଏବଂ ଶିଳ୍ପକୁ ନିରନ୍ତର ବିଦ୍ୟୁତ୍ ଯୋଗାଣ ଏକ ଚ୍ୟାଲେଞ୍ଜ ଥିଲା। ଘରୋଇ ଚାହିଦା ପୂରଣ କରିବା ପାଇଁ ବିଦ୍ୟୁତ ଉତ୍ପାଦନ ଯଥେଷ୍ଟ ନ ଥିଲା। ଗ୍ରାମାଞ୍ଚଳରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ବିଭ୍ରାଟ ସାଧାରଣ ଘଟଣା ଥିଲା। ବିଦ୍ୟୁତ୍ ଉତ୍ପାଦନରେ ହ୍ରାସ ଦେଶର ଶିଳ୍ପ ଏବଂ ବାଣିଜ୍ୟକୁ ମଧ୍ୟ ପ୍ରଭାବିତ କରୁଥିଲା। ଏବେ ଏଥିରେ ବ୍ୟାପକ ପରିବର୍ତ୍ତନ ଆସିଛି। ଓଡ଼ିଶା ସ୍ଥାୟୀ ଭାବେ ଆଗକୁ ବଢ଼ିବା ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛି। ଆମ ସରକାର ୨୦୭୦ ସୁଦ୍ଧା ନେଟ୍ ଜିରୋ କାର୍ବନ ଏମିଶନ ହାସଲ କରିବା ପାଇଁ ଏକ ଦୀର୍ଘକାଳୀନ ଲକ୍ଷ୍ୟ ଧାର୍ଯ୍ୟ କରିଛି ଏବଂ ଏହି ଦାୟିତ୍ୱକୁ ହାସଲ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ। ଓଡ଼ିଶାର ଶିଳ୍ପନୀତିରେ ଶକ୍ତି ଉତ୍ପାଦନକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ବିଶେଷକରି ନବୀକରଣୀୟ ଶକ୍ତି ଉପରେ ଗୁରୁତ୍ୱ ଦିଆଯାଇ ଏହାକୁ ଏକ ଘରୋଇ ଶିଳ୍ପ ଭାବରେ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି।

କାର୍ଯ୍ୟକ୍ରମରେ କେନ୍ଦ୍ର ନୂତନ ଏବଂ ନବୀକରଣୀୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ନବୀକରଣୀୟ ଶକ୍ତି ଓ ପ୍ରଗତି ନିମନ୍ତେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ ଏବଂ ରାଜ୍ୟ ପାଇଁ ଦେଢ଼ ଲକ୍ଷ ସୂର୍ଯ୍ୟଘର ଅନୁମୋଦନ ଘୋଷଣା କରିଥିଲେ। ଫଳରେ ରାଜ୍ୟର ୭ରୁ ୮ଲକ୍ଷ ଲୋକ ଉପକୃତ ହୋଇପାରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିସମ୍ପର୍ଣ୍ଣ ନେତୃତ୍ୱରେ ଭାରତର ସୌରଶକ୍ତି କ୍ଷମତା ୨୦୧୪ରେ ଥିବା୨.୮ ଗିଗାୱାଟରୁ ବର୍ତ୍ତମାନ ୧୩୦ ଗିଗାୱାଟକୁ ବୃଦ୍ଧି ପାଇଛି। ଭାରତର ସ୍ୱଚ୍ଛ ଶକ୍ତି ପରିବର୍ତ୍ତନକୁ ସୁଦୃଢ଼ କରିବାରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଯୋଶୀ କହିଛନ୍ତି। ଏହି ଅବସରରେ ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ସାର୍ ଟୋନି ବ୍ଲେୟାର ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ସମାରୋହକୁ ସମ୍ବୋଧିତ କରି ଓଡ଼ିଶାକୁ ଅଭିନନ୍ଦନ ଜଣାଇଥିଲେ। ସେ କହିଥିଲେ ଯେ, ଯେତେବେଳେ ଗୋଟିଏ ସରକାର କାର୍ଯ୍ୟ କରେ ସେତେବେଳେ ଶକ୍ତି ପରିବର୍ତ୍ତନ ସଫଳ ହୁଏ ନାହିଁ, କିନ୍ତୁ ଯେତେବେଳେ ସମୟ ସହିତ ଅନେକ ସରକାର ସମାନ ଦିଗରେ କାର୍ଯ୍ୟ କରନ୍ତି ସେତେବେଳେ ଶକ୍ତି କ୍ଷେତ୍ରରେ ପରିବର୍ତ୍ତନ ଉଦ୍ୟମ ସଫଳ ହୁଏ। ଏହା ହିଁ ଗ୍ଲୋବାଲ ଏନର୍ଜି ଲିଡର୍ସ ମିଟ୍ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲି କହିଥିଲେ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ସ୍ୱାଗତ ଭାଷଣ ଦେଇ କହିଥିଲେ, କୋଣାର୍କ ସୂର୍ଯ୍ୟ ମନ୍ଦିର ଆମକୁ ମନେପକାଇ ଦିଏ ଯେ ଶକ୍ତି ସହିତ ଭାରତର ସମ୍ପର୍କ ଶତାବ୍ଦୀ ଧରି ଆମ ସଭ୍ୟତାର ଏକ ଅଂଶ ହୋଇ ରହିଛି। ୨୦୩୦ ସୁଦ୍ଧା ଆମେ ଶିଳ୍ପ ଏବଂ କୃଷିରେ ନବୀକରଣୀୟ ଶକ୍ତି ବ୍ୟବହାର କରି ବ୍ୟାପକ ପରିବର୍ତ୍ତନ ପାଇଁ ଲକ୍ଷ୍ୟ ରଖିଛୁ। ୨୦୩୬ ସୁଦ୍ଧା ଓଡ଼ିଶା ୧୦୦ବର୍ଷ ପୂରଣ କରିବ, ତେଣୁ ଆମେ ସ୍ୱଚ୍ଛ ଶକ୍ତି, ଉତ୍ପାଦନ ଏବଂ ସବୁଜ ହାଇଡ୍ରୋଜେନର ଅଗ୍ରଣୀ କେନ୍ଦ୍ର ହେବାକୁ ଉଦ୍ୟମ ଆରମ୍ଭ କରିଛୁ ବୋଲି ସିଂହ ଦେଓ କହିଥିଲେ। କାର୍ଯ୍ୟକ୍ରମରେ ଦିଲ୍ଲୀର ଶକ୍ତି ମନ୍ତ୍ରୀ ଆଶିଷ ସୁଦ୍, ରାଜସ୍ଥାନର ଶକ୍ତି ମନ୍ତ୍ରୀ ହୀରା ଲାଲ୍‌ନାଗର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ, ଟୋନି ବ୍ଲେୟାର ଇନ୍‌ଷ୍ଟିଚ୍ୟୁଟ ଫର୍ ଗ୍ଲୋବାଲ ଚେଞ୍ଜର ବରିଷ୍ଠ ଶକ୍ତି ପରାମର୍ଶଦାତା ପିଅରେ ନୋଏଲ, ଆଇଟି କାନପୁରର ସେଣ୍ଟର ଫର ଏନର୍ଜି ରେଗୁଲେଶନ ଆଣ୍ଡ ଏନର୍ଜି ଆନାଲିଟିକ୍ସ ଲ୍ୟାବର ମୁଖ୍ୟ ପ୍ରଫେସର ଅନୁପ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିର ସମ୍ପାଦକୀୟ

ବିଭାଜନକାରୀ ରାଜନୀତି

## ଆଜିର ମନ୍ତବ୍ୟ

"ଆଗାମୀ ୧୦ ବର୍ଷ ମଧ୍ୟରେ ଦେଶକୁ ଦାସତ୍ୱ ମାନସିକତାରୁ ସମ୍ପୂର୍ଣ୍ଣ ମୁକ୍ତ କରିବାକୁ ହେବ। ସମ୍ପ୍ରତି ପ୍ରତ୍ୟେକ ସେକ୍ଟର ଉପନିବେଶୀୟ ମାନସିକତା ତ୍ୟାଗ କରିବା ସହିତ ଗର୍ବର ସହ ନୂଆ ସଫଳତା ପାଇଁ ଲକ୍ଷ୍ୟ ରଖିଛନ୍ତି।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ






# ୧୭ ନୂତନ ପାଠ୍ୟପୁସ୍ତକକୁ ଅନୁମୋଦନ

## ୨୦୨୬-୨୭ ଶିକ୍ଷାବର୍ଷରୁ ଲାଗୁହେବ

**ଭୁବନେଶ୍ୱର,୬।୧୨**
**(ସୁଚିସ୍ମିତା ସାହୁ)**

ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ପାଇଁ ନୂତନ ଭାବେ ବିକଶିତ ୧୭ଟି ପାଠ୍ୟପୁସ୍ତକକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଅନୁମୋଦନ ମିଳିଛି। ପ୍ରଥମଥର ପାଇଁ ଜାତୀୟ ଶିକ୍ଷାନୀତି (ଏନ୍‌ଇପି) ୨୦୨୦ ଅଧୀନରେ ଓଡ଼ିଶା ୫୫ଟି ନୂତନ ଏନ୍‌ସିଇଆର୍‌ଟି ପାଠ୍ୟପୁସ୍ତକକୁ ଅନୁବାଦ ଏବଂ ସନ୍ଦର୍ଭୀକରଣ କରିଛି। ବିଭାଗର ଶାସନ ସଚିବ ଡ. ଏନ୍. ତିରୁମାଲା ନାଏକଙ୍କ ଅଧ୍ୟକ୍ଷତାରେ ଶନିବାର ପାଠ୍ୟକ୍ରମ ଏବଂ ପାଠ୍ୟପୁସ୍ତକ ବିକାଶ ସମ୍ପର୍କିତ ଚତୁର୍ଥ କୋର୍ କମିଟି ବୈଠକରେ ୧୭ଟିକୁ ଅନୁମୋଦନ ମିଳିଛି।

ଚଳିତବର୍ଷ ଗୁରୁଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ପାଠ୍ୟକ୍ରମ ରୂପରେଖ-୨୦୨୫କୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଦ୍ୱାରା ନୂତନ ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯାଇଛି। ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ କଳା ଶିକ୍ଷା, ଶାରୀରିକ ଶିକ୍ଷା ଓ ସୁସ୍ଥତା ଏବଂ ବୃତ୍ତିଗତ ଶିକ୍ଷାରେ ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯାଇଛି, ଯାହା ରାଜ୍ୟର ଆବଶ୍ୟକତା, ସଂସ୍କୃତି ଓ ଐତିହ୍ୟକୁ ପ୍ରତିଫଳିତ କରିବ। ସମସ୍ତ ନୂତନ ପାଠ୍ୟପୁସ୍ତକ ୨୦୨୬-୨୭ ଶିକ୍ଷାବର୍ଷରୁ ସମସ୍ତ ବିଦ୍ୟାଳୟରେ ଲାଗୁ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି। ସେହିପରି ରାଜ୍ୟ ପାଠ୍ୟକ୍ରମ ରୂପରେଖ ଓ ଶିଶୁବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ବିଷୟର ପୁସ୍ତକକୁ ଅତି କମ୍ ସମୟ ମଧ୍ୟରେ ବିକଶିତ କରି ଓଡ଼ିଶା ଦେଶରେ ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଚୟ ପାଇଛି। ଏହା ମଧ୍ୟରେ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଶିକ୍ଷକମାନଙ୍କୁ ରାଜ୍ୟବ୍ୟାପୀ ନୂତନ ପାଠ୍ୟକ୍ରମ ରୂପରେଖ ଏବଂ ନୂତନ ପାଠ୍ୟପୁସ୍ତକର ☞ପୃଷ୍ଠା-୨







# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭାଷା ସଂସ୍କୃତି ସମାଜ ପକ୍ଷରୁ ବାର୍ଷିକ ସାହିତ୍ୟ ଆସର ଓ ପ୍ରତିଭା ସମ୍ମାନ ସମାରୋହ, ସ୍ଥାନ: ଭାରତୀୟ ବିଦ୍ୟାଭବନ ସଭାଗୃହ, ୟୁନିଟ୍ ୩, ଖାରବେଳ ନଗର, ସମୟ: ସକାଳ ୯ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୭ମ ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ ୩, ସମୟ: ସନ୍ଧ୍ୟା ୬ଟା।

## କଟକ

- ପଞ୍ଚମ ବାର୍ଷିକ ସର୍ବଭାରତୀୟ ଶଙ୍ଖାମେରୀ ପ୍ରିମିୟର ଲିଗ୍ ଉଦ୍‌ଯାପନୀ ସମାରୋହ, ସ୍ଥାନ: ବୁଦ୍ଧିସାହୁ ହାଇସ୍କୁଲ ପଡ଼ିଆ, ବଡ଼ମ୍ବା, ସମୟ: ପୂର୍ବାହ୍ନ ୧୧ଟା।

## ଖୋର୍ଦ୍ଧା

- ଜଟଣୀ ପୁସ୍ତକ ମେଳା ସମିତିର ତ୍ରୟୋବିଂଶତିତମ ପୁସ୍ତକ ମେଳା ଶୁଭାରମ୍ଭ, ସ୍ଥାନ: ଟାଉନ ହଲ୍, ଜଟଣୀ, ସମୟ: ଅପରାହ୍ନ ୪ଟା।

## ଭଦ୍ରକ

- ପୂର୍ବତନ ବିଧାୟକ ସ୍ୱର୍ଗତ ମୁରଲୀଧର ଜେନାଙ୍କ ୫୯ତମ ଶ୍ରାଦ୍ଧ ସମାରୋହ, ସ୍ଥାନ: ଧୁଷୁରୀ ପୂଜ୍ୟପୂଜା ଭବନ, ଧାମନଗର, ସମୟ: ଅପରାହ୍ନ ୩ଟା ୩୦।
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ବେତାଳିଗାଁ କଲେଜ ପଡ଼ିଆ, ଧାମନଗର, ସମୟ: ଅପରାହ୍ନ ୩ଟା ୩୦।

## କେନ୍ଦୁଝର

- କେନ୍ଦୁଝର ସାହିତ୍ୟ ସଂସ୍କୃତି କଳା ପ୍ରତିଷ୍ଠାନର ସ୍ୱତନ୍ତ୍ର ଆଲୋଚନା ସଭା, ସ୍ଥାନ: ସଂସ୍କୃତି ଭବନ କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୩୦ ତମ ବାର୍ଷିକୋତ୍ସବ ପାଳନ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବଡ଼ବିଲ, ସମୟ: ଅପରାହ୍ନ ୪ଟା ୩୦।
- ସାମୂହିକ ଯୋଗ ଓ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ବଡ଼ବିଲ, ସମୟ : ପୂର୍ବାହ୍ନ ୧୦ ଟା।
- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘଟଗାଁ ମା' ତାରିଣୀଙ୍କ ସମନ୍ୱିତ ପ୍ରକଳ୍ପର ଶିଳାନ୍ୟାସ ଓ ସାଧାରଣ ସଭା, ସ୍ଥାନ: ଘଟଗାଁ, ସମୟ: ମଧ୍ୟାହ୍ନ ୧୨ଟା।

## ମୟୂରଭଞ୍ଜ

- ରାସନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ମ୍ୟୁନସିପାଲିଟି କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ପୂର୍ବାହ୍ନ ୧୦ ଟା।
- ରାଜକମଲ ହେପି କିଡ୍ସ ସେଣ୍ଟରର ବାର୍ଷିକ ଉତ୍ସବ, ସ୍ଥାନ: ଷ୍ଟାଡ଼ିୟମ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ଅପରାହ୍ନ ୫ ଟା।
- ମୟୂରଭଞ୍ଜ ମହୋତ୍ସବ, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୫ ଟା।
- ସିନେ ତାରକା ପପୁ ପମ୍‌ପମ୍ ଓ କଣ୍ଠଶିଳ୍ପୀ ଇରା ମହାନ୍ତିଙ୍କ ସଙ୍ଗୀତ ପରିବେଷଣ, ସ୍ଥାନ: ଛଉ ପଡ଼ିଆ ବାରିପଦା, ସମୟ: ରାତି ୭ ଟା।

## ବ୍ରହ୍ମପୁର

- ରାଜ୍ୟସ୍ତରୀୟ ଏକବିଂଶ ତମ ସାରସ୍ୱତ ସମାବେଶ, ସ୍ଥାନ: ଭାଷା ଭବନ, ଗଞ୍ଜାମ କଳା ପରିଷଦ, ସମୟ: ପୂର୍ବାହ୍ନ୧୦ ଟା ।
- ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ରାଜସ୍ୱ ଡାକ ବଙ୍ଗଳା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଘରୋଇ ବିଦ୍ୟାଳୟ ମହାସଂଘର ସାଧାରଣ ବୈଠକ, ସ୍ଥାନ: ଗୁରୁକୁଲ ଇଣ୍ଟରନେସନାଲ ପବ୍ଲିକ ସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ବୁଗୁଡ଼ା, ପିପୁଲ୍ଲ ହାଇସ୍କୁଲ ଖେଳ ପଡ଼ିଆ, ସମୟ: ସକାଳ ୯ ଟା।
- ପ୍ରାଣୀ ଚିକିତ୍ସାଳୟ ନୂତନ ଗୃହର ଶୁଭ ଉଦ୍‌ଘାଟନ, ସ୍ଥାନ: ବୁଗୁଡ଼ା ପ୍ରାଣୀ ଚିକିତ୍ସାଳୟ ପରିସର, ସମୟ: ପୂର୍ବାହ୍ନ ୧୦ ଟା।
- ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣି ସମ୍ପଦ ମେଳା, ସ୍ଥାନ: ଟାଉନ୍ ହଲ୍ ଆସିକା, ସମୟ: ପୂର୍ବାହ୍ନ ୧୦ ଟା।

## ଜଗତ୍‌ସିଂହପୁର

- ଉର୍ମିଳା ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଶ୍ରମିକ ଭବନ ପରିସର, ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ନୂତନ କେଏମ୍‌ଏସ୍ ହସ୍ପିଟାଲର ଉଦ୍‌ଘାଟନୀ ସମାରୋହ, ସ୍ଥାନ: କଟକ-ପାରାଦୀପ ରାସ୍ତାର ସିଙ୍ଗଟାଳି ଛକ, ନୁଆଗଡ଼, ପାରାଦୀପ, ସମୟ: ଅପରାହ୍ନ ୩ଟା।
- ଜଗତ୍‌ସିଂହପୁର ଜୁଡୋ ଆସୋସିଏଶନ୍ ପକ୍ଷରୁ ୨୫ ବ୍ଲାଇଣ୍ଡ ଖେଳାଳିଙ୍କୁ ନେଇ ପ୍ରସ୍ତୁତି ଶିବିର, ଇନ୍‌ଡୋର ଷ୍ଟାଡିୟମ, ନୁଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ଜଗନ୍ନାଥ ଲଳିତ କଳା ସଂସଦର ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବନ୍ଦର ଅର୍ଥ ବିଭାଗ ପକ୍ଷରୁ ନାଟକ 'ଭୟ' ପରିବେଷଣ, ସ୍ଥାନ: ଜୟଦେବ ଭବନ ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ:ସକାଳ ୬ଟା ।
- ଟ୍ରଷ୍ଟ ପକ୍ଷରୁ ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତିଙ୍କ ସ୍ମୃତି ଦିବସ, ଦୀନବନ୍ଧୁ ଆଇନ ମହାବିଦ୍ୟାଳୟ, ଉଦୟନଗର, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା ।
- ସ୍ୱର୍ଗତ ଗୁରୁଚରଣ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ସଭା, ସ୍ଥାନ:ଜିଲା ସଂସ୍କୃତିଭବନ, ଉଦୟନଗର, ଡେରାବିଶ, ସମୟ:ପୂର୍ବାହ୍ନ ୧୦ଟା ।

## ଯାଜପୁର

- ପତ୍ରିକା ଶୁଭ ସକାଳର ଏକାଦଶ ବାର୍ଷିକ ଉତ୍ସବ, ସ୍ଥାନ: ଧର୍ମଶାଳା ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା୩୦।

## ନୟାଗଡ଼

- ଘୋଡଲାଗି ପର୍ବର ଏକାଦଶ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା ।
- ଘୋଡଲାଗି ପର୍ବର ଏକାଦଶ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭.୩୦ଟା।
- ଘୋଡଲାଗି ପର୍ବର ଏକାଦଶ ଦିବସ, ସ୍ଥାନ: ନୟାଗଡ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭.୩୦ଟା।
- ମହାଲକ୍ଷ୍ମୀ ପୂଜାର ୪ର୍ଥ ଦିବସରେ ଭଜନ ସମାରୋହ, ସ୍ଥାନ:ଗୋଡିପଡା ତଳସାହି, ସମୟ:ଅପରାହ୍ନ ୬ରୁ ରାତି ୧୦ ।
- ମହାଲକ୍ଷ୍ମୀ ପୂଜା ମହୋତ୍ସବର ୪ର୍ଥ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ଖଣ୍ଡପଡା ରଥଗଡା ଛକ, ସମୟ:ସଂଧ୍ୟା ୭ଟା ।
- ମହାଲକ୍ଷ୍ମୀ ପୂଜାର ୪ର୍ଥ ଦିବସରେ ବାଦୀ ପାଲା, ସ୍ଥାନ:ଗୋଡିପଡାର ବଡଦେଶ ଯଜ୍ଞାନୁଷ୍ଠାନ ଗୃହ, ସମୟ:ସଂଧ୍ୟା ୭ରୁ ରାତି ୧୧ଟା ।
- ମହାଲକ୍ଷ୍ମୀ ପୂଜାର ଉଦ୍‌ଯାପନ ଦିବସରେ ବାଦୀ ପାଲା ଉତ୍ସବ, ସ୍ଥାନ:ଖଣ୍ଡପଡା ବ୍ଲକ ବେଣାଗାଡିଆ, ସମୟ:ସଂଧ୍ୟା ୭ ରୁ ରାତି ୧୦ ।
- ମହାଲକ୍ଷ୍ମୀ ପୂଜାର ୪ର୍ଥ ଦିବସରେ ଲୁଣିସାହିର ରାମ ସୀତା କଳି , ସ୍ଥାନ:ଖଣ୍ଡପଡା ବ୍ଲକ ବାଇଗୁଣିଆ, ସମୟ:ଅପରାହ୍ନ ୨ ଟା ।
- ମା' ବରୁଣେଇ କ୍ରିକେଟ ଟୁର୍ନାମେଣ୍ଟର ୩ୟ ଦିବସରେ ବୈଦେଶ୍ୱର ବନାମ ଖଳିସାହି, ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡ଼ିୟମ, ସମୟ: ପୂର୍ବାହ୍ନ ୧୦ଟା ।

## ରାୟଗଡ଼ା

- ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ନଗର ସମ୍ମିଳନୀ ସ୍ଥାନ: ଗୁଣପୁର ଗୁଣ୍ଡିଚା ମନ୍ଦିର ନିକଟ ଆମ୍ବ ତୋଟା, ସମୟ: ସକାଳ ୮ଟା ୩୦।
- ଜିଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା, ସ୍ଥାନ: ରାୟଗଡ଼ା ଗାୟତ୍ରୀ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ପୂର୍ବାହ୍ନ ୯ଟା।
- ମା ମାଣିକେଶ୍ୱରୀ ସାହିତ୍ୟ-ସଂସ୍କୃତି ଓ କଳା ପରିଷଦର ଚତୁର୍ଥ ବାର୍ଷିକ ଉତ୍ସବ, ସ୍ଥାନ: ଗୁଡାରୀ ମୁଖ୍ୟ ରାସ୍ତା, ସମୟ: ସନ୍ଧ୍ୟା ୬ଟା।

## ନବରଙ୍ଗପୁର

- ଖାତିଗୁଡ଼ା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ, ସ୍ଥାନ: ତେନ୍ତୁଲିଖୁଣ୍ଟି ବ୍ଲକ ଖାତିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ବିଏସ୍‌ଏଫ ପକ୍ଷରୁ ଗଣଦୌଡ଼, ସ୍ଥାନ: ବିକ୍ରମଦେବ ବିଶ୍ୱବିଦ୍ୟାଳୟ, ଜୟପୁର, ସମୟ: ସକାଳ ୬ଟା।

## ମାଲକାନଗିରି

- ଚିତ୍ରକୋଣ୍ଡା ନିଗମାନନ୍ଦ ଆଶ୍ରମ ସୁବର୍ଣ୍ଣ ଜୟନ୍ତୀ, ସ୍ଥାନ: ଚିତ୍ରକୋଣ୍ଡା, ସମୟ: ସକାଳ ୬ଟା।
- ମାଲ୍ୟବନ୍ତ ମହୋତ୍ସବ ଉପଲକ୍ଷେ ପଥୋତ୍ସବ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଡିଏନ୍‌କେ ଛକ, ସମୟ: ସକାଳ ୭ ଟା।

## ସମ୍ବଲପୁର

- ଭାରତୀ ସମାଜ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୮ଟା।
- ସ୍ୱୀକାର ଆୟୋଜନରେ ଲୋକ କଳା ମହୋତ୍ସବ-୨୫, ସ୍ଥାନ : ଫାର୍ମରୋଡସ୍ଥିତ ଡ. ରାଧାନାଥ ରଥ କମ୍ୟୁନିଟି ସେଣ୍ଟର, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ଧନୁଯାତ୍ରାର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଜାତୀୟ ସମ୍ବଲପୁରୀ ସମ୍ମିଳନୀର ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା , ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁର କଳା ଏକାଡେମୀ ପକ୍ଷରୁ ମେଗା ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୫ଟା।

## ବଲାଙ୍ଗୀର

- ମାହେଶ୍ୱରୀ ମହୋତ୍ସବ, ସ୍ଥାନ: କୋଶଳ କଳା ମଣ୍ଡପ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ।

## ରାଉରକେଲା

- ରାଉରକେଲା ବ୍ରହ୍ମକୁମାରୀ ପକ୍ଷରୁ ୱାକରାଲି, ସ୍ଥାନ: ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମ୍, ସମୟ: ସକାଳ ୮ଟା ୩୦।
- ଓପନ୍ ସୁନ୍ଦରଗଡ଼ ଡେଡ୍‌ଲିଫ୍ଟ ଚାମ୍ପିୟନଶିପ୍, ସ୍ଥାନ: ସେକ୍ଟର-୭ ରାଏମା କ୍ଲବ, ସମୟ: ସକାଳ ୯ଟା।
- ରାଉରକେଲା ଫ୍ରେଣ୍ଡସିପ୍ କପ୍--୨୦୨୫, ସ୍ଥାନ: ଗୁରୁଦ୍ୱାରା ଶ୍ରୀ ଗୁରୁସିଂହ ସଭା, ସମୟ: ସକାଳ ୯ଟା।
- ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଶାମୁକ୍ତ ଶୋଭାଯାତ୍ରା, ସ୍ଥାନ: ବିଶ୍ରା ଛକ, ରାଉରକେଲା, ସମୟ: ସକାଳ ୯ଟା।
- ଚିନ୍ମୟ ବିଦ୍ୟାଳୟର ବାର୍ଷିକୋତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ଛେଣ୍ଡ, ସମୟ: ସକାଳ ୯ଟା ୩୦।
- ବନ୍ଧୁତ୍ୱର ସମ୍ମାନ ଉତ୍ସବ ଓ ଆଲୋଚନାଚକ୍ର, ସ୍ଥାନ: ପାନ୍ଥ ନିବାସ, ସେକ୍ଟର-୫, ସମୟ: ପୂର୍ବାହ୍ନ ୧୦ଟା।
- ସରକାରୀ ଉତ୍କର୍ଷ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: ସେକ୍ଟର-୬, ସମୟ: ପୂର୍ବାହ୍ନ ୧୦ଟା।
- ଭାରତ ବିକାଶ ପରିଷଦ ପକ୍ଷରୁ ଭାରତ କୋ ଜାନୋ କୁଇଜ୍ ପ୍ରତିଯୋଗିତା, ସ୍ଥାନ: ବରଟୋଲି, ସମୟ: ପୂର୍ବାହ୍ନ ୧୦ଟା।
- ଅଲ ଓଡିଶା ଓ୍ୱିଣ୍ଟର କ୍ରିକେଟ୍ କପ୍, ସ୍ଥାନ: ଡିଏଭି ଖେଳ ପଡିଆ, ବାସନ୍ତୀ କଲୋନି, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ରାଉରକେଲା ଗସ୍ତ, ସ୍ଥାନ: ରାଉରକେଲା ବିମାନବନ୍ଦର, ସମୟ: ପୂର୍ବାହ୍ନ ୧୧ଟା।
- ଏକତ୍ର ଆୟୋଜିତ ଇସ୍ପାତ ନାଟ୍ୟ ମହୋତ୍ସବର ୬ଷ୍ଠ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୧୫।

## ବରଗଡ଼

- ଜିଲାସ୍ତରୀୟ ବିଜ୍ଞାନ ମେଳା,ସ୍ଥାନ: ରାଣାପ୍ରତାପ ହାଇସ୍କୁଲ, ବରଗଡ଼, ସମୟ: ପୂର୍ବାହ୍ନ ୮ଟା।
- ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ:ସରସ୍ୱତୀ ଶିଶୁ ମନ୍ଦିର, କେଶବ ନଗର, ବରଗଡ଼, ସମୟ:ସକାଳ ୯ଟା।
- ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ:ଅଗ୍ରଗାମୀ ଯୁବକ ସଂଘ, ବରଗଡ଼,ସମୟ:ସକାଳ ୯ଟା।
- ରକ୍ତଦାନ ଶିବିର, ସ୍ଥାନ: ରାଣାପ୍ରତାପ ହାଇସ୍କୁଲ, ବରଗଡ଼,ସମୟ:ସକାଳ ୯ଟା।
- ବରଗଡ଼ ବିଧାୟକଙ୍କ ଧନୁଯାତ୍ରା ଆଖଡ଼ାଶାଳ ପରିଦର୍ଶନ, ସ୍ଥାନ: ଗାନ୍ଧିଛକ କଲ୍ୟାଣ ମଣ୍ଡପ, ବରଗଡ଼,ସମୟ:ପୂର୍ବାହ୍ନ ୧୧ଟା।
- ବରପାଲି ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ, ସ୍ଥାନ:ଗଙ୍ଗାଧର କଲ୍ୟାଣ ମଣ୍ଡପ, ବରପାଲି, ସମୟ:ସନ୍ଧ୍ୟା ୫ଟା।

## କଳାହାଣ୍ଡି

- ମୂର୍ଚ୍ଛନା ସାହିତ୍ୟ ସଂସଦର ରାଜ୍ୟସ୍ତରୀୟ ବାର୍ଷିକ ଉତ୍ସବ, ସ୍ଥାନ: ଜୁନାଗଡ଼ କୁବେର ଭବନ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ନୀଳଚକ୍ର ସାହିତ୍ୟ ସଂସଦର ବାର୍ଷିକୋତ୍ସବ, ସ୍ଥାନ ପାରିଜାତ ପେଲେସ, ବୌଦ୍ଧ, ସମୟ: ୯ଟା ୩୦।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କିର୍ତ୍ତନ ପରିକ୍ରମା, ସ୍ଥାନ : ଦେବଗଡ ସହର, ସମୟ: ଭୋର୍ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ ବିଜେଡ଼ି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ ଜିଲା ମୁଖ୍ୟଚିକିତ୍ସାଳୟ ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ପ୍ରସଙ୍ଗରେ ଆଲୋଚନା, ସ୍ଥାନ: ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ଅପରାହ୍ନ ୫ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ , ସ୍ଥାନ: ଦେବଗଡ, ମଠ ସାହି ମା' କନକ ଦୁର୍ଗା ମନ୍ଦିର , ସମୟ : ସନ୍ଧ୍ୟା ୬ଟା ୩୦।

## ସୁବର୍ଣ୍ଣପୁର

- ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ରର ବାର୍ଷିକୋତ୍ସବ, ସ୍ଥାନ: ସୁବର୍ଣ୍ଣପୁର ବ୍ଲକ ଛକ ସ୍ଥିତ ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମହାଲକ୍ଷ୍ମୀ ପୂଜା ମହୋତ୍ସବର ଭସାଣି ଉତ୍ସବ, ସ୍ଥାନ: ଡୁଙ୍ଗୁରିପାଲି ଚିନାପୁରୀ ପୂଜା ମଣ୍ଡପ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଅଭିଭାବକଙ୍କ ଶୈକ୍ଷିକ ବୈଠକ, ସ୍ଥାନ: ଡୁଙ୍ଗୁରିପାଲ ଶିଶୁ ମନ୍ଦିର ସଭାଗୃହ, ସମୟ: ଅପରାହ୍ନ ୩ଟା୩୦।
- ବିଶ୍ୱଶାନ୍ତି ଅଖଣ୍ଡ ବ୍ରହ୍ମ ଅଲେଖ ମହିମା ଯଜ୍ଞ, ସ୍ଥାନ: ବିନିକା, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୩ତମ ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: କଲେଜ ଖେଳପଡିଆ ଖଡିଆଳ, ସମୟ: ପୂର୍ବାହ୍ନ ୧୧ଟା ।
- ଯୁବ ମହୋତ୍ସବ ପାଇଁ ପ୍ରତିଭା ଚୟନ, ସ୍ଥାନ: ବାଳିକା ଉଚ୍ଚ ବିଦ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା ।
- କାଞ୍ଚନବେନ ରସିକଲାଲ ଢୋଲକିଆ ଚାରିଟେବୁଲ ଟ୍ରଷ୍ଟ ଖରିଆର ରୋଡ ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ନୂଆପଡା ସଦର ବ୍ଲକ ଜାମପାଣି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ଲିଙ୍ଗଭିତ୍ତିକ ହିଂସା ଦିବସ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା

- ପୂଝାରୀପାଲିଠାରେ ଯକ୍ଷ୍ମା ରୋଗ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: କମ୍ୟୁନିଟି ହଲ, ପୂଝାରୀପାଲି, ସମୟ: ସକାଳ ୮ ଟା।
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ମନମୋହନ ସ୍କୁଲ ପଡିଆ, ସମୟ: ପୂର୍ବାହ୍ନ ୧୧ ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅକାଳେ ଗୋରୀ କଲା ବେଉସା**
**ନିତି ଖାଉଥାଏ ଟାଙ୍ଗିଆ ପଶା ।**

ପ୍ରତ୍ୟେକ କାର୍ଯ୍ୟ ଆରମ୍ଭ ପାଇଁ ଠିକ୍ ସମୟ ରହିଥାଏ। ଜୀବନର ଠିକ ସମୟରେ ବ୍ୟବସାୟ ଆରମ୍ଭ ନ କରି ଡେରିରେ ଆରମ୍ଭ କଲେ ବ୍ୟବସାୟର ଗୁମର ଜାଣିହୁଏ ନାହିଁ। ବ୍ୟବସାୟ କ୍ଷେତ୍ରରେ ବିଭିନ୍ନ ଆଡ଼କୁ ଯିବା ଆସିବା କରିବା ଦରକାର ପଡ଼େ, ବହୁ ଧାଁ ଦୌଡ଼ କରିବାକୁ ପଡ଼ିଥାଏ। ବହୁ ଡେରିରେ ବା ବର୍ଷ ପରେ ବ୍ୟବସାୟ ଆରମ୍ଭ ଯୋଗୁ ଅନେକ ଲୋକଙ୍କ ଉପରେ ବିଶ୍ୱାସ ଓ ନିର୍ଭର କରି ବ୍ୟବସାୟରେ କ୍ଷତି ଘଟିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଇଲି ଗଲି**
**ଯାହା ଦେଖିଲି ତାହା କହିଲି ।**

ବେଳେବେଳେ ଆଖିକୁ ଯାହା ଦେଖାଯାଏ ତାହା ସମ୍ପୂର୍ଣ୍ଣ ସତ୍ୟ ହୋଇ ନ ଥାଏ। କଥାର ମଞ୍ଜି ଭିତରକୁ ନ ପଶିଲେ ସତକଥା ଆଢୁଆଳରେ ରହିଯାଏ। କଥା ବା ଘଟଣାର ଭିତରକୁ ନ ଯାଇ ଉପରଠାଉରିଆ ଭାବେ ମନ୍ତବ୍ୟ ଦେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଜାନୁଆରୀ ୨୦ରେ ଓଏସ୍ଏସ୍‌ଟିଇଟି

**ଆରମ୍ଭ ହେଲା ଫର୍ମପୂରଣ**

**କଟକ,୬।୧୨(କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ସେକେଣ୍ଡାରୀ ସ୍କୁଲ ଟିଚର ଏଲିଜିବିଲିଟି ଟେଷ୍ଟ (ଓଏସ୍ଏସ୍‌ଟିଇଟି) ୨୦୨୫ ଆସନ୍ତା ଜାନୁଆରୀ ୨୦ରେ ଅନୁଷ୍ଠିତ ହେବ। ଦୁଇଟି ସିଟିଂରେ ପରୀକ୍ଷା ହେବ। ପେପର-୧ ପରୀକ୍ଷା ସକାଳ ୯ଟାରୁ ପୂର୍ବାହ୍ନ ୧୧.୩୦ ଏବଂ ପେପର-୨ ପରୀକ୍ଷା ଅପରାହ୍ନ ୨ଟାରୁ ୪.୩୦ ଯାଏ ଅନୁଷ୍ଠିତ ହେବ। ଏଥିପାଇଁ ଅନ୍‌ଲାଇନ ଫର୍ମପୂରଣ ପ୍ରକ୍ରିୟା ଡିସେମ୍ବର ୬ ତାରିଖ ଶନିବାରଠାରୁ ଆରମ୍ଭ ହୋଇଛି। ଫର୍ମପୂରଣ ପ୍ରକ୍ରିୟା ଡିସେମ୍ବର ୧୭ ତାରିଖ ମଧ୍ୟରାତ୍ର ଯାଏ ୨୪ ଘଣ୍ଟିଆ ଚାଲୁରହିବ। ବୋର୍ଡ ୱେବ୍‌ସାଇଟ୍ www.bseodisha.ac.inରେ ଲିଙ୍କ୍ ଉପଲବ୍ଧ ରହିଛି। ଫର୍ମପୂରଣ ପାଇଁ ଆବେଦନକାରୀଙ୍କ ଯୋଗ୍ୟତା, ପାଠ୍ୟକ୍ରମ ଓ ନିର୍ଦ୍ଦେଶାବଳୀ ମଧ୍ୟ ୱେବ୍‌ସାଇଟ୍‌ରେ ରହିଛି। ସେହିପରି ଜାନୁୟାରୀ ୧୦ରେ ପରୀକ୍ଷାର୍ଥୀମାନଙ୍କୁ ଅନ୍‌ଲାଇନ୍‌ରେ ଆଡ୍‌ମିଟ୍ କାର୍ଡ ଯୋଗାଇ ଦିଆଯିବ। ଆବେଦନରେ କୌଣସି ମିଥ୍ୟା ତଥ୍ୟ ଅଥବା ତ୍ରୁଟି ପରିଲକ୍ଷିତ ହେଲେ ଫର୍ମପୂରଣ ନାକଚ ହେବା ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍‌ଲାଇନ ରେଜିଷ୍ଟ୍ରେଶନ ବେଳେ ପ୍ରଦତ୍ତ ବ୍ୟକ୍ତିଗତ ତଥ୍ୟ, ଠିକଣା, ଜାତି, ବିଷୟ ଆଦି ପରବର୍ତ୍ତୀ ସମୟରେ ବଦଳା ଯାଇପାରିବ ନାହିଁ ବୋଲି ବୋର୍ଡ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି।

# ପ୍ରଥମ ପୃଷ୍ଠାରୁ...

## ୧୮,୦୦୦ ଟପିବନି ...

ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଗମ୍ଭୀରତାର ସହ ନେଇଛି। କୌଣସି ପ୍ରକାର ସୁବିଧାବାଦୀ ଦର ଧାର୍ଯ୍ୟରୁ ଯାତ୍ରୀଙ୍କୁ ସୁରକ୍ଷା ଦେବା ପାଇଁ ମନ୍ତ୍ରଣାଳୟ ପଦକ୍ଷେପ ନେଇଛି। ପ୍ରଭାବିତ ହୋଇଥିବା ସମସ୍ତ ରୁଟ୍‌ରେ ନିରପେକ୍ଷ ଏବଂ ଯୁକ୍ତିସଙ୍ଗତ ଭଡ଼ା ସୁନିଶ୍ଚିତ କରିବାକୁ ମନ୍ତ୍ରଣାଳୟ କହିଛି। ସବୁଠୁ କମ୍ ଦୂରତାଠାରୁ ସର୍ବାଧିକ ଦୂରତା ପର୍ଯ୍ୟନ୍ତ ଘରୋଇ ରୁଟ୍ ପାଇଁ ନୂତନ ଭାବେ ଧାର୍ଯ୍ୟ ଭଡ଼ା ୭,୫୦୦ରୁ ୧୮,୦୦୦ ଟଙ୍କା ମଧ୍ୟରେ ସୀମିତ ରଖିବା ନିଷ୍ପତ୍ତିକୁ ସମସ୍ତ ଏୟାରଲାଇନ୍ସ କଡ଼ାକଡ଼ି ପାଳନ କରିବାକୁ ହେବ। ତଦନୁଯାୟୀ, ୫୦୦ କି.ମି. ଦୂରତା ପର୍ଯ୍ୟନ୍ତ ବିମାନଯାତ୍ରା ପାଇଁ ୭,୫୦୦ ଟଙ୍କା ଭଡ଼ା ଦେବାକୁ ହେବ। ସେହିପରି ୫୦୦ରୁ ୧,୦୦୦ କିଲୋମିଟର ପାଇଁ ୧୨,୦୦୦ ଟଙ୍କା, ୧,୦୦୦ରୁ ୧,୫୦୦ କି.ମି. ପର୍ଯ୍ୟନ୍ତ ୧୫,୦୦୦ ଟଙ୍କା ଏବଂ ୧୫,୦୦ କି.ମି.ରୁ ଅଧିକ ଦୂରତା ଯାତ୍ରା ପାଇଁ ବିମାନ ଭଡ଼ା ୧୮,୦୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଏହି ଭଡ଼ା ବାଦ୍ ୟୁଡିଏଫ୍, ପିଏସ୍‌ଏଫ୍ ଏବଂ ଟିକସ ରହିଛି। ସେହିପରି ବିଜ୍‌ନେସ୍ କ୍ଲାସ୍ ଭଡ଼ା ଏବଂ ଆରସିଏସ୍- ଉଡାନ୍ ବିମାନ ସେବାକୁ ମଧ୍ୟ ଉକ୍ତ ଭଡ଼ା ସୀମାରୁ ବାହାରେ ରଖାଯାଇଛି। ନିର୍ଦ୍ଧାରିତ ନିୟମର ଉଲ୍ଲଂଘନ କରି ଭଡ଼ା ବଢ଼ାଇଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରଣାଳୟ କହିଛି। ସ୍ଥିତିରେ ପୂର୍ଣ୍ଣ ସ୍ଥିରତା ଆସିବା ପର୍ଯ୍ୟନ୍ତ ଉକ୍ତ ଦର ସୀମା ବଳବତ୍ତର ରହିବ ବୋଲି ମନ୍ତ୍ରଣାଳୟ କହିଛି।

ସୂଚନାଯୋଗ୍ୟ, ୫ ଦିନ ହେଲା ଇଣ୍ଡିଗୋ ଏୟାରଲାଇନ୍ସର ବିମାନ ସେବା ଗୁରୁତର ବାଧାପ୍ରାପ୍ତ ହେବା ଫଳରେ ଯାତ୍ରୀମାନଙ୍କ ସମସ୍ୟାରୁ ଫାଇଦା ଉଠାଇବାକୁ ଯାଇ କେତେକ ଏୟାରଲାଇନ୍ସ ଭଡ଼ା ୪ ଗୁଣ ପର୍ଯ୍ୟନ୍ତ ବଢ଼ାଇ ଦେଇଥିଲେ। ଦିଲ୍ଲୀରୁ ମୁମ୍ବାଇ ନନ୍‌ଷ୍ଟପ୍ ବିମାନ ଭଡ଼ା ୬୫,୪୬୦ ଟଙ୍କାକୁ ବୃଦ୍ଧି ହୋଇଥିଲା।

## ଇଣ୍ଡିଗୋ ପାଇଁ ନିୟମ...

ପାଇଲଟ୍ ସଂଘ (ଏପିଏଆଇ) ଦୃଢ଼ ବିରୋଧ କରିଛି। ସଂଶୋଧିତ ଏଫ୍‌ଡିଟିଏଲ୍ ନିୟମ ଲାଗୁ କରିବାରେ ନିର୍ଦ୍ଦିଷ୍ଟ ଭାବେ ଇଣ୍ଡିଗୋ ଏୟାରଲାଇନ୍ସ ପାଇଁ କୋହଳ ନୀତି ଗ୍ରହଣ କରାଯିବା ଦୁଃଖଦାୟକ ବୋଲି ସଂଘ କହିଛି। ଡିଜିସିଏ ଅଧିକାରୀମାନଙ୍କୁ ବାରମ୍ବାର କହିବା, ଆନୁଷ୍ଠାନିକ ଭାବେ ପତ୍ର ଲେଖିବା ଓ ପ୍ରତ୍ୟକ୍ଷ ଆଲୋଚନା ସତ୍ତ୍ୱେ ଏଫ୍‌ଡିଟିଏଲ୍ ନିୟମାବଳୀରେ କୋହଳ କରି ଯାତ୍ରୀଙ୍କ ସୁରକ୍ଷା ପ୍ରତି ସାଲିସ କରାଯାଇଥିବା ସଂଘ ଦର୍ଶାଇଛି। ଗତମାସ ୨୪ରେ ଡିଜିସିଏ ସହ ବୈଠକରେ କୌଣସି ଏୟାରଲାଇନ୍ସ ପାଇଁ ଏଫ୍‌ଡିଟିଏଲ୍ ନିୟମରେ କୋହଳ କିମ୍ବା ପରିବର୍ତ୍ତନ କରାଯିବ ନାହିଁ ବୋଲି ବିମାନ ଚଳାଚଳ ନିୟନ୍ତ୍ରକ ସ୍ପଷ୍ଟ କରିଥିଲା। ମାନବ ଜୀବନର ସୁରକ୍ଷା ପାଇଁ ଏଫ୍‌ଡିଟିଏଲ୍ ନିୟମାବଳୀ ରହିଛି। ଏହାର ସୀମାରେ କୋହଳ ପାଇଲଟ୍, ଯାତ୍ରୀ ଏବଂ ବିମାନ ପାଇଁ ବିପଦ ସୃଷ୍ଟି କରିବ। ଏହା ସତ୍ତ୍ୱେ ଇଣ୍ଡିଗୋ ପାଇଁ ନିୟମରେ ପରିବର୍ତ୍ତନ ସମ୍ପୂର୍ଣ୍ଣ ବିରୋଧାଭାସ କହି ସଂଘ ଏହାକୁ ନିନ୍ଦା କରିଛି। ଯାତ୍ରୀମାନଙ୍କ ଅସୁବିଧା ପରିପ୍ରେକ୍ଷୀରେ ସେମାନଙ୍କୁ ସହାୟତା ମିଳିବା ଆବଶ୍ୟକ। କାରଣ ବିମାନ ଚଳାଚଳରେ ସମସ୍ୟା ସୃଷ୍ଟି ହେବ ବୋଲି ଇଣ୍ଡିଗୋ ପୂର୍ବରୁ ଜାଣିଥିଲେ ମଧ୍ୟ ଶୀତଋତୁ ପାଇଁ ବିମାନ ଉଡ଼ାଣ ବଢ଼ାଇ ଚାଲିଥିଲା ବୋଲି ଏପିଏଆଇ କହିଛି।

## ୧୭ ନୂତନ ...

ଶ୍ରେଣୀରେ ସଫଳ ସଞ୍ଚାଳନ ବିଧି ସହିତ ପରିଚିତ କରାଇବା ପ୍ରକ୍ରିୟା ଆରମ୍ଭ କରିସାରିଛି। ପାଠ୍ୟପୁସ୍ତକ ବିକାଶ କରିବା ସମୟରେ ଓଡ଼ିଶାର ଇତିହାସ, ବିଜ୍ଞାନ, ଗଣିତ, ସାହିତ୍ୟ ଏବଂ କଳା ସହିତ ଜଡିତ ସ୍ଥାନୀୟ ଉଦାହରଣ, କାହାଣୀ ଏବଂ ସନ୍ଦର୍ଭକୁ ଅନ୍ତର୍ଭୁକ୍ତ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏହି ପଦ୍ଧତି ଛାତ୍ରୀଛାତ୍ରଙ୍କୁ ଶ୍ରେଣୀଗୃହ କାର୍ଯ୍ୟକଳାପରେ ଅଧିକ ନିୟୋଜିତ କରାଇବ ଓ ଜାତୀୟ ଶିକ୍ଷା ନୀତି ୨୦୨୦ରେ ପରିକଳ୍ପନା କରାଯାଇଥିବା ଜ୍ଞାନ, ଦକ୍ଷତା, ମୂଲ୍ୟବୋଧ ଏବଂ ସ୍ୱଭାବକୁ ସୁଦୃଢ଼ କରିବ। ବୈଠକରେ ବିଭାଗ ଅଧୀନ ସମସ୍ତ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଓ ଅନ୍ୟାନ୍ୟ କମିଟି ସଦସ୍ୟ ଉପସ୍ଥିତ ଥିଲେ।

## ୨ ଡିଗ୍ରୀ ତଳେ ...

ହେଉଛି। ଏପରିକି ଜିଲାରେ ତାପମାତ୍ରା ୧୩ ଡିଗ୍ରୀ ପାଖାପାଖି ରହୁଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବୃଦ୍ଧାବୃଦ୍ଧ, ଶିଶୁ, ଗୃହପାଳିତ ପ୍ରାଣୀ ଓ ବନ୍ୟପ୍ରାଣୀ କଷ୍ଟ ଭୋଗୁଛନ୍ତି। ସନ୍ଧ୍ୟାହେଲେ ଗାଁଗଣ୍ଡାଗୁଡ଼ିକ ଶୂନ୍‌ଶାନ ହୋଇଯାଉଛି। ନିଆଁଜାଳି ଲୋକେ ଶୀତକଷ୍ଟକୁ ଦୂର କରିବାରେ ଲାଗିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଗ୍ରହସ୍ଥିତି ଆପଣଙ୍କୁ ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟରେ ଅଣନିଃଶ୍ୱାସୀ କରାଇପାରେ। ଅବଶ୍ୟ ଅଭାବ ରହିବ ନାହିଁ, କିନ୍ତୁ ଆଶଙ୍କା କରି ମନ ଅସ୍ଥିର ରହିବ। ସାମାନ୍ୟ ବିଳମ୍ବିତ ସମୟରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ସବୁ ସୁବିଧା ଥିଲେ ମଧ୍ୟ ବିଚଳିତ ରହିବା କାରଣରୁ ଅଶାନ୍ତି ଅନୁଭବ କରିପାରନ୍ତି।

**ବୃଷ** ବୃହସ୍ପତିଙ୍କ ସହ ଚନ୍ଦ୍ର ଆପଣଙ୍କୁ ଘରର ଅଭାବ ଅସୁବିଧା ସୁଧାରିବାରେ ମାନସିକତା ପ୍ରଦାନ କରିବେ। କର୍ମକ୍ଷେତ୍ରରେ ଅନ୍ୟର ମତକୁ ସମ୍ମାନ ଓ ପ୍ରାଧାନ୍ୟ ଦେଇ ପ୍ରଶଂସିତ ହେବେ। କିନ୍ତୁ ଏହାସାଙ୍ଗକୁ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ସେପରି କିଛି ବିଶେଷ ଅସୁବିଧା ହେବନାହିଁ।

**ମିଥୁନ** କର୍ମକ୍ଷେତ୍ରରେ ଚେଷ୍ଟା ସଫଳ ହେବାରେ ପୁରାତନ ବନ୍ଧୁ ସାହାଯ୍ୟ କରିପାରନ୍ତି। ବାଣିଜ୍ୟ, ପରିବହନ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ସାମାଜିକ ସ୍ତରରେ ହସଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ। ଶନିଙ୍କ ପ୍ରଭାବରୁ ଯେଉଁ ଜିନିଷଟିକୁ ପାଇବାକୁ ଆଶା କରିଛନ୍ତି, ତାହା ସାମାନ୍ୟ ବିଳମ୍ବରେ ପାଇବେ।

**କର୍କଟ** କର୍ମାଧିପତିଙ୍କ ପ୍ରଭାବରେ ପ୍ରତ୍ୟେକ ପରିସ୍ଥିତିରେ ଦୃଢ଼ ପଦକ୍ଷେପ ନେଇ ସମସ୍ୟା ସୁଧାରି ନେବେ। ଶନିଙ୍କ ପ୍ରଭାବରୁ ଗଣତାନ୍ତ୍ରିକ ପ୍ରକ୍ରିୟାରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଭଲ କାମ କଲେ ମଧ୍ୟ ଆତ୍ମୀୟଙ୍କ କଟୁ ସମାଲୋଚନାର ପାତ୍ର ହେବେ। ଆଜିର ଯାତ୍ରା, ବାଣିଜ୍ୟ, ଆନୁଷ୍ଠାନିକ କାମ ସକାଶେ ଦିନଟି ବହୁତ ଭଲ ରହିବ।

**ସିଂହ** ଚତୁର୍ଥସ୍ଥ ଚତୁଃଗ୍ରହ ଯୋଗରୁ ପାରିବାରିକ ସ୍ତରରେ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ବିଳମ୍ବ ଘଟିବାର ସୂଚନା ରହିଛି। ଗତକାଲିର ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହୋଇପାରେ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବାର ଆଶଙ୍କା ରହିଛି।

**କନ୍ୟା** ସପ୍ତମସ୍ଥ ପାପଗ୍ରହ ଯୋଗୁ ଆଜି ଦୂରସ୍ଥାନକୁ ଯାତ୍ରା କରିବା ସମୟରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ। ଯଥାସମ୍ଭବ କମ୍ କଥାବାର୍ତ୍ତା କଲେ କଳହରୁ ଦୂରେଇ ରହିପାରିବେ। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। କାମରେ ବିଫଳତା ଦେଖି ନିକଟ ସମ୍ପର୍କୀୟଙ୍କ ଦ୍ୱାରା ଉପହସିତ ହେବାକୁ ପଡ଼ିପାରେ।

**ତୁଳା** କର୍ମ କ୍ଷେତ୍ରରେ ଯାହା ଯେମିତି କଲେ ମଧ୍ୟ ସମାଲୋଚନାର ପାତ୍ର ହେବେ। ରାହୁଜନିତ ପିଲାଙ୍କ କଳହକୁ କେନ୍ଦ୍ରକରି ଓ ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଯାତ୍ରା, ବାଣିଜ୍ୟ, ସଭାସମିତି, ରାଜନୀତି, ପ୍ରଶାସନ ପାଇଁ ଭଲ। ପାରିବାରିକ ଜୀବନରେ ଅସହିଷ୍ଣୁତା ଅଶାନ୍ତିର କାରଣ ହୋଇପାରେ।

**ବିଛା** ରାଜଯୋଗ ହେତୁ ଦୀର୍ଘଦିନରୁ ରହିଥିବା ଅବସୋସ ଆଜି ପରିପୂର୍ଣ୍ଣତା ଲାଭ କରିବ। ଯାତ୍ରା ସମୟରେ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ ହେବ। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବାର ସୂଚନା ରହିଛି। ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ ହେବା ସାଙ୍ଗକୁ ପରିବାର ସହ ଭ୍ରମଣ ସୁଯୋଗ ଜୁଟିବ।

**ଧନୁ** ଆର୍ଥିକ ଦୁଃସ୍ଥିତି ମାନସିକ ସ୍ତରକୁ ସଙ୍କୁଚିତ କରି ରଖିବା ସାଙ୍ଗକୁ କାର୍ଯ୍ୟରେ ଅଗ୍ରଗତିକୁ ରୋକି ଦେଇପାରେ। ସବୁ କାମରେ ପଛୁଆ ହେତୁ ନିଜକୁ ଅପାରଗ ମନେକରିପାରନ୍ତି। ଯେତେ ପାଇଲେ ମଧ୍ୟ ମନରେ ସନ୍ତୋଷ ଆସିବ ନାହିଁ। ଘର ସାଜସଜ୍ଜାରେ ସମୟ ଅତିବାହିତ କରିବେ ଏବଂ ଅପରାହ୍ନେ ଶୁଭ ଖବର ପାଇ ଖୁସି ହେବେ।

**ମକର** ମଙ୍ଗଳଙ୍କ ସ୍ଥିତିଜନିତ ପାରିବାରିକ ସମସ୍ୟା ସମାଧାନରେ ବନ୍ଧୁ ସାହାଯ୍ୟ କରିବେ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବା ସାଙ୍ଗକୁ ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ରୋଗ, ଋଣ ଓ ଶତ୍ରୁପୀଡ଼ାଜନିତ ଟେନ୍‌ସନ ଲାଗି ରହିବାର ସୂଚନା ରହିଛି।

**କୁମ୍ଭ** ପାରିବାରିକ କ୍ଷେତ୍ରରେ ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରି ଅସ୍ଥିରତା ଅନୁଭବ କରିପାରନ୍ତି। ଏକାଧିକ ଗ୍ରହଜନିତ କର୍ମକ୍ଷେତ୍ରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବେ। ବନ୍ଧୁଙ୍କ ସମ୍ପର୍କରେ କୌଣସି ଘଟଣା ବିବ୍ରତ କରିପାରେ। ଆଲୋଚନା ପରିସରରେ ଯୁକ୍ତିତର୍କ କରି ପରିସ୍ଥିତିକୁ ଜଟିଳ କରିପାରନ୍ତି।

**ମୀନ** କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାରର ସୁବିଧା ସୁଯୋଗ ପାଇ କାମ ହାସଲ କରିବେ। ଶିଳ୍ପ, ବାଣିଜ୍ୟ, ରାଜନୀତି, ଓ କୂଟନୈତିକ ଆଲୋଚନା କ୍ଷେତ୍ରରେ ସଫଳତା ହାସଲ କରିବେ। ଅନ୍ୟମାନଙ୍କ ଭଲ ସକାଶେ ନିଜକୁ ଉତ୍ତରଦାୟୀ ହେବାକୁ ପଡ଼ିପାରେ। ପରିବାରରେ ଅର୍ଥହାନି ଓ ଅଭାବ ଅସୁବିଧା ଯୋଗୁ ଚିନ୍ତିତ ରହିପାରନ୍ତି।

ଆଜି ଡିସେମ୍ବର ୭ ତାରିଖ, ପୌଷ କୃଷ୍ଣ ତୃତୀୟା ରବିବାର। ଦାଣ୍ଡପହଁରା ଓ ବାଟଓଷା, ରାଶିନକ୍ଷତ୍ର-ପୁନର୍ବସୁ/ମିଥୁନ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୫୫ ଗତେ ଘ.୦୯।୦୬ ମଧ୍ୟେ, ଦିବା ଘ.୧୨।୫୯ ଗତେ ଘ.୦୨।୫୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୪୨ ଗତେ ଘ.୦୫।୦୩ ମଧ୍ୟେ ରାହୁକାଳ।

# ଧରିତ୍ରୀ, ଆଦିତ୍ୟ ବିର୍ଲା ସନ୍‌ଲାଇଫ୍ ମ୍ୟୁଚୁଆଲ ଫଣ୍ଡର 'ଶିକ୍ଷିତ ନିବେଶକ ବିକଶିତ ଭାରତ' କର୍ମଶାଳା

କଟକ,୬।୧୨(କାର୍ତ୍ତିକ ସାହୁ)

ଭବିଷ୍ୟତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ନିଜର ଅର୍ଜିତ ଅର୍ଥକୁ ଖର୍ଚ୍ଚ କରିବା ଜରୁରୀ। ବିଶେଷକରି ପ୍ରଥମେ ସଞ୍ଚୟ ଏବଂ ପରେ ଖର୍ଚ୍ଚ କରିବା ବୁଦ୍ଧିମାନ ପରିଚୟ। କୌଣସି ପ୍ଲାଟ୍‌ଫର୍ମରେ ଅର୍ଥ ବିନିଯୋଗ ବେଳେ ଲୋକଙ୍କ ସେ ବାବଦରେ ସେତିକି ଜ୍ଞାନ ନ ଥାଏ। କିଭଳି କେଉଁ ପ୍ଲାଟ୍‌ଫର୍ମରେ ଅର୍ଥ ବିନିଯୋଗକଲେ ତାହା ସୁରକ୍ଷିତ ରହିବା ସହ ଅଧିକ ଲାଭ ପ୍ରଦାନ କରିବ ତା' ଉପରେ ଧ୍ୟାନଦେବା ଅଧିକ ବାଞ୍ଛନୀୟ। ବିଶେଷକରି ସିକ୍ୟୁରିଟିଜ୍ ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ(ସେବି)ର ନିୟମାବଳୀ ଜାଣିବାର ଆବଶ୍ୟକତା ରହିଛି। ଅର୍ଥ ନିବେଶ ବେଳେ ସାଇବର ଅପରାଧ ପ୍ରତି ଧ୍ୟାନ ଦିଆଯିବାର ବିଶେଷ ଆବଶ୍ୟକତା ରହିଛି। ଧରିତ୍ରୀ ଏବଂ ଆଦିତ୍ୟ ବିର୍ଲା ସନ୍‌ଲାଇଫ୍ ମ୍ୟୁଚୁଆଲ ଫଣ୍ଡର ମିଳିତ ଆନୁକୂଲ୍ୟରେ ମାଣିକଘୋଷ ବଜାରସ୍ଥିତ ମାରୱାଡି କ୍ଲବ ସମ୍ମିଳନୀ କକ୍ଷରେ ଶନିବାର ଆୟୋଜିତ ଶିକ୍ଷିତ ନିବେଶକ ବିକଶିତ ଭାରତ ଶୀର୍ଷକ କର୍ମଶାଳାରେ ଆଦିତ୍ୟ ବିର୍ଲା ସନ୍‌ଲାଇଫ୍ ମ୍ୟୁଚୁଆଲ୍ ଫଣ୍ଡର ଏଭିପି ଆଦିତ୍ୟ ବିର୍ଲା ସନ୍‌ଲାଇଫ୍ ମ୍ୟୁଚୁଆଲ ଫଣ୍ଡର ଏଭିପି ମହମ୍ମଦ ଅମିର୍ ସୁଲେମାନ ମତପ୍ରକାଶ କରିଛନ୍ତି।

ମୁଖ୍ୟ ଅତିଥି ଭାବେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନକରି କହିଲେ, ଓଡ଼ିଶାବାସୀଙ୍କ ପାଇଁ କିଛି ନୂଆ କରିବାର ଚେଷ୍ଟା କରୁଛୁ। ଓଡ଼ିଶାରେ ନିବେଶ ଶିକ୍ଷା ହୋଇପାରିନାହିଁ। ଯୁବପିଢ଼ି ନିବେଶ ଶିକ୍ଷା ପାଇବାର ଆବଶ୍ୟକତା ରହିଛି। ଭୁବନେଶ୍ୱରରେ ଷ୍ଟକ୍ ଏକ୍ସଚେଞ୍ଜ ବନ୍ଦ ହୋଇଗଲା, ଦୁଃଖ ଲାଗୁଛି। ରାଜ୍ୟରେ ଜମି ଅଧିଗ୍ରହଣ ବେଳେ ଲୋକେ ପାଇଥିବା ଅର୍ଥକୁ ଗାଡ଼ି, ଘର, ଜମି କିଣାରେ ସାରିଦେଲେ। ତା'ପରେ ସେମାନଙ୍କ ଆର୍ଥିକ ଅବସ୍ଥା ଖରାପ ହୋଇଗଲା। ସେମାନଙ୍କର ନିବେଶ ଜ୍ଞାନ ନ ଥିବାରୁ ଏପରି ସ୍ଥିତି ସୃଷ୍ଟିହେଲା। ତେଣୁ ଆଦିତ୍ୟ ବିର୍ଲା ସହ ମିଳିତ ହୋଇ ଧରିତ୍ରୀ ଏଭଳି କାର୍ଯ୍ୟକ୍ରମ ସାରା ରାଜ୍ୟରେ କରିବାର ପ୍ରୟାସ ଆରମ୍ଭ କରିଛି। ଏହାଦ୍ୱାରା ଲୋକେ ଆର୍ଥିକ ଶିକ୍ଷିତ ହୋଇପାରିଲେ କାର୍ଯ୍ୟକ୍ରମ ସଫଳ ହେବ ବୋଲି ସତପଥୀ ଆଶାପୋଷଣ କରିଥିଲେ।

ସମ୍ମାନିତ ବକ୍ତା ଆଦିତ୍ୟ ବିର୍ଲା ସନ୍‌ଲାଇଫ୍ ଏଏମ୍‌ସି ଲିମିଟେଡ୍ ରିଟେଲ ସେଲ୍‌ସର କଟକ ଶାଖା ପ୍ରବନ୍ଧକ ଦେବାଶିଷ ମିଶ୍ର କହିଲେ, କୌଣସି ନିବେଶ ବେଳେ ନିବେଶକ ଉପଯୁକ୍ତ ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି। ଯୁବପିଢ଼ି ୨୫ ବର୍ଷ ବୟସରୁ ନିବେଶ ଆରମ୍ଭକଲେ ତାହା ଅଧିକ ଲାଭପ୍ରଦ ହୋଇଥାଏ। ମାତ୍ର ଡେରିରେ ନିବେଶ କମ୍ ଫଳ ଦେଇଥାଏ। ବିଶେଷକରି ମ୍ୟୁଚୁଆଲ ଫଣ୍ଡରେ ଅର୍ଥ ବିନିଯୋଗ ଦ୍ୱାରା ଆର୍ଥିକ ସ୍ଥିତି ସୁଦୃଢ଼ ହୋଇଥାଏ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ସମ୍ମାନିତ ବକ୍ତା ଓଡ଼ିଶା କ୍ରାଇମବ୍ରାଞ୍ଚର ଡିଏସ୍‌ପି ଅନୀଲା ଆନନ୍ଦ ଅର୍ଥ ନିବେଶ ବେଳେ ସାଇବର ସୁରକ୍ଷା ପ୍ରତି ଧ୍ୟାନଦେବାକୁ ସଚେତନ କରାଇଥିଲେ। ଦୈନନ୍ଦିନ ଘଟୁଥିବା ବିଭିନ୍ନ ସାଇବର ଅପରାଧକୁ ଉପସ୍ଥାପନକରି ଆମର ଅଜ୍ଞତାରୁ ସାଇବର ଅପରାଧର ଶିକାର ହେଉଛୁ। ବିଶେଷକରି ଶିକ୍ଷିତ ବ୍ୟକ୍ତିମାନେ ଡିଜିଟାଲ ଆରେଷ୍ଟ, ସାଇବର ଠକେଇରେ ବହୁ କୋଟି ଟଙ୍କା ହରାଇବାର ମାମଲା ଓଡ଼ିଶା କ୍ରାଇମବ୍ରାଞ୍ଚରେ ତଦନ୍ତ ପରିସରଭୁକ୍ତ ଥିବା ଡିଏସ୍‌ପି ଆନନ୍ଦ କହିଥିଲେ। ତେବେ ମୋବାଇଲ ବ୍ୟବହାର ବେଳେ ଅନାବଶ୍ୟକ ବ୍ୟବହାର ଓ ଅଜଣା ଆପ୍‌କୁ ନ ଖୋଲିବାକୁ ସେ ପରାମର୍ଶ ଦେଇଥିଲେ। ଅର୍ଥ ବିନିଯୋଗ ବେଳେ ସାଇବର ସୁରକ୍ଷା ପ୍ରତିସମସ୍ତେ ଶିକ୍ଷିତ ଓ ସଚେତନ ରହିବାକୁ ସେ ଚେତାଇ ଦେଇଥିଲେ।

ଏହି ଅବସରରେ ଏକ ପ୍ୟାନେଲ୍ ଡିସ୍କସନ ହୋଇଥିଲା। ଏଥିରେ ପ୍ୟାନେଲିଷ୍ଟ ଭାବେ ଗିରୀନ୍ଦ୍ର ନାରାୟଣ ଘୋଷ, ଅକ୍ଷୟ କୁମାର ବାରିକ, ଦିଲୀପ କୁମାର ସ୍ୱାଇଁ ଏବଂ ମୋଡେରେଟର ଭାବେ ଦେବାଶିଷ ମିଶ୍ର ଭାଗ ନେଇଥିଲେ। ଏହାପରେ ବିଶେଷଜ୍ଞମାନଙ୍କ ସହ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଦର୍ଶକମାନେ ଅଂଶଗ୍ରହଣ କରିଥିଲେ। କଟକ ମାରୱାଡି ସମାଜର ସଭାପତି ସଞ୍ଜୟ ଶର୍ମା, ମହାସଚିବ ଶଙ୍କରଲାଲ ଗୁପ୍ତା, ପୂର୍ବତନ ସଭାପତି କିଶନଲାଲ୍ ମୋଦିଙ୍କ ସମେତ ଉଦ୍ୟୋଗପତି ରମଣ ବାଗେଡ଼ିଆ, ଅର୍ଣ୍ଣଦୀପ ସିଂହ, ଅଭିନେତା ଶକ୍ତି ବରାଳ, ବ୍ୟଙ୍ଗକବି ଡ. ଧର୍ମଛଡ଼ା, ରୋଟାରିଆନ ଆଲୋକ ସାହୁ, ଅଧ୍ୟାପକ ସେକ୍ କଲିମୁଲ୍ଲା ଓ ମହାନଦୀ ବିହାର ଉନ୍ନୟନ ପରିଷଦର ସଭାପତି ସଞ୍ଜୟ ଜେନାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।




ଧରିତ୍ରୀ ଏବଂ ଆଦିତ୍ୟ ବିର୍ଲା ସନ୍‌ଲାଇଫ୍ ମ୍ୟୁଚୁଆଲ ଫଣ୍ଡର ମିଳିତ ଆନୁକୂଲ୍ୟରେ ମାଣିକଘୋଷ ବଜାରସ୍ଥିତ ମାରୱାଡ଼ି କ୍ଲବ ସମ୍ମିଳନୀ କକ୍ଷରେ ଶନିବାର ଆୟୋଜିତ 'ଶିକ୍ଷିତ ନିବେଶକ ବିକଶିତ ଭାରତ' ଶୀର୍ଷକ କର୍ମଶାଳା ଉଦ୍‌ଘାଟନ ଅବସରରେ କଟକ ମାରୱାଡି ସଭାପତି ସଞ୍ଜୟ କୁମାର ଶର୍ମା ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି। ନିକଟରେ ଅଛନ୍ତି ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ଆଦିତ୍ୟ ବିର୍ଲା ସନ୍‌ଲାଇଫ୍ ମ୍ୟୁଚୁଆଲ ଫଣ୍ଡର ଏଭିପି ମହମ୍ମଦ ଅମିର୍ ସୁଲେମାନ୍, କ୍ରାଇମବ୍ରାଞ୍ଚ ଡିଏସ୍‌ପି ଅନୀଳା ଆନନ୍ଦ ପ୍ରମୁଖ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ପ୍ୟାନେଲିଷ୍ଟ।



କର୍ମଶାଳାରେ ଆଦିତ୍ୟ ବିର୍ଲା ସନ୍‌ଲାଇଫ୍ ମ୍ୟୁଚୁଆଲ ଫଣ୍ଡର ଏଭିପି ମହମ୍ମଦ ଅମିର୍ ସୁଲେମାନ୍ ଦର୍ଶକଙ୍କୁ ନିବେଶ ଶିକ୍ଷା ଉପରେ ସଚେତନ କରାଉଛନ୍ତି।




## ଟି-୨୦: ବାରବାଟୀକୁ ଗଡ଼ିବ ସ୍ୱତନ୍ତ୍ର 'ଆମ ବସ୍'

ଭୁବନେଶ୍ୱର, ୬।୧୨(ବନ୍ଦନା ସେଠୀ)

ଆସନ୍ତା ୯ ତାରିଖରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ କଟକ ବାରବାଟୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ। ଏଥିପାଇଁ କ୍ରୁଟ୍ ପକ୍ଷରୁ ସ୍ୱତନ୍ତ୍ର ଆମ ବସ୍ ସେବା ଆରମ୍ଭ ହେବ। ଏକାଧିକ ସ୍ଥାନରୁ ଚଳାଚଳ ହେବାକୁ ଥିବା ଏହି ସଟଲ୍ ବସ୍ ନିର୍ଦ୍ଦିଷ୍ଟ ସ୍ଥାନରୁ କଟକ ବାରବାଟୀ ଷ୍ଟାଡିୟମ୍ ଯାଏ ଗଡ଼ିବ। କଟକ ରେଳ ଷ୍ଟେଶନରୁ ସିଏନ୍‌ବିଟି ଏବଂ ବାରବାଟୀ ଷ୍ଟାଡିୟମ୍ ଅଞ୍ଚଳରେ ଜନଗହଳିର ବାସ୍ତବ ପରିସ୍ଥିତିକୁ ଆଧାର କରି ବସ୍ ଚଳାଚଳର ବ୍ୟବସ୍ଥା ହେବ ବୋଲି ଶନିବାର କ୍ରୁଟ୍ ପକ୍ଷରୁ ସୂଚନା ଦିଆଯାଇଛି। ମ୍ୟାଚ ପୂର୍ବରୁ ଅପରାହ୍ନ ୪ଟାରେ କଟକ ରେଳ ଷ୍ଟେଶନରୁ ସଟଲ୍ ସେବା ଆରମ୍ଭ ହେବ। ମ୍ୟାଚ ଶେଷ ପରେ ଟ୍ରାଫିକ ପ୍ରବାହକୁ ଧ୍ୟାନରେ ରଖି ବାରବାଟୀ ଷ୍ଟାଡିୟମ୍‌ରୁ ସଟଲ୍ ବସ୍ ସେବା ଜାରି ରହିବ। ବାରବାଟୀ ଷ୍ଟାଡିୟମ୍‌ରୁ କଟକ ରେଳଷ୍ଟେଶନକୁ ଯିବା ପାଇଁ ପ୍ରାଥମିକ ସଟଲ୍ ରୁଟ୍ ହେଉଛି ଗଡଗଡିଆ ଘାଟ, ଚହଟା ଘାଟ, ସତୀଚୌରା, ଜୁଡିସିଆଲ ଏକାଡେମୀ, ସିଏନ୍‌ବିଟି, ବାଦାମବାଡି, ଲିଙ୍କ୍‌ରୋଡ ଏବଂ ଓଏମ୍‌ପି ଛକ। ଏହି ରୁଟ୍ ମଧ୍ୟ ଦେଇ ବସ୍‌ଗୁଡିକ ରେଳଷ୍ଟେଶନ ଯାଏ ଚଳାଚଳ ହେବ। ସଟଲ ସେବାର ନିର୍ଦ୍ଧାରିତ ଭଡ଼ା ୨୦ ଟଙ୍କା ରହିବ। ଅନ୍ୟପକ୍ଷରେ ଭୁବନେଶ୍ୱରରୁ ଯାତ୍ରା କରୁଥିବା ଦର୍ଶକଙ୍କ ପାଇଁ ମ୍ୟାଚ ଶେଷ ପରେ ଦୁଇଟି ଅସ୍ଥାୟୀ ସ୍ୱତନ୍ତ୍ର ରୁଟ୍ ପରିଚାଳନା ହେବ। ରୁଟ୍-୧ ଭାବେ ବାରବାଟୀ ଷ୍ଟାଡିୟମ୍‌ରୁ ବିଏସ୍‌ଏବିଟି ବରମୁଣ୍ଡା ପର୍ଯ୍ୟନ୍ତ ଆମ ବସ୍ ଚାଲିବ। ଏହା ଜୁଡିସିଆଲ ଏକାଡେମୀ, ନନ୍ଦନକାନନ ଏବଂ ଜୟଦେବ ବିହାର ଦେଇ ଚଳାଚଳ କରିବ। ସେହିପରି ରୁଟ୍-୨ରେ ବାରବାଟୀ ଷ୍ଟାଡିୟମରୁ ଭୁବନେଶର ରେଳଷ୍ଟେଶନ ଯାଏ ସେବା ପ୍ରଦାନ କରାଯିବ। ଏହା ସିଏନ୍‌ବିଟି, ଲିଙ୍କ୍ ରୋଡ୍, ଜାତୀୟ ରାଜପଥରେ ଚଳାଚଳ କରିବ। ଉଭୟ ରୁଟ୍ ପାଇଁ ଏକ ନିର୍ଦ୍ଧାରିତ ଫ୍ଲାଟ୍ ମୂଲ୍ୟ ୪୦ ଟଙ୍କା ରହିବ ଏବଂ ବସ୍‌ଗୁଡିକ ପ୍ରତି ୨୦ ମିନିଟ ଅନ୍ତରରେ ଚଳାଚଳ ହେବ। ଏହି ସ୍ୱତନ୍ତ୍ର ସେବା ବ୍ୟତୀତ ବର୍ତ୍ତମାନ ପରିଚାଳିତ ଆମ ବସ ରୁଟ୍‌ଗୁଡିକ ଭୁବନେଶ୍ୱର ଏବଂ କଟକ ମଧ୍ୟରେ ପୂର୍ବଭଳି ଚାଲୁ ରହିବ ବୋଲି ସୂଚନା ଦିଆଯାଇଛି।



ସବୁ କୁତ୍ସିତ ଓ ଖରାପ କଥା ପଛରେ ଗୋଟିଏ ସୌନ୍ଦର୍ଯ୍ୟ ଲୁଚି ରହିଛି ଏବଂ ତାହା ପ୍ରକାଶିତ ହେବାକୁ ଚେଷ୍ଟା କରୁଛି। ତୁମକୁ ଏହି କଥା ଭଲ ଲାଗିବା ଉଚିତ। ... ଏହା ହିଁ ତୁମର ସ୍ୱପ୍ନ ଓ ଆକାଂକ୍ଷାର ବିଷୟବସ୍ତୁ ହେବା ଉଚିତ। -ଶ୍ରୀମା



# ବିଭାଜନକାରୀ ରାଜନୀତି



ଆକାର ପଟେଲ

ଡିସେମ୍ବର ୬ ଆଧୁନିକ ଭାରତର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଆନ୍ଦୋଳନ କଥା ସ୍ମରଣ କରାଇଦିଏ। ରାଜନୀତିକୁ ସବୁଦିନ ପାଇଁ ପରିବର୍ତ୍ତନ କରିଦେଇଥିବା ଏହି ଆନ୍ଦୋଳନ ବିଷୟରେ ଲେଖିବା ଆବଶ୍ୟକ। ଚାଳିଶ ବର୍ଷ ପୂର୍ବେ ଭାଜପା ୧୯୮୪ରେ ୭% ଭୋଟ ପାଇ ଦୁଇଟି ଲୋକ ସଭା ଆସନ ଜିତିଥିଲା। ୧୯୮୬ରେ ଲାଲକୃଷ୍ଣ ଆଡଭାନୀ ଭାଜପା ଦାୟିତ୍ୱ ନେବାବେଳେ ସେ କେବେ ବି ନିର୍ବାଚନ ରାଜନୀତିରେ ଭାଗ ନେଇ ନ ଥିଲେ। ସେ ଆର୍‌ଏସ୍‌ଏସ୍ ପ୍ରଚାରକ ଭାବେ ଜଣେ ସାମ୍ବାଦିକ ଥିଲେ ଓ ପରେ ରାଜନୀତିରେ ପ୍ରବେଶ କରିଥିଲେ। ରାଜନେତା ଭାବରେ ଦିଲ୍ଲୀ ପରିଷଦ ହେଉ କିମ୍ବା ରାଜ୍ୟ ସଭାରେ ଆଡଭାନୀ ସବୁବେଳେ ଜଣେ ମନୋନୀତ ସଦସ୍ୟ ଥିଲେ। ରାଜନୈତିକ ଗଣ ଆନ୍ଦୋଳନରେ ତାଙ୍କର କୌଣସି ଅଭିଜ୍ଞତା ନ ଥିଲା ଏବଂ ତାଙ୍କ ଆତ୍ମଜୀବନୀ (୨୦୦୮ରେ ପ୍ରକାଶିତ ମୋ ଦେଶ, ମୋ ଜୀବନ) ଅନୁସାରେ ଏହା କିପରି କାମ କଲା ତାହା ଉଲ୍ଲେଖନୀୟ। ଅଯୋଧ୍ୟା ପ୍ରସଙ୍ଗ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ନେତୃତ୍ୱରେ ଆର୍‌ଏସ୍‌ଏସ୍ ଭିତରେ ଥିବା ଅଣ-ରାଜନୈତିକ ଗୋଷ୍ଠୀଗୁଡ଼ିକ ଦ୍ୱାରା ଆରମ୍ଭ ହୋଇଥିଲା। ଫେବୃଆରୀ ୧୯୮୯ରେ, ଆଲ୍ଲାହାବାଦ କୁମ୍ଭମେଳାରେ ଭିଏଚ୍‌ପି ନଭେମ୍ବରରେ ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ କରିବ ବୋଲି କହିଥିଲା। ଏଥିରେ ସାରା ଦେଶରେ ରାମଙ୍କ ନାମ ଖୋଦିତ ଇଟା ତିଆରି କରାଯିବ ଏବଂ ନଭେମ୍ବରରେ ଅଯୋଧ୍ୟାକୁ ଶୋଭାଯାତ୍ରାରେ ନିଆଯିବ। ଆଡଭାନୀ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି, ଏହି ସମୟ ପର୍ଯ୍ୟନ୍ତ ମୁଖ୍ୟଧାରାର ରାଜନୀତିରେ ଏହା ଏକ ପ୍ରସଙ୍ଗ ହୋଇ ନ ଥିଲା। ଜୁନ୍ ୧୯୮୯ରେ ହିମାଚଳ ପ୍ରଦେଶରେ ଭାଜପାର ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ଆଡଭାନୀ ଦଳକୁ ଏହି ପ୍ରସଙ୍ଗରେ ସାମିଲ କରିଥିଲେ। ଭାଜପା ତା' ପ୍ରସ୍ତାବରେ ଦାବି କରିଥିଲା ଯେ, ଏହି ସ୍ଥାନ ହିନ୍ଦୁଙ୍କୁ ହସ୍ତାନ୍ତର କରାଯିବା ଉଚିତ ଏବଂ ଅନ୍ୟ କୌଣସି ଉପଯୁକ୍ତ ସ୍ଥାନରେ ମସ୍‌ଜିଦ ନିର୍ମାଣ କରାଯାଉ। କିଛି ମାସ ପରେ ନଭେମ୍ବର ୧୯୮୯ରେ ନିର୍ବାଚନ ହେଲା। ଭାଜପା ଇସ୍ତାହାରରେ ପ୍ରଥମ ଥର ପାଇଁ ଅଯୋଧ୍ୟା ବିଷୟରେ କୁହାଯାଇଥିଲା, '୧୯୪୮ ରେ ଭାରତ ସରକାରଙ୍କ ଦ୍ୱାରା ଯେଭଳି ସୋମନାଥ ମନ୍ଦିର ନିର୍ମାଣ କରାଯାଇଥିଲା ସେହି ଧାରାରେ ଅଯୋଧ୍ୟାରେ ରାମ ଜନ୍ମମନ୍ଦିରର ପୁନଃ ନିର୍ମାଣକୁ ଅନୁମତି ଦିଆ ନ ଯିବାରୁ ଉତ୍ତେଜନା ବୃଦ୍ଧି ପାଇଛି ଏବଂ ସାମାଜିକ ସଦ୍‌ଭାବନା ଗୁରୁତର ଭାବରେ ବିପର୍ଯ୍ୟସ୍ତ ହୋଇଛି'। ଏହା ବାସ୍ତବରେ ଭାଜପା ସମ୍ବିଧାନର ଉଲ୍ଲଂଘନ, କାରଣ ଏହାର ପ୍ରଥମ ପୃଷ୍ଠା ଏବଂ ପ୍ରାରମ୍ଭିକ ଲେଖାରେ ଧର୍ମନିରପେକ୍ଷତାର ନୀତି ପ୍ରତି ବିଶ୍ୱାସ ଏବଂ ନିଷ୍ଠା ରଖିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଭୋଟ ପୂର୍ବରୁ ଭିଏଚ୍‌ପି ସାରା ଭାରତରୁ ଶୋଭାଯାତ୍ରା ଅଯୋଧ୍ୟା ଆଣି ମସ୍‌ଜିଦ ନିକଟରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲା। ଏହାର ବିଭାଜନକାରୀ ତଥା ମୁସଲମାନ ବିରୋଧୀ ଶକ୍ତିକୁ ଆଧାରକରି ଭାଜପା ୮୫ ଟି ଆସନ ଜିତିଥିଲା, ଯାହା ଥିଲା ଗତ ନିର୍ବାଚନରେ ଜନସଂଘ ଏକାକୀ ଲଢ଼ି ପାଇଥିବା ଆସନଠାରୁ ୪ଗୁଣ ଏବଂ ୧୯୮୪ ରେ ବାଜପେୟୀଙ୍କ ନେତୃତ୍ୱରେ ପାଇଥିବା ଆସନ ତୁଳନାରେ ୪୦ଗୁଣରୁ ଅଧିକ। ଫଳରେ ଆର୍‌ଏସ୍‌ଏସ୍‌ର ଆଡଭାନୀ ସବୁଠାରୁ ସଫଳ ରାଜନେତା ପାଲଟିଗଲେ ଏବଂ ନିର୍ବାଚନୀ ସଫଳତାର ଉପାୟ ପାଇଗଲେ। ନିର୍ବାଚନରେ କଂଗ୍ରେସ ସଂଖ୍ୟାଗରିଷ୍ଠତା ହରାଇଲା ଏବଂ ଭି.ପି. ସିଂହଙ୍କ ନେତୃତ୍ୱରେ ଏକ ମେଣ୍ଟ ସରକାର ଆଡଭାନୀଙ୍କ ସମର୍ଥନରେ କ୍ଷମତା ହାସଲ କଲା, ଯଦିଓ ଏହା ଅଳ୍ପ ସମୟ ପାଇ ତିଷ୍ଠି ରହିଥିଲା।

ନିର୍ବାଚନର ୩ ମାସ ପରେ, ଫେବୃଆରୀ ୧୯୯୦ରେ, ଭିଏଚ୍‌ପି ମସ୍‌ଜିଦ ବିରୋଧରେ ପୁନର୍ବାର ଆନ୍ଦୋଳନ ଆରମ୍ଭକରି ଅକ୍ଟୋବରରୁ କାରସେବା ଜାରି ରଖିବ ବୋଲି କହିଥିଲା। ଆଡଭାନୀ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି, ଜୁନ୍‌ରେ ଲଣ୍ଡନ ଗସ୍ତରେ ଯିବା ପୂର୍ବରୁ ଆର୍‌ଏସ୍‌ଏସ୍ ପତ୍ରିକା ପାଞ୍ଚଜନ୍ୟ ଦ୍ୱାରା ନିଆଯାଇଥିବା ସାକ୍ଷାତ୍‌କାରରେ ତାଙ୍କୁ ପ୍ରଶ୍ନ କରାଯାଇଥିଲା ଯଦି ସରକାର ଅଯୋଧ୍ୟା ମାମଲାର ସମାଧାନ କରିବାରେ ବିଫଳ ହୁଅନ୍ତି ତେବେ କ'ଣ ହେବ। ଆଡଭାନୀ କହିଥିଲେ, ୩୦ ଅକ୍ଟୋବରରେ କାରସେବା ଆରମ୍ଭ କରିବାର ନିଷ୍ପତ୍ତିକୁ ତାଙ୍କ ଦଳ ସମର୍ଥନ କରେ ଏବଂ ଯଦି ଏହାକୁ ବନ୍ଦ କରାଯାଏ ତେବେ ଭାଜପା ନେତୃତ୍ୱରେ ଏକ ଜନ ଆନ୍ଦୋଳନ କରାଯିବ। ଆଡଭାନୀ କହିଛନ୍ତି, ସେ ମୁସଲମାନଙ୍କୁ ଏକ ଚୁକ୍ତି ପ୍ରସ୍ତାବ ଦେଇଥିଲେ। ଯଦି ସେମାନେ ବାବ୍ରି ମସ୍‌ଜିଦ ହସ୍ତାନ୍ତର କରନ୍ତି, ତେବେ ସେ ମଥୁରା ଏବଂ ବାରାଣସୀରେ ଥିବା ଅନ୍ୟ ଦୁଇଟି ମସ୍‌ଜିଦ ବିରୋଧରେ ପ୍ରଚାର ନ କରିବା ପାଇଁ ଭିଏଚ୍‌ପିକୁ ବ୍ୟକ୍ତିଗତ ଭାବେ ଅନୁରୋଧ କରିବେ। ଆଡଭାନୀ ଲେଖିଛନ୍ତି, ମୁସଲମାନମାନେ ଏହାକୁ ସନ୍ତୋଷଜନକ ମନେକରୁ ନ ଥିବାରୁ ସେ ଅଧିକ ନିରାଶ ଓ କ୍ରୋଧିତ ଥିଲେ। ଆଡଭାନୀ ଘୋଷଣା କରିଥିଲେ, ସେ ଗୁଜରାଟରେ ଦୀନଦୟାଲ ଉପାଧ୍ୟାୟଙ୍କ ଜନ୍ମଦିନ ୨୫ ସେପ୍ଟେମ୍ବରରେ ମସ୍‌ଜିଦ ବିରୋଧରେ ତାଙ୍କର ଅଭିଯାନ ଆରମ୍ଭ କରିବେ ଏବଂ 'ରଥ' (ପ୍ରକୃତରେ ଏକ ଟ୍ରକ୍) ଚଢ଼ି ୩୦ ଅକ୍ଟୋବର ୧୯୯୦ ରେ ଅଯୋଧ୍ୟାରେ ପହଞ୍ଚିବେ।

ଆଡଭାନୀ ଲେଖିଛନ୍ତି, ତାଙ୍କ ଅଭିଯାନକୁ ମିଳିଥିବା ପ୍ରତିକ୍ରିୟା ଦେଖି ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସେ ଲେଖିଛନ୍ତି ,''ମୁଁ କେବେ ଅନୁଭବ କରି ନ ଥିଲି ଯେ ଧର୍ମୀୟତା ଭାରତୀୟଙ୍କ ଜୀବନରେ ଏତେ ଗଭୀର ଭାବରେ ରହିଛି।'' ଆଡଭାନୀ ଆହୁରି ମଧ୍ୟ କହିଛନ୍ତି, ପ୍ରଥମ ଥର ସେ ସ୍ୱାମୀ ବିବେକାନନ୍ଦଙ୍କ ଉକ୍ତି–'ଧର୍ମ ହେଉଛି ଭାରତର ଆତ୍ମା ଏବଂ ଯଦି ଆପଣ ଭାରତୀୟଙ୍କୁ କୌଣସି ବିଷୟ ଶିକ୍ଷା ଦେବାକୁ ଚାହାନ୍ତି ତେବେ ସେମାନେ ଏହାକୁ ଧର୍ମର ଭାଷାରେ ଭଲ ଭାବରେ ବୁଝନ୍ତି'ର ସତ୍ୟକୁ ବୁଝିପାରିଥିଲେ। ଅଯୋଧ୍ୟା ଯାତ୍ରାର ପ୍ରତ୍ୟେକ ଷ୍ଟେଜରେ ଆଡଭାନୀ ବାବ୍ରି ମସ୍‌ଜିଦକୁ କାହିଁକି ଭାଙ୍ଗିବାକୁ ପଡ଼ିଲା ସେ ବିଷୟରେ କହୁଥିଲେ। ଆଡଭାନୀଙ୍କ ବାବ୍ରି ମସ୍‌ଜିଦ ବିରୋଧୀ ଅଭିଯାନ ଯୋଗୁ ଘଟିଥିବା ହିଂସାରେ ୩,୪୦୦ ରୁ ଅଧିକ ଭାରତୀୟ ପ୍ରାଣ ହରାଇଥିଲେ, କିନ୍ତୁ ଏହା ଭାଜପାକୁ କ୍ଷମତାର ଦ୍ୱାରଦେଶରେ ପହଞ୍ଚାଇଦେଇଥିଲା। ୧୯୯୧ ମଧ୍ୟଭାଗରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ଭାଜପା ୨୦% ଭୋଟ ପାଇ ୧୨୦ ଆସନ ଜିତିଥିଲା। ୧୯୯୬ରେ ବାବ୍ରି ମସ୍‌ଜିଦ ଭଙ୍ଗା ପରେ ଅନୁଷ୍ଠିତ ପ୍ରଥମ ନିର୍ବାଚନରେ ଭାଜପା ୧୬୧ ଆସନ ପାଇଥିଲା। ୨୦୦୨ ପରେ ବିଭାଜନକାରୀ ରାଜନୀତି କରିବାକୁ ଇଚ୍ଛୁକ ଏବଂ ଉତ୍ସାହୀ ଥିବା ଭାଜପା ଏକମାତ୍ର ଦଳ ଭାବରେ ନିଜର ସ୍ଥିତିକୁ ଦୃଢ଼ କରିଥିଲା ଏବଂ ଏଥିପାଇଁ ଏହାକୁ ଭଲ ସଫଳତା ମିଳିଛି।

Email:aakar.patel@gmail.com

# ସୃଷ୍ଟିର ଚିରନ୍ତନ ଆଧାର



ଅଧ୍ୟାପକ ଗୋପବନ୍ଧୁ

ମନୁଷ୍ୟର ଉଚ୍ଚତର ଚେତନଶୀଳତା ତାକୁ ବାଧ୍ୟ କରିଛି ଏ ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟିର ରହସ୍ୟ ଉପରେ ପ୍ରଶ୍ନ ଉତ୍ଥାପନ କରିବା ପାଇଁ। ଏ ଜଗତର ସୃଷ୍ଟି କିପରି ହୋଇଛି, କେହି ଜଣେ ସୃଷ୍ଟି କରିଛନ୍ତି ଅଥବା ଅନ୍ୟ କୌଣସି କାରଣ ରହିଛି ଏହି ସୃଷ୍ଟିର ତା' ଉପରେ ବହୁ ତର୍ଜମା ହୋଇଛି। ଏହାକୁ ନେଇ ଅନେକ ପ୍ରକାରର ମତ ମଧ୍ୟ ଆସିଛି। ଅନେକ ଦାର୍ଶନିକ ଓ ଚିନ୍ତକ ଏହାର ସମାଧାନର ସୂତ୍ର ବାହାର କରିବାକୁ ଚେଷ୍ଟା କରିଛନ୍ତି। ଏପରିକି ବିଭିନ୍ନ ଧର୍ମରେ ମଧ୍ୟ ଏ ବିଷୟରେ ଚର୍ଚ୍ଚା କରାଯାଇଛି। କାରଣ ଧର୍ମ ପ୍ରଚାରକମାନେ ଏହି ସମାନ ପ୍ରଶ୍ନର ସମ୍ମୁଖୀନ ହୋଇଛନ୍ତି ତାଙ୍କ ଅନୁଗାମୀଙ୍କ ନିକଟରୁ। ମନୁଷ୍ୟର ଜଗତ ସହିତ ସମ୍ବନ୍ଧ ଓ ଜଗତ ତା'ର ସୃଷ୍ଟି ସହିତ କିପରି ଭାବେ ସମ୍ବନ୍ଧିତ ତାହାର ପ୍ରାଞ୍ଜଳ ବ୍ୟାଖ୍ୟା ବିନା କୌଣସି ଧର୍ମ ସ୍ୱୟଂସମ୍ପୂର୍ଣ୍ଣ ହୋଇପାରେ ନାହିଁ। ଜଣେ ଧର୍ମଗୁରୁ ଶିଷ୍ୟମାନଙ୍କ ଜିଜ୍ଞାସାର ସନ୍ତୋଷଜନକ ଉତ୍ତର ଦେବାକୁ ଚେଷ୍ଟା କରିଛନ୍ତି। ଉତ୍ତର କେତେ ଯୁକ୍ତିସଙ୍ଗତ ଓ ବିଜ୍ଞାନସମ୍ମତ ତାହା ଭିନ୍ନ କଥା।

ଜଗତର ସୃଷ୍ଟିତତ୍ତ୍ୱ ସମ୍ବନ୍ଧରେ ଆଲୋଚନା କଲାବେଳେ ଏ ସମ୍ବନ୍ଧରେ ଚିନ୍ତା କରିଥିବା ଦାର୍ଶନିକମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ। ଗୋଟିଏ ହେଉଛି ଭାରତୀୟ ଦାର୍ଶନିକ ଓ ଅନ୍ୟଟି ହେଉଛି ପାଶ୍ଚାତ୍ୟ ଦାର୍ଶନିକ। ଏଠାରେ ଉଲ୍ଲେଖଯୋଗ୍ୟ, ଭାରତୀୟ ଦର୍ଶନ ଧର୍ମଭିତ୍ତିକ ହୋଇଥିବା ବେଳେ ପାଶ୍ଚାତ୍ୟ ଦର୍ଶନ ଧର୍ମଭିତ୍ତିକ ନୁହେଁ। ଅର୍ଥାତ୍ ଭାରତୀୟ ଦାର୍ଶନିକମାନଙ୍କ ବିଚାର ଧର୍ମର ରୂପ ନେଇଥିବା ବେଳେ ପାଶ୍ଚାତ୍ୟ ଦାର୍ଶନିକମାନଙ୍କ ବିଚାର ଧର୍ମର ରୂପ ନେଇ ନାହିଁ। ତେବେ ପ୍ରାୟ ସମସ୍ତ ଦାର୍ଶନିକଙ୍କ ସୃଷ୍ଟି ସମ୍ବନ୍ଧୀୟ ମତକୁ ତିନିପ୍ରକାରରେ ସୂଚୀବଦ୍ଧ କରାଯାଏ। ଅର୍ଥାତ୍ ଏମାନଙ୍କ ମଧ୍ୟରୁ କେତେକ ଏକାନ୍ତବାଦରେ, ଆଉ କେତେକ ଦ୍ୱୈତବାଦରେ ଓ ଅନ୍ୟ କେତେକ ଅନେକାନ୍ତବାଦରେ ବିଶ୍ୱାସ କରନ୍ତି। ହୁଏତ ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟିର ଆଧାର ଗୋଟିଏ କିମ୍ବା ଦୁଇଟି କିମ୍ବା ଅନେକ। ଏହାକୁ ନେଇ ଦାର୍ଶନିକମାନଙ୍କ ମଧ୍ୟରେ ଅନେକ ମତପାର୍ଥକ୍ୟ ରହିଛି। ସମସ୍ତେ ନିଜ ନିଜ ମତରେ ଅଟଳ ରହିଛନ୍ତି ଓ ସୃଷ୍ଟିତତ୍ତ୍ୱକୁ ବ୍ୟାଖ୍ୟା କରିବାକୁ ଚେଷ୍ଟା କରିଛନ୍ତି।

ଯେଉଁମାନେ ଏକାନ୍ତବାଦୀ, ସେମାନେ ବିଶ୍ୱାସ କରନ୍ତି ଏ ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି ଗୋଟିଏ ମୂଳ ଆଧାରରୁ ହୋଇଛି। ପାଶ୍ଚାତ୍ୟ ଦର୍ଶନରେ ଏହାକୁ ମୋନିଜିମ ବୋଲି କୁହାଯାଇଛି। ଏହି ଏକାନ୍ତବାଦୀମାନେ ପ୍ରାୟତଃ ଆସ୍ତିକ ହୋଇଥାନ୍ତି। ସୃଷ୍ଟିର ଏହି ମୂଳ ଆଧାର ହେଉଛନ୍ତି ଭଗବାନ୍। ଭାରତୀୟ ଦର୍ଶନରେ ବେଦାନ୍ତିକମାନେ ଏକାନ୍ତବାଦୀ। ଏମାନଙ୍କ ମତରେ ବ୍ରହ୍ମ ବା ଭଗବାନ୍ ହେଉଛନ୍ତି ସକଳ ସୃଷ୍ଟିର ମୂଳ ଆଧାର। ସକଳ ସୃଷ୍ଟିର ମୂଳ କାରଣ ଓ ଶେଷ କାରଣ ମଧ୍ୟ। ଭଗବାନ୍ ହେଉଛନ୍ତି ସୃଷ୍ଟିକାରୀ, ପାଳନକାରୀ ଓ ଧ୍ୱଂସକାରୀ। ବ୍ରହ୍ମ ସମସ୍ତଙ୍କ କାରଣ, କିନ୍ତୁ ତାଙ୍କ ସୃଷ୍ଟିର କୌଣସି କାରଣ ନାହିଁ। ସେ ହେଉଛନ୍ତି ଅଜାତ। ସେ ଚିରନ୍ତନ। ସେ ହେଉଛନ୍ତି ଜଗତର ଏକମାତ୍ର ସତ୍ୟ ଉପାଦାନ। ଭାରତବର୍ଷରେ ହିନ୍ଦୁ ଦର୍ଶନ କହିଲେ ବେଦାନ୍ତିକ ଦର୍ଶନକୁ ବୁଝାଇଥାଏ। ଆଦିଗୁରୁ ଶଙ୍କରାଚାର୍ଯ୍ୟ ଏହି ଏକାନ୍ତବାଦର ସମର୍ଥକ ଓ ଆଦିପ୍ରବର୍ତ୍ତକ କହିଲେ ଅତ୍ୟୁକ୍ତି ହେବ ନାହିଁ। ହିନ୍ଦୁଧର୍ମ ସମର୍ଥିତ ସମସ୍ତ ଦାର୍ଶନିକ ଏକାନ୍ତବାଦୀ। ପାଶ୍ଚାତ୍ୟ ଦର୍ଶନରେ ସ୍ପିନୋଜା, ହେଗେଲ, ବାରକ୍ଲେ ପ୍ରମୁଖ ଦାର୍ଶନିକମାନେ ମୋନିଜିମ ବା ଏକାନ୍ତବାଦରେ ବିଶ୍ୱାସ କରନ୍ତି। ଇସାଇ ଧର୍ମାବଲମ୍ବୀମାନେ ଏକାନ୍ତବାଦୀ। ସୃଷ୍ଟିକର୍ତ୍ତା ଭାବେ ସେମାନେ ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି। ଇସ୍‌ଲାମ ଧର୍ମାବଲମ୍ବୀମାନେ ମଧ୍ୟ ଏକାନ୍ତବାଦୀ। ଏମାନେ ଆଲ୍ଲାଙ୍କୁ ସୃଷ୍ଟିର ମୂଳ କାରଣ ବୋଲି ଗ୍ରହଣ କରନ୍ତି। ସମସ୍ତ ଆସ୍ତିକ ଏକାନ୍ତବାଦୀ।

ଦ୍ୱୈତବାଦ ଦୁଇଟି ତତ୍ତ୍ୱରେ ବିଶ୍ୱାସ କରେ। ଦ୍ୱୈତବାଦୀମାନେ ଜଗତ ସୃଷ୍ଟିର ଦୁଇଟି କାରଣ ରହିଛି ବୋଲି କହନ୍ତି। ପାଶ୍ଚାତ୍ୟ ଦର୍ଶନରେ ଏହାକୁ ଡୁଆଲିଜିମ ବୋଲି କୁହାଯାଇଛି, ତାହା ହେଉଛି ମନ ଓ ଶରୀର। ଭାରତୀୟ ଦର୍ଶନରେ ଏହି ଦୁଇ ତତ୍ତ୍ୱ ହେଉଛି 'ପ୍ରକୃତି' ଓ 'ପୁରୁଷ'। ସାଂଖ୍ୟ ଓ ଯୋଗ ଦର୍ଶନ ସୃଷ୍ଟିର ଏହି ଦୁଇ ମୂଳ ଉପାଦାନକୁ ସ୍ୱୀକୃତି ଦିଅନ୍ତି। ଏମାନଙ୍କ ସଂଯୋଗରେ ସୃଷ୍ଟିର ସଂରଚନା ହୁଏ। ଏହି ଦୁଇ ଉପାଦାନ ଚିରନ୍ତନ। ଏମାନେ ଅଜାତ ମଧ୍ୟ। ସଦାସର୍ବଦା ଏମାନେ ବିଦ୍ୟମାନ। ଏହି ଦୁଇଟି ଉପାଦାନକୁ ବସ୍ତୁ ଓ ଚେତନ ବୋଲି ମଧ୍ୟ କୁହାଯାଏ। ପ୍ରକୃତି ହେଉଛି ବସ୍ତୁ ଓ ପୁରୁଷ ହେଉଛି ଚେତନ। ଦୁଇଟିଯାକ ହେଉଛି ମୂଳକାରଣ। ଏମାନଙ୍କ ସଂଯୋଗ ବିନା ଜଗତରେ ସୃଷ୍ଟି ସମ୍ଭବପର ନୁହେଁ। ପାଶ୍ଚାତ୍ୟ ଦର୍ଶନରେ ଡେକାର୍ଟ୍ସ ହେଉଛନ୍ତି ଦ୍ୱୈତବାଦର ଦୃଢ଼ ସମର୍ଥକ। ସେ ମାଇଣ୍ଡ ଓ ବଡି ବା ମନ ଓ ଶରୀରକୁ ଦୁଇଟି ସ୍ୱତନ୍ତ୍ର ଉପାଦାନ ଭାବେ ସ୍ୱୀକୃତି ଦେଇଛନ୍ତି। ଏହାରି ମାଧ୍ୟମରେ ସେ ସୃଷ୍ଟିତତ୍ତ୍ୱକୁ ବୁଝାଇବାକୁ ଚେଷ୍ଟା କରିଛନ୍ତି। ତାଙ୍କ ପୂର୍ବରୁ ପ୍ଲାଟୋ ଓ ଆରିଷ୍ଟଟଲ



ଦ୍ୱୈତବାଦର ପ୍ରଚାର କରିଛନ୍ତି। ତାଙ୍କ ପରେ ବି ଅନେକ ଦାର୍ଶନିକ ଆସିଛନ୍ତି, ଯେଉଁମାନେ ସମାନ ବିଚାରକୁ ସମର୍ଥନ କରିଛନ୍ତି। ଦ୍ୱୈତବାଦୀମାନଙ୍କ ମଧ୍ୟରୁ ଅଧିକାଂଶ ନାସ୍ତିକ। ସାଂଖ୍ୟ-ଯୋଗରେ ପୁରୁଷକୁ ସୃଷ୍ଟିକର୍ତ୍ତା ଭାବେ ନୁହେଁ, ବରଂ ସର୍ବୋଚ୍ଚ ସତ୍ତାଭାବେ ବର୍ଣ୍ଣନା କରାଯାଇଛି। କିନ୍ତୁ ପୁରୁଷ ପ୍ରକୃତିର ସଂସ୍ପର୍ଶରେ ଆସିଲା ପରେ ହିଁ ସୃଷ୍ଟି ସମ୍ଭବପର ହୁଏ। ବେଦାନ୍ତିକ ଦାର୍ଶନିକମାନେ ଦ୍ୱୈତବାଦକୁ ଅସ୍ୱୀକାର କରୁଥିବା ଯୋଗୁ ତାଙ୍କ ପ୍ରଦତ୍ତ ଏକାନ୍ତବାଦକୁ ଅଦ୍ୱୈତ ବେଦାନ୍ତ ବୋଲି କହନ୍ତି। କାରଣ ବେଦାନ୍ତବାଦର ଉତ୍ଥାନ କାଳରେ ଦ୍ୱୈତବାଦୀ ବିଚାର ମୁଖ୍ୟ ପ୍ରତିବନ୍ଧକ ଥିଲା, ମୁଖ୍ୟ ପ୍ରତିରୋଧୀ ଥିଲା।

ଅନେକାନ୍ତବାଦ ସୃଷ୍ଟିର ଅନେକ ଉପାଦାନରେ ବିଶ୍ୱାସ କରେ। ଏହାକୁ ବିଶେଷବାଦ ବୋଲି ମଧ୍ୟ କୁହାଯାଏ। ପାଶ୍ଚାତ୍ୟ ଦର୍ଶନରେ ଏହାକୁ ପ୍ଲୁରାଲିଜିମ ବୋଲି କୁହାଯାଇଛି। ଏହି ମତବାଦର ସମର୍ଥକମାନେ ଜଗତ ସୃଷ୍ଟିର ମୂଳରେ ଅନେକ ଉପାଦାନ ରହିଛି ବୋଲି କହନ୍ତି। କୌଣସି ଗୋଟିଏ ବା ଦୁଇଟି ଉପାଦାନରେ ଜଗତ ସୃଷ୍ଟି ହୋଇନାହିଁ। ଏହି ଉପାଦାନଗୁଡ଼ିକ ଅମର। ଏହି କ୍ଷୁଦ୍ରତମ ଉପାଦାନଗୁଡ଼ିକୁ ଅଣୁ ବା ଆଟମ୍, ମୋନାଡ, ସାବ୍‌ଷ୍ଟେନ୍ସ ଇତ୍ୟାଦି ବୋଲି କୁହାଯାଇଛି। ଏଗୁଡ଼ିକ ଜନ୍ମ ଓ ମୃତ୍ୟୁର ଊର୍ଦ୍ଧ୍ୱରେ। ଭାରତୀୟ ଦର୍ଶନରେ ଜୈନ, ଚାର୍ବାକ୍, ନ୍ୟାୟ ଓ ବୈଶେଷିକମାନେ ଏହି ତତ୍ତ୍ୱରେ ବିଶ୍ୱାସ କରନ୍ତି। ଅନେକାନ୍ତବାଦୀମାନେ ସାଧାରଣତଃ ନାସ୍ତିକ। ଜୈନମାନଙ୍କ ମତରେ ଅସଂଖ୍ୟ ଅଣୁ ଓ ଆତ୍ମାକୁ ନେଇ ଜଗତ ସୃଷ୍ଟି ହୋଇଛି। ଏଗୁଡ଼ିକ ଅମର। ପ୍ରତ୍ୟେକ ସୃଷ୍ଟି ଏମାନଙ୍କ ସମ୍ମିଶ୍ରଣରେ ସଂଗଠିତ ହୁଏ। ଚାର୍ବାକ୍‌ମାନେ ଚାରୋଟି ଅନୁଭୂତିସିଦ୍ଧ ଉପାଦାନକୁ ଅମର ବୋଲି ସ୍ୱୀକାର କରନ୍ତି। ସେଗୁଡ଼ିକ ହେଉଛି ମାଟି, ଜଳ, ଅଗ୍ନି ଓ ବାୟୁ। ଏମାନଙ୍କ ସଂଯୋଗରେ ଜଗତ ସୃଷ୍ଟି ହୋଇଛି। ନ୍ୟାୟ-ବୈଶେଷିକମାନେ ମଧ୍ୟ ଅସଂଖ୍ୟ ଉପାଦାନରେ ଜଗତ ସୃଷ୍ଟି ହୋଇଛି ବୋଲି ଯୁକ୍ତି ରଖନ୍ତି। ଅସଂଖ୍ୟ 'ବିଶେଷ କଣା' ଦ୍ୱାରା ଜଗତର ସୃଷ୍ଟି ହୋଇଛି। ପାଶ୍ଚାତ୍ୟ ଦର୍ଶନରେ ଯେଉଁମାନେ ଅନେକାନ୍ତବାଦରେ ବିଶ୍ୱାସ କରନ୍ତି, ସେମାନେ ହେଲେ ଅନକ୍ସାଗୋରସ, ଆରକୁଲେସ, ଜନ ହିକ୍ସ ପ୍ରମୁଖ। ବିଜ୍ଞାନକୁ ବସ୍ତୁର କ୍ଷୁଦ୍ରତମ ଉପାଦାନ ଅଣୁର ଅବଧାରଣା ଏମାନଙ୍କ ନିକଟରୁ ଆସିଛି। ଅଣୁମାନଙ୍କ ସଂଯୋଗରେ ବସ୍ତୁର ସୃଷ୍ଟି ହୁଏ ଓ ଏମାନଙ୍କ ବିଘଟନରେ ବସ୍ତୁର ବିନାଶ।

ଜଗତ ସୃଷ୍ଟିର ମୂଳକାରଣ କ'ଣ, ତାହାର ବାସ୍ତବବାଦୀ ସମାଧନ ଏଯାଏଁ ମିଳିନାହିଁ। ଅବଶ୍ୟ ଯେଉଁମାନେ ଆଧ୍ୟାତ୍ମିକବାଦୀ ଓ ଧର୍ମୀୟ ଅନୁଗାମୀ, ସେମାନେ ଜଗତ ସୃଷ୍ଟିର ମୂଳକାରଣ ଜଣେ ସର୍ବୋଚ୍ଚ ବ୍ୟକ୍ତି ବୋଲି କହି ବିତର୍କ ଓ ଜିଜ୍ଞାସାର ସମାପ୍ତ କରନ୍ତି। ଯେକି ଈଶ୍ୱର, ଗଡ୍, ଆଲ୍ଲା, ବ୍ରହ୍ମ, ଭଗବାନ୍ ଇତ୍ୟାଦି ନାମରେ ସମ୍ବୋଧିତ ହୁଅନ୍ତି। ଏହାସତ୍ତ୍ୱେ ସୃଷ୍ଟିତତ୍ତ୍ୱ ଉପରେ ଜିଜ୍ଞାସା ଓ ବିତର୍କ ଏଯାଏଁ ସମାପ୍ତ ହୋଇନାହିଁ ପରି ମନେହୁଏ। କାରଣ ଏପରି ଧର୍ମୀୟ ମତବାଦକୁ ଅନେକେ ଗ୍ରହଣ କରନ୍ତି ନାହିଁ। ବିଶ୍ୱବ୍ରହ୍ମାଣ୍ଡର ମୂଳସତ୍ୟକୁ ନେଇ ତାଙ୍କ ମନରେ ଅନେକ ପ୍ରଶ୍ନ ଏବେବି ଅଙ୍କୁରିତ ହେଉଛି।

(ଦର୍ଶନ ବିଭାଗ), ଅବସରପ୍ରାପ୍ତ
ବାରିପଦା, ମୟୂରଭଞ୍ଜ
ମୋ: ୭୦୦୮୯୭୬୧୮୦

# ଏକ ପରିବେଶୀୟ ଆହ୍ୱାନ



ବୃହସ୍ପତି ସାମଲ

ୟୁନିଭର୍ସିଟି ଅଫ ଶିକାଗୋର ଏନର୍ଜି ପଲିସି ଇନ୍‌ଷ୍ଟିଚ୍ୟୁଟ (ଏପିକ) ଦ୍ୱାରା ପ୍ରକାଶିତ ୨୦୨୫ ବାୟୁ ଗୁଣବତ୍ତା ଜୀବନ ସୂଚକାଙ୍କ (ଏୟାର କ୍ୱାଲିଟି ଲାଇଫ ଇଣ୍ଡେକ୍ସ ବା ଏକ୍ୟୁଏଲ୍‌ଆଇ) ରିପୋର୍ଟ ଅନୁସାରେ ସମ୍ପୂର୍ଣ୍ଣ ଭାରତରେ ୨୦୨୩ରେ ବାୟୁ ପ୍ରଦୂଷଣ ସ୍ତର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ ବା ହୁ) ଦ୍ୱାରା ନିର୍ଦ୍ଦିଷ୍ଟ ସୁରକ୍ଷା ସୀମାର ଆଠଗୁଣାଠାରୁ ଅଧିକ ଥିଲା। ରିପୋର୍ଟ ଏ କଥା ମଧ୍ୟ ସତର୍କ କରାଇ ଦେଇଛି ଯେ ଯଦି ଭାରତ ହୁ'ର ମାନଦଣ୍ଡ ଅନୁସାରେ ପ୍ରଦୂଷଣ କମାଇବାରେ ସକ୍ଷମ ହୁଏ, ତେବେ ଭାରତୀୟମାନଙ୍କ ଆୟୁ ପାଖାପାଖି ୩.୫ ବର୍ଷ ବୃଦ୍ଧି ପାଇପାରିବ। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ପରିସ୍ଥିତି ଚିନ୍ତାଜନକ। ୨୦୨୩ରେ ରାଜ୍ୟର ପିଏମ ୨.୫ (୨.୫ ମାଇକ୍ରୋମିଟରରୁ କ୍ଷୁଦ୍ର ପାର୍ଟିକୁଲେଟ ମ୍ୟାଟର ଅର୍ଥାତ ବାୟୁରେ ରହୁଥିବା ସୂକ୍ଷ୍ମ ଧୂଳି, ଧୂଆଁ, ତରଳ କଣିକା, ଧାତୁ ଓ ରାସାୟନିକ କଣିକା ତଥା ଅନ୍ୟାନ୍ୟ ପ୍ରଦୂଷକ ଯାହା ମଣିଷ ଆଖିକୁ ଦେଖାଯାଏ ନାହିଁ), ଶ୍ୱାସରେ ଶରୀରରେ ପଶି ନାକ, ଗଳା, ଫୁସ୍‌ଫୁସ୍ ଓ ହୃତ୍‌ପିଣ୍ଡର କ୍ଷତିକରେ। ଏହାର ସ୍ତର ପ୍ରତି ଘନ ମିଟର ପିଛା ୩୬.୪ ମାଇକ୍ରୋଗ୍ରାମ ରହିଥିଲା, ଯାହା ହୁ'ର ସୁରକ୍ଷା ମାପଦଣ୍ଡଠାରୁ ଯଥେଷ୍ଟ ବେଶି।

ସାଧାରଣତଃ ସୂକ୍ଷ୍ମ ପ୍ରଦୂଷକ ତତ୍ତ୍ୱକୁ ପିଏମ ୨.୫ ଏବଂ ସ୍ଥୂଳ ପ୍ରଦୂଷକ ତତ୍ତ୍ୱକୁ ପିଏମ ୧୦ ବୋଲି କୁହାଯାଏ। ହୁ' ଦ୍ୱାରା ନିର୍ଦ୍ଧାରିତ ସୀମା ଅନୁଯାୟୀ ପିଏମ ୨.୫ ପ୍ରଦୂଷକ ତତ୍ତ୍ୱର ବାର୍ଷିକ ହାରାହାରି ସୀମା ୫ ମାଇକ୍ରୋଗ୍ରାମ ପ୍ରତି ଘନ ମିଟର ହୋଇଥିବା ବେଳେ ଦୈନିକ ହାରାହାରି ସୀମା ୧୫ ମାଇକ୍ରୋଗ୍ରାମ ପ୍ରତି ଘନ ମିଟର, ଯାହା ପିଏମ ୧୦ କ୍ଷେତ୍ରରେ ଯଥାକ୍ରମେ ୧୫ ଓ ୪୫ ମାଇକ୍ରୋଗ୍ରାମ ପ୍ରତି ଘନ ମିଟର। ରିପୋର୍ଟ ଅନୁଯାୟୀ ଯଦି ପ୍ରଦୂଷଣ ସ୍ତର ହୁ' ଦ୍ୱାରା ନିର୍ଦ୍ଧାରିତ ସୀମାକୁ ଅଣାଯାଏ, ତେବେ ଓଡ଼ିଶାର ଲୋକମାନେ ପାଖାପାଖି ୩.୧ ବର୍ଷ ଅଧିକ ଆୟୁ ଲାଭ କରିପାରିବେ। ଏହି ତଥ୍ୟସମୂହ ସାଧାରଣ ସ୍ୱାସ୍ଥ୍ୟ ସଙ୍କଟକୁ ନେଇ ତୁରନ୍ତ ନିଷ୍ପତ୍ତିମୂଳକ କାର୍ଯ୍ୟ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରେ। ୨୦୨୫ର ଏକ୍ୟୁଏଲଆଇ ରିପୋର୍ଟ ଅନୁଯାୟୀ ଚିନ୍ତାଜନକ ଭାବେ ଭାରତର ଜନସଂଖ୍ୟା ଅନୁପାତରେ ପିଏମ ୨.୫ ସାନ୍ଦ୍ରତା ୨୦୨୨ର ୩୯ ମାଇକ୍ରୋଗ୍ରାମ ପ୍ରତି ଘନ ମିଟରରୁ ବୃଦ୍ଧି ପାଇ ୨୦୨୩ରେ ୪୧ ମାଇକ୍ରୋଗ୍ରାମ ପ୍ରତି ଘନ ମିଟରରେ ପହଞ୍ଚିଛି। ଯେଉଁଠି ଅନ୍ୟାନ୍ୟ ଦେଶଗୁଡ଼ିକରେ ବାୟୁ ଗୁଣବତ୍ତାରେ କ୍ରମାଗତ ସୁଧାର ଆସିଛି, ସେଠି ଭାରତ ନିୟନ୍ତ୍ରଣ ଲକ୍ଷ୍ୟରେ ଥିଲେବି ପ୍ରଦୂଷଣର ଅବସ୍ଥା ଧୀରେ ଧୀରେ ଖରାପ ହେଉଛି । ଇଂଲଣ୍ଡରୁ ପ୍ରକାଶିତ ସ୍ୱାସ୍ଥ୍ୟ ପତ୍ରିକା 'ଦ ଲାନସେଟ'ରେ ବିଶ୍ୱ ରୋଗ ଭାର ଅଧ୍ୟୟନ



(ଗ୍ଲୋବାଲ ବର୍ଡନ ଅଫ ଡିଜିଜ) ଉପରେ ଆଧାରିତ ତଥ୍ୟର ବିଶ୍ଳେଷଣ ଅନୁଯାୟୀ ୨୦୧୭ରେ ଭାରତରେ ପ୍ରଦୂଷଣ ଜନିତ ମୃତ୍ୟୁ ୧୨,୪୦,୫୩୦ (ମୋଟ ମୃତ୍ୟୁର ୧୨.୫%) ଥିଲା ଯାହା କ୍ରମାଗତ ବୃଦ୍ଧି ପାଇ ୨୦୧୯ରେ ୧୬,୭୦,୦୦୦ (ମୋଟ ମୃତ୍ୟୁର ୧୭.୮%) ଓ ୨୦୨୨ରେ ୧୭,୧୮,୦୦୦ରେ ପହଞ୍ଚିଛି। ରିପୋର୍ଟ ଅନୁଯାୟୀ ୨୦୧୭ରେ ଓଡ଼ିଶାରେ ଏହି ମୃତ୍ୟୁସଂଖ୍ୟା ଥିଲା ୩୧,୧୧୮, ଯାହା ମୋଟ ମୃତ୍ୟୁସଂଖ୍ୟାର ୬.୩%। ତେଣୁ ପ୍ରଦୂଷଣ ଜନିତ ମୃତ୍ୟୁର ଭୟାବହତା କେତେ ତାହା ଏହି ତଥ୍ୟରୁ ସ୍ପଷ୍ଟ ଅନୁମେୟ।

ଭାରତର ଦ୍ରୁତ ସହରୀକରଣ ଏବଂ ଯାତାୟାତର ବୃଦ୍ଧି ଏହି ସମସ୍ୟାକୁ ଆହୁରି ତୀବ୍ର କରିଛି। ଯାନବାହନରୁ ନିର୍ଗତ ଧୂଆଁ ସହ ଅନିୟନ୍ତ୍ରିତ ନିର୍ମାଣ କାର୍ଯ୍ୟକଳାପମାନ ସହରୀ ପ୍ରଦୂଷଣ ସ୍ତରକୁ ବୃଦ୍ଧି କରିଛି। ଓଡ଼ିଶାରେ କୋଇଲା ଆଧାରିତ ଶକ୍ତି ଉତ୍ପାଦନ କେନ୍ଦ୍ର ଥିବା ଶିଳ୍ପାଞ୍ଚଳଗୁଡ଼ିକରେ ପ୍ରଦୂଷଣ ସମ୍ପର୍କିତ ସ୍ୱାସ୍ଥ୍ୟ ସମସ୍ୟା ବେଶ୍ ଦୃଶ୍ୟମାନ, ଯାହା ସମ୍ବେଦନଶୀଳ ଲୋକଙ୍କ ମଧ୍ୟରେ ଶ୍ୱାସ ରୋଗର ହାର ବୃଦ୍ଧି ଏବଂ ଜୀବନର ଗୁଣବତ୍ତାକୁ ହ୍ରାସ କରିଛି। ଏହି ସଙ୍କଟକୁ ଠିକ୍ କରିବା ପାଇଁ ପ୍ରତୀକାତ୍ମକ ପଦକ୍ଷେପ ଛାଡ଼ି ବ୍ୟବସ୍ଥାଗତ ବହୁମୁଖୀ ଯୋଜନା ଆପଣେଇବାକୁ ପଡ଼ିବ। ବୃକ୍ଷରୋପଣ ଭଳି ମହତ ପ୍ରୟାସର ଆବଶ୍ୟକତାକୁ ଶକ୍ତି, ଶିଳ୍ପ, ପରିବହନ ଓ ସହରାଞ୍ଚଳ ଯୋଜନା ଭଳି କ୍ଷେତ୍ରରେ ବ୍ୟବସ୍ଥାଗତ ସୁଧାର ସହ ପରିପୂରକ କରାଯିବା ଆବଶ୍ୟକ। ଏଠି କହି ରଖିବା ଉଚିତ ହେବ ଯେ ବୃକ୍ଷରୋପଣ କାର୍ଯ୍ୟକ୍ରମ ବାୟୁମଣ୍ଡଳର ଗୁଣବତ୍ତା ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ସୁଧାର ଆଣିପାରିବ ନାହିଁ। ବରଂ ଯୋଜନାବଦ୍ଧ ଭାବରେ ହୋଇ ନଥିବା ବୃକ୍ଷରୋପଣ, ଘନ ଜନବସତି ପୂର୍ଣ୍ଣ ତଥା ନିମ୍ନ ବାତାୟନଯୁକ୍ତ ସହରାଞ୍ଚଳରେ ପ୍ରଦୂଷକ କଣିକା ସମୂହକୁ ବାନ୍ଧି ରଖିବାରେ ସକ୍ଷମ ଥିବାରୁ ଅନେକ ସମୟରେ ସେହିସବୁ ଅଞ୍ଚଳର ବାୟୁମଣ୍ଡଳୀୟ ଗୁଣବତ୍ତା ହ୍ରାସ ପାଇଥାଏ। ଏଥିପାଇଁ, ଯୋଜନାବଦ୍ଧ ବୃକ୍ଷରୋପଣ ସହ କୋଇଲା-ଆଧାରିତ ଶକ୍ତି ଉତ୍ପାଦନରୁ ଦୂରେଇ ଯାଇ ତାପଜ ବିଦ୍ୟୁତ କେନ୍ଦ୍ରଗୁଡିକରେ ଆଧୁନିକ ନିର୍ଗମନ ନିୟନ୍ତ୍ରଣ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ସହ ଶୁଦ୍ଧ ଉର୍ଜାର ଅନୁଗମନ କରିବା ଜରୁରୀ। ସଡ଼କ ପରିବହନରୁ ହେଉଥିବା ନିର୍ଗମନକୁ କମେଇବା ପାଇଁ ବିଏସ-୬ ଯାନ ମାନଦଣ୍ଡର କଠୋର ପାଳନ, ସର୍ବସାଧାରଣ ପରିବହନରେ ନିବେଶ ଏବଂ ବିଦ୍ୟୁତ ଚାଳିତ ଯାନ-ଚାଳନା ପାଇଁ ପ୍ରୋତ୍ସାହନ ଅତ୍ୟନ୍ତ ଜରୁରୀ। ଏହାସହ ଧୂଳି-ଧୂଆଁ ନିୟନ୍ତ୍ରଣ ପଦକ୍ଷେପ, ଯନ୍ତ୍ରଚାଳିତ ରାସ୍ତା ସଫେଇ ଏବଂ ନିର୍ମାଣ ନିୟମାବଳୀର କଠୋର ପାଳନ ସହରାଞ୍ଚଳର ପ୍ରଦୂଷିତ କଣିକା ସ୍ତରକୁ କମାଇପାରିବ। ବାୟୁ ପ୍ରଦୂଷଣ କେବଳ ଏକ ପରିବେଶୀୟ ଆହ୍ୱାନ ନୁହେଁ, ବରଂ ସାର୍ବଜନୀନ ସ୍ୱାସ୍ଥ୍ୟ ପାଇଁ ଏକ ଜରୁରୀ ପରିସ୍ଥିତିରେ ପରିଣତ ହୋଇଛି ବୋଲି ଏକ୍ୟୁଏଲଆଇ ୨୦୨୫ ରିପୋର୍ଟ ଚେତାବନୀ ଦେଉଛି।

ପଦ୍ମପୁର (ଆନନ୍ଦପୁର), କେନ୍ଦୁଝର
ମୋ: ୯୪୩୭୦୨୨୬୬୯

## ଏଇ ଭାରତରେ

ଭାରତର ଗ୍ରାମାଞ୍ଚଳର ବହୁ ମେଡିକାଲରେ ଏବେ ମଧ୍ୟ ଆଇସିୟୁର ଅଭାବ ରହିଛି। ଫଳରେ ଗ୍ରାମାଞ୍ଚଳ ଲୋକମାନେ ଉନ୍ନତ ଚିକିତ୍ସା ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଆବଶ୍ୟକ ସ୍ଥଳେ ଆଇସିୟୁ ଥିବା ସହରର ବଡ଼ ହସ୍ପିଟାଲକୁ ଆସି ରୋଗୀମାନେ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଏଭଳି ସମସ୍ୟା ଦୂର କରିବା ପାଇଁ ପଦକ୍ଷେପ ନେଇଛନ୍ତି ଡା. ଦିଲୀପ ରମଣ ଏବଂ ଡା. ଧ୍ରୁବ ଯୋଶୀ । ସେମାନେ ଭାରତର ଗ୍ରାମୀଣ ହସ୍ପିଟାଲଗୁଡ଼ିକୁ ଆଇସିୟୁ ସେବା ଯୋଗାଇ ଦେଉଛନ୍ତି। ଆମେରିକାର କ୍ଲିଭେଲାଣ୍ଡ କ୍ଲିନିକ୍‌ର କ୍ରିଟିକାଲ କେୟାରରେ କାର୍ଯ୍ୟ କରୁଥିଲେ ଡା. ଯୋଶୀ ଓ ଡା. ରମଣ। ପରେ ସେମାନେ ଭାରତ ଫେରି 'ଟେଲି ଆଇସିୟୁ ପ୍ଲାଟଫର୍ମ' ଗଠନ କରି ତା' ମାଧ୍ୟମରେ ଏବେ ସୁଦ୍ଧା ୧୭ଟି ରାଜ୍ୟରେ କମ୍ ସମ୍ବଳ ଥିବା ଗ୍ରାମୀଣ ଡାକ୍ତରଖାନାଗୁଡ଼ିକରେ ୪୦,୦୦୦ ରୋଗୀଙ୍କୁ ଚିକିତ୍ସା ଯୋଗାଇ ଦେଇସାରିଲେଣି। ପ୍ଲାଟଫର୍ମର କମାଣ୍ଡ ସେଣ୍ଟର, ଯାହାକୁ କୁହାଯାଉଛି ରାଡାର, ତା' ସହ ଅଂଶୀଦାର ହସ୍ପିଟାଲଗୁଡ଼ିକର ଆଇସିୟୁ ସହ ସଂଯୋଗ କରାଯାଇ ଏକ ପ୍ରଶିକ୍ଷଣପ୍ରାପ୍ତ ଡାକ୍ତରୀ ଟିମ୍ ଦ୍ୱାରା ସଞ୍ଚାଳନ କରାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

**୭ ଡିସେମ୍ବର ୧୯୭୬**

- ଜାପାନୀ ପାର୍ଲାମେଣ୍ଟର ତଳ ଗୃହ (ଡାଏଟ୍) ପାଇଁ ହୋଇଥିବା ନିର୍ବାଚନରେ ପ୍ରଧାନମନ୍ତ୍ରୀ ମିକିଙ୍କ ଶାସନ କ୍ଷମତାସୀନ ଲିବରାଲ ଡେମୋକ୍ରାଟିକ ପାର୍ଟିର ବିପର୍ଯ୍ୟୟ।
- ପାର୍ଲାମେଣ୍ଟର ଉଭୟଗୃହରେ ଗୃହୀତ ହୋଇସାରିଥିବା ୪୪ତମ ସମ୍ବିଧାନ ସଂଶୋଧନ ବିଲ୍ ଓଡ଼ିଶା ଓ ସିକିମ୍ ବିଧାନସଭାରେ ଅନୁମୋଦିତ।
- ବିଶିଷ୍ଟ ଶିକ୍ଷାବିତ୍ ଓ ଗ୍ରନ୍ଥାକାର ଅଧ୍ୟାପକ ମଣିମୋହନ ସେନ୍‌ଙ୍କ ୯୨ ବର୍ଷ ବୟସରେ ପରଲୋକ।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | | 7 | | 8 | | |
| | 4 | | | | | | 6 | |
| | | | 2 | | | | 9 | |
| 3 | | | | | 6 | | | 7 |
| | | | | 5 | 4 | | | |
| | 2 | | | | 3 | | | 8 |
| | | 4 | | | | 2 | | |
| | 9 | | | 1 | 5 | | | |
| 8 | | 5 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 9 | 3 | 5 | 8 | 2 | 1 | 7 |
| 5 | 3 | 2 | 7 | 9 | 1 | 8 | 4 | 6 |
| 8 | 7 | 1 | 4 | 2 | 6 | 9 | 3 | 5 |
| 1 | 4 | 8 | 9 | 7 | 2 | 5 | 6 | 3 |
| 9 | 2 | 6 | 5 | 1 | 3 | 4 | 7 | 8 |
| 7 | 5 | 3 | 6 | 8 | 4 | 1 | 2 | 9 |
| 2 | 1 | 7 | 8 | 6 | 9 | 3 | 5 | 4 |
| 3 | 9 | 5 | 1 | 4 | 7 | 6 | 8 | 2 |
| 6 | 8 | 4 | 2 | 3 | 5 | 7 | 9 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶାଳପତ୍ର ବାସନକୁ ଗୁରୁତ୍ୱ ଦିଆଯାଉ

ମହାଶୟ,

ଭୋଜିଭାତରେ ଯେଉଁ ଖାଇବା ପ୍ଲେଟ୍ ବା ବାସନରେ ଖାଦ୍ୟ ପରସା ଯାଉଛି ତାହା ଅତ୍ୟନ୍ତ ନିମ୍ନମାନର । ବର୍ଜ୍ୟବସ୍ତୁକୁ ରୂପାନ୍ତର କରି ଏହି ପ୍ଲେଟ୍‌ମାନ ପ୍ରସ୍ତୁତ କରାଯାଉଛି। ଯଦ୍ୱାରା ସେସବୁ ବାସନରେ ଖାଦ୍ୟ ଖାଇଲା ବେଳେ ଗୋଟେ ପ୍ରକାର ଦୁର୍ଗନ୍ଧ ବାହାରୁଛି। ଯାହାକି ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ହାନିକାରକ। ପ୍ଲେଟ୍‌ର ଉପରେ ମଧ୍ୟ ପ୍ଲାଷ୍ଟିକ୍ ଜରି ବ୍ୟବହାର କରାଯାଉଛି, ଯାହାକି ଅତ୍ୟନ୍ତ ହାନିକାରକ ବସ୍ତୁ। ସେସବୁ ବନ୍ଦ କରାଯାଇ ଶାଳପତ୍ର ତିଆରି ପ୍ଲେଟକୁ ଗୁରୁତ୍ୱ ଦିଆଯାଉ। ଶାଳପତ୍ର ପ୍ଲେଟ ସମ୍ପୂର୍ଣ୍ଣ ପ୍ରାକୃତିକ। ଆଗରୁ ମଧ୍ୟ ଏହିସବୁ ବ୍ୟବହାର କରାଯାଉଥିଲା। ଏହି ବାସନ ବ୍ୟବହାର ହେବା ଦ୍ୱାରା ବହୁ ଲୋକେ ଉପକୃତ ହେବା ସଙ୍ଗେ ସଙ୍ଗେ ରୋଜଗାରକ୍ଷମ ହୋଇପାରିବେ। ଏହାର ବ୍ୟବହାର ସ୍ୱାସ୍ଥ୍ୟ ପକ୍ଷେ ହିତକର। ସରକାର ଏ ଦିଗରେ ଦୃଷ୍ଟିଦିଅନ୍ତୁ।

**– ପୁଷ୍ପା ମହାନ୍ତି, ସାଇବିହାର, ଭୁବନେଶ୍ୱର**

## ଚିରନ୍ତନୀ

ଅଧର ଶୋଭାର ଜଗତେ କାହିଁଛି ମୂଳ
ସବୁ କବିତାର ଛନ୍ଦ ତହିଁରେ ଠୁଳ !
ପାଦରେ ଫୁଟାଇ ପୀରତିର ପାରିଜାତ
କେଉଁ ସ୍ୱର୍ଗର ନର୍ତ୍ତକୀ କହ ତୁଲୋ !
–(ରୂପର ମୋହ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


### ଉତ୍କଳ ବିଶ୍ୱବିଦ୍ୟାଳୟ ଆନ୍ତଃକଲେଜ କରାଟେ

# ରିତେଶ, ଦିବ୍ୟଙ୍କୁ ସ୍ୱର୍ଣ୍ଣ ପଦକ




**ଭୁବନେଶ୍ୱର, ୬।୧୨ (ତପନ ସ୍ୱାଇଁ)**

ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ଆନ୍ତଃକଲେଜ କରାଟେ ଓ ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ଏକାମ୍ର କଲେଜର ରିତେଶ ମହାନ୍ତି ଓ ଦିବ୍ୟ ପ୍ରସାଦ ନାୟକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। କରାଟେ ପୁରୁଷ ୫୫ କେଜି ବର୍ଗରେ ରିତେଶ ଓ ୮୪ କେଜିରୁ ଊର୍ଦ୍ଧ୍ୱ ବର୍ଗରେ ଦିବ୍ୟ ପ୍ରଥମ ସ୍ଥାନ ହାସଲ କରିଥିଲେ। ଦୁଇ କରାଟେକାଙ୍କ ଏହି ସଫଳତା ପାଇଁ ଏକାମ୍ର କଲେଜର ଅଧ୍ୟକ୍ଷା ରାଜଶ୍ରୀ ମହାନ୍ତି ଅଭିନନ୍ଦନ ଜଣାଇଛନ୍ତି। ଏହି ପ୍ରତିଯୋଗିତା ଉତ୍କଳ କରାଟେ ସ୍କୁଲରେ ଶନିବାର ଆୟୋଜିତ ହୋଇଥିଲା। ମନୋଜ କୁମାର ମହାପାତ୍ର ଏକାମ୍ର ଦଳର ମ୍ୟାନେଜର ଥିଲେ।


### ସୟଦ ମୁସ୍ତାକ ଅଲୀ ଟି୨୦

# ଓଡ଼ିଶାର କ୍ରମାଗତ ତୃତୀୟ ବିଜୟ

**ଭୁବନେଶ୍ୱର, ୬।୧୨ (ତପନ ସ୍ୱାଇଁ)**

ଲକ୍ଷ୍ନୌରେ ଚାଲିଥିବା ସୟଦ ମୁସ୍ତାକ ଅଲୀ ଟ୍ରଫି ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା କ୍ରମାଗତ ତୃତୀୟ ବିଜୟ ହାସଲ କରିଛି। ପ୍ରଥମ ୩ ମ୍ୟାଚରେ କେରଳ, ଆନ୍ଧ୍ର ପ୍ରଦେଶ ଓ ବିଦର୍ଭଠାରୁ ହାରିଥିବା ଓଡ଼ିଶା ପରବର୍ତ୍ତୀ ୨ ମ୍ୟାଚରେ ଛତିଶଗଡ଼ ଓ ରେଲୱେ ଏବଂ ଶନିବାର ଆସାମକୁ ୭୩ ରନରେ ହରାଇ ସଫଳ ପ୍ରତ୍ୟାବର୍ତ୍ତନ କରିଛି। ୬ ମ୍ୟାଚରୁ ୧୨ ପଏଣ୍ଟ ସହ ଓଡ଼ିଶା ଏଲିଟ ଗ୍ରୁପ୍ 'ଏ' ଟେବୁଲର ୪ର୍ଥ ସ୍ଥାନକୁ ଉନ୍ନୀତ ହୋଇଛି। ଓଡ଼ିଶା ୨୦ ଓଭରରେ ୪ ଉଇକେଟ ହରାଇ ୧୭୧ ରନ କରିଥିବାବେଳେ ଆସାମ ୧୬ ଓଭରରେ ମାତ୍ର୯୮ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ଲାଗି ଆଶୀର୍ବାଦ ସ୍ୱାଇଁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାଚ ରେଫରି ପଙ୍କଜ ଧର୍ମାନୀ ଆଶୀର୍ବାଦଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅନିଲ ପରିଡ଼ା ଏହି ମ୍ୟାଚରେ ଟି୨୦ ଡେବ୍ୟୁ କରିଥିଲେ। ଓଡ଼ିଶା ଦଳର ମ୍ୟାନେଜର ଅଜିତ ପାତ୍ର ତାଙ୍କୁ ଓଡ଼ିଶା ଦଳର କ୍ୟାପ୍ ପ୍ରଦାନ କରିଥିଲେ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ଟପ୍ ଅର୍ଡରର ୪ ଖେଳାଳି ଭଲ ଆରମ୍ଭ କରିଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଫଳରେ ୭୪ ରନ ମଧ୍ୟରେ ଦଳ ୪ ଉଇକେଟ ହରାଇଥିଲା। ତେବେ ଅଧିନାୟକ ବିପ୍ଳବ ସାମନ୍ତରାୟ ୪୩ (୩୨ ବଲ, ୩ ଚୌକା, ୨ ଛକା) ଓ ଆଶୀର୍ବାଦ ସ୍ୱାଇଁ ୫୧ (୨୮ ବଲ୍, ୨ ଚୌକା, ୨ ଛକା) ରନରେ ଅପରାଜିତ ରହି ଦଳକୁ ଏକ ଚ୍ୟାଲେଞ୍ଜିଂ ସ୍କୋରରେ ପହଞ୍ଚାଇ ଦେଇଥିଲେ। ଘରୋଇ ଟି୨୦ରେ ଆଶୀର୍ବାଦଙ୍କର ଏହାଥିଲା ପ୍ରଥମ ଅର୍ଦ୍ଧଶତକ। ଅସମାପ୍ତ ୫ମ ଉଇକେଟରେ ଦୁହେଁ ୯୬ ରନର ଭାଗୀଦାରି ଗଢ଼ିଥିଲେ। ଆସାମ ପକ୍ଷରୁ ଅବଦୁଲ ଅଜିଜ କୁରେଶି ୨ଟି ଏବଂ ଆୟୁଷ୍ମାନ ମଲକର ଓ ଅଭିନବ ଚୌଧୁରୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୭୨ ରନ ବିଜୟ ଲକ୍ଷ୍ୟ ଥିବାବେଳେ ଆସାମ ବ୍ୟାଟରମାନେ ଓଡ଼ିଶା ବୋଲରଙ୍କୁ ମୁକାବିଲାରେ ସମ୍ପୂର୍ଣ୍ଣ ବିଫଳ ରହିଥିଲେ। ସୁମିତ ଘଦିଗାଓଁକର ସର୍ବାଧିକ ୪୩ ରନ କରିଥିଲେ ହେଁ ୯ ଖେଳାଳି ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ବିପ୍ଳବ ୩ଟି ଏବଂ ରାଜେଶ ମହାନ୍ତି, ସୌମ୍ୟ ଲେଙ୍କା, ସର୍ବେଶ୍ୱର ମହାନ୍ତି, ବାଦଲ ବିଶ୍ୱାଳ ଓ ପ୍ରୟାସ ସିଂ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଓଡ଼ିଶା ଏହାର ଶେଷ ଲିଗ୍ ମ୍ୟାଚ ୮ ତାରିଖରେ ମୁମ୍ବାଇ ବିପକ୍ଷରେ ଖେଳିବ।




ଆଶୀର୍ବାଦ ସ୍ୱାଇଁଙ୍କୁ ମ୍ୟାଚ ରେଫରି ପୁରସ୍କୃତ କରୁଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ୨୦ ଓଭରରେ ୧୭୧/୪ (ଆଶୀର୍ବାଦ ସ୍ୱାଇଁ-୫୧*, ବିପ୍ଳବ ସାମନ୍ତରାୟ-୪୩, ଅବଦୁଲ ଅଜିଜ କୁରେଶି-୨/୨୭, ଆୟୁଷ୍ମାନ ମଲକର-୧/୨୬, ଅଭିନବ ଚୌଧୁରୀ-୧/୧୮)। ଆସାମ ୧୬ ଓଭରରେ ୯୮/ଅଲ୍‌ଆଉଟ (ସୁମିତ ଘଦିଗାଓଁକର-୪୩, ବିପ୍ଳବ ସାମନ୍ତରାୟ-୩/୨, ରାଜେଶ ମହାନ୍ତି-୧/୧୦, ସୌମ୍ୟ ଲେଙ୍କା-୧/୨୪, ସର୍ବେଶ୍ୱର ମହାନ୍ତି-୧/୧୩, ବାଦଲ ବିଶ୍ୱାଳ-୧/୨୮, ପ୍ରୟାସ ସିଂ-୧/୨୧)।


# Classified Everyday
**0674-2580101, 9692975378**



MATRIMONIAL

**BRIDE WANTED**

ଝିଅ ଆବଶ୍ୟକ: ଚାକିରି କରିଥିବା ବ୍ରାହ୍ମଣ ପୁଅ, ବୟସ- ୪୭ ବର୍ଷ, ଦ୍ୱିତୀୟ ବିବାହ ପାଇଁ ଯେ କୌଣସି ଜାତିର ଝିଅ ଆବଶ୍ୟକ। ଯୋଗାଯୋଗ: 9937371168. D-2713

**Bride required for a 64-year-old Khandayat, retired, divorced defence officer. Please send details to 7383974671.** D-2734

**GROOM WANTED**

Good Looking Bania girl 1997, 5'3", MBA, Bank PO. 9853366347. D-2775

Proposals invited from Bank officers State/ Central Govt./ psu Engineers for an Asst. manager (SBI) Brahmin bride, 27 years, 5'7". Contact No.- 8280857693. D-2776



REAL ESTATE

**SALE**

READY TO MOVE 3BHK DUPLEX BUNGALOW AT BOTANDA, SUNDARAPADA, BHUBANESWAR RANGING Rs 1.25CR. CONTACT: 9040521173/ 9861125539. D-76083

Retanga Railway Station ପାଖରେ 46000 Sqft. Yellowzone Gharabari Plot Sale ହେବ। Contact: 9778928492. D-74735

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500Sqft. ପ୍ଲଟ୍ 6,75,000ରେ ବିକ୍ରିହେବ। 9776974912. D-14

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

ONE COMMERCIAL cm, RESIDENTIAL PLOT 2400 Sqft., NH-316 ROAD SIDE, 10 km from Phulanakhara, 15 Km from Bhubaneswar. COST 55 LAKHS, in place of 65 lakhs. Pl. contact me immediately who can purchase within 15 days. 7809525452. D-220




The massage felt totally professional! & comfortable at all times-7978109255. D-221

All types of physiotherapy with massage, Contact number 9556924059/ 7656969134. D-2766

**AFFIDAVIT**

ମୁଁ ଭାଗେଶ୍ୱରୀ ସାହୁ ଶ୍ରୀ ଥାନୁରାମ ସାହୁଙ୍କ ଝିଅ, ବାସସ୍ଥାନ- 3, ନୂଆପଡା, ସାଲେଭଟା, ନାଓ୍ୱାପାରା, ଟାନଓ୍ୱାଟ ନୂଆପଡା, ଓଡ଼ିଶା- 733105 ବର୍ତ୍ତମାନ ଦିଲ୍ଲୀରେ ରହୁଛି। ମୋର ସମସ୍ତ କାଗଜପତ୍ର ପାଇଁ ଭବିଷ୍ୟତରେ ମୋର ନାମ ଭାଗ୍ୟଶ୍ରୀ ସାହୁ ରଖିବି। D-2775

By virtue of an affidavit sworn before the Executive Magistrate, Birmaharajpur, date 24.11.2025, I, Srikara Padhan, S/o. Sarjan Padhan, R/o. Village-Barghat, P.O.- Khandhata, P.S.- Subalaya, Dist.- Subarnapur declare that I have changed my name from Shrikar Padhan to Srikara Padhan and DOB from 15.04.2005 to 20.01.2005. Henceforth, I shall be known as Srikara Padhan, DOB- 20.01.2005 for all purposes.
Srikara Padhan
D-2771

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate, Balangir, dated 03.12.2025, I, Praveen Kumar, Address- At: Gandhinagarpada, P.O./P.S./Dist.- Balangir, (Odisha) declare that I have changed my name from Praveen Kumar Singh to Praveen Kumar. Henceforth, I shall be known as Praveen Kumar for all purposes.
Praveen Kumar
D-2772

By virtue of an affidavit sworn before Executive Magistrate, Bhuban, dated- 18.07.2018, I, Mandir Pradhan, Vill.- Murdanga, P.O.- Mahulpal, P.S.- Bhuban, Dist.- Dhenkanal, Odisha declare that my correct name is Mandir Pradhan mentioned in my Aadhaar, but in Govt. voter list my name is wrongly reflected as Manorama Pradhan instead of Mandir Pradhan. So both Manorama Pradhan and Mandir Pradhan is one and same person. D-2773

By virtue of an affidavit sworn before the Executive Magistrate, Boudh, No.1644, Dtd. 04.12.25, I Sunil Behera, R/o. Village- Kamapadar, P.O.- Tilipanga, P.S./ Dist.- Boudh, (Odisha), PIN- 762015 declare that I have changed my name from Peter Behera to Sunil Behera. Henceforth, I shall be known as Sunil Behera for all purposes.
Sunil Behera
D-2774

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## ମାନେ ପଡ଼ନ୍ତି

ଊନବିଂଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ବିନମ୍ର ଶ୍ରଦ୍ଧାଞ୍ଜଳି



ଂ ଆଶାଲତା ମିଶ୍ର
୯୧- ବାପୁଜୀନଗର, ଭୁବନେଶ୍ୱର
ତିରୋଧାନ: ୦୭।୧୨।୨୦୦୬
ପୁଷମାସ କୃଷ୍ଣପକ୍ଷ ତୃତୀୟା
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ବିନମ୍ର ଶ୍ରଦ୍ଧାଞ୍ଜଳି
ସହ ମିଶ୍ର ପରିବାର ଏବଂ ଆତ୍ମୀୟସ୍ୱଜନ।

ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ଂନିର୍ମଳ ଚନ୍ଦ୍ର ଷଡ଼ଙ୍ଗୀ
ବିଶିଷ୍ଟ: ସମାଜ ସେବୀ
ଆବିର୍ଭାବ: ୦୬/୦୭/୧୯୭୧ ତିରୋଧାନ: ୨୬/୧୧/୨୦୨୫
ବନମାଳୀପୁର ଶାସନ, ତୁଳାମାଳ, ଜିଲ୍ଲା- ପୁରୀ
ଆପଣଙ୍କ ସ୍ନେହ, ସରଳତା, ସଚ୍ଚୋଟତା ଓ ନିସ୍ୱାର୍ଥ ମଣିଷପଣିଆଁ ଆମମାନଙ୍କ ପାଇଁ ଚିରନ୍ତନ ସ୍ମୃତି ଓ ପଥ ପ୍ରଦର୍ଶକ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ସାନ ଭାଇ-ରାମଚନ୍ଦ୍ର ଷଡ଼ଙ୍ଗୀ, ବନ୍ଧୁ ଓ ପରିବାର ବର୍ଗ

ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଂପ୍ରଫୁଲ୍ଲ କୁମାର ଛୋଟରାୟ
ଦାରୁଠେଙ୍ଗ, ଭୁବନେଶ୍ୱର
ଆବିର୍ଭାବ : ୨୩.୦୫.୧୯୨୩
ତିରୋଧାନ :୧୬.୧୨.୨୦୧୬
ଏହା ଭିତରେ ନଅ ବର୍ଷ ଅତୀତ, ତୁମ ସ୍ମୃତି ଆମପାଇଁ ଜୀବନ୍ତ। ତୁମର ସଚ୍ଚୋଟତା, ଦୃଢ଼ତା, କର୍ତ୍ତବ୍ୟନିଷ୍ଠା, ତ୍ୟାଗ ଓ ଆଦର୍ଶ ଆମ ପାଇଁ ପ୍ରେରଣା ଓ ଶକ୍ତିର ଉତ୍ସ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ବାଲୁଙ୍କେଶ୍ୱରଙ୍କ ପାଦପଦ୍ମ ତଳେ ଭକ୍ତିପୂତ ନିବେଦନ।
ଶୋକସନ୍ତପ୍ତ : ପୁତ୍ର-ମନ୍ମଥ ଛୋଟରାୟ (ମନ), ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ନାତୁଣୀବୋହୂ, ନାତୁଣୀଜ୍ୱାଇଁ, ଅଣନାତି, ଅଣନାତୁଣୀ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ

ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଂବିଦ୍ୟୁଲତା ଛୋଟରାୟ
ଦାରୁଠେଙ୍ଗ, ଭୁବନେଶ୍ୱର
ଆବିର୍ଭାବ : ୧୯.୦୫.୧୯୩୪
ତିରୋଧାନ :୧୪.୧୨.୨୦୧୫
ଏହା ଭିତରେ ୧୦ବର୍ଷ ଅତୀତ, ତୁମ ସ୍ମୃତି ଆମପାଇଁ ଜୀବନ୍ତ। ତୁମ ଦ୍ୱାରା ଲବ୍ଧ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, ଭଲ ପାଇବା ସର୍ବଦା ଆମ ପରିବାର ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥାଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଠାରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ : ପୁତ୍ର-ମନ୍ମଥ ଛୋଟରାୟ (ମନ), ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ନାତୁଣୀବୋହୂ, ନାତୁଣୀଜ୍ୱାଇଁ, ଅଣନାତି, ଅଣନାତୁଣୀ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ

## LEGAL NOTICE

Letter No.- 2083, dtd.- 04.12.25

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪ ଶ୍ରୀ ପ୍ରଦୀପ କୁମାର ନାୟକ, ଭା.ପ୍ର.ସେ., ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ଓ.ଏସ୍.ଏସ୍. କେସ୍ ନମ୍ବର- ୧୧୨୪/୨୦୨୪

(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ଶ୍ରୀମତୀ ସଞ୍ଜୁଲତା ମିଶ୍ର .........ବାଦୀ

ବନାମ

ବନ୍ଦୋବସ୍ତ ଅଧିକାରୀ ଏବଂ ଅନ୍ୟମାନେ .........ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:

ପ୍ରତିବାଦୀ ୩. ନବଘନ ସତପଥୀ, ପିତା- ପରକ୍ଷିତ ସତପଥୀ, ଠିକଣା- ତୁରିନତାରା, ଥାନା- ବାଲିପାଟଣା, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୨୧୦୧, ୬. ଯୋଗୀ ହରିଚନ୍ଦନ, ପିତା- ବୀରବର ହରିଚନ୍ଦନ, ୭. ନାଗା ହରିଚନ୍ଦନ, ପିତା- ନାଥ ହରିଚନ୍ଦନ, ୮.ଝରି ହରିଚନ୍ଦନ, ପିତା- ନାଥ ହରିଚନ୍ଦନ, ୯. ଗୋଲେଖ ହରିଚନ୍ଦନ, ପିତା- ବିସି ହରିଚନ୍ଦନ, ୧୦. ବ୍ରଜ @ ବ୍ରଜବିହାରୀ ହରିଚନ୍ଦନ, ପିତା- କ୍ଷେତ୍ରବାସି ହରିଚନ୍ଦନ, ୧୧. ମହେନ୍ଦ୍ର @ ମହେନ୍ଦ୍ରନାଥ ହରିଚନ୍ଦନ, ପିତା- କୈଳାସ ହରିଚନ୍ଦନ, ୧୨. ଭାସ୍କର ହରିଚନ୍ଦନ, ପିତା- କୈଳାସ ହରିଚନ୍ଦନ, ୧୩. ଦେବରାଜ ହରିଚନ୍ଦନ, ପିତା- ଅଧିକାରୀ ହରିଚନ୍ଦନ, ୧୪. ବିଷ୍ଣୁ ହରିଚନ୍ଦନ, ପିତା- ଅଧିକାରୀ ହରିଚନ୍ଦନ, ୧୫. ନବ ହରିଚନ୍ଦନ, ପିତା- ଅଧିକାରୀ ହରିଚନ୍ଦନ, ୧୬. ରାଜା ହରିଚନ୍ଦନ, ପିତା - ଅଧିକାରୀ ହରିଚନ୍ଦନ, ୧୭. ହାଡ଼ିବନ୍ଧୁ ହରିଚନ୍ଦନ, ପିତା- ଧନୀ ହରିଚନ୍ଦନ, ୧୮. ପଠାଣି ହରିଚନ୍ଦନ, ପିତା- ଅଇଁଠୁ ହରିଚନ୍ଦନ, ୧୯, ସାହାବାନି ହରିଚନ୍ଦନ, ପିତା - ଅଇଁଠୁ ହରିଚନ୍ଦନ, ୨୦. ରତ୍ନାକର ବଳିଆରସିଂହ, ପିତା- ଦୀନବନ୍ଧୁ ବଳିଆରସିଂହ, ୨୧. ନୀଳମଣି ହରିଚନ୍ଦନ, ପିତା- ବିସି ହରିଚନ୍ଦନ, ପ୍ରତିବାଦୀ ୬ରୁ ୨୧ ଗ୍ରାମ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୭୫୪୦୦୫, ୨୨. ଶ୍ରୀଧର ସାହୁ, ପିତା- ଚୈତନ୍ୟ ସାହୁ, ଗ୍ରାମ- ରାବଣ, ଥାନା- ଢୁବୁରି, ଜିଲ୍ଲା- ଯାଜପୁର, ୭୫୫୦୨୬, ୨୩. ଚୌଧୁରୀ ଶ୍ରୀକାନ୍ତ ମିଶ୍ର, ପିତା- ଚୌଧୁରୀ ତ୍ରିଲୋକନାଥ ମିଶ୍ର, ଜେଲ ରାସ୍ତା, ଦରଘା ବଜାର, ଜିଲ୍ଲା- କଟକ, ୭୫୩୦୦୧, ୨୪.ବିଶ୍ୱନାଥ ରାଉତ, ପିତା- ଜୟରାମ ରାଉତ, ପ୍ଲଟ୍ ନମ୍ବର- 60, ସେକ୍ଟର- 5, ନୀଳାଦ୍ରି ବିହାର, ଥାନା- ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ୭୫୧୦୨୧, ୨୫. ଜୀବନ କୁମାର ପାଢ଼ୀ, ପିତା- ମହେନ୍ଦ୍ର ପାଢ଼ୀ, ଗ୍ରାମ- ପ୍ରତାପନଗରୀ, ଥାନା- କଟକ ସଦର, ଜିଲ୍ଲା- କଟକ, ୭୫୩୦୦୧, ୨୬. ଏସ୍.ସୌଭାଗ୍ୟମୟୀ, ପିତା- ସୁରେନ୍ଦ୍ର ସେଠୀ, ଗ୍ରାମ- ବାଲିଆପାଳ, ଥାନା-ମହାକାଳପଡ଼ା, ଜିଲ୍ଲା-କେନ୍ଦ୍ରାପଡ଼ା, ୭୫୪୦୨୬, ୨୮. ଭଗବାନ ପ୍ରଧାନ, ପିତା- ପର୍ସୁ ପ୍ରଧାନ, ଗ୍ରାମ- ଗୁଣ୍ଡିଚାବାଡ଼ି, ଥାନା- ଭଞ୍ଜନଗର, ଜିଲ୍ଲା- ଗଞ୍ଜାମ, ୭୬୧୧୨୬, ୨୯. ରମେଶ ଚନ୍ଦ୍ର ପଲେଇ, ପିତା- ଲକ୍ଷ୍ମୀଧର ପଲେଇ, ଗ୍ରାମ- ନୂଆଗାଁ, ଥାନା- କୁଜଙ୍ଗ, ଜିଲ୍ଲା- ଜଗତ୍‌ସିଂହପୁର, ୭୫୪୧୦୩, ୩୦. ମୀନାକ୍ଷୀ ରାଣୀ ପ୍ରଧାନ, ସ୍ୱାମୀ- କୃଷ୍ଣ ଚନ୍ଦ୍ର ପ୍ରଧାନ, ଗ୍ରାମ- ସୁନାକେରା, ଥାନା- ବାଣପୁର, ଖୋର୍ଦ୍ଧା, ୭୫୨୦୧୪, ୩୪. ବସନ୍ତ କୁମାର ଦାସ, ପିତା- ଉପେନ୍ଦ୍ର କୁମାର ଦାସ, ଗ୍ରାମ- ମୁଶାଦିଆ, ଥାନା- ପାଟକୁରା, କେନ୍ଦ୍ରାପଡ଼ା, ୭୫୪୨୨୮, ୩୫. ବିଜୟ କୁମାର ବେହେରା, ପିତା- କୃଷ୍ଣ ଚନ୍ଦ୍ର ବେହେରା। ଗ୍ରାମ- ନଳପଡ଼ା, ଥାନା- ମହାକାଳପଡ଼ା, କେନ୍ଦ୍ରାପଡ଼ା, ୭୫୪୨୨୪, ୩୭, ଗୋଲେଖ ବିହାରୀ ଦାସ, ପିତା- ଭାଗୀରଥି ଦାସ, ଗ୍ରାମ- ନାନ୍ଦପୁର, ଥାନା- ତିଗିରିଆ, କଟକ, ୭୫୪୦୩୦, ୩୯. ମନୋଜ କୁମାର ଛୁଆଲସିଂହ, ପିତା- ଯୁଧିଷ୍ଠିର ଛୁଆଲସିଂହ, ଗ୍ରାମ- ସାନନୂଆଗାଁ, ଥାନା- ଭୁବନେଶ୍ୱର, ଖୋର୍ଦ୍ଧା, ୪୦. ଅନସୂୟା ସେଠୀ, ସ୍ୱାମୀ- ରଞ୍ଜିତ ସେଠୀ, ଗ୍ରାମ- ବଡହାଟ, ଥାନା- ତିଗିରିଆ, କଟକ, ୭୫୪୦୪୦, ୪୧. ଆମତୁଲ କୟୁମ, ସ୍ୱାମୀ- ଶେଖ ଅବଦୁଲ ୱାସିମ, ଗ୍ରାମ- କରଡ଼ାପଲ୍ଲୀ, ଥାନା- ତିଗିରିଆ, କଟକ, ୭୫୪୦୩୦, ୪୨. ଅରୁନ୍ଧତୀ ସାମଲ, ସ୍ୱାମୀ- ରଘୁନାଥ ସାମଲ, ଗ୍ରାମ- ଗାହାଗା, ଥାନା ନରସିଂହପୁର, କେନ୍ଦ୍ରାପଡ଼ା, ୭୫୪୨୧୯, ବର୍ତ୍ତମାନ ଠିକଣା:- ଘର ନମ୍ବର MIG-2, ୧୮/୪୪, ତୁଳସୀପୁର, କଟକ, ୪୩. ଦେବାଶିଷ ବାରିକ, ପିତା- ଜୟକୃଷ୍ଣ ବାରିକ, ଗ୍ରାମ- ସୂର୍ଯ୍ୟପୁରମ, ଥାନା- ଧାମନଗର, ଜିଲ୍ଲା- ଭଦ୍ରକ, ୭୫୬୧୧୭, ୪୪. ନିରାକାର ସାମଲ, ପିତା- ବୈଦ୍ୟନାଥ ସାମଲ, ଗ୍ରାମ- ନୂଆଶାସନ, ଥାନା- ମଙ୍ଗଳପୁର, ଜିଲ୍ଲା- ଯାଜପୁର, ୭୫୫୦୧୧, ୪୬. ରାଜକିଶୋର ଦାସ, ପିତା- ଅଗାଧୁ ଦାସ, ଗ୍ରାମ- ତରଡାପଡ଼ା, ଥାନା- ନିମାପଡ଼ା, ଜିଲ୍ଲା- ପୁରୀ, ୭୫୨୧୦୬, ୪୯. ପ୍ରିୟଦର୍ଶୀ ପଟ୍ଟନାୟକ, ପିତା- ଶିଶିର ଚନ୍ଦ୍ର ପଟ୍ଟନାୟକ, ଗ୍ରାମ/ଥାନା/ପୋଷ୍ଟ- ରାଇରଙ୍ଗପୁର, ଜିଲ୍ଲା- ମୟୂରଭଞ୍ଜ, ୭୫୭୦୪୩, ୫୦. ପ୍ରତିଦର୍ଶୀ ପଟ୍ଟନାୟକ, ପିତା- ଶିଶିର ଚନ୍ଦ୍ର ପଟ୍ଟନାୟକ, ଗ୍ରାମ/ଥାନା/ପୋଷ୍ଟ- ରାଇରଙ୍ଗପୁର, ଜିଲ୍ଲା- ମୟୂରଭଞ୍ଜ, ୭୫୭୦୪୩, ୫୧. ବସନ୍ତ କୁମାର ମହାନ୍ତି, ପିତା- ଗୋପବନ୍ଧୁ ମହାନ୍ତି, ଗ୍ରାମ- ପୁହାଲ, ଜିଲ୍ଲା- କଟକ, ୫୨. ମନୋରମା ମହାନ୍ତି, ସ୍ୱାମୀ- କୀର୍ତ୍ତନ ସାହୁ, ଗ୍ରାମ- ଘଣ୍ଟାପଡ଼ା, ଥାନା- ନରସିଂହପୁର, ଜିଲ୍ଲା- କଟକ, ୭୫୪୦୩୨, ୫୪. ବିପିନ ବିହାରୀ ମହାନ୍ତି, ପିତା- ଆର୍ତ୍ତବନ୍ଧୁ ମହାନ୍ତି, ଗ୍ରାମ- ଡଗାରସାହି, ଥାନା- ନିମାପଡା, ଜିଲ୍ଲା- ପୁରୀ, ୭୫୨୧୦୬, ୫୬. ବୀରେନ୍ଦ୍ର ଚନ୍ଦ୍ର ପଟ୍ଟନାୟକ, ପିତା- ରାମଚନ୍ଦ୍ର ଦାସପଟ୍ଟନାୟକ, ଗ୍ରାମ- ଯମୁନା, ଥାନା- ବାଡିସାହି, ମୟୂରଭଞ୍ଜ, ବର୍ତ୍ତମାନ ଠିକଣା:- ପ୍ଲଟ୍ ନମ୍ବର ୨, ସାଇ ରୋଡ୍ ଆପାର୍ଟମେଣ୍ଟ, ଶୈଳଶ୍ରୀ ବିହାର, ଥାନା- ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଖୋର୍ଦ୍ଧା, ୫୯. ରବିନ୍ଦ୍ରନାଥ ଜେନା, ପିତା- ଅଗନି ଚନ୍ଦ୍ର ସାହୁ, ଗ୍ରାମ- ତାଳଧାନନ୍ଦ, ଥାନା ବାଲିଆପାଳ, ଜିଲ୍ଲା- ବାଲେଶ୍ୱର, ୭୫୬୦୨୬, ୬୨. ପ୍ରଜ୍ଞାପରମିତା ପଣ୍ଡା, ସ୍ୱାମୀ- କଳ୍ପଜିତ ପଣ୍ଡା, ଗ୍ରାମ- ଶେରଗଡ଼, ଥାନା- ଖଣ୍ଟପଡ଼ା, ଜିଲ୍ଲା- ବାଲେଶ୍ୱର, ୭୫୬୦୪୩, ୬୩. ଶରତ ମହାନ୍ତି, ପିତା- ଦିଗମ୍ବର ମହାନ୍ତି, ଗ୍ରାମ- ମାଲିଞ୍ଚା, ସ୍ଥାନ/ଜିଲ୍ଲା- ଜଗତ୍‌ସିଂହପୁର, ୬୮. ସୂର୍ଯ୍ୟନାରାୟଣ ଦାସ, ପିତା- ଗୌରୀ ଶଙ୍କର, ଘର ନମ୍ବର ୧୪/୫, ୟୁନିଟ-୮, ଡେଲ୍‌ଟା କଲୋନି, ଭୁବନେଶ୍ୱର, ଖୋର୍ଦ୍ଧା, ୭୦. ମଧୁସ୍ମିତା ବେହେରା, ସ୍ୱାମୀ- ମଙ୍ଗରାଜ ବେହେରା, ଗ୍ରାମ- କୁମୁରିସିଂହ, ପୋଷ୍ଟ- ବାଲିସିଂହା, ଜିଲ୍ଲା- ଢେଙ୍କାନାଳ, ୭୫୯୦୩୯, ୭୧. ମନୋରମା ବାରିକ, ସ୍ୱାମୀ- ଦୁର୍ଯ୍ୟୋଧନ ବାରିକ, ଗ୍ରାମ- ମୁକୁନ୍ଦପୁର, ପୋଷ୍ଟ/ଥାନା- ବ୍ରହ୍ମଗିରି, ଜିଲ୍ଲା- ପୁରୀ, ୭୫୨୦୧୧, ୭୩. ପ୍ରମିଳା ବେହେରା, ସ୍ୱାମୀ- ଦେବେନ୍ଦ୍ର ବେହେରା, ଗ୍ରାମ- ଆଇନତାଲାଙ୍ଗା, ଥାନା- ବାଲିପାଟଣା, ଜିଲ୍ଲା- ଖୋର୍ଦ୍ଧା, ୭୪. ପ୍ରଭାତ ନଳିନୀ ପଟ୍ଟନାୟକ, ସ୍ୱାମୀ- ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ଗ୍ରାମ/ପୋଷ୍ଟ/ଥାନା- ଭଞ୍ଜନଗର, ଜିଲ୍ଲା- ଗଞ୍ଜାମ, ୭୫. ପ୍ରତିମା ମହାନ୍ତି, ପିତା- ପ୍ରାଣବନ୍ଧୁ ସାହୁ, ଗ୍ରାମ- କୁଆଲେ, ପୋଷ୍ଟ/ଥାନା- ପର୍ଜଙ୍ଗା, ଜିଲ୍ଲା- ଢେଙ୍କନାଳ, ପିନ୍- ୭୫୯୧୨୦, ୭୭. ପୁଷ୍ପାରେନୁ ଛୁଆଲସିଂହ, ସ୍ୱାମୀ- ଯୋଗେନ୍ଦ୍ର ମଲ୍ଲିକ, ଗ୍ରାମ- ଛାଦେଶ, ଡାକ/ଥାନା/ଜିଲ୍ଲା- କେନ୍ଦ୍ରାପଡା, ୮୦. ବବିନା ମହାନ୍ତି, ସ୍ୱାମୀ- ଗଦାଧର ମହାନ୍ତି, ଗ୍ରାମ- ସୁବଳପୁର, ଥାନା/ଜିଲ୍ଲା- ପୁରୀ, ୮୩. କରୁଣାକର ବିଶ୍ୱାଳ, ପିତା- ମହେଶ୍ୱର ବିଶ୍ୱାଳ, ଗ୍ରାମ- ରଘୁନାଥପୁର, ଥାନା/ଜିଲ୍ଲା- ଜଗତ୍‌ସିଂହପୁର, ୮୬. ବିଷ୍ଣୁପ୍ରିୟା ମହାରଣା, ସ୍ୱାମୀ- ତ୍ରିନାଥ ମହାରଣା, ଗ୍ରାମ- ଦିଲିବା, ଥାନା- ଭଞ୍ଜନଗର, ଜିଲ୍ଲା- ଗଞ୍ଜାମ, ୯୨. ଅଲେଖ ପରିଡ଼ା, ପିତା- ଶଙ୍ଖୁ ଚରଣ ପରିଡ଼ା, ଗ୍ରାମ- ଲେଙ୍ଗୁଡିପଡ଼ା, ଥାନା/ଜିଲ୍ଲା- ନୟାଗଡ଼, ୯୩. ଶ୍ୟାମ ସୁନ୍ଦର ପଟ୍ଟନାୟକ, ପିତା- କାହ୍ନୁ ଚରଣ ପଟ୍ଟନାୟକ, ଗ୍ରାମ- ସାଦେଇପୁର, ଥାନା/ଜିଲ୍ଲା- ଜଗତ୍‌ସିଂହପୁର, ୭୫୪୧୦୩, ୯୫. ବିଶ୍ୱନାଥ ପଟ୍ଟନାୟକ, ପିତା- ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ଗ୍ରାମ- ଭଞ୍ଜନଗର, ଜିଲ୍ଲା- ଗଞ୍ଜାମ, ୭୬୧୧୩୧, ୯୬. ରାଜକିଶୋର ପଣ୍ଡା, ପିତା- ମୁରଲୀଧର ପଣ୍ଡା, ଗ୍ରାମ- ଦାରୋତା, ଥାନା- ଆଠଗଡ଼, ଜିଲ୍ଲା- କଟକ, ୭୫୪୦୨୯, ୯୭. ବାସନ୍ତୀଲତା ସ୍ୱାଇଁ, ସ୍ୱାମୀ- ଅକ୍ରୁରା ସ୍ୱାଇଁ, ଗ୍ରାମ- ଏଣ୍ଡୁରାପାଳ, ଥାନା- ବାଲିଅନ୍ତା, ଜିଲ୍ଲା- ଖୋର୍ଦ୍ଧା, ପିନ- ୭୫୨୧୦୨, ୯୮. ବିଦ୍ୟୁତଲତା ପ୍ରଧାନ, ସ୍ୱାମୀ- ଅକ୍ରୁର ପ୍ରଧାନ, ଗ୍ରାମ- ଏଣ୍ଡୁରାପାଳ, ଥାନା- ବାଲିଅନ୍ତା, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୨୧୦୨, ୯୯. ସୁରେଶ କୁମାର ପ୍ରଧାନ, ପିତା- ସନାତନ ପ୍ରଧାନ, ଗ୍ରାମ- ବିନ୍ଧାନିମା, ଥାନା- ତିଗିରିଆ, ଜିଲ୍ଲା- କଟକ, ପିନ- ୭୫୪୦୩୦, ୧୦୦. ବାଳକୃଷ୍ଣ ହରିଚନ୍ଦନ, ପିତା- କୃପାସିନ୍ଧୁ ହରିଚନ୍ଦନ, ଗ୍ରାମ-ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୪୦୦୫, ୧୦୨. ସର୍ବେଶ୍ୱର ହରିଚନ୍ଦନ, ପିତା- ବାଉରୀବନ୍ଧୁ ହରିଚନ୍ଦନ, ୧୦୦ ଏବଂ ୧୦୨ ଙ୍କ ଠିକଣା ଗ୍ରାମ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ପିନ- ୭୫୪୦୦୫, ୧୦୩. ମେନକା ସିଂହ, ସ୍ୱାମୀ - କୃପାସିନ୍ଧୁ ଚାନ୍ଦ, ଗ୍ରାମ- ଲକ୍ଷ୍ମୀନାରାୟଣପୁର, ଜିଲ୍ଲା- କେନ୍ଦ୍ରାପଡ଼ା, ୧୦୪. ରିତାଞ୍ଜଳି ପଣ୍ଡା, ସ୍ୱାମୀ- ରଙ୍କନିଧି ପଣ୍ଡା, ଗ୍ରାମ- କୁଲାଡ଼ା, ଥାନା- ଭଞ୍ଜନଗର, ଜିଲ୍ଲା- ଗଞ୍ଜାମ, ପିନ୍- ୭୬୧୧୩୧

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ(ମାନେ) ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ବୃତ୍ତାନ୍ତ ପ୍ରକାଶନର ରେକର୍ଡ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା.୧୨।୦୧।୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା - ଚନ୍ଦକା, ମୌଜା- ପଥରଗାଡିଆ

ସାବକ: ଖାତା ନମ୍ବର- ୧୦୫, ପ୍ଲଟ୍ ନମ୍ବର- ୫୮୯, କିସମ- ବଗାୟତ ଦୁଇ, ରକବା- ମୋଟ ଏ.୫.୮୯୦ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍, ହାଲ୍: ଖାତା ନମ୍ବର- ୧୫୫୭, ପ୍ଲଟ୍ ନମ୍ବର- ୨୮୯୪, କିସମ- ପତିତ, ରକବା- ମୋଟ ଏ.୦.୬୦୦ ଡେସିମିଲରୁ ଏ.୦.୦୭୨ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା- କୋର୍ଟ ଅଫିସର




# ଓଡ଼ିଶାର ତନ୍‌ଭୀଙ୍କୁ ଦ୍ୱିମୁକୁଟ



ପୁରସ୍କାର ସହ କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

## ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ

## ଡବଲ୍ସରେ ସ୍ୱାତୀ-ନିମିଶା ରନରଅପ୍

**ଭୁବନେଶ୍ୱର, ୬।୧୨ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମସ୍ଥିତ ଡାଲମିଆ ଭାରତ ଗୋପୀଚାନ୍ଦ ବ୍ୟାଡ୍‌ମିଣ୍ଟନ ଉତ୍କର୍ଷ କେନ୍ଦ୍ର (ସଟଲ)ରେ ୩୭ତମ ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଶନିବାର ଉଦ୍‌ଯାପିତ ହୋଇଛି। ଏହି ପ୍ରତିଯୋଗିତାର ଉଭୟ ୧୫ ଓ ୧୭ ବର୍ଷରୁ କମ ବାଳିକା ସିଙ୍ଗଲ୍ସରେ ଚାମ୍ପିୟନ ହୋଇ ଦ୍ୱିମୁକୁଟ ହାସଲ କରିଛନ୍ତି ଓଡ଼ିଶାର ତନ୍‌ଭୀ ପତ୍ରୀ। ସେ ୧୫ବର୍ଷରୁ କମ୍ ବର୍ଗ ଫାଇନାଲରେ ତେଲଙ୍ଗାନାର ଅବନୀ ବିକ୍ରମ ଗୋବିନ୍ଦଙ୍କୁ ୨୧-୯ ଓ ୨୧-୧୩ ପଏଣ୍ଟରେ ହରାଇଛନ୍ତି। ସେହିପରି ୧୭ ବର୍ଷରୁ କମ ବାଳିକା ବର୍ଗ ଫାଇନାଲରେ ତନ୍‌ଭୀ ତାମିଲନାଡୁର ଦୀକ୍ଷା ଏସ. ଆର୍‌ଙ୍କୁ ୨୦-୨୧, ୨୧-୧୭ ଓ ୨୨-୨୦ ପଏଣ୍ଟରେ ପରାସ୍ତ କରିଛନ୍ତି। ବାଳକ ୧୫ ବର୍ଷରୁ କମ୍ ବିଭାଗ ଫାଇନାଲରେ କର୍ଣ୍ଣାଟକର ପୁଷ୍କର ଦିଲ୍ଲୀର ହର୍ଷିତ କ୍ଷତ୍ରୀଙ୍କୁ ୨୧-୧୭, ୨୧-୧୨ରେ ହରାଇ ଟାଇଟଲ ହାସଲ କରିଛନ୍ତି। ୧୫ବର୍ଷରୁ କମ୍ ବାଳିକା ଡବଲ୍ସ ଫାଇନାଲ୍‌ରେ ଓଡ଼ିଶା ଯୋଡ଼ି ସ୍ୱାତୀ ନାୟକ ଓ ନିମିଶା ଓଝା ମହାରାଷ୍ଟ୍ର ଯୋଡ଼ି ସରାୟୁ ରଞ୍ଜନେ ଓ ସୋୟାରା ସେଲାରଙ୍କଠାରୁ ୧୫-୨୧,୧୪-୨୧ରେ ହାରି ରନରଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି। ୧୭ ବର୍ଷ କମ୍ ବାଳକ ସିଙ୍ଗଲ୍ସରେ ଟପ୍ ସିଡ୍ ଜଗସେର ସିଂ ଖାଙ୍ଗୁରା ନିଜ ରାଜ୍ୟର ବିରାଜ ଶର୍ମାଙ୍କୁ ୨୧-୧୨,୨୧-୧୩ରେ ହରାଇ ଚାମ୍ପିୟନ ହୋଇଛନ୍ତି । ୧୫ ବର୍ଷରୁ କମ୍ ବାଳକ ଡବଲ୍ସ ଫାଇନାଲରେ ପଶ୍ଚିମବଙ୍ଗ-ଉତ୍ତରାଖଣ୍ଡ ଯୋଡ଼ି ସ୍ୱୟଂଦ୍ୟୁତି ଘୋଷ ଓ ସୌର୍ଯ୍ୟ ସିଂ ରଣା ହରିୟାଣା-ଦିଲ୍ଲୀ ଯୋଡ଼ି ଜୟବର୍ଦ୍ଧନ ହୁଡା ଓ ହର୍ଷିତ କ୍ଷତ୍ରୀଙ୍କୁ ୨୧-୧୮,୧୯-୨୧ ଓ ୨୧-୧୪ରେ ହରାଇ ଟାଇଟଲ ଜିତିଛନ୍ତି। ୧୫ ବର୍ଷରୁ କମ ମିକ୍ସଡ୍ ଡବଲ୍ସ ଫାଇନାଲ୍‌ରେ ତାମିଲନାଡୁ-ଆନ୍ଧ୍ର ଯୋଡି ନିଥିନ ପ୍ରକାଶ ଓ ବିଜୟ ତେଜସ୍ୱିନୀ ପଶ୍ଚିମବଙ୍ଗ-ତାମିଲନାଡୁ ଯୋଡି ସ୍ୱୟଂଦ୍ୟୁତି ଘୋଷ ଓ ନେହା ଏସ୍‌ଙ୍କୁ ୨୧-୧୧,୧୯-୨୧ ଓ ୨୧-୧୩ ପଏଣ୍ଟରେ ପରାସ୍ତ କରିଛନ୍ତି। ୧୭ ବର୍ଷରୁ କମ ମିକ୍ସଡ ଡବଲ୍‌ସ ଫାଇନାଲରେ କର୍ଣ୍ଣାଟକ ଯୋଡି ପୁନିଥ ଏସ୍ ଓ ଦୀପକ ରାଜ ଅଦିତି ରାଜସ୍ଥାନ ତାମିଲନାଡୁ ଯୋଡି ଅର୍ନବ ଶର୍ମା ଓ ଅଞ୍ଜନା ମାଣିକନ୍ଦନଙ୍କୁ ୨୧-୧୬, ୨୧-୧୪ରେ ହରାଇ ଚାମ୍ପିୟନ ହୋଇଛନ୍ତି।

୧୭ ବର୍ଷରୁ କମ୍ ବାଳକ ଡବଲ୍ସ ଫାଇନାଲରେ କର୍ଣ୍ଣାଟକ ଯୋଡି ପବନ ଏସ୍ ଓ ପୁନିଥ ଏସ୍ ଏବଂ ବାଳିକାରେ ଦୀପକ ରାଜ ଅଦିତି ଓ ପୋନ୍ନାମ୍ମା ବି. ଭି. ଭି. ଚାମ୍ପିୟନ ହୋଇଛନ୍ତି । ରାଜ୍ୟ ସରକାରଙ୍କ ଉନ୍ନୟନ ସଚିବ ଅନୁ ଗର୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। କ୍ରୀଡ଼ା ଓ ଯୁବ ସେବା ସଚିବ ସଚିନ ରାମଚନ୍ଦ୍ର ଯାଦବ, ଓସ୍‌ବା ସଭାପତି ରାଜେଶ ପ୍ରଭାକର ପାଟିଲ, ଶିଳ୍ପ ବିଭାଗ ନିର୍ଦ୍ଦେଶକ ଆବୋଲି ସୁନୀଲ ନର୍ବୋଣେ, ବାଇ ଉପସଭାପତି ତଥା ଟୁର୍ନାମେଣ୍ଟ କମିଟି ଅଧ୍ୟକ୍ଷ ଶେଖର ବିଶ୍ୱାସ, ପର୍ଯ୍ୟବେକ୍ଷକ କେ. କେ. ଶର୍ମା, ଓସବା ସମ୍ପାଦକ ତଥା ଆୟୋଜନ କମିଟି ସମ୍ପାଦକ ନିଳିନ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ତନ୍‌ଭୀ ପତ୍ରୀଙ୍କୁ ୫ ଲକ୍ଷ ଓ ନିମିଶା ଓଝା-ସ୍ୱାତି ନାୟକଙ୍କୁ ଅଢ଼େଇ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଓସବା ସଭାପତି ତଥା ସମବାୟ ସଚିବ ରାଜେଶ ପ୍ରଭାକର ପାଟିଲ ଏହି ଅବସରରେ ଘୋଷଣା କରିଥିଲେ।

# ୨୦୨୬ ଫିଫା ବିଶ୍ୱକପ୍ ଲାଗି ଡ୍ର'

**ୱାଶିଂଟନ, ୬।୧୨(ଏପି)**

ଆସନ୍ତା ବର୍ଷ ଆମେରିକା, କାନାଡା ଓ ମେକ୍ସିକୋରେ ହେବାକୁ ଯାଉଥିବା ଫିଫା ବିଶ୍ୱକପ୍ ଲାଗି ଶନିବାର ଡ୍ର' ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ବିଶ୍ୱକପ୍‌ରେ କେଉଁ ଦଳ ଗ୍ରୁପ୍ ପର୍ଯ୍ୟାୟରେ କେବେ କାହାକୁ ଭେଟିବ, ତାହା ସ୍ପଷ୍ଟ ହୋଇଛି। ଆସନ୍ତା ଜୁନ ୧୧ ତାରିଖରୁ ଆରମ୍ଭ ହେବାକୁ ଥିବା ୪୮ ଦେଶ ବିଶିଷ୍ଟ ଏହି ଟୁର୍ନାମେଣ୍ଟରେ ଫାଇନାଲ ସମେତ ୧୦୪ ମ୍ୟାଚ୍ ଖେଳାଯିବ। କେନେଡି ସେଣ୍ଟରଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ମେକ୍ସିକୋର ରାଷ୍ଟ୍ରପତି କ୍ଲାଉଡିଆ ସେଇବାଉମ ଓ କାନାଡାର ପ୍ରଧାନମନ୍ତ୍ରୀ ମାର୍କ କାରନି ଯୋଗ ଦେଇଥିଲେ। ୩ ଥରର ଚାମ୍ପିୟନ ଆର୍ଜେଣ୍ଟିନା ଜୁନ ୧୬ ତାରିଖରେ ଆଲଜେରିଆକୁ ଭେଟିବ। ଟାଇଟଲ ଡିଫେଣ୍ଡିଂ ଲକ୍ଷ୍ୟରେ ଥିବା ଲିଓନେଲ ମେସିଙ୍କ ଆର୍ଜେଣ୍ଟିନା ଗ୍ରୁପ୍-ଜେ'ର ପରବର୍ତ୍ତୀ ଦୁଇ ମ୍ୟାଚ୍‌ରେ ଅଷ୍ଟ୍ରିଆ ଓ ଜୋର୍ଡାନକୁ ଭେଟିବ। ଟୁର୍ନାମେଣ୍ଟ ବେଳେ ୩୯ ବର୍ଷରେ ପାଦ ଦେବାକୁ ଯାଉଥିବା ମେସି ଏଥିରେ ଖେଳିବେ କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ଆୟୋଜକ ଆମେରିକା ଗ୍ରୁପ୍ ଡି'ରେ ସ୍ଥାନ ପାଇଛି ଏବଂ ଏହି ଦଳ ଜୁନ ୧୨ ପାରାଗୁଏକୁ ତା'ର ପ୍ରଥମ ମ୍ୟାଚ୍ ଭେଟିବ। ୧୯୬୬ରେ ଏକମାତ୍ର ବିଶ୍ୱକପ୍ ଜିତିଥିବା ଇଂଲଣ୍ଡ ଗ୍ରୁପ୍-ଏଲ୍‌ରେ କ୍ରୋଏସିଆ, ଘାନା ଓ ପାନାମା ଭଳି ଦଳ ସହିତ ରହିଛି। ସେହିଭଳି ଗ୍ରୁପ୍ ସି'ରେ ପାଞ୍ଚ ଥରର ଚାମ୍ପିୟନ ବ୍ରାଜିଲ, ମରକୋ, ହାଇତି ଓ ସ୍କଟଲାଣ୍ଡ ସ୍ଥାନ ପାଇଥିବାବେଳେ ଟପ୍ ର୍ୟାଙ୍କ ସ୍ପେନ ସହିତ କେପ ଭର୍ଡି, ସାଉଦି ଆରବିଆ, ଉରୁଗୁଏ ଗ୍ରୁପ୍-ଡି'ରେ ସ୍ଥାନ ପାଇଛନ୍ତି।

# ସମୀକ୍ଷା କଲେ ପୋଲିସ ଡିଜି, ଅଗ୍ନିଶମ ଡିଜି


ପୋଲିସ ଅଧିକାରୀମାନେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ୍ କରୁଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

**କଟକ,୬।୧୨(ଶିଳ୍ପା ପ୍ରିୟଦର୍ଶିନୀ)**

- ବାରବାଟୀ ଟି୨୦ ମ୍ୟାଚ୍‌କୁ ଆଉ ମାତ୍ର ୨ ଦିନ
- ତିନିଘଣ୍ଟା ପୂର୍ବରୁ ଆସିବାକୁ ଡିଜିଙ୍କ ପରାମର୍ଶ
- ଖେଳାଳିଙ୍କ କାରକେଡ ରିହର୍ସଲ

ବାରବାଟୀ ଟି୨୦ ମ୍ୟାଚ୍‌କୁ ଆଉ ମାତ୍ର ୨ ଦିନ ବାକି ଥିବାବେଳେ ଏବେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶନିବାର ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ, ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ, ପୋଲିସ କମିଶନର ଏସ୍. ଦେବଦତ୍ତ ସିଂଙ୍କ ସମେତ ବରିଷ୍ଠ ଅଧିକାରୀ ମାନେ ପହଞ୍ଚି ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଛନ୍ତି। ଯେପରି ମ୍ୟାଚ୍ ସମୟରେ କୌଣସି ପ୍ରକାର ତ୍ରୁଟି ପରିଲକ୍ଷିତ ନ ହୁଏ ଏହା ଉପରେ ବିଶେଷ ଭାବେ ଧ୍ୟାନ ଦିଆଯାଇଛି। ବିଶେଷକରି ଦର୍ଶକଙ୍କ ପ୍ରବେଶ ଓ ପ୍ରସ୍ଥାନ ପଥ ତଦାରଖ କରାଯିବା ସହ କିପରି ଶାନ୍ତିଶୃଙ୍ଖଳାର ସହ ମ୍ୟାଚ୍ ଉପଭୋଗ କରିବେ ଏବଂ ପାର୍କିଂ ଓ ଟ୍ରାଫିକ ସୁପରିଚାଳନା, ଷ୍ଟାଡିୟମ ପରିସରରେ ଖେଳାଳି ଓ ଦର୍ଶକଙ୍କ ସୁରକ୍ଷା, ଜନଗହଳି ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଇଛି। ଏହାସହ ଖେଳାଳି ଏବଂ ଦର୍ଶକଙ୍କ ସୁରକ୍ଷା ଦୃଷ୍ଟିକୋଣରୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଡିଜିପି କହିଛନ୍ତି। କ୍ରିଡ଼ାପ୍ରେମୀମାନେ ଏକ ସୁନ୍ଦର ଅନୁଭୂତି ନେଇ ଖେଳ ଉପଭୋଗ କରିବେ ବୋଲି ଡିଜିପି ଆଶାବ୍ୟକ୍ତ କରିଥିଲେ। ଏପରିକି ମ୍ୟାଚ୍ ଆରମ୍ଭ ହେବାର ୩ ରୁ ୪ ଘଣ୍ଟା ପୂର୍ବରୁ ଦର୍ଶକ ଷ୍ଟାଡିୟମ ଆସିବାକୁ ଡିଜିପି ପରାମର୍ଶ ଦେଇଛନ୍ତି। ଅପରପକ୍ଷେ ଅଗ୍ନିଶମ ବିଭାଗ ପକ୍ଷରୁ ଷ୍ଟାଡିୟମର ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ କଡାକଡି ଭାବେ ଯାଞ୍ଚ କରାଯାଇଛି। ଯଦି କୌଣସି ପ୍ରକାର ଅଗ୍ନି ନିରାପତ୍ତା ସଂକ୍ରାନ୍ତୀୟ ଅଘଟଣ ଘଟେ କିପରି ତ୍ୱରିତ ଏହାକୁ ସାମ୍ନା କରାଯାଇ ପାରିବ ଏହା ଉପରେ ଅଗ୍ନିଶମ ଡିଜି ତଦାରଖ କରିଛନ୍ତି। ମ୍ୟାଚ୍ ବେଳେ ପ୍ରତ୍ୟେକ ଷ୍ଟାଣ୍ଡରେ ଅଗ୍ନିନିରାପତ୍ତା ବାହିନୀର କର୍ମଚାରୀ ମୁତୟନ ରହିବେ। ଷ୍ଟାଡିୟମ ବାହାରେ ଅତ୍ୟାଧୁନିକ ଯାନ ରଖାଯାଇ ସୁରକ୍ଷା ବ୍ୟବସ୍ଥା ଉପରେ ନଜର ରଖାଯିବ ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଶନିବାର ବାରବାଟୀ ଷ୍ଟାଡିୟମକୁ ଖେଳାଳିଙ୍କ କାରକେଡ୍ ରିହଲସେଲ କରାଯାଇଥିଲା। ଖେଳାଳି ଓ ସେମାନଙ୍କ ସହଯୋଗୀ ଷ୍ଟାଫ୍ କିପରି ହୋଟେଲରୁ ଆସି ଷ୍ଟାଡିୟମରେ ଅଭ୍ୟାସ କରିବେ ଏବଂ ମ୍ୟାଚ୍ ଖେଳିବେ ଏନେଇ ପ୍ରାକ୍ ପ୍ରସ୍ତୁତି କରାଯାଇଛି। ଖେଳାଳିଙ୍କ ଆସିବା ସମୟରେ ସୁରକ୍ଷା ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଭୁବନେଶ୍ୱରରୁ କଟକ ପର୍ଯ୍ୟନ୍ତ ଖୋଳାଳିଙ୍କ ଗାଡି କିପରି ସୁରକ୍ଷିତ ଭାବେ ଅଣାଯିବ ତାହାର ରିହର୍ସାଲ କରାଯାଇଛି।

# ଆଜି ଆସିବେ ଭାରତ, ଦକ୍ଷିଣ ଆଫ୍ରିକା ଖେଳାଳି

**ଭୁବନେଶ୍ୱର, ୬।୧୨ (ତପନ ସ୍ୱାଇଁ)**

## ବାରବାଟୀ ଟି୨୦

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଦିନିକିଆ କ୍ରିକେଟ ସିରିଜ ଶନିବାର ଶେଷ ହୋଇଛି। ତେଣୁ କ୍ରିକେଟ ପ୍ରେମୀଙ୍କ ନଜର ଏବେ ସ୍ୱତଃ କଟକର ବାରବାଟୀ ଷ୍ଟାଡିୟମ ଉପରେ କେନ୍ଦ୍ରୀଭୂତ ହୋଇଛି। କାରଣ ଏଠାରେ ଅନୁଷ୍ଠିତ ହେବ ଭାରତ-ଦକ୍ଷିଣ ଆଫ୍ରିକା ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜର ପ୍ରଥମ ମ୍ୟାଚ। ଆସନ୍ତା ୯ ତାରିଖରେ ଏହି ମ୍ୟାଚ ଅନୁଷ୍ଠିତ ହେବ। କେବଳ ଟି୨୦ ସେଟ୍‌ଅପ୍‌ରେଥିବା ଦକ୍ଷିଣ ଆଫ୍ରିକାର ୫ ଖେଳାଳି ଇତିମଧ୍ୟରେ ଭୁବନେଶ୍ୱରରେ ପହଞ୍ଚି ସାରିଛନ୍ତି। ଏହି ଫର୍ମାଟ ଖେଳୁଥିବା ଭାରତର କିଛି ଖେଳାଳି ମଧ୍ୟ ଆଗୁଆ ଆସୁଛନ୍ତି। ଉଭୟ ଦଳର ଅବଶିଷ୍ଟ ଖେଳାଳି ରବିବାର ଅପରାହ୍ନ ୩ଟାରୁ ୩ଟା ୩୦ ମଧ୍ୟରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବାପରେ ବସ୍ ଯୋଗେ ଟିମ୍ ହୋଟେଲକୁ ଯିବେ। ଏଥିପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସୋମବାର ଉଭୟ ଦଳ ବାରବାଟୀ ଷ୍ଟାଡିୟମ ଯାଇ ନେଟ୍ସରେ ଅଭ୍ୟାସ କରିବେ।

# ଜାନୁଆରୀ ୧୫ରୁ ପ୍ରୋ ରେସ୍‌ଲିଂ ଲିଗ୍

**ନୂଆଦିଲ୍ଲୀ, ୬।୧୨ (ପି.ଟି.)**

ପ୍ରୋ-ରେସ୍‌ଲିଂ ଲିଗ୍ (ପିଡବ୍ଲ୍ୟୁଏଲ୍) ଆସନ୍ତାବର୍ଷ ଜାନୁଆରୀ ୧୫ରୁ ଫେବୃଆରୀ ୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହାର ସମସ୍ତ ମ୍ୟାଚ ନଏଡା ଇନ୍‌ଡୋର ଷ୍ଟାଡିୟମରେ ହେବ ବୋଲି ରେସ୍‌ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍‌ଆଇ) ଘୋଷଣା କରିଛି। ଲିଗ୍ ପାଇଁ ଦିଲ୍ଲୀ ଏକମାତ୍ର ଭେନ୍ୟୁ ବୋଲି ଆୟୋଜକଗଣ ପୂର୍ବରୁ ଘୋଷଣା କରିଥିଲେ। ମାତ୍ର କୋଭିଡ୍-୧୯ ମହାମାରୀ ଯୋଗୁ ଏହି ଇଭେଣ୍ଟ ୪ଟି ସିଜନ ସସ୍‌ପେଣ୍ଡ ରହିଥିଲା। ପିଡବ୍ଲ୍ୟୁଏଲ୍ ପାଇଁ ୨୦ଟି ଦେଶର ୩୦୦ରୁ ଊର୍ଦ୍ଧ୍ୱ କୁସ୍ତିଯୋଦ୍ଧା ସେମାନଙ୍କ ନାମ ପଞ୍ଜୀକୃତ କରିଛନ୍ତି।

# ଷ୍ଟାର୍କଙ୍କ ଅଲରାଉଣ୍ଡ ପ୍ରଦର୍ଶନ

**ବ୍ରିସ୍‌ବେନ୍ (ଅଷ୍ଟ୍ରେଲିଆ), ୬।୧୨ (ଏପି)**

ମିଚେଲ ଷ୍ଟାର୍କ ଚଳିତ ଆଶେସ କ୍ରିକେଟ ଟେଷ୍ଟ ସିରିଜରେ କେବଳ ପ୍ରଭାବୀ ବୋଲିଂ ନୁହେଁ ଚମତ୍କାର ବ୍ୟାଟିଂ କରି ଇଂଲଣ୍ଡ ଶିବିରରେ ଚହଳ ସୃଷ୍ଟି କରିଛନ୍ତି। ଏଠାରେ ଖେଳାଯାଉଥିବା ଦିବା-ରାତ୍ର ଦ୍ୱିତୀୟ ମ୍ୟାଚର ତୃତୀୟ ଦିବସରେ ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୩୭୮/୬ରେ ଖେଳ ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ୫୧୧ ରନରେ ଅଲଆଉଟ ହୋଇଯାଇଥିବା ବେଳେ ପ୍ରଥମ ଇନିଂସରେ ୧୭୭ ରନରେ ପଛୁଆ ଥିବା ଭ୍ରମଣକାରୀ ଦଳ ଶନିବାର ଖେଳ ଶେଷ ସୁଦ୍ଧା ୬ ଉଇକେଟ ବିନିମୟରେ ୧୩୪ ରନ କରିଛି। ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଏବଂ ଅଲରାଉଣ୍ଡର ୱିଲ୍ ଜ୍ୟାକ୍ସ ଉଭୟ ୪ରନ ଲେଖାଏ କରି ଅପରାଜିତ ରହିଛନ୍ତି। ଅଷ୍ଟ୍ରେଲିଆକୁ ପୁଣି ଥରେ ବ୍ୟାଟିଂ କରାଇବାକୁ ହେଲେ ଆହୁରି ୪୩ ରନ ଆବଶ୍ୟକ ପଡୁଛି। ଗତ ମାସରେ ପର୍ଥଠାରେ ସିରିଜ ଓପନରରେ ଅଷ୍ଟ୍ରେଲିଆର ୮ ଉଇକେଟ ବିଜୟରେ ଷ୍ଟାର୍କ ତାଙ୍କ ୧୦ ଉଇକେଟ ସଫଳତା ପାଇଁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ବ୍ରିସ୍‌ବେନ ଦିବାରାତ୍ର ଟେଷ୍ଟରେ ମଧ୍ୟ ସେ ଆଉ ଏକ ପୁରସ୍କାର ଦୌଡ଼ରେ ରହିଛନ୍ତି। ଇଂଲଣ୍ଡର ପ୍ରଥମ ଇନିଂସରେ ୬ଉଇକେଟ ଅକ୍ତିଆର କରିଥିବା ଷ୍ଟାର୍କଙ୍କ ୭୭ରନ ଯୋଗୁ ଅଷ୍ଟ୍ରେଲିଆ ଶନିବାର ଅପରାହ୍ନରେ ଏହାର ପ୍ରଥମ ଇନିଂସରେ ୫୧୧ରନ କରିପାରିଛି। ପରେ ନାଇଟ ସେସନ ଇଂଲଣ୍ଡର ଦ୍ୱିତୀୟ ଇନିଂସରେ ସେ ଦୁଇଟି ଉଇକେଟର ପତନ ଘଟାଇଛନ୍ତି।

### ସଂକ୍ଷିପ୍ତ ସ୍କୋର

**ଇଂଲଣ୍ଡ ପ୍ରଥମ ଇନିଂସ:** ୩୩୪

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ:** ୫୧୧ (ମିଚେ ଷ୍ଟାର୍କ-୭୭, ଜେକ୍ ୱେଥରାଲ୍ଡ-୭୨, ଆଲେକ୍ସ କାରେ-୬୩, ଷ୍ଟିଭେନ ସ୍ମିଥ୍-୬୧ ; ବ୍ରାଇଡନ କାର୍ସି-୪/୧୫୨, ବେନ୍ ଷ୍ଟୋକ୍ସ-୩/୧୧୩)।

**ଇଂଲଣ୍ଡ ଦ୍ୱିତୀୟ ଇନିଂସ:** ୧୩୪/୬ ( ଜ୍ୟାକ୍ କ୍ରଲି-୪୪, ଓଲି ପୋପ୍-୨୬ ; ମାଇକେଲ ନେସେର-୨/୨୭, ସ୍କଟ ବୋଲାଣ୍ଡ-୨/୩୩, ମିଚେଲ ଷ୍ଟାର୍କ-୨/୪୮)।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
52 Years
ପୃଷ୍ଠା–୮+୮
ଭୁବନେଶ୍ୱର, ରବିବାର, ଡିସେମ୍ବର ୭/୨୦୨୫ (୮+୮=୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, December 7/2025 | Page 16 | ₹ 7.00 | RAYAGADA
୫୨ଶ ଭାଗ ୧୪ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 52 ISSUE 14 | ମୂଲ୍ୟ ₹୭/-




# ସିରିଜ୍ ଜିତିଲା ଭାରତ

## ଜୟସ୍ୱାଲଙ୍କ ଶତକ

ଶତକ ହାସଲ ପରେ ଉଲ୍ଲସିତ ଯଶସ୍ୱୀ ଜୟସ୍ୱାଲ।

**ବିଶାଖାପାଟଣା,୬।୧୨**

ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ୍‌ରେ ଶୋଚନୀୟ ପରାଜୟ ବରଣ କରିଥିବା ଭାରତୀୟ ଦଳ ଦିନିକିଆ ସିରିଜ୍ ଜିତି ପ୍ରତିଶୋଧ ନେଇଛି। ପ୍ରସିଦ୍ଧ କ୍ରିଷ୍ଣା ଓ କୁଲଦୀପ ଯାଦବଙ୍କ ଘାତକ ବୋଲିଂ ପରେ ଯଶସ୍ୱୀ ଜୟସ୍ୱାଲଙ୍କ ଶତକ ବଳରେ ଏଠାରେ ଖେଳାଯାଇଥିବା ତୃତୀୟ ଦିନିକିଆ ମ୍ୟାଚ୍‌ରେ ଭାରତ ୯ ଉଇକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏହି ବିଜୟ ସହ ଭାରତ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ୍‌କୁ ୨–୧ରେ ଜିତି ନେଇଛି। ଏହି ମ୍ୟାଚ୍ ଜରିଆରେ ଭାରତୀୟ ଓପନର ରୋହିତ ଶର୍ମା ଅନ୍ତର୍ଜାତୀୟ କ୍ରିକେଟରେ ୨୦ ହଜାର ରନ ପୂରଣ କରିଛନ୍ତି।

ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ଦ. ଆଫ୍ରିକା ପ୍ରଥମ ଓଭରରେ ହିଁ ଓପନର ରିଆନ ରିକଲଟନ(୦)ଙ୍କ ଉଇକେଟ ହରାଇଥିଲା। ଅନ୍ୟତମ ଓପନର ଡି କକ୍ ଓ ଅଧିନାୟକ ଟେମ୍ବା ବଭୁମା ଦ୍ୱିତୀୟ ଉଇକେଟରେ ୧୧୩ ରନ ଯୋଡ଼ିଥିଲେ। ବଭୁମା ୪୮ (୫ ଚୌକା) ରନ କରି ଆଉଟ୍ ହୋଇଥିଲେ। ଏହାପରେ ବ୍ରିଜକେଙ୍କ ସହ ଡି କକ୍ ମିଶି ଦଳୀୟ ସ୍କୋରକୁ ୧୬୦ ପାର କରାଇଥିଲେ। ହେଲେ ପ୍ରସିଦ୍ଧ କ୍ରିଷ୍ଣା ୨୯ତମ ଓଭରରେ ବ୍ରିଜକେ (୨୪) ଓ ଏଡେନ ମାରକ୍ରାମ (୧)ଙ୍କୁ ପାଭିଲିଅନ ପଠାଇ ଦେଇଥିଲେ। ଦଳୀୟ ସ୍କୋର ୧୯୯ ରନ ହୋଇଥିବା ବେଳେ ଡି କକ୍‌ଙ୍କୁ ପ୍ରସିଦ୍ଧ କ୍ଲିନ ବୋଲ୍ଡ କରିଥିଲେ। ଆଉଟ୍ ହେବା ପୂର୍ବରୁ ଡି କକ୍ ୮୯ ବଲରେ ୮ ଚୌକା ଓ ୬ ଛକା ସହିତ ୧୦୬ ରନ କରିଥିଲେ। ତାଙ୍କ ଉଇକେଟ ପଡ଼ିବା ସହ ଦକ୍ଷିଣ ଆଫ୍ରିକାର ବ୍ୟାଟିଂ ଲାଇନ୍ ଭୁଶୁଡ଼ି ପଡ଼ିଥିଲା। ଫଳରେ ଦ. ଆଫ୍ରିକା ୪୭.୫ ଓଭରରେ ୨୭୦ ରନରେ ଅଲଆଉଟ୍ ହୋଇଯାଇଥିଲା। ଭାରତ ପକ୍ଷରୁ କୁଲଦୀପ ଯାଦବ ଓ ପ୍ରସିଦ୍ଧ କ୍ରିଷ୍ଣା ୪ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଟିମ୍ ଇଣ୍ଡିଆକୁ ☞ପୃଷ୍ଠା–୭

# ମୁଖ୍ୟମନ୍ତ୍ରୀ ରେଶମ ବିକାଶ ଯୋଜନାକୁ ଅନୁମୋଦନ

## କ୍ୟାବିନେଟ୍‌ରେ ୬ ପ୍ରସ୍ତାବକୁ ମଞ୍ଜୁରୀ

### ମୁଖ୍ୟମନ୍ତ୍ରୀ ବୟନଶିଳ୍ପ ବିକାଶ ଯୋଜନା, ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ ପ୍ରସ୍ତାବକୁ ଅନୁମୋଦନ

**ଭୁବନେଶ୍ୱର,୬।୧୨(ସୁନିତ୍ ମିଶ୍ର)**

ରେଶମ ଶିଳ୍ପକୁ ଅଧିକ ସଶକ୍ତ ଏବଂ ସମ୍ପ୍ରସାରିତ କରିବା ଲାଗି ରାଜ୍ୟ ସରକାର ସ୍ଥିରକରି ମୁଖ୍ୟମନ୍ତ୍ରୀ ରେଶମ ବିକାଶ ଯୋଜନା ଆରମ୍ଭ କରିବାକୁ ନିଷ୍ପତ୍ତି କରିଛନ୍ତି। ଏହି ଯୋଜନା ଜରିଆରେ ରେଶମକୀଟର ବିହନ ପ୍ରସ୍ତୁତି, ରେଶମ ପ୍ରଜାତିର ସଂରକ୍ଷଣ ସହ ନୈତିକତା ଉପାୟରେ କରୁଣା ରେଶମର ଉତ୍ପାଦନ କରିବା ଉପରେ ବିଶେଷ ଧ୍ୟାନ ଦିଆଯିବ। ରେଶମ ଚାଷୀମାନଙ୍କୁ ଆବଶ୍ୟକ ପ୍ରୋତ୍ସାହନ, କାର୍ଯ୍ୟକାରୀ ମୂଳଧନ ସହାୟତା ପ୍ରଦାନ ଏବଂ ସମବାୟ ସମିତି ଜରିଆରେ ରେଶମ ଉତ୍ପାଦନର ବଜାରୀକରଣ କରି ସେମାନଙ୍କୁ ଉଚିତ ମୂଲ୍ୟ ଯୋଗାଇଦେବା ଲାଗି ଠିକ୍ ବାତାବରଣ ସୃଷ୍ଟି ସହ ଅଭାବୀ ବିକ୍ରିରୁ ଚାଷୀଙ୍କୁ ସୁରକ୍ଷା ପ୍ରଦାନ କରିବାରେ ସହାୟକ ହୋଇପାରିବ। ଏହି ଯୋଜନା ମାଧ୍ୟମରେ ଆସନ୍ତା ୫ ବର୍ଷରେ ସମୁଦାୟ ୨୭୪ କୋଟି ଟଙ୍କା ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇଛି। ଏହି ଯୋଜନାକୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନର ୩ୟ ମହଲାଠାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ମଞ୍ଜୁରୀ ମିଳିଛି।

ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ମୋଟ୍ ୬ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏନେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ମଞ୍ଜୁରୀ ପାଇଥିବା ୬ ପ୍ରସ୍ତାବ ☞ପୃଷ୍ଠା–୭

# ୩୧୪ ଓଏଭିରେ ନିଯୁକ୍ତ ହେବେ ଓଡ଼ିଆ ଶିକ୍ଷକ

## ଲାଇବ୍ରେରିଆନ୍ ପଦ ଉଚ୍ଛେଦ, ସୃଷ୍ଟି ହେଲା ଓଡ଼ିଆ ଶିକ୍ଷକ ପଦ

**ଭୁବନେଶ୍ୱର,୬।୧୨(ସୁଚିସ୍ମିତା ସାହୁ)**

ରାଜ୍ୟର ୩୧୪ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ରେ ଓଡ଼ିଆ ଶିକ୍ଷକ ନିଯୁକ୍ତ ହେବେ। ସମସ୍ତ ଓଏଭିରେ ଜଣେ ଲେଖାଏ ଓଡ଼ିଆ ପ୍ରଶିକ୍ଷିତ ସ୍ନାତକ ଶିକ୍ଷକ (ଟିଜିଟି) ନିଯୁକ୍ତି ପାଇଁ ନୂତନ ପଦ ସୃଷ୍ଟି ହୋଇଛି। ବିଦ୍ୟାଳୟରେ ପୂର୍ବରୁ ଥିବା ଲାଇବ୍ରେରିଆନ୍ ପଦକୁ ଉଚ୍ଛେଦ କରି ଓଡ଼ିଆ ଶିକ୍ଷକ ପଦବୀ ସୃଷ୍ଟି କରାଯାଇଛି। ଏ ସମ୍ପର୍କରେ ଶନିବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏଫ୍‌ଏ କମ୍ ସ୍ପେଶାଲ ସେକ୍ରେଟାରି ଶିବାଶିଷ ଧଳ ରାଜ୍ୟର ପ୍ରଧାନ ମହାଲେଖାକାର (ଏଜି)ଙ୍କୁ ଅବଗତ କରିଛନ୍ତି।

ତେବେ ଲାଇବ୍ରେରିଆନ୍ ପଦ ଉଚ୍ଛେଦ କରିବା ପରେ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଓଡ଼ିଶା ଲାଇବ୍ରେରି ମୁଭ୍‌ମେଣ୍ଟ (ଓଏଲ୍‌ଏମ୍) ଆବାହକ ସୁନୀଲ କୁମାର ମିଶ୍ର କହିଛନ୍ତି, ନୂତନ ସରକାର ଆସିବାର ଦେଢ଼ବର୍ଷ ବିତି ଯାଇଥିଲେ ସୁଦ୍ଧା ଏଯାବତ୍ ☞ପୃଷ୍ଠା–୭




# ଭାରତକୁ ୪୦,୦୦୦ ଏଲ୍ଏମ୍‌ଜି ଯୋଗାଇବ ଇସ୍ରାଏଲୀ କମ୍ପାନୀ

ଜେରୁଜେଲମ୍ ,୬।୧୨

ଇସ୍ରାଏଲ୍‌ର ଏକ ପ୍ରମୁଖ ପ୍ରତିରକ୍ଷା କମ୍ପାନୀ ଭାରତକୁ ପ୍ରଥମ ପର୍ଯ୍ୟାୟରେ ୪୦ ହଜାର ହାଲୁକା ମେଶିନ୍ ଗନ୍ (ଏଲ୍ଏମ୍‌ଜି) ଯୋଗାଇବାକୁ ଯାଉଛି। ଆସନ୍ତାବର୍ଷ ପ୍ରଥମ ଭାଗରୁ ଏହି ଯୋଗାଣ ଆରମ୍ଭ ହେବ। ପାଖାପାଖି ୧,୭୦,୦୦୦ ଅତ୍ୟାଧୁନିକ କାର୍ବାଇନ୍ ଯୋଗାଣ ପାଇଁ ଚୁକ୍ତି ସ୍ୱାକ୍ଷର ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି। ଭାରତକୁ ପିସ୍ତଲ, ରାଇଫଲ ଏବଂ ମେଶିନ୍ ଗନ୍ ଆଦି ଯୋଗାଇବା ପାଇଁ ଇସ୍ରାଏଲ୍ ୱିପନ୍ ଇଣ୍ଡଷ୍ଟ୍ରିଜ୍ ଭାରତର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସମେତ ବିଭିନ୍ନ ସଂସ୍ଥା ସହ ଏକାଠି କାର୍ଯ୍ୟ କରୁଥିବା ଏହାର ସିଇଓ କହିଛନ୍ତି। ଗତବର୍ଷ ହୋଇଥିବା ଚୁକ୍ତି ଅନୁଯାୟୀ ଆମେ ପ୍ରଥମେ ୪୦ ହଜାର ଏଲ୍ଏମ୍‌ଜି ଯୋଗାଇବାକୁ ଯାଉଛୁ ବୋଲି ସେ ସୂଚନା ଦେଇଛନ୍ତି।

# ୧୦ରୁ ଭାରତ-ଆମେରିକା ବାଣିଜ୍ୟ ଆଲୋଚନା

ନୂଆଦିଲ୍ଲୀ,୬।୧୨(ପି.ଟି.)

ପ୍ରସ୍ତାବିତ ଭାରତ-ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମାର ପ୍ରଥମ ପର୍ଯ୍ୟାୟ ଉପରେ ୩ ଦିନିଆ ଆଲୋଚନା ଆସନ୍ତା ୧୦ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା କେତେକ ସୂତ୍ରରୁ ଜଣାପଡ଼ିଛି। ଆମେରିକା ବାଣିଜ୍ୟ ବିଭାଗ ଉପପ୍ରତିନିଧି ରିକ୍ ସୁଇଜରଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ନୂଆଦିଲ୍ଲୀ ଗସ୍ତରେ ଆସୁଛନ୍ତି। ଆଲୋଚନାରେ ଚୁକ୍ତିନାମାର ପ୍ରଥମ ପର୍ଯ୍ୟାୟ ଚୂଡ଼ାନ୍ତ ହେବା ଆଶା କରାଯାଉଛି। ଭାରତୀୟ ସାମଗ୍ରୀ ଉପରେ ଆମେରିକା ୨୫% ଟାରିଫ୍ ଲଗାଇବା ଏବଂ ଅତିରିକ୍ତ ୨୫% ଦଣ୍ଡାତ୍ମକ ଶୁଳ୍କ ପରେ ଏହା ଆମେରିକା ପ୍ରତିନିଧି ଦଳର ଦ୍ୱିତୀୟ ଭାରତ ଗସ୍ତ।

# ୩୩ ବର୍ଷ ପରେ ପୁଣି 'ବାବ୍ରି ମସ୍‌ଜିଦ'

**୧୯୯୨ ଡିସେମ୍ବର ୬ରେ ଉତ୍ତର ପ୍ରଦେଶର ଅଯୋଧ୍ୟାସ୍ଥିତ ବାବ୍ରି ମସ୍‌ଜିଦକୁ କାରସେବକମାନେ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିଲେ। ଏହା ପରେ ଦେଶରେ ସୃଷ୍ଟି ହୋଇଥିବା ସାମ୍ପ୍ରଦାୟିକ ଦଙ୍ଗାରେ ୨,୦୦୦ରୁ ଅଧିକ ଲୋକଙ୍କ ପ୍ରାଣହାନି ଘଟିଥିଲା। ଉକ୍ତ ଘଟଣାକୁ ଶନିବାର ୩୩ ବର୍ଷ ପୂରିଥିବାବେଳେ ଅଯୋଧ୍ୟା ସମେତ ଦେଶର ବିଭିନ୍ନ ଭାଗରେ ସାମ୍ପ୍ରଦାୟିକ ସଦ୍ଭାବନା ନଷ୍ଟହେବା ଆଶଙ୍କାରେ ଶୋଭାଯାତ୍ରା ବିକ୍ଷୋଭ ଆଦି ଉପରେ ରୋକ ଲଗାଯାଇଛି। କିନ୍ତୁ ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲା ରେଜିନଗରରେ ମୁଣ୍ଡ ଟେକିଛି ଆଉ ଏକ 'ବାବ୍ରି ମସ୍‌ଜିଦ', ଯାହାକୁ ନେଇ ଉତ୍ତେଜନା ପ୍ରକାଶ ପାଇବା ସହ ରାଜନୀତି ସରଗରମ ହୋଇଛି।**

ମୁର୍ଶିଦାବାଦ/ଅଯୋଧ୍ୟା,୬।୧୨



ପଶ୍ଚିମବଙ୍ଗରେ ଆସନ୍ତା ମାର୍ଚ୍ଚ-ଏପ୍ରିଲ ଆଡ଼କୁ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ସଂଖ୍ୟାଲଘୁ ସମ୍ପ୍ରଦାୟର ବିଧାୟକ ହୁମାୟୁନ୍ କବିର ରେଜିନଗରରେ ଡିସେମ୍ବର ୬ରେ ଏକ ବାବ୍ରି ମସ୍‌ଜିଦର ମୂଳଦୁଆ ପକାଇବା ନେଇ ପୂର୍ବରୁ ଘୋଷଣା କରିଥିଲେ। ଭରତପୁରରୁ ପ୍ରତିନିଧିତ୍ୱ କରୁଥିବା ହୁମାୟୁନ୍‌ଙ୍କୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳକ କଂଗ୍ରେସ (ଟିଏମ୍‌ସି) ଏହି କାରଣରୁ ଗତ ଗୁରୁବାର ନିଲମ୍ବନ କରିଥିଲା। ହୁମାୟୁନ୍ ନିଜ ପ୍ରତିକ୍ରିୟାରେ କହିଥିଲେ, ସେ ଆସନ୍ତା ୨୨ରେ ଟିଏମ୍‌ସିରୁ ଇସ୍ତଫା ଦେଇ ଏକ ନୂଆ ଦଳ ଗଠନ କରିବେ। ୩ ବର୍ଷ ମଧ୍ୟରେ ମୁର୍ଶିଦାବାଦ ବାବ୍ରି ମସ୍‌ଜିଦ ନିର୍ମାଣ ଶେଷ ହେବ ବୋଲି ହୁମାୟୁନ୍ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏହି ବିବାଦ କଲିକତା ହାଇକୋର୍ଟରେ ପହଞ୍ଚିଛି। ସାମ୍ପ୍ରଦାୟିକ ଉତ୍ତେଜନା ଏଡ଼ାଇବା ପାଇଁ ସବୁ ପ୍ରକାର ପଦକ୍ଷେପ ନେବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଦୃଷ୍ଟିରେ ରଖି ଶନିବାର ସମ୍ପୃକ୍ତ ଅଞ୍ଚଳରେ ଅଭୂତପୂର୍ବ ସୁରକ୍ଷା ବନ୍ଦୋବସ୍ତ କରାଯାଇଥିଲା। ପଶ୍ଚିମବଙ୍ଗ ପୋଲିସ, ରାପିଡ୍ ଆକ୍ସନ ଫୋର୍ସ (ଆର୍ଏଏଫ୍) ଏବଂ କେନ୍ଦ୍ରୀୟ ବଳର ପ୍ରାୟ ୩,୫୦୦ ସୁରକ୍ଷା କର୍ମଚାରୀଙ୍କୁ ମୁତୟନ କରାଯାଇଥିଲା। ହୁମାୟୁନ୍ ରେଜିନଗରକୁ ଯାଇ ସେଠାରେ ଆଉ ଏକ ବାବ୍ରି ମସ୍‌ଜିଦ ନିର୍ମାଣ ପାଇଁ ଫିତା କାଟିଥିଲେ। ଭିତ୍ତିପ୍ରସ୍ତର ସ୍ଥାପନ ବେଳେ ସାଉଦି ଆରବ ସମେତ ଦେଶର ବିଭିନ୍ନ ଭାଗରୁ ଆସିଥିବା ଅନେକ ଇସ୍‌ଲାମିକ୍ ବିଦ୍ୱାନ ଉପସ୍ଥିତ ଥିଲେ। ମୁସଲମାନ ସମ୍ପ୍ରଦାୟର ବହୁ ଲୋକ ମୁଣ୍ଡରେ ଇଟା ବୋହି ନିର୍ମାଣସ୍ଥଳକୁ ଯାଇଥିଲେ। ସେମାନେ 'ନାରା-ଇ-ତକ୍‌ବୀର, ଆଲ୍ଲାହୁ ଆକବର' ସ୍ଲୋଗାନ ଦେଇଥିଲେ। ହୁମାୟୁନ୍ କହିଥିଲେ, ସେ କୌଣସି ଅସାମ୍ବିଧାନିକ କାର୍ଯ୍ୟ କରୁନାହାନ୍ତି। ଉପାସନାସ୍ଥଳ ନିର୍ମାଣ ଏକ ସାମ୍ବିଧାନିକ ଅଧିକାର। ବାବ୍ରି ମସ୍‌ଜିଦ କୌଣସି ପ୍ରକାରେ ନିର୍ମାଣ କରାଯିବ। ମୋଟ ୩୦୦ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ଏଥିପାଇଁ ଆର୍ଥିକ ପ୍ରତିବନ୍ଧକ ରହିବ ନାହିଁ। ନିର୍ମାଣ ଲାଗି ଜଣେ ଶିଳ୍ପପତି ୮୦ କୋଟି ଟଙ୍କା ଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏପରି କି ମସ୍‌ଜିଦ ନିକଟରେ ଏକ ହସ୍ପିଟାଲ, ମେଡିକାଲ କଲେଜ, ୟୁନିଭର୍ସିଟି, ହୋଟେଲ ଓ ହ୍ୟାଲିପ୍ୟାଡ୍ ମଧ୍ୟ ନିର୍ମାଣ କରାଯିବା ନେଇ ଯୋଜନା ରହିଥିବା ଟିଏମ୍‌ସିରୁ ନିଲମ୍ବିତ ବିଧାୟକ ସୂଚନା ଦେଇଛନ୍ତି।



> ୩୨ ବର୍ଷ ପୂର୍ବେ ମୁସଲମାନମାନଙ୍କ ହୃଦୟରେ ଏକ ଗଭୀର କ୍ଷତ ସୃଷ୍ଟି କରାଯାଇଥିଲା। ଆଜି ଆମେ ସେହି ଘା'ରେ ମଲମ ଲଗାଉଛୁ। ତମାମ ଧମକଚମକ ସତ୍ତ୍ୱେ ବାବ୍ରି ମସ୍‌ଜିଦ ନିର୍ମାଣ କରାଯିବ।
> **-ହୁମାୟୁନ୍ କବିର, ଟିଏମ୍‌ସିରୁ ନିଲମ୍ବିତ ବିଧାୟକ**

> ୨୦୨୬ ବିଧାନସଭା ନିର୍ବାଚନ ପୂର୍ବରୁ ଟିଏମ୍‌ସି ଧ୍ରୁବୀକରଣକୁ ପ୍ରୋତ୍ସାହନ ଦେଉଛି। ହୁମାୟୁନ୍ କବିରଙ୍କ ତଥାକଥିତ ମସ୍‌ଜିଦ ନିର୍ମାଣ ଉଦ୍ୟମ ଶାସକ ଦଳର ଏକ ରାଜନୈତିକ ପ୍ରକଳ୍ପ, ଯହିଁରେ ସ୍ଥାନୀୟ ପୋଲିସ ପ୍ରଶାସନର ସମର୍ଥନ ରହିଛି।
> **-ଅମିତ୍ ମାଲବ୍ୟ, ଭାଜପା ନେତା**

> ୧୯୯୨ ଡିସେମ୍ବର ୬ରେ ବାବ୍ରି ସ୍‌ଜିଦକୁ ଭଙ୍ଗାଯାଇ ନ ଥିଲା, ବରଂ ଭାରତୀୟ ସମ୍ବିଧାନକୁ ଦୁର୍ବଳ କରି ଦିଆଯାଇଥିଲା। ଭାରତ ଓ ସମ୍ବିଧାନ ପାଇଁ ଏହା ଏକ 'କଳାଦିବସ' ଥିଲା।
> **-ଅସାଦୁଦ୍ଦିନ ଓ୍ୱାଇସି, ଏଆଇଏମ୍ଆଇଏମ୍ ମୁଖ୍ୟ**

# ପ୍ରିଟୋରିଆରେ ଗୁଳି: ୧୧ ମୃତ, ୧୪ ଆହତ

ନୂଆଦିଲ୍ଲୀ,୬।୧୨

ଦକ୍ଷିଣ ଆଫ୍ରିକାର ପ୍ରଶାସନିକ ରାଜଧାନୀ ପ୍ରିଟୋରିଆରେ ଶନିବାର ଭୋର ସମୟରେ ଗୁଳିକାଣ୍ଡ ଘଟି ୧୧ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୧୪ ଜଣ ଗୁରୁତର ଆହତ ହୋଇଛନ୍ତି। ସହରର ଆଟ୍ଟେରିଜ୍‌ଭିଲ୍ଲେରେ ଥିବା ସାଉଲ୍‌ସଭିଲ୍ଲେ ହଷ୍ଟେଲରେ ଚାଲିଥିବା ବେଆଇନ ମଦ୍ୟଶାଳାରେ ଲୋକେ ମଦ ପିଉଥିବାବେଳେ ଗୁଳିକାଣ୍ଡ ଘଟିଥିଲା। ୩ ଜଣ ବନ୍ଧୁକଧାରୀ ହଷ୍ଟେଲରେ ଧସେଇ ପଶିବା ସହ ଆଖିବୁଜା ଗୁଳି ଚଳାଇଥିଲେ ବୋଲି କୁହାଯାଉଛି।

# ଖାତରେ ବୋଲେରୋ ଖସି ୫ ମୃତ

ଡେରାଡୁନ୍,୬।୧୨

ଉତ୍ତରାଖଣ୍ଡର ଲୋହାଘାଟ ଅଞ୍ଚଳରେ ଗଭୀର ଖାତ ମଧ୍ୟକୁ ଏକ ବୋଲେରୋ ଖସିପଡ଼ି ୫ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୫ ଜଣ ଗୁରୁତର ହୋଇଛନ୍ତି। ଯାତ୍ରୀମାନେ ଏକ ବିବାହ ଉତ୍ସବରେ ଯୋଗଦେଇ ଫେରୁଥିବାବେଳେ ଶୁକ୍ରବାର ଭୋର ସମୟରେ ଏହି ଦୁର୍ଘଟଣା ଘଟିଛି। ଜାତୀୟ ରାଜପଥର ବାରାକୋଟ ନିକଟ ବଗଧାରଠାରେ ଗାଡ଼ିଟି ନିୟନ୍ତ୍ରଣ ହରାଇବାରୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

# ଡିପ୍‌ଫେକ୍ ନିୟନ୍ତ୍ରଣ ପାଇଁ ବିଲ୍ ଲୋକ ସଭାରେ ଆଗତ

ନୂଆଦିଲ୍ଲୀ,୬।୧୨

ଡିପ୍‌ଫେକ୍‌କୁ ନିୟନ୍ତ୍ରଣ କରିବା ନିମନ୍ତେ ଲୋକ ସଭାରେ ଶନିବାର ଏକ ପ୍ରାଇଭେଟ ମେମ୍ବର ବିଲ୍ ଆଗତ ହୋଇଛି। ଶିବସେନା ନେତା ଶ୍ରୀକାନ୍ତ ଶିନ୍ଦେ ଏହି ରେଗୁଲେଶନ ଅଫ୍ ଡିପ୍‌ଫେକ୍ ବିଲ୍‌କୁ ଗୃହରେ ଉପସ୍ଥାପନ କରିଛନ୍ତି। ଡିପ୍‌ଫେକ୍‌କୁ ନେଇ ଅସୁବିଧାର ସମ୍ମୁଖୀନ ହେଉଥିବା ନାଗରିକମାନଙ୍କୁ ସୁରକ୍ଷା ଦେବା ଏହି ବିଲ୍‌ର ଉଦ୍ଦେଶ୍ୟ। ଉତ୍ପୀଡ଼ନ, ଧୋକା ଏବଂ ଭୁଲ୍ ସୂଚନା ପ୍ରସାର ପାଇଁ ଡିପ୍‌ଫେକ୍‌ର ଦୁରୁପଯୋଗ ବଢ଼ିଚାଲିଛି। ଏହାକୁ ନିୟନ୍ତ୍ରଣ କରିବା ଲାଗି ଜରୁରୀ ପଦକ୍ଷେପର ଆବଶ୍ୟକତା ରହିଥିବା ଶିନ୍ଦେ କହିଛନ୍ତି। ସେହିପରି ଏନ୍‌ସିପି ସଦସ୍ୟ ସୁପ୍ରିୟା ସୁଲେ ରାଇଟ୍ ଟୁ ଡିସ୍‌କନେକ୍ଟ ବିଲ୍, ୨୦୨୫ ଲୋକ ସଭାରେ ଆଣିଛନ୍ତି। କର୍ମଚାରୀ ମଙ୍ଗଳ କର୍ତ୍ତୃପକ୍ଷ ସ୍ଥାପନ କରିବା ପାଇଁ ଏଥିରେ ପ୍ରସ୍ତାବ ରହିଛି। କର୍ମଚାରୀମାନଙ୍କୁ କାର୍ଯ୍ୟ ସମୟ ଶେଷ ହେବା ପରେ ଏବଂ ଛୁଟିଦିନରେ କାର୍ଯ୍ୟ ସମ୍ପର୍କିତ ଫୋନ୍ କଲ୍ ଏବଂ ଇମେଲ୍ ଚାପରୁ ରକ୍ଷା କରିବା ଏହି ବିଲ୍‌ର ଉଦ୍ଦେଶ୍ୟ।

# ଏୟାରବସ୍ ଏ୩୨୦ରେ ଗୁଣବତ୍ତା ସମସ୍ୟା

ପ୍ୟାରିସ୍,୬।୧୨

ଏୟାରବସ୍ ଏ୩୨୦ ବିମାନଗୁଡ଼ିକରେ ସଫ୍ଟୱେର ସମସ୍ୟା ଦେଖାଦେବା ପରେ ଗତ ମାସରେ ସେଗୁଡ଼ିକର ଅପଡେଟ୍ ପାଇଁ ଅନେକ ହଜାର ବିମାନ ଉଡ଼ାଣ ବନ୍ଦ ରହିଥିଲା। ଏବେ କେତେକ ଏ୩୨୦ ବିମାନର ମେଟାଲ ପ୍ୟାନେଲରେ ଗୁଣବତ୍ତା ସମସ୍ୟା ଦେଖାଦେଇଛି। ଫଳରେ ଏ୩୨୦ ବର୍ଗର ଅନେକ ବିମାନର ଫ୍ୟୁଜ୍‌ଲେଜ୍ ପ୍ୟାନେଲ ପ୍ରଭାବିତ ହୋଇଛି। ଏୟାରବସ୍ ଏବେ କେତେକ ବିମାନର ଯାଞ୍ଚ କରୁଛି। ତେବେ ସୀମିତ ସଂଖ୍ୟକ ବିମାନରେ ଏଭଳି ସମସ୍ୟା ଦେଖାଦେଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ସବୁଗୁଡ଼ିକର ପ୍ୟାନେଲରେ ତ୍ରୁଟି ନାହିଁ। ନୂଆ ତିଆରି ହୋଇଥିବା ପ୍ୟାନେଲଗୁଡ଼ିକରେ ଏଭଳି ସମସ୍ୟା ରହିଥିବା ଚିହ୍ନଟ ହୋଇଛି ବୋଲି ଏୟାରବସ୍ ମୁଖପାତ୍ର କହିଛନ୍ତି।

# ନେହେରୁଙ୍କ ଲିଗାସି ଧ୍ୱଂସ ଭାଜପାର ଲକ୍ଷ୍ୟ: ସୋନିଆ

ନୂଆଦିଲ୍ଲୀ,୬।୧୨



ସୋନିଆ ଗାନ୍ଧୀ

ଭାଜପା ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଲିଗାସିକୁ ଧ୍ୱଂସକରିବାକୁ ଚାହୁଁଥିବାରୁ ତାଙ୍କୁ ଗାଳି କରୁଛି। ଏପରି କି ଭାରତର ସ୍ୱାଧୀନତା ସଂଗ୍ରାମ ଓ ରାଷ୍ଟ୍ର ନିର୍ମାଣରେ ମଧ୍ୟ ନେହେରୁଙ୍କ ଭୂମିକାକୁ ଗୌଣ କରିଦେବା ପାଇଁ ଶାସକ ଦଳ ଉଦ୍ୟମ ଚଳାଇଥିବା କଂଗ୍ରେସ ଏମ୍‌ପି ସୋନିଆ ଗାନ୍ଧୀ ସମାଲୋଚନା କରିଛନ୍ତି। ଅନ୍ୟପକ୍ଷେ ଭାଜପା ଏଭଳି ଅଭିଯୋଗକୁ ଖଣ୍ଡନ କରିବା ସହ ଦେଶର ଅନେକ ଐତିହାସିକ ଭୁଲ୍ ପାଇଁ ନେହେରୁଙ୍କୁ ଦାୟୀ କରିଛି। କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀ ନୂଆଦିଲ୍ଲୀସ୍ଥିତ ଜବାହର ଭବନର ନେହେରୁ ସେଣ୍ଟର ଇଣ୍ଡିଆରେ ଶୁକ୍ରବାର ଆୟୋଜିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଭାଜପାକୁ ଟାର୍ଗେଟ କରିଛନ୍ତି। ଭାଜପା କିମ୍ବା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ନାମ ନ ନେଇ ସୋନିଆ କହିଛନ୍ତି, ଶାସକ ବର୍ଗ ଉଦ୍ଦେଶ୍ୟମୂଳକ ଭାବେ ନେହେରୁଙ୍କୁ ବଦନାମ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ସେମାନଙ୍କ ଉଦ୍ଦେଶ୍ୟ ନେହେରୁଙ୍କୁ କେବଳ ଜନମାନସରୁ ହଟାଇବା ନୁହେଁ, ବରଂ ରାଷ୍ଟ୍ରନିର୍ମାଣ ଲାଗି ତାଙ୍କ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ମୂଳଦୁଆକୁ ଧ୍ୱଂସ କରିବା ବୋଲି ରାଜ୍ୟ ସଭା ସଦସ୍ୟା ସୋନିଆ ସମାଲୋଚନା କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ନେହେରୁଙ୍କ ସମ୍ପର୍କରେ ଦେଇଥିବା ମନ୍ତବ୍ୟର ଦିନକ ପରେ ସୋନିଆ ଏପରି କହିଛନ୍ତି। ରାଜନାଥ କହିଥିଲେ, ନେହେରୁ ସରକାରୀ ଅର୍ଥରେ ବାବ୍ରି ମସ୍‌ଜିଦ ନିର୍ମାଣ କରିବାକୁ ଚାହୁଁଥିଲେ। କିନ୍ତୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏହି ପଦକ୍ଷେପକୁ ରୋକିଥିଲେ। ରାଜନାଥଙ୍କ ଏହି ମନ୍ତବ୍ୟକୁ କଂଗ୍ରେସ ଧ୍ରୁବୀକରଣ ଉସୁକାଇବା ପାଇଁ ଉଦ୍ଦିଷ୍ଟ ମିଛ ବୋଲି ସମାଲୋଚନା କରିଥିଲା। ଅନ୍ୟପକ୍ଷେ ଭାଜପା ମୁଖପତ୍ର ଗୌରବ ଭାଟିଆ କହିଛନ୍ତି, ସୋନିଆ ଧ୍ୱଂସ କଥା କହୁଛନ୍ତି। କିନ୍ତୁ ବାସ୍ତବରେ ତାଙ୍କ ପୁଅ ରାହୁଲ ଗାନ୍ଧୀ ଆଜିର ଦିନରେ ଭାରତୀୟ ରାଜନୀତିର ଜଣେ ଭସ୍ମାସୁର। ରାହୁଲ ଯେଉଁମାନଙ୍କ ସହ ମଞ୍ଚ ଶେୟାର କରୁଛନ୍ତି, ସେମାନଙ୍କ ରାଜନୈତିକ ପତନ ଘଟୁଛି।

# ଇଣ୍ଡିଗୋକୁ ରବିବାର ସୁଦ୍ଧା ଦେୟ ଫେରସ୍ତ ନିର୍ଦ୍ଦେଶ

ନୂଆଦିଲ୍ଲୀ,୬।୧୨

**ବିଦାହୋଇପାରନ୍ତି ଏୟାରଲାଇନ୍ସ ସିଇଓ**

ଇଣ୍ଡିଗୋରେ କର୍ମଚାରୀ ସଙ୍କଟ ଯୋଗୁ ୫ ଦିନ ହେଲା ବିମାନସେବା ଗୁରୁତର ବାଧାପ୍ରାପ୍ତ ହୋଇଥିବାବେଳେ ଅନେକ ହଜାର ଯାତ୍ରୀ ପ୍ରଭାବିତ ହୋଇଛନ୍ତି। ବାତିଲ ହୋଇଥିବା ବିମାନଗୁଡ଼ିକର ଯାତ୍ରୀମାନଙ୍କୁ ସେମାନଙ୍କ ଟିକେଟ ଅର୍ଥ ରବିବାର ରାତି ୮ଟା ସୁଦ୍ଧା ଫେରସ୍ତ କରିବା ନିମନ୍ତେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଶନିବାର ଇଣ୍ଡିଗୋ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛି। ଏଥିସହିତ ଆସନ୍ତା ୨ ଦିନ ମଧ୍ୟରେ ଯାତ୍ରୀଙ୍କୁ ସେମାନଙ୍କ ଲଗେଜ୍ ଫେରାଇଦେବାକୁ କୁହାଯାଇଛି।

ବିମାନ ଉଡ଼ାଣ ବାତିଲ ଏବଂ ବିଳମ୍ବ ଯୋଗୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିବାବେଳେ ଏଭଳି ସମସ୍ୟା ପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସରକାର ଚାହୁଁଛନ୍ତି। ତଦନୁଯାୟୀ ଇଣ୍ଡିଗୋର ସିଇଓ ପିଟର ଏଲ୍‌ବେର୍ସଙ୍କୁ ବିଦା କରାଯିବା ସହ ଉକ୍ତ ଏୟାରଲାଇନ୍ସ ଉପରେ ବଡ଼ ଧରଣର ଜରିମାନା ଲଗାଇପାରନ୍ତି ବୋଲି କେତେକ ସୂତ୍ରରୁ ଜଣାପଡ଼ିଛି। ଇଣ୍ଡିଗୋ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶୁକ୍ରବାର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ ସୂଚନା ଦେଇଥିଲେ ମଧ୍ୟ ସବିଶେଷ ତଥ୍ୟ ଦେଇ ନ ଥିଲେ। ବିମାନ ଉଡ଼ାଣ ସଙ୍କଟର କାରଣ ଜାଣିବା ପାଇଁ ସରକାର ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରିଛନ୍ତି। ଉକ୍ତ କମିଟିର ରିପୋର୍ଟ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଉଛି। ତେବେ ଇଣ୍ଡିଗୋ ଏୟାରଲାଇନ୍ସର ତ୍ରୁଟି ରହିଛି। କାରଣ ଅନ୍ୟ ଏୟାରଲାଇନ୍ସଗୁଡ଼ିକ ନୂଆ ଫ୍ଲାଇଟ୍ ଡ୍ୟୁଟି ସମୟସୀମା(ଏଫ୍‌ଡିଟିଏଲ୍) କାର୍ଯ୍ୟକାରୀ କରିବାରେ ସମସ୍ୟାର ସମ୍ମୁଖୀନ ହୋଇ ନ ଥିବାବେଳେ କେବଳ ଇଣ୍ଡିଗୋ ସେବା ବାଧାପ୍ରାପ୍ତ ହୋଇଛି ବୋଲି ନାଇଡୁ କହିଥିଲେ।

ଦେଶର ସର୍ବବୃହତ୍ ଏୟାରଲାଇନ୍ସ ଇଣ୍ଡିଗୋର ୧,୦୦୦ରୁ ଊର୍ଦ୍ଧ୍ୱ ବିମାନ ଉଡ଼ାଣ ଶୁକ୍ରବାର ବାତିଲ ହୋଇଥିବାବେଳେ ଶନିବାର ମଧ୍ୟ ୮୦୦ରୁ ଅଧିକ ବିମାନ ଉଡ଼ାଣ ବନ୍ଦ ରହିଛି। ଗତ ମଙ୍ଗଳବାରଠାରୁ ଏଭଳି ସମସ୍ୟା ଲାଗିରହିଛି। ଟିକେଟ ଅର୍ଥ ଫେରସ୍ତରେ ବିଳମ୍ବ କିମ୍ବା ନ ଫେରାଇଲେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ମନ୍ତ୍ରଣାଳୟ କହିଛି। ବିମାନ ଉଡ଼ାଣ ବାତିଲ ଯୋଗୁ ପ୍ରଭାବିତ ହୋଇଥିବା ଯାତ୍ରୀ ଅନ୍ୟ ତାରିଖରେ ଯାତ୍ରା ପାଇଁ ଚାହିଁଲେ, ସେମାନଙ୍କଠାରୁ କୌଣସି ପୁନଃନିର୍ଦ୍ଧାରଣ ଶୁଳ୍କ ନ ନେବା ଲାଗି ଏୟାରଲାଇନ୍ସକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଯାତ୍ରୀଙ୍କ ସହାୟତା ଏବଂ ରିଫଣ୍ଡ ସୁବିଧା ପ୍ରକୋଷ୍ଠ ସ୍ଥାପନ ପାଇଁ ଇଣ୍ଡିଗୋକୁ କୁହାଯାଇଛି। ଉକ୍ତ ପ୍ରକୋଷ୍ଠ ପ୍ରଭାବିତ ଯାତ୍ରୀମାନଙ୍କ ସହ ଯୋଗାଯୋଗରେ ରହି ସେମାନେ ଟିକେଟ ଅର୍ଥ ଫେରିପାଇଲେ କି ନାହିଁ, ତାହା ସୁନିଶ୍ଚିତ କରିବ। ବିମାନ ଉଡ଼ାଣ ସ୍ଥିତିରେ ସମ୍ପୂର୍ଣ୍ଣ ସ୍ଥିରତା ଆସିବା ପର୍ଯ୍ୟନ୍ତ ରିଫଣ୍ଡ ପ୍ରକ୍ରିୟା ଜାରି ରହିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି।

DSPL - 398



## ସଶସ୍ତ୍ର ବାହିନୀ ପତାକା ଦିବସ ଅବସରରେ ବାର୍ତ୍ତା

ସଶସ୍ତ୍ର ବାହିନୀ ପତାକା ଦିବସ ୨୦୨୫ ଡିସେମ୍ବର ୭ ତାରିଖରେ ପାଳନ ଅବସରରେ ମୁଁ ସଶସ୍ତ୍ର ବାହିନୀର ସମସ୍ତ ପଦାଧିକାରୀ ଏବଂ ପୂର୍ବତନ ସୈନିକ ଓ ସେମାନଙ୍କ ପରିବାରବର୍ଗଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଏବଂ ଶୁଭେଚ୍ଛା ଜଣାଉଛି।

ସଶସ୍ତ୍ର ବାହିନୀ ସର୍ବଦା ଆମ ମାତୃଭୂମିର ସାର୍ବଭୌମତ୍ୱ ଏବଂ କ୍ଷେତ୍ରୀୟ ଅଖଣ୍ଡତାକୁ ରକ୍ଷା କରିବାରେ ସାହସ, ବୀରତ୍ୱ ଏବଂ ଦେଶପ୍ରେମ ପ୍ରଦର୍ଶନ କରିଛି। ଅନେକ ସାହସୀ ଏବଂ ବୀର ସୈନିକ ଆମ ଜାତିର ସେବାରେ ସେମାନଙ୍କର ସର୍ବୋଚ୍ଚ ବଳିଦାନ ଦେଇଛନ୍ତି। ଅପରେସନ୍ ସିନ୍ଦୁର ସମୟରେ ଆମର ସଶସ୍ତ୍ର ବାହିନୀ ପୁଣି ଥରେ ଅତୁଳନୀୟ ସମର୍ପଣ, ବୀରତ୍ୱ ଓ ନିଃସ୍ୱାର୍ଥପର ସେବା ପ୍ରଦର୍ଶନ କରିଛି, ଯାହା ଆମ ଲୋକଙ୍କ ହୃଦୟରେ ଏକ ବିଶେଷ ସ୍ଥାନ ଦାଖଲ କରିଛି। ସଶସ୍ତ୍ର ବାହିନୀ ପତାକା ଦିବସ ଆମକୁ ପତାକା ଦିବସ ପାଣ୍ଠିରେ ଦାନ କରି ସାହସୀ କର୍ମଚାରୀମାନଙ୍କ ସହିତ ଆମର ଏକତାକୁ ପ୍ରକାଶ କରିବାର ସୁଯୋଗ ପ୍ରଦାନ କରେ, ଯାହା ଯୁଦ୍ଧ ବିଧବା, ସହିଦଙ୍କ ସନ୍ତାନ, କର୍ତ୍ତବ୍ୟ ପାଳନ ସମୟରେ ଆହତ ହୋଇଥିବା ସାହସୀ ସୈନିକ ଏବଂ ପୂର୍ବତନ ସୈନିକଙ୍କ କଲ୍ୟାଣ ଏବଂ ପୁନର୍ବାସକୁ ସହାୟତା କରିବ।

ଏହି ପବିତ୍ର ଅବସରରେ ମୁଁ ସମସ୍ତ ନାଗରିକଙ୍କୁ ଆହ୍ୱାନ କରୁଛି ଯେ ସେମାନେ ଏହି ମହାନ କାର୍ଯ୍ୟରେ ଉଦାରତାର ସହିତ ଯୋଗଦାନ କରିବାକୁ ଆଗେଇ ଆସନ୍ତୁ, ଯାହା ଆମର ଉତ୍ତମ ଭବିଷ୍ୟତ ପାଇଁ ସେମାନଙ୍କର ଜୀବନକୁ ବଳିଦାନ ଦେଇଥିବା ବୀର ସୈନିକଙ୍କ ପ୍ରତି ଆମର ସାମୂହିକ କୃତଜ୍ଞତା ଏବଂ ସମ୍ମାନର ଏକ ନିଦର୍ଶନ ହେବ।

ଜୟ ହିନ୍ଦ୍।

(ହରି ବାବୁ କମ୍ଭମ୍ପାଟି)



## ବାର୍ତ୍ତା

ସଶସ୍ତ୍ର ବାହିନୀ ପତାକା ଦିବସ ୭ ଡିସେମ୍ବର ୨୦୨୫ ଅବସରରେ ମୁଁ ରାଜ୍ୟର ସମସ୍ତ ସେବାରତ ତଥା ସେବାନିବୃତ୍ତ ସୈନିକ, ଯୁଦ୍ଧରେ ପ୍ରାଣବଳୀ ଦେଇଥିବା ଅମର ସୈନିକମାନଙ୍କ ପତ୍ନୀ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି।

ଦେଶର ଅଖଣ୍ଡତା ଏବଂ ସାର୍ବଭୌମତ୍ୱ ଅକ୍ଷୁର୍ଣ୍ଣ ରଖିବା ପାଇଁ ଆମ ବୀର ସୈନିକମାନଙ୍କର ବଳିଦାନ ଓ ତ୍ୟାଗ ଅବିସ୍ମରଣୀୟ। ନିକଟରେ ହୋଇଥିବା ଅପରେସନ୍ ସିନ୍ଦୁର, ସେମାନଙ୍କର ସାହସ ଏବଂ ପ୍ରତିବଦ୍ଧତାର ଏକ ଉଜ୍ଜ୍ୱଳ ପ୍ରମାଣ। ସେମାନେ କେବଳ ଆମକୁ ବାହ୍ୟ ଶତ୍ରୁ କବଳରୁ ରକ୍ଷା କରନ୍ତି ନାହିଁ ବରଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏବଂ ଆଭ୍ୟନ୍ତରୀଣ ବିଶୃଙ୍ଖଳାକୁ ରୋକିବା ପାଇଁ ମଧ୍ୟ ଅମୂଲ୍ୟ ସେବା ପ୍ରଦାନ କରନ୍ତି। ମାତୃଭୂମିର ସୁରକ୍ଷା ପାଇଁ ଜୀବନ ଉତ୍ସର୍ଗ କରିଥିବା ବୀର ଶହୀଦ ମାନଙ୍କୁ ସ୍ମରଣ ଓ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା, ସେବାରତ ତଥା ସେବାନିବୃତ୍ତ ସୈନିକମାନଙ୍କ ପ୍ରତି ଆନ୍ତରିକ ସମ୍ମାନ ପ୍ରଦର୍ଶନ କରିବା ସହିତ ସେମାନଙ୍କ ପରିବାରବର୍ଗଙ୍କ କଲ୍ୟାଣ ଏବଂ ପୁନଃ ଥଇଥାନ ନିମନ୍ତେ ସହାୟତା ଓ ସହଯୋଗ ପ୍ରଦାନ କରିବା ଏହି ଦିବସ ପାଳନର ମହତ ଉଦ୍ଦେଶ୍ୟ।

ଏହି ଶୁଭ ଅବସରରେ ସମଗ୍ର ରାଜ୍ୟବାସୀଙ୍କୁ "ସଶସ୍ତ୍ର ବାହିନୀ ପତାକା ଦିବସ ପାଣ୍ଠି"କୁ ମୁକ୍ତ ହସ୍ତରେ ଦାନ କରିବାକୁ ମୁଁ ଆହ୍ୱାନ କରୁଛି। ଆସନ୍ତୁ, ଆମେ ସମସ୍ତେ ଏକାଠି ହୋଇ ସେମାନଙ୍କ ବଳିଦାନକୁ ସମ୍ମାନ ଦେବା ଏବଂ ସେମାନେ ପ୍ରତିନିଧିତ୍ୱ କରୁଥିବା ସେବା ଏବଂ ଏକତାର ଭାବନାକୁ ବଜାଇ ରଖିବା।

ଜୟ ହିନ୍ଦ୍।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା


OIPR-12088/13/0006/2526

# ନୀଳକଣ୍ଠେଶ୍ୱର ମନ୍ଦିରରୁ ବାହାରିଲା ମଶାଲ ଶୋଭାଯାତ୍ରା

## ପାପଡ଼ାହାଣ୍ଡି ବ୍ଲକସ୍ତରୀୟ ମଣ୍ଡେଇ ପାଳିତ

ପାପଡ଼ାହାଣ୍ଡି, ୬।୧୨ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ସଦରରେ ଶନିବାର ବ୍ଲକସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା ସହ ପରବ ମଶାଲ ପ୍ରଜ୍ୱଳିତ କରାଯାଇଥିଲା। ମଶାଲ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବା ପରେ ମଶାଲକୁ ସ୍ଥାପନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ଜନପ୍ରତିନିଧି, ବିଭିନ୍ନ ନେତା, ପ୍ରଶାସନିକ ଅଧିକାରୀ, ସରପଞ୍ଚ, ସମିତିସଭ୍ୟ ଓ ବହୁ ସଂଖ୍ୟାରେ ଜନସାଧାରଣ ଯୋଗ ଦେଇଥିଲେ। ବ୍ଲକ କାର୍ଯ୍ୟାଳୟରେ ବିଭିନ୍ନ ବିଭାଗ ପକ୍ଷରୁ ଖୋଲାଯାଇଥିବା ଷ୍ଟଲଗୁଡ଼ିକୁ ଉଦ୍‌ଘାଟନ କରାଯାଇଥିଲା। ସେଠାର ବ୍ଲକ ଅଧ୍ୟକ୍ଷା ହେମଲତା ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ପୂର୍ବତନ ଏମ୍‌ପି ପର୍ଶୁରାମ ମାଝୀ, ଡାବୁଗାଁ ପୂର୍ବତନ ବିଧାୟକ ଭୁଜବଳ ମାଝୀ, ଗଣଶିକ୍ଷାମନ୍ତ୍ରୀଙ୍କ ପ୍ରତିନିଧି ଲିଙ୍ଗରାଜ ଭତରା, ଏମ୍‌ପିଙ୍କ ପ୍ରତିନିଧି ସୋମନାଥ ପୂଜାରୀ, ବିଧାୟକଙ୍କ ପ୍ରତିନିଧି ରଜନୀକାନ୍ତ ସାସ୍‌ମଲ, ନବରଙ୍ଗପୁର ପୌରାଧ୍ୟକ୍ଷ କୁନୁ ନାୟକ, ଭାଜପା ଜିଲା ସଭାପତି କୁଞ୍ଜବିହାରୀ ଦାସ, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ରାଇଘର ବ୍ଲକ ଅଧ୍ୟକ୍ଷ ଗୁପ୍ତ ଝାଙ୍କର, ଡାବୁଗାଁ ବ୍ଲକ ଅଧ୍ୟକ୍ଷା ବୀଣା ମାଝୀ, ଜିଲା ପରିଷଦ ସଭ୍ୟା ଡା. ଲିପିକା ମାଝୀ, ଜିଲା ପରିଷଦ ସଭ୍ୟ ଯଶୋବନ୍ତ ନାୟକ, ବିଡିଓ କପିଳଦେବ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଜଟାବାଲର ସରଗମ ମେଲୋଡି ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ବିଡିଓ କପିଳ ଦେବ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ମଣ୍ଡେଇ ପାଳନର ଉଦ୍ଦେଶ୍ୟ ବୋଲି ଅତିଥିମାନେ କହିଥିଲେ। ପାପଡ଼ାହାଣ୍ଡି ବ୍ଲକର ୨୩ ପଞ୍ଚାୟତରୁ ୧୭ ସାଂସ୍କୃତିକ ଦଳ ଭାଗ ନେଇଥିଲେ। ଏଥିରୁ ୩ଟି ଦଳ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ସୂଚନା ମିଳିଛି। ବାପୁଜୀ ନାୟକ ଓ ବିପିନ ତ୍ରିପାଠୀ ବ୍ଲକର ଶ୍ରେଷ୍ଠ ଯନ୍ତ୍ରୀ, ଜିପିଇଓ ଅକ୍ଷୟ ପଟ୍ଟନାୟକ ଶ୍ରେଷ୍ଠ ସଂଯୋଜକ, ସୁମିତ୍ରା ମିଶ୍ର ଶ୍ରେଷ୍ଠ ପିଇଓ, ମହେଶ ଦାସ ଶ୍ରେଷ୍ଠ କିରାଣି, ଶ୍ରେଷ୍ଠ ବ୍ଲକ ପ୍ରୋଗ୍ରାମରଭାବେ ପ୍ରଶାନ୍ତ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନୃତ୍ୟଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିପିସି ବି. ଶଶିକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶୁଭଶ୍ରୀ ଗନ୍ତାୟତ ଓ ସେକ୍ସପିୟର ଆଲବର୍ଟ ବେନିୟା ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଏସ୍‌ଡିପିଓ ସତ୍ୟଜିତ କଣ୍ଡେଲକାଲଙ୍କ ନେତୃତ୍ୱରେ ଥାନାଧିକାରୀ ଦୀପକ କୁମାର ଜେନା ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।



ମଶାଲକୁ ଜନପ୍ରତିନିଧି, ଅଧିକାରୀ ଓ ଜନସାଧାରଣ ଶୋଭାଯାତ୍ରାରେ ନେଉଛନ୍ତି।

# ୫ ଜଣଙ୍କୁ ସରସ୍ୱତୀ ଉପାଧି



ଅତିଥିଙ୍କ ସହ ସମ୍ମାନିତ ହୋଇଥିବା ବ୍ୟକ୍ତିବିଶେଷ।

ଚନ୍ଦାହାଣ୍ଡି, ୬।୧୨ (ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମାଁ ସରସ୍ୱତୀ କଳା କୁଞ୍ଜ ଅନୁଷ୍ଠାନର ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଛି। ଏହି ଅବସରରେ ୫ଜଣ ପ୍ରତିଭା ସମ୍ପନ୍ନ ବ୍ୟକ୍ତିଙ୍କୁ ସରସ୍ୱତୀ ସମ୍ମାନରେ ସମ୍ମାନୀତ କରାଯାଇଛି। ଘେନୁ ସାହୁଙ୍କୁ 'କଣ୍ଠ ସରସ୍ୱତୀ', ଦଶରଥ ସାହୁଙ୍କୁ 'ବାଦ୍ୟ ସରସ୍ୱତୀ', ପ୍ରଦୀପ କୁମାର ପତିଙ୍କୁ 'ସେବା ସରସ୍ୱତୀ', ଶିକ୍ଷକ ପ୍ରକାଶ ପ୍ରଧାନଙ୍କୁ 'ନାଟ୍ୟ ସରସ୍ୱତୀ, ଶିକ୍ଷୟିତ୍ରୀ କାଦମ୍ବିନୀ ବେଶ୍ରାଙ୍କୁ 'କାବ୍ୟ ସରସ୍ୱତୀ' ସମ୍ମାନରେ ସମ୍ମାନିତ କରାଯାଇଛି। ଅନୁଷ୍ଠାନ ସଭାପତି ତୁଷାର ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତା ଓ ଉଦ୍‌ଘୋଷକ ଘନଶ୍ୟାମ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ପୂର୍ବତନ ଏମ୍‌ପି ରମେଶ ଚନ୍ଦ୍ର ମାଝୀ, ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ, ବ୍ଲକ ଅଧ୍ୟକ୍ଷା ସୁମିତ୍ରା ପୂଜାରୀ, କଂଗ୍ରେସ ନେତା କ୍ଷେମରାଜ ବାଘ, ଆଇନଜୀବୀ ମହମ୍ମଦ ହୁସେନ, ହୁମେଶ୍ୱର ହଂସ, ଚାରିଗଡ଼ ଝରିଆ ସାହୁ ସମାଜ କୁଳପତି କୀର୍ତ୍ତନ ରାମ ସାହୁ, ତରନ ନାୟକ, ପଦ୍ମଲୋଚନ ସାହୁ, ହୃଷିକେଶ ସାହୁ ପ୍ରମୁଖ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ଏହି ଅବସରରେ ଶିଶୁ କଳାକାରମାନଙ୍କୁ ନେଇ ଏକ ପୌରାଣିକ ନୃତ୍ୟ ନାଟିକା ଶ୍ରୀ କୃଷ୍ଣଙ୍କ ବାଲ୍ୟ ଲୀଳା ପରିବେଷଣ କରାଯାଇଥିଲା। ସଂଘ ସମ୍ପାଦକ ସୌରି ରଞ୍ଜନ ସାହୁ, ରୋହିତ ସାହୁ, ଗୁପ୍ତେଶ୍ୱର ସାହୁ, ନୀତିଶ ସାହୁ ଓ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ସମାଜର ମଙ୍ଗଳସାଧନ ପାଇଁ କାମ କରିବାକୁ ଆହ୍ୱାନ

## ନବରଙ୍ଗପୁରର ଜିଲା ଯୁବ ରେଡକ୍ରସ୍‌ର ତ୍ରି-ଦିବସୀୟ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଘାଟିତ




ଜିଲାପାଳ ଜଣଙ୍କୁ ସମ୍ମାନିତ କରୁଛନ୍ତି।

ନବରଙ୍ଗପୁର, ୬।୧୨ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଅଗ୍ନିପୁର ପଞ୍ଚାୟତ ଅଧୀନ ଟିରଲି ଆମ୍ବଗୁଡ଼ାସ୍ଥିତ ସରକାରୀ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଭାରତୀୟ ରେଡକ୍ରସ୍ ସୋସାଇଟି ଓଡ଼ିଶା ରାଜ୍ୟଶାଖା ଆନୁକୁଲ୍ୟରେ ଶନିବାର ନବରଙ୍ଗପୁର ଜିଲାସ୍ତରୀୟ ଯୁବ ରେଡକ୍ରସର ୩ ଦିନିଆ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ନବରଙ୍ଗପୁର ଜିଲାପାଳ ତଥା ରେଡ୍‌କ୍ରସ ଅଧ୍ୟକ୍ଷ ଡ ମହେଶ୍ୱର ସ୍ୱାଇଁ ମୁଖ୍ୟ ଅତିଥି, ନବରଙ୍ଗପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ତଥା ଯୁବ ରେଡ଼କ୍ରସ୍ ଚେୟାରମ୍ୟାନ ଡି. ଗୋବିନ୍ଦା ରାଓ, ଜିଲା ଆବାହକ ଦିଲ୍ଲୀପ କୁମାର ହୋତା, ଜିଲା ସଂଯୋଜକ ଅଖିଳ କୁମାର ଭଟ୍ଟ, ପ୍ରଶିକ୍ଷକ ଡଃ ରଞ୍ଜନ କୁମାର ସ୍ୱାଇଁ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଶିବିରରେ ଜିଲାର ୩୫ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୨୦ ସ୍ୱେଚ୍ଛାସେବୀ ଓ ୩୦ ଜଣ କାଉନସିଲର ଭାଗ ଦେଇଥିଲେ। ଅନୁଷ୍ଠାନ ଅଧ୍ୟକ୍ଷ ବିନୋଦ ବିହାରୀ ବେହେରାଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରେଡକ୍ରସ ପତାକା ଉତ୍ତୋଳନ କରି ସମସ୍ତ ସ୍ୱେଚ୍ଛାସେବୀଙ୍କୁ ଶପଥ ପାଠ କରାଇଥିଲେ। ରେଡ୍‌କ୍ରସ- ଅର୍ନ୍ତଜାତୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ଯୋଡ଼ି ହୋଇ ଭବିଷ୍ୟତରେ ଜଣେ ଜଣେ ଯୋଦ୍ଧା ହୋଇ ସମାଜର ମଙ୍ଗଳ ସାଧନ ପାଇଁ ଆଗେଇ ଆସିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ପ୍ରଥମ ଦିନର ତାଲିମ ଶିବିରରେ ଅଧ୍ୟାପକ ଅଖିଳ କୁମାର ଭଟ୍ଟ ରେଡ୍‌କ୍ରସର ଉତ୍ପତ୍ତି, ମୌଳିକ ନୀତି ଲକ୍ଷ୍ୟ ସମ୍ବନ୍ଧରେ ଏକ ବିସ୍ତୃତ ତଥ୍ୟ ଚଳଚ୍ଚିତ୍ର ମାଧ୍ୟମରେ ସ୍ୱେଚ୍ଛାସେବୀମାନଙ୍କୁ ମାର୍ଗଦର୍ଶକ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଜିଲା ଅଗ୍ନିଶମବାହିନୀ ପକ୍ଷରୁ ବିପର୍ଯ୍ୟୟ ପରିଚାଳନା ଉପରେ ଆଲୋଚନା କରିବା ସହିତ ବିପର୍ଯ୍ୟୟ ପ୍ରଶମନ ପଦ୍ଧତି ସମ୍ପର୍କରେ ବ୍ୟବହାରିକ ପ୍ରଦର୍ଶନ କରିଥିଲେ। ୩ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ୨ଜଣ ରାଜ୍ୟସ୍ତରୀୟ ପ୍ରଶିକ୍ଷକ ଓ ଜାତୀୟସ୍ତରୀୟ ପ୍ରଶିକ୍ଷକ ଯୋଗ ଦେବେ। ରେଡକ୍ରସ ସ୍ୱେଚ୍ଛାସେବୀ ମାନଙ୍କ ବ୍ୟକ୍ତିତ୍ୱର ବିକାଶ ସହ ସାମାଜିକ ସେବା ଉପରେ ବିଭିନ୍ନ ପ୍ରକାର ତାଲିମ ବ୍ୟବସ୍ଥା କରାଯାଇଥିବା ଅଧ୍ୟକ୍ଷ ପ୍ରକାଶ କରିଛନ୍ତି।

# ଚାଷୀଙ୍କୁ ଆଳୁ ବିହନ ବଣ୍ଟନ

ଡାବୁଗାଁ, ୬।୧୨ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ପରିସରରେ ଶନିବାର ବିଭାଗ ପକ୍ଷରୁ ଚାଷୀମାନଙ୍କୁ ଆଳୁ ବିହନ ବଣ୍ଟାଯାଇଛି। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସରକାରଙ୍କ ପକ୍ଷରୁ ମିଳୁଥିବା ଆଳୁ ବିହନ ନେଇ ଚାଷ କରିବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବୀଣା ମାଝି, ରାଇଘର ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରାସାଦ ଝାଙ୍କର, ରାଜ୍ୟ ସଭା ସଦସ୍ୟଙ୍କ ପ୍ରତିନିଧି ରାମାରାଓ ଚୌଧୁରୀ, ଡାବୁଗାଁ ଜୋନ-୨ ଜିଲା ପରିଷଦ ସଭ୍ୟ ଗୁପ୍ତ ବିଷୋୟୀ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ବ୍ଲକ କଂଗ୍ରେସ ସଭାପତି ଜି. ସାଇ ରାଜୁ, ଭାଜପା ବରିଷ୍ଠ ନେତ୍ରୀ ମନୋରମା ନାୟକ, ମହେଶ ପାତ୍ର, ଡାବୁଗାଁ ସହକାରୀ ଉଦ୍ୟାନ ଅଧିକାରୀ ରବିଶଙ୍କର ପଣ୍ଡା, ଉଦ୍ୟାନ ସମ୍ପ୍ରସାରଣ କର୍ମଚାରୀ ଜଳେନ୍ଦ୍ର ଅମାନାତ୍ୟ ପ୍ରମୁଖ ଯୋଗଦେଇଥିଲେ। ଡାବୁଗାଁ ବ୍ଲକରେ ୪୦ ହେକ୍ଟର ଜମିରେ ଚାଷ ପାଇଁ ୨୦୦ ଜଣ ଚାଷୀଙ୍କୁ ଆଳୁ ବିହନ ବଣ୍ଟନ କରାଯାଇଛି। ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ଉପସ୍ଥିତ ଥିଲେ।

# ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର ସଚେତନତା ଶିବିର

ନବରଙ୍ଗପୁର, ୬।୧୨ (ସଦାଶିବ ପ୍ରହରାଜ)

ଆର୍ଥିକ କ୍ଷେତ୍ରରେ ଦାବିହୀନ ଜମାପୁଞ୍ଜିର ଶୀଘ୍ର ଓ ଦକ୍ଷ ବିନିଯୋଗକୁ ସହଜ କରିବା ପାଇଁ ଦାବିହୀନ ଜମାରାଶିର ସୁରକ୍ଷା ଓ ସଚେତନତା ଶିବିର ଶନିବାର ନବରଙ୍ଗପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାପାଳ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହାର ଶୀର୍ଷକ ଥିଲା ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର। ଏଠାରେ ବ୍ୟାଙ୍କ ଜୀବନ ବୀମାର ଅଧିକାରୀ, ଏଏଲ୍‌ଡିଓ, ଆର୍‌ବିଆଇ ଡିଭିଜନ, ନାବାର୍ଡ, ଆର୍‌ବିଆଇ ଅଧିକାରୀ ଓ ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ, ଶାଖା ପ୍ରବନ୍ଧକ ଓ ହିତାଧିକାରୀମାନେ ଉପସ୍ଥିତ ଥିଲେ। ଦାବିହୀନ ଜମା ୧୦ ବର୍ଷ ପରେ ଆର୍‌ବିଆଇର ଡିଏଫ୍ ଆକାଉଣ୍ଟରେ ପଡିଲା ପରେ କିପରି ଏହା ହିତାଧିକାରୀଙ୍କୁ ସୁରକ୍ଷିତ ଭାବରେ ମିଳିପାରିବ ସେ ବିଷୟରେ ସବିଶେଷ ଆଲୋଚନା ହୋଇଥିଲା।



**ବାଇକ୍, ସାଇକେଲ ଧକ୍କା, ଜଣେ ଆହତ**

କୋରୁକୋଣ୍ଡା,(ଶିବଦତ୍ତ ସାହୁ)- କୋରୁକୋଣ୍ଡା ବ୍ଲକ ସଦର ପଞ୍ଚାୟତ କୋଇଲିପାରି ନିକଟରେ ବାଇକ୍ ଧକ୍କାରେ ବାନ୍ଧଗୁଡା ଗ୍ରାମର ରାମା ମାଡ଼କାମୀ ଓ ସିଙ୍ଗା ମାଡ଼କାମୀ ଆହତ ହୋଇଛନ୍ତି । ଉଭୟେ କୋଇଲିପାରିକୁ ଆସି ବାନ୍ଧଗୁଡାକୁ ଫେରୁଥିବା ବେଳେ ଏକ ବାଇକ୍ ସେମାନଙ୍କୁ ଧକ୍କା ଦେଇଥିଲା । ରାମା ଓ ସିଙ୍ଗାଙ୍କୁ କାଲିମେଲା ବିଧାୟକ ପ୍ରତିନିଧି ଉତ୍ତମ ଖୋସାଲା ନିଜ ଗାଡିରେ କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ରାମାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଜିଲା ସଦର ଚିକିତ୍ସାଳୟକୁ ପଠାଇଛନ୍ତି। ବିଧାୟକ ପ୍ରତିନିଧିଙ୍କ ଏଭଳି କାର୍ଯ୍ୟକୁ ସ୍ଥାନୀୟ ବାସିନ୍ଦା ପ୍ରଶଂସା କରିଛନ୍ତି

# ୪ ଦିନରେ ୧୬୭୩ ରୋଗୀଙ୍କ ଚିକିତ୍ସା

## ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା

ମାଲକାନଗିରି,୬।୧୨ (ଦୁର୍ଯ୍ୟୋଧନ ପାତ୍ର)



ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବାରେ ଗତ ୪ ଦିନରେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୬୭୩ ରୋଗୀଙ୍କ ଚିକିତ୍ସା କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଭୁବନେଶ୍ୱରରୁ ୬ ବିଶେଷଜ୍ଞ ଆସିଥିଲେ। ୩ ତାରିଖରୁ ଏଯାଏ ଜିଲ୍ଲାର ବିଭିନ୍ନ ରୋଗୀଙ୍କ ପରୀକ୍ଷା ଓ ଚିକିତ୍ସା ଆଦି କରିଛନ୍ତି। କାର୍ଡିଓଲୋଜି ୩୧୮ଜଣ, ଗ୍ୟାସ୍ଟ୍ରୋଏଣ୍ଟେରୋଲୋଜି ୩୪୮ ଜଣଙ୍କୁ ନ୍ୟୁରୋଲୋଜି ୪୯୭ଜଣ, ୟୁରୋଲୋଜି ୨୩୫ଜଣ, ନେଫ୍ରୋଲୋଜି ୨୬୪ଜଣ ଲେପ୍ରୋଲୋଜି ସର୍ଜରୀ ୮ ଜଣଙ୍କୁ, ସାଧାରଣ ସର୍ଜରୀରେ ୩ଜଣଙ୍କୁ ଚିକିତ୍ସା କରାଯାଇଛି। ଏଥିସହ ୧୭୨ଟି ୟୁଏସ୍‌ଜି, ୬୨ ଇକୋ, ୨୧୪ ଇସିଜି, ୨୬୭ ଏକ୍ସରେ, ୫୩ ଏଣ୍ଡୋସ୍କୋପି, ୯୯୬୫ ଲ୍ୟାବ ଟେଷ୍ଟ କରିଛନ୍ତି। ଏହି ବାୟୁ ସ୍ୱାସ୍ଥ୍ୟ ସେବା ଯୋଗୁ ଜିଲାର ବହୁ ରୋଗୀଙ୍କ ଚିକିତ୍ସା ସୁରୁଖୁରୁରେ ହେଉଥିବାରୁ ଜିଲାବାସୀ ସରକାରଙ୍କ ସହ ଡାକ୍ତରମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଜାରି ରହିଲେ ଜିଲାର ରୋଗୀମାନେ ଅନ୍ୟ ଜିଲା ଓ ପଡୋଶୀ ରାଜ୍ୟ ଉପରେ ନିର୍ଭର ହେବେ ନାହିଁ ବୋଲି ବୁଦ୍ଧିଜୀବି କହିଛନ୍ତି।

# ଭୈରବ ମନ୍ଦିର ଗର୍ଭଗୃହରୁ ପୁରୁଣା ଧାତୁ ସାମଗ୍ରୀ ଉଦ୍ଧାର

କାଲିମେଲା,୬।୧୨ (ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲ୍ଲା କାଲିମେଲା ସଦର ମହକୁମା ହାଟପଦାସ୍ଥିତ ଭୈରବ ମନ୍ଦିରର ଠାକୁରଙ୍କ ବାସ ସ୍ଥାନ ନିକଟରେ ମାଟି ଖୋଳା ଯାଉଥିବା ବେଳେ ପୁରାତନ ମୂର୍ତ୍ତି, ହାତ ବଳା ଓ ଧାତୁରେ ନିର୍ମିତ ଅନ୍ୟ ସାମଗ୍ରୀ ଶନିବାର ଉଦ୍ଧାର ହୋଇଛି। କାଲିମେଲା ବ୍ଲକର ବିଭିନ୍ନ ଗ୍ରାମର ପୂଜକମାନେ ଆସି ଠାକୁରଙ୍କ ଗର୍ଭଗୃହକୁ ଖୋଳାଖୋଳି କରୁଥିଲେ। ଏହି ସମୟରେ ସମସ୍ତ ସାମଗ୍ରୀ ବାହାରିଥିବା ମୁଖ୍ୟ ସେବକ ଦୁର୍ଗା ପୂଜାରୀ ସୂଚନା ଦେଇଛନ୍ତି। ଜୟପୁରର ରାଜା ଜଳନ୍ଧର ମହାରାଜାଙ୍କ ଶାସନ ଅମଳରୁ ହଜାର ହଜାର ବର୍ଷ ପୁରୁଣା ଠାକୁରଙ୍କ ସାମଗ୍ରୀ ମାଟି ତଳେ ପୋତି ହୋଇରହିଥିଲା। ଉଦ୍ଧାର ସାମଗ୍ରୀ ପୁଣି ଠାକୁରଙ୍କ ସେବାରେ ବ୍ୟବହାର କରାଯିବ ବୋଲି ସୂଚନା ରହିଛି। ଏଥିରେ କାଲିମେଲାର ବି ଭାସ୍କର ରାଓ, ବିନୋଦ ସାହୁ, ଏସ୍. ଶ୍ରୀନୁ, ଗରିଗୁଡା ଗାଁର ଗଙ୍ଗା କବାସି, ବଡିଗୁଡା ଗାଁର ଦେବା କବାସି, ଦୁଲା ପଡିଆମି ପ୍ରମୁଖ ଉପସ୍ଥିତ ଥିଲେ।


No.O-1691

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, R.W.S&S DIVISION, SAMBALPUR**
E.mail : eerwsssbp@gmail.com
**"e" PROCUREMENT NOTICE**
**Bid Identification No. RWSS (SBP) : 09/2025-26**

1. Name of the Work : Operation (including Supply of Staff Pattern) of 5 MLD WTP for Piped Water Supply Scheme to 23 Villages of Dhankauda & Rengali Block for Two Years (730 days)
2. Total Number of Work : 01 No. (One)
3. Estimated Cost : Rs.200.65 lakhs
4. Amount put to Tender : Rs.170.04 lakhs
5. Class of Contractor : B & A
6. Agrmnt. Period : 02 years

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, RWSS Division, Sambalpur | RWSS (SBP) :- 09/2025-26 | 06.12.2025 11.00 A.M. | Up to 5.00 P.M. of 20.12.2025 |

Further details can be seen from the e-procurement portal "www.tendersorissa.gov.in". Subsequent corrigendum if required shall be appeared in the website only.

Sd./- Superintending Engineer, R.W.S&S. Division, Sambalpur

OIPR-25015/11/0008/2526


# ଦୁର୍ଘଟଣାରେ ଗୁରୁତର ଶିକ୍ଷକଙ୍କ ମୃତ୍ୟୁ

କୋରୁକୋଣ୍ଡା,୬।୧୨ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ସହରର ଚିତ୍ରକୋଣ୍ଡା ଯିବା ରାସ୍ତା ଟର୍ନେଲ କ୍ୟାମ୍ପ ନିକଟରେ ଗୁରୁବାର ସଡ଼କ ଦୁର୍ଘଟଣାରେ ଜଣେ ଶିକ୍ଷକ ଗୁରୁତର ହୋଇ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। କୋରୁକୋଣ୍ଡା ବ୍ଲକ ଅଧୀନ ସୋମନାଥ ପୁର ସାଧନକେନ୍ଦ୍ରର ସଂଯୋଜକ ତଥା ଡାଇକ-୩ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଜତିନ୍ଦ୍ର କୁମାର ସ୍ୱାଇଁ ଗୁରୁବାର ଚିତ୍ରକୋଣ୍ଡା ଶିକ୍ଷକ ତାଲିମ କେନ୍ଦ୍ରରୁ ବାଲିମେଳା ଫେରୁଥିବା ବେଳେ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ଏହା ପରେ ସ୍ଥାନୀୟ ଲୋକେ ଚିତ୍ରକୋଣ୍ଡା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟ, ଭୁବନେଶ୍ୱର ଓ ପରେ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଥିବା ବେଳେ ତାଙ୍କର ମୃତ୍ୟୁ ହୋଇଛି। ସ୍ୱେଚ୍ଛାସେବୀ ମଦନ ଖୋସଲା ଦୁର୍ଘଟଣା ନେଇ ଚିତ୍ରକୋଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଚିତ୍ରକୋଣ୍ଡା ଥାନାଧିକାରୀ ଜୟନାରାୟଣ ଖଣ୍ଡାଇଙ୍କୁ ପଚାରିବାରୁ ଅଭିଯୋଗକୁ ଆଧାର କରି ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଥିବା କହିଛନ୍ତି।

# ଗୃହରକ୍ଷୀ, ନାଗରିକ ପ୍ରତିରକ୍ଷାର ଉଦୟ ଦିବସ




ଗୃହରକ୍ଷୀମାନେ ପରେଡ କରୁଛନ୍ତି।

ମାଲକାନଗିରି,୬।୧୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ପୋଲିସ ମୁଖ୍ୟାଳୟସ୍ଥିତ ଡିପିଓ ପଡ଼ିଆରେ ପକ୍ଷରୁ ୬୩ତମ ଗୃହରକ୍ଷୀ ଏବଂ ନାଗରିକ ପ୍ରତିରକ୍ଷା ଉଦୟ ଦିବସ ପାଳିତ ହୋଇଛି। ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍ ପାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ସୁରକ୍ଷା କ୍ଷେତ୍ରରେ ଗୃହରକ୍ଷୀଙ୍କ ଭୂମିକା ନେଇ ଆଲୋକପାତ କରିଥିଲେ। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ କେନ୍ଦ୍ର ଗୃହମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା ପଠନ କରିଥିଲେ। ଆଇନ ଶୃଙ୍ଖଳା ବଜାୟ ରଖିବା ଏବଂ ଜରୁରୀକାଳୀନ ପରିସ୍ଥିତିରେ ମୁକାବିଲା କରିବାରେ ଗୃହରକ୍ଷୀଙ୍କ ଅବଦାନ ରହିଛି ବୋଲି ବକ୍ତାମାନେ କହିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ରାଜକିଶୋର ଦାସ, ମାଲକାନଗିରି ଆଦର୍ଶ ଥାନାଧିକାରୀ ରିଗାନ କିଣ୍ଡୋ, ପୋଲିସ ଅଧିକାରୀ ଓ ଗୃହରକ୍ଷୀ ଯୋଗଦେଇଥିଲେ।


**ODISHA PUBLIC SERVICE COMMISSION, CUTTACK**

**NOTICE**

**No. 8426/P.S.C., Dt. 05.12.2025**
**(2PL-01-2025/26, DR-I)**

**No.D-272** : It is for information of all **11** provisionally qualified candidates that, the **Document Verification & Interview** for recruitment to the posts of **Assistant Director of Factories and Boilers**, pursuant to **Advt. No. 01 of 2025-26** will be held on **12.12.2025** in the Office of the Commission, at 19, Dr. P.K. Parija Road, Cuttack-753001 as per the programme mentioned below:-

| Sl. No. | Roll No. of Candidates | Date of Document Verification & Interview | Time of Reporting by the Candidates | Time of document verification | Time of Interview |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | 100002, 100012, 100019, 100020, 100025, 100027, 100029, 100031, 100034, 100042, 100070 = **11 Candidates** | 12.12.2025 | 08.00 A.M. | 08.30 A.M. | 10.30 A.M. |

The candidates are required to produce following Original Documents along with a set of self- attested photocopies of all Certificates/Documents at the time of Document Verification failing which their candidature will be rejected.

1. **Hard copy** of Online Application Form duly signed in.
2. **Attestation Form** and **Bio-data Form**. (To be downloaded from the website of the Commission)
3. **H.S.C. or Equivalent Certificate** in support of declaration of age.
4. **Intermediate/ +2 Certificate** issued by the concerned Board/ Council.
5. **Bachelor's Degree Certificate in Mechanical Engineering** from a recognized University.
6. Authentic Certificate showing **Practical Experience of at least 02 years** in an authorised workshop or manufacturing concern of good standing or in design, construction, operation or maintenance of boilers issued by Competent Authority, **after completion of Degree in Mechanical Engineering**
7. **Marksheets** of the above examinations passed **(HSC to Bachelor's Degree)**.
8. Conversion Certificate wherever applicable.
9. **Odia Test Pass Certificate**.
10. **SEBC** Certificate issued by the Competent Authority within the last three years by the closing date of submission of Online Application Form, wherever applicable.
11. If a candidate claims to possess qualification, equivalent to the prescribed qualification, the rule/authority (with number & date) under which it is so treated, must be furnished along with the hard copy of the Online Application Form.
12. **Four recent passport size photographs (unsigned and unattested)**, which has been uploaded with Online Application Form.
13. **No Objection Certificate** (in case of in-service candidates), wherever applicable.
14. **Document in support of Identity.** (Aadhaar/ EPIC/DL/ PAN Card/ Voter ID card/Passport).
15. Any other document as mentioned in Para-11 of Advt. No. 01 of 2025-26.

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

OIPR-12002/11/0340/2526 Sd./- Secretary



No.CAD-2608

**ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ**
**INSTITUTE OF MATHEMATICS AND APPLICATIONS**
Science and Technology Department,Govt. of Odisha
Andharua, Bhubaneswar-751029
Ref: No. IMA/54/1471/2025 ,dtd. 05/12/2025

**ANNOUNCEMENT FOR THE JUNIOR MATHEMATICAL OLYMPIAD (JMO) & SENIOR MATHEMATICAL OLYMPIAD (SMO) EXAMINATION FOR THE YEAR 2025-26**

Applications from the eligible candidates for Junior Mathematical Olympiad (JMO) and Senior Mathematical Olympiad (SMO) examination through their head master via Zonal Coordinators of Junior Mathematical Olympiad and Senior Mathematical Olympiad Examinations are invited herewith. The examination is scheduled to be held on **Sunday, January 18, 2026 from 12:00 noon to 3:00 pm** in different centres all over Odisha. The list of candidates in the prescribed format so obtained by the concerned Zonal Coordinator must reach in IMA by **Friday, January 09, 2026**. The detailed procedure of application fees, prescribed format and details of the examination etc. are available in the IMA website link https://iomaorissa.co.in and OMS website link https://omsonnet.com

OIPR-28010/11/0029/2526 sd/ REGISTRAR



**ODISHA COMPUTER APPLICATION CENTRE**
**OCAC REQUEST FOR PROPOSAL**
Enq.No.:-OCAC-SEGP-SPD-0078-2025-25108

**No.U-34:** Odisha Computer Application Centre (OCAC) invites Request for Proposal (RFP) for Selection of Agencies for Comprehensive Monitoring Services of IT Infrastructure Deployed Under e-Governance Projects by OCAC. For details please visit websites www.ocac.in & www.odisha.gov.in.

The bid shall be submitted in electronic mode only in the portal https://enivida.odisha.gov.in latest by **30.12.2025, 2:00 PM.** OCAC reserves the right to accept/ reject any / all bids without assigning any reason thereof.

**General Manager(Admin), OCAC,** Plot No.-N-1/7-D, Acharya Vihar, P.O.-RRL, Bhubaneswar-751013, Ph.-2567280/ 2567064/ 2567295

OIPR-16003/11/0140/2526



**OFFICE OF THE DIVISIONAL FOREST OFFICER, ATHMALLIK FOREST DIVISION**
**AT/PO : ATHMALLIK, DIST : ANGUL-759125**
E-mail : dfoathmallikt@gmail.com Mob : +91 9437004236
Letter No.5748/1F Section/(50/2025-26)/Dt.05 Dec., 2025
No.MM-344

**INVITATION FOR BIDS (IFB)**
**E-Procurement Bid Identification No.DFO(AKL)-FE & CC-29/2025-26**

| | | |
|---|---|---|
| 1. | The Divisional Forest Officer, Athmallik, Odisha on behalf of Governor of Odisha, invites percentage rate in double cover system in ONLINE MODE only, for the work Construction of Three-Storey Residential Complex Comprising of 4 Nos Ministerial Staff Quarters and 2 nos Class-IV quarters in Forest colony in Athmallik Range under Athmallik Forest Division. | |
| 2. | Nature of Work | Building Works |
| 3. | Class of Contractor | 'B' Class |
| 4. | Estimated Cost | 53,58,847/- |
| 5. | Completion Period | 3 Calendar Months |
| 6. | Availability of Bid Documents | 06.12.2025 (11.00 A.M.) to 15.12.2025 (05.00 P.M.) |
| 7. | Last Date for Receipt of Bids | 15.12.2025 up to 05.00 P.M. |
| 8. | Opening of Bids | 16.12.2025 at 11:30 A.M. |

Further details can be seen from the e-Procurement portal www.tendersodisha.gov.in. The Addendum/Corrigendum/Cancellation of tender, if any, will be hosted on the website only.

Sd./- Divisional Forest Officer, Athmallik Forest Division

OIPR-08125/11/0024/2526



**ODISHA POLICE STATE HEADQUARTERS CUTTACK**

**Odisha Police**
**Office of the D.G & I.G. of Police, Odisha, Cuttack**
**Tel. :0671-2304001, Website** : www.odishapolice.gov.in,
**RFP No:** 25-RFP-Cyber labs in 34 Cyber Crime and Economic offences-2025-26
**Date:** 05.12.2025 **Email: cyberwing.cidcb@odisha police.gov.in**

**No.D-274 : Online Bids through e-Tender Portal https://tendersodisha.gov.in are invited from the eligible bidders for Request For Proposal (RFP) for Selection of System Integrator for Establishment of Cyber Labs in 34 Cyber Crime & Economic Offences Police Stations and a Central Lab including Supply, Installation and Commissioning of IT Assets for Odisha Police during the current financial year, 2025-26 as per the particulars mentioned below.**

| Events | Date |
|---|---|
| RFP Issue Date | 05.12.2025 |
| Deadline for Submission of Pre-Proposal/ Pre-Bid Queries | 12.12.2025 |
| Date & Time of Pre-Bid meeting | Date & Time of Pre-Bid meeting Queries to be submit on cyberwing.cidcb@odishapolice.gov.in by 12.12.2025 by 15.00 hours. A pre-bid meeting will be scheduled based on the bidders' queries. The pre-bid meeting date, time and link will intimated accordingly. |
| RFP Submission Due Date and time | 23.12.2025 |
| Date & Time of Opening of Technical Bids | 24.12.2025 |
| Date & Time of Opening of Financial Bids | To be informed technically qualified bidders |

**The bid document with all information relating to the bidding process including cost of bid document, Prequalification criteria and terms & conditions are available in the websites: https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof.**

**Sd./- A.I.G. of Police (Provisioning,) Odisha, Cuttack (Tender Calling Authority)**

www.odishapolice.gov.in Email-sphqrs.odpol@nic.in
Buxi Bazar, Cuttack-753001 Tel./Fax No.0671-2304354

OIPR-12029/11/0119/2526



**ଖୋର୍ଦ୍ଧା ଜିଲ୍ଲାରେ ୨୦୨୫-୨୬ (ରବି) ଆଳୁ ଚାଷ ନିମନ୍ତେ ବିଶେଷ ସୂଚନା**

No.L-124:ଏତଦ୍ୱାରା ଖୋର୍ଦ୍ଧା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କୁ ଅବଗତ କରାଯାଉଛି ଯେ, ଚଳିତ ରବି ଋତୁରେ ଆଳୁ ଚାଷ ପାଇଁ ଉନ୍ନତ କିସମର ବିହନ କୁଫ୍ରି ଜ୍ୟୋତି । କୁଫ୍ରି ପୋଖରାଜ । କୁଫ୍ରି ଖ୍ୟାତି । ନଭେମ୍ବର ମାସ ୧୪ ତାରିଖ ପରଠାରୁ ବର୍ତ୍ତମାନ ବିଭିନ୍ନ ବ୍ଲକସ୍ଥିତ ସହକାରୀ ଉଦ୍ୟାନକୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ହେଉଅଛି । ଉନ୍ନତ ଆଳୁ ବିହନର ଦାମ କିଲୋ ପ୍ରତି ଟ.୪୨.୨୪ ଥିବାବେଳେ ଚାଷୀଙ୍କୁ କିଲୋପ୍ରତି ଟ.୨୦.୦୦ ଦାଖଲ କରିବାକୁ ପଡ଼ିବ ଏବଂ ଚାଷୀ ଆଳୁ ଲଗାଇବା ସମୟର ଜିଓ ଟ୍ୟାଗ୍ ଫଟୋ ଦାଖଲ ହେବା ପରେ ଉକ୍ତ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ କିଲୋପ୍ରତି ଟ.୧୦.୦୦ ହିସାବରେ ଅନୁଦାନ ରାଶି ଫେରସ୍ତ ଦିଆଯିବ । ହେକ୍ଟର ପ୍ରତି ୧୫ କୁଇଣ୍ଟାଲ ଆଳୁ ମଞ୍ଜିର ଆବଶ୍ୟକତା ରହିଥିବାବେଳେ ଜଣକୁ ସର୍ବନିମ୍ନ ୦.୧ ହେକ୍ଟର ପାଇଁ ୧୫୦ କିଗ୍ରା ଓ ସର୍ବୋଚ୍ଚ ୦.୫ ହେକ୍ଟର ପାଇଁ ୭୫୦ କିଗ୍ରା ଆଳୁ ବିହନ ମିଳିବ । ଆଳୁ ବିହନକୁ ଗଜା କରି ଓ ବିଶୋଧନ କରି ଲଗାଇବା ଆବଶ୍ୟକ ।

ଅମଳ ପରବର୍ତ୍ତୀ ପରିଚାଳନା ଅନ୍ତର୍ଗତ ଆଳୁ ଅମଳ ପରେ ସୁଲଭ ଦରରେ ଖୋର୍ଦ୍ଧା ଜିଲ୍ଲାରେ ଥିବା ଶୀତଳ ଭଣ୍ଡାରମାନଙ୍କରେ ଚାଷୀମାନେ ଆଳୁକୁ ସାଇତି ରଖିପାରିବାର ବ୍ୟବସ୍ଥା ରହିଅଛି ।

ଆଳୁ ଚାଷ କରିବା ପାଇଁ ଇଚ୍ଛୁକ ଚାଷୀଭାଇମାନେ ସେମାନଙ୍କର ଆଧାର, ଜମିପଟ୍ଟା, ବ୍ୟାଙ୍କ ଜମାଖାତାର ନକଲ ଏବଂ ପାସପୋର୍ଟ ଫଟୋ ସହିତ ଆଳୁ ବିହନ ବାବଦରେ ଧାର୍ଯ୍ୟ ମୂଲ୍ୟ ଯଥାଶୀଘ୍ର ବ୍ଲକସ୍ତରୀୟ ଉଦ୍ୟାନକୃଷି କାର୍ଯ୍ୟାଳୟରେ ଦାଖଲ କରିବାକୁ ଅନୁରୋଧ ।

ସୌଜନ୍ୟ
ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ, ଖୋର୍ଦ୍ଧା

OIPR-01419/11/0009/2526



No.RR-33

**Odisha State Museum**
Kalpana Square, Bhubaneswar-751014 (Odisha), Dist. : Khordha, Tel/Fax : 0674-2431597
Email : supdt.museum@hotmail.com, Website : www.odishamuseum.nic.in/index.htm

**NOTICE INVITING TENDER (NIT)**
**E-Procurement Notice No.1881/OSM/dated.05.12.2025 (on-line)**

Name of Work : Design, Photography, Content Writing, Print Production and Supply of Books as per the Approved Specification of Odisha State Museum, Bhubaneswar, as mentioned below.
I. Coffee Table Book : Coin Treasures of Odisha State Museum
II. Coffee Table Book : Festival of Puri
III. Coffee Table Book : Culture Heritage of Western Odisha

| Sl. No. | Name of work | Eligibility | Time of completion | E.M.D. (Through on-line transfer system) In Rs. | Cost of Tender Document (Through on-line transfer system) In Rs. |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Inviting Reputed Venders to submit their bids for Design, Photography, Content Writing, Print Production and Supply Books as per the Approved Specification of Odisha State Museum, Bhubaneswar, as mentioned below. I. Coffee Table Book : Coin Treasures of Odisha II. Coffee Table Book : Festival of Puri III. Coffee Table Book : Culture Heritage of Western Odisha | Eligibility Agency Experienced in Similar Works as Specified in The Tender Document | 180 Days | 1,10,000/- | 10,000/- (Non-refundable) |

Availability of Tender in website On-line : **From 05.12.2025, 10.00 A.M. to 25.12.2025, 5.00 P.M.**
Submission of bid On-line : **From 05.12.2025, 10.00 A.M. to 25.12.2025, 5.00 P.M.**
Date and Time of Opening of Technical Bid : **26.12.2025, 12.30 P.M.**
Further Details can be seen from the Govt. website www.tendersodisha.gov.in
Ammendment, Corrigendum/Cancellation if any shall be posted online only.

Sd./- Superintendent of Museum, Odisha, Bhubaneswar

OIPR-03015/11/0016/2526



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RWSS DIVISION, KORAPUT**
e-mail : eerwss_kpt@rediffmail.com
Ph. No. 06852-250281(Off), Ph. No. 06852-250680(Res), Fax. No. 06852-251098

**National Competitive Bidding Through E-Procurement**
**Tender Identification No.15/SE/RWSS/KPT/2025-26/28.11.2025**

**No.O-1635** : The Superintending Engineer, RWS&S Division, Koraput on behalf of the Governor of Odisha invites Percentage Rate Bids in Single cover (P1 contract) from the eligible class of experienced registered contractors through e-Tendering system for the Piped water supply works as detailed in DTCN. The bid should be submitted on-line in the website www.tenderorissa.gov.in separately for the works.

| | | |
|---|---|---|
| 1 | Nature of work | Power supply to PWS Point at Pardiguda inconnection with PWS to Pardiguda G.P Odiapentha under Laxmipur Block JJM |
| 2 | Time period for completion | 2 (Two) Months |
| 3 | Estimated Cost. | 9.26 Lakhs |
| 4 | Total Nos of works | 1 nos. |
| 5 | Tender cost | Rs.4,000.00 |
| 6 | Class of Contractor | HT, (Elect.) |
| 7 | Availability of Bid document in the website | Dt.08.12.2025 at 17.00 hours to 17.12.2025 up to 17.00 hours |
| 8 | Date of Seeking clarification | During the Office hours of 08.12.2025 to 16.12.2025 |
| 9 | Date of Opening of Bid | Dt.18.12.2025 at 11.00 A.M. |

Further details can be seen in the bidding documents which is available in the e-procurement portal https/www.tendersorissa.gov.in. Subsequent corrigendum if required shall be appeared in the website Authority reserves the right to reject any or all tenders without assigning any reason thereof.

Sd./- Addl. Chief Engineer, RWS&S Division, Koraput

OIPR-25034/11/0049/2526



**ବିଜ୍ଞାପନ**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ**
**କୁଷ୍ଠରୋଗରୁ ଉପଶମ ପାଇଥିବା ବ୍ୟକ୍ତି ବିଶେଷମାନଙ୍କର ପୁନର୍ବାସ ନିମନ୍ତେ ସଚେତନତା**

No.ପ୍ରଚ୍ର-29:ରାଜ୍ୟ ସରକାର କୁଷ୍ଠରୋଗରୁ ଉପଶମ ପାଇଥିବା ତଥା ଅନ୍ୟୁନ ୪୦% ଭିନ୍ନକ୍ଷମତା ବ୍ୟକ୍ତି ବିଶେଷମାନଙ୍କ ପୁନର୍ବାସ ପାଇଁ ଏକ ସ୍ୱତନ୍ତ୍ର ଯୋଜନା ପ୍ରଣୟନ କରିଛନ୍ତି । ଏହି ଯୋଜନା ଅଧୀନରେ ହିତାଧିକାରୀମାନଙ୍କୁ **MCR** ଚପଲ, ସ୍ୱୟଂ ସହାୟକ ଗୋଷ୍ଠୀ ନିମନ୍ତେ ପ୍ରାରମ୍ଭିକ ପୁଞ୍ଜି, ସେମାନଙ୍କ କନ୍ୟା ସନ୍ତାନ ନିମନ୍ତେ ବିବାହ ପ୍ରୋତ୍ସାହନ ରାଶି, ସେମାନଙ୍କ ସନ୍ତାନମାନଙ୍କ ପାଠପଢ଼ା ନିମନ୍ତେ ମେଧାବୃତ୍ତି ଇତ୍ୟାଦି ସୁବିଧା ଯୋଗାଇ ଦିଆଯାଉଅଛି ।

ଅଧିକ ସୂଚନା ପାଇଁ ଆପଣ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ (**DSSO**)ଙ୍କୁ ଯୋଗାଯୋଗ କରିପାରିବେ କିମ୍ବା ବିଭାଗର ୱେବସାଇଟ୍ (ssepd.odisha.gov.in) ରେ ମଧ୍ୟ ସୂଚନା ଉପଲବ୍ଧ ଅଛି ।

**Sd./- Director, SSEPD**



**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**PODAGADA DAM DIVISION, AT/PO-KHATIGUDA, DIST-NABARANGPUR, PIN-764085**
Email I.D - eepodagadadam@gmail.com
**e-Procurement Notice**
**Bid Identification No.EEPDD-04(01)/2025-26, Dated : 01.12.2025**

**No.A-1047** : Bid Documents consisting of work, Estimated Cost of bid document, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in

| | | |
|---|---|---|
| 1. | Name of the Work | Civil Works |
| 2. | No. of Works | One Number |
| 3. | Estimated cost | Rs.5.49 Lakhs |
| 4. | Eligibility of the bidders | Ranging from 'D' class to 'C' class contractors (Odisha P.W.D or equivalent class of other licensing authority) as per Detail Tender Call Notice |
| 5. | Period of conpletion | 03 (Three Calendar Months) |
| 6. | Date of Clarification | 08.12.2025 to 10.12.2025 Only During Officer Hour |
| 7. | Time for receipt of bid in the portal | From 08.12.2025 11.00 A.M to 18.12.2025 (up to 5:00 P.M.) |
| 8. | Date & place of opening of the bids on-line | 19.12.2025 (11:30 A.M.) O/o The E.E., Podagada Dam Division, UIDC Khatiguda |
| 9. | Name and address of the Tender Inviting Authority (TIA) | Executive Engineer Podagada Dam Division, At/Po : Khatiguda, District : Nabarangpur |

Further details can be seen from the e-procurement portal http://tendersodisha.gov.in

Sd./-Executive Engineer, Podagada Dam Division, Khatiguda

OIPR-32095/11/0022/2526



**DIRECTORATE OF MINES & GEOLOGY**
**STEEL AND MINES DEPARTMENT, GOVT. OF ODISHA, BHUBANESWAR**
Heads of Department Building, Unit-V, Pin-751001
Tel No.: 0674-2391537, Fax No.: 0674-2391684
E-mail ID: dir.mines@orissaminerals.gov.in/geology.ig@orissaminerals.gov.in
**No.PT1-DoMG-INVI-INVG-0020-2024-12154/DoMG, Dt. 04.12. 2025**

**TENDER CALL NOTICE**

**No.G-43** : The Directorate of Mines & Geology, Odisha, Heads of Department Building, Unit-V, Bhubaneswar-751001, invites Sealed Tenders on behalf of the Governor of Odisha, in two bid system (Technical Bid and Price Bid) from reputed Firms/ Agencies/ Manufacturers or their authorized Distributors/C&F Agents/ reputed Dealers/ Suppliers/ EPM rate contract holders fulfilling the eligibility criteria to **"Supply, Installation & Training of Magnetometer (Two Units)"during the year 2025-26**.

The detail Tender / Tender Document shall be available in the Departmental Website **http://www.odishaminerals.gov.in**. There will be no manual sale of Tender document. Interested bidders are requested to download the Tender Document from the website **www.odishaminerals.gov.in** and shall have to submit the Tender along with a Tender Processing fee of ₹1,180.00 (Rupees one thousand one hundred and eighty) only i.e. (Basic Price **₹1,000.00 + ₹180.00 GST @18%) in shape of two Separate e-Challans, as furnished at Para-3.2 of the Tender Document**.

A Pre Bid meeting shall be conducted on **12.12.2025 at 11.30AM** in the Conference Hall of this Directorate of Mines & Geology, Odisha, Bhubaneswar, to clear up any confusion regarding tender details, scope of participation, solicitation of documents and any other specific matter if any.

**Corrigendum/ Addendum if required any or any other notice or correspondence related to this process shall be uploaded in the above website. Hence, interested Firms/ Agencies are requested to be in continuous touch with the above web site, for further updates.**

The Director of Mines & Geology, Odisha, reserves the right to accept / reject any/all Bids / Cancel the entire tender process at any stage without assigning any reason thereof

**IMPORTANT DATES**
1. **Date of Commencement of Process : 05.12.2025 / 10.00 A.M.**
2. **Pre-Bid Conference : 12.12.2025 / 11.30 A.M.**
3. **Closing date of Submission of Tender : 29.12.2025 / 5.30 P.M.**
4. **Date of Opening of Tender : 02.01.2026 / 11.30 A.M.**

**Sd./- DIRECTOR OF MINES & GEOLOGY, ODISHA**

OIPR-30001/11/0017/2526



**ODISHA LIFT IRRIGATION CORPORATION LTD.**
**(A GOVT. OF ODISHA UNDERTAKING)**
**OFFICE OF THE EXECUTIVE ENGINEER, L.I.DIVISION, GUNUPUR**
E-mail : www.eeolicgnp@ymail.com
**"E" - Procurement Notice**
**BID IDENTIFICATION NO. OLIC-GNPR-05/2025-26 dt.01.12.2025**

**No.CAD-2566** : The Executive Engineer, Lift Irrigation Division, Gunupur, Odisha on behalf of Odisha Lift Irrigation Corporation Limited, Bhubaneswar invites E-tender on **Percentagewise Rate** bids in single cover system on online mode for the work Installation / Revival / Reinforcement of Lift Irrigation Projects on turnkey basis from reputed contractors/ firms having both valid Civil and H.T. license holders registered within the State issued by PWD/PHED/RWSS/Irrigation/Rural works of required class and valid HT license issued by E.L.B.O, Odisha with experience in OLIC nature of works. Contractors/ firms having civil license can also participate in the above tender making Joint venture with valid HT license holders and vice-versa. The joint venture documents should be registered in any registration office only. If a Civil contractor will be first party and joint venture with electrical contractor then the electrical contractor have to produce an affidavit that he have not made joint venture with any others. Proofs of registration from the appropriate authorities are to be enclosed along with the bid/ bids. The bidders who have awarded similar nature of work previously but not satisfactory progress till date their tender may be rejected without assigning any reason thereof. The details are available in the Government Tender Web site i.e. www.tendersorissa.gov.in.

**1. Total Nos. of Packages: 02 nos.**
**2. Approximate Estimated Cost: Rs. 32.60 Lakhs to 32.72 Lakhs.,**
**3. Period of completion: Mentioned against each packages.**
**4. Class of Contractor: Mentioned against each packages.**
**5. Availability of tender On-line for bidding: from dt.08.12.2025 to 15.12.2025.**
**6. Last date & time of seeking tender clarification: On dt. 12.12.2025**
**7. Last date of submission of original Bid documents/ Cost of Bid (On Online Mode) on or before dt.15.12.2025 upto 5.30 P.M.**
**8. Date & Time of Opening of tender in the office of the Executive Engineer, L.I. Division, Gunupur (Online Mode) dt. 16.12.2025 onwards.**
**9. Any Corrigendum/ Addendum will be displayed in the above website only.**

**The undersigned reserves the right to reject/cancel any or all the tenders without assigning any reason thereof.**

**Sd./- Executive Engineer, L.I.Division, Gunupur**

OIPR-32144/11/0014/2526



**OFFICE OF THE GENERAL MANAGER**
**WATCO DIVISION, PURI, ODISHA**
Phone : 06752-223447 / e-Mail : eephpuri@gmail.com

No.C-1658 **INVITATIONS FOR BIDS (IFB)**
**Government of Odisha "e" Procurement Notice**
**Bid Identification No. 19 of 2025-26 Dated. 29.11.25**

1. Name of the Work : Supply, Installation, Testing & Commissioning of on-grid ground mounted 130KW Solar power plants at STP Mangalaghat, Puri
2. Estimated Cost : Rs.72.57 Lakhs
3. Period of Completion : 90 Days
4. Date and time of availability of bid documents in the Portal : 08.12.2025 (11.00 A.M.) to 23.12.2025 (5.00 P.M.)
5. Last Date / Time for receipt of bids in the Portal : 5.00 P.M. of 23.12.2025
6. Date and time of opening of Bids : 12.30 P.M. of 24.12.2025
7. Name and address of the Officer Inviting Bid : General Manager, WATCO Division, Puri, Phone : 06752-223447, Fax : 06752-223447, E-Mail : eephpuri@gmail.com
8. The bidders have to participate in ONLINE bidding only

Sd./- General Manager, (WATCO, PURI)

OIPR-13206/11/0016/2526



**ବିଜ୍ଞାପନ**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ**
**କୁଷ୍ଠରୋଗରୁ ଉପଶମ ପାଇଥିବା ବ୍ୟକ୍ତି ବିଶେଷମାନଙ୍କର ପୁନର୍ବାସ ନିମନ୍ତେ ସୂଚନା**

କୁଷ୍ଠରୋଗୀ ଆବାସସ୍ଥଳୀ (କଲୋନୀ) ଗୁଡିକର ଆବଶ୍ୟକ ମରାମତି, ସୁଦୃଢ଼ୀକରଣ ଓ ପୁନରୁଦ୍ଧାର କାର୍ଯ୍ୟ ସମ୍ବନ୍ଧରେ କଲୋନୀରେ ନିବାସରତ ସମସ୍ତ ନାଗରିକଙ୍କୁ ଏହିମାଧ୍ୟମରେ ଅବଗତ କରାଯାଉଛି ଯେ, ନିଜ କଲୋନୀର ଆବଶ୍ୟକ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ସମ୍ବନ୍ଧିତ ଜିଲ୍ଲାର **ଜିଲ୍ଲାପାଳ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ (DSSO)** ନିକଟକୁ ବିସ୍ତୃତ **ପ୍ରସ୍ତାବ/ ଅବେଦନନାମା** ଦାଖଲ କରିପାରିବେ ।

କଲୋନୀର ପରିସ୍ଥିତି ସୁଧାର, ଭବନ ମରାମତି, ପାଣି-ବିଦ୍ୟୁତ୍ ଯୋଗାଣ, ପଥପ୍ରଣାଳୀ ସୁଦୃଢ଼ୀକରଣ ଇତ୍ୟାଦି ସମ୍ବନ୍ଧୀୟ ଯେକୌଣସି ଆବଶ୍ୟକତା ପାଇଁ ବିନମ୍ର ଅନୁରୋଧ ଯେ, ନିବାସୀମାନେ ନିଜ ଜିଲ୍ଲା ପ୍ରଶାସନ ସହିତ ସମୟୋଚିତ ଯୋଗାଯୋଗ କରନ୍ତୁ ।

**Sd./- Director, SSEPD**

OIPR-46001/11/0074/2526

# ଲୋକ ସଭାରେ ୩ ବ୍ୟକ୍ତିଗତ ବିଲ୍ ଆଗତ କଲେ ଏମ୍‌ପି ସପ୍ତଗିରି

ରାୟଗଡ଼ା,୬।୧୨(ଆଶିଷ ରଞ୍ଜନ ପଣ୍ଡା)

କେନ୍ଦ୍ର ଗ୍ରାମୀଣ ବିକାଶ ଓ ପଚାୟତିରାଜ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ତଥା କୋରାପୁଟ ଲୋକସଭା ସଦସ୍ୟ ସପ୍ତଗିରି ଶଙ୍କର ଉଲାକା ଲୋକସଭାରେ ୩ଟି ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଗତ ସଦସ୍ୟ ବିଲ୍ ଆଗତ କରିଛନ୍ତି। ଏହି ବିଲ୍ ମାଧ୍ୟମରେ କେବିକେ ଅଞ୍ଚଳର ପଛୁଆ ବର୍ଗର ଲୋକଙ୍କ ପାଇଁ ଦୀର୍ଘକାଳୀନ ନ୍ୟାୟିକ ବିକାଶକୁ ସୁନିଶ୍ଚିତ କରିବା, ଓଡ଼ିଶାରେ ଅନୁସୂଚିତ ଜନଜାତିର ମାନ୍ୟତାରେ ଦୀର୍ଘକାଳୀନ ବ୍ୟବଧାନକୁ ସଂଶୋଧନ କରିବା ଏବଂ ସଙ୍କଟାପନ୍ନ ଆଦିବାସୀ ଭାଷା ପାଇଁ ସାମ୍ବିଧାନିକ ସ୍ୱୀକୃତି ପାଇବାକୁ ପ୍ରସ୍ତାବ ରଖିଛନ୍ତି। ଓଡ଼ିଶା ରାଜ୍ୟର କେବିକେ କ୍ଷେତ୍ରକୁ ସ୍ୱତନ୍ତ୍ର ଆର୍ଥିକ ସହାୟତା ବିଲ୍ ୨୦୨୪ ଆଗତ କରାଯାଇଛି। ଯାହା କୋରାପୁଟ, ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁର, ବଲାଙ୍ଗିର, ସୁବର୍ଣ୍ଣପୁର, କଳାହାଣ୍ଡି ଏବଂ ନୂଆପଡ଼ା ଆଦି ଜିଲାଗୁଡ଼ିକରେ ଐତିହାସିକ ଭାବେ ପଛୁଆ ଅଞ୍ଚଳକୁ ସ୍ଥାୟୀ କେନ୍ଦ୍ରୀୟ ସହାୟତା ପାଇଁ ଏକ ସାମ୍ବିଧାନିକ ଢାଞ୍ଚା ପ୍ରଦାନ କରିବ। ଏହି ବିଲ ଉକ୍ତ ଜିଲାଗୁଡ଼ିକର ଲକ୍ଷ୍ୟଭିତିକ ବିକାଶ ପାଇଁ ଭାରତର ସମନ୍ୱିତ ପାଣ୍ଠିରୁ ବାର୍ଷିକ ଆର୍ଥିକ ସହାୟତାକୁ ବାଧ୍ୟତାମୂଳକ କରିବ। ଯାହାଦ୍ୱାରା ଉକ୍ତ ସମସ୍ତ ଜିଲାର ଅଞ୍ଚଳବାସୀ ଉପକୃତ ହୋପାରିବେ ବୋଲି ଏମ୍‌ପି ଉଲାକା କହିଛନ୍ତି।

କେବିକେ ଅଞ୍ଚଳର ବାସିନ୍ଦା ଦୀର୍ଘକାଳୀନ ଦାରିଦ୍ର୍ୟ, ପ୍ରବାସ, ନିମ୍ନସାକ୍ଷରତା, ଦୁର୍ବଳ ସ୍ୱାସ୍ଥ୍ୟ ସେବା ଏବଂ ଅପର୍ଯ୍ୟାପ୍ତ ସଂଯୋଗୀକରଣର ସମ୍ମୁଖୀନ ହେଉଛନ୍ତି। ସମ୍ବିଧାନ (ଅନୁସୂଚିତ ଜନଜାତି) ଆଦେଶ (ସଂଶୋଧନ) ବିଲ୍, ୨୦୨୪ ମାଧ୍ୟମରେ ସମ୍ବିଧାନ (ଅନୁସୂଚିତ ଜନଜାତି) ଆଦେଶ, ୧୯୫୦ରେ ସଂଶୋଧନ ପ୍ରସ୍ତାବ ରହିଛି। ଯାହା ଦ୍ୱାରା ଓଡ଼ିଶାରେ ଅନୁସୂଚିତ ଜନଜାତି ତାଲିକାରେ ଦୀର୍ଘଦିନର ଅବହେଳା ଓ ତ୍ରୁଟି ସଂଶୋଧନ, ଝୋଡ଼ିଆ / ଝୋଡ଼ିଆ ପରଜା ପରି ଯୋଗ୍ୟ ସମୁଦାୟଙ୍କୁ ନ୍ୟାୟସଙ୍ଗତ ସ୍ୱୀକୃତି, ଶିକ୍ଷା, ଚାକିରି, ଛାତ୍ରବୃତି, ରାଜନୈତିକ ସଂରକ୍ଷଣ ଓ କଲ୍ୟାଣ ଯୋଜନାରେ ସାମ୍ବିଧାନିକ ଅଧିକାର ପ୍ରବେଶ ପୁନଃସ୍ଥାପନ, ପ୍ରଶାସନିକ ତ୍ରୁଟି ଏବଂ ଜନଜାତି ତାଲିକାରେ ବିଳମ୍ବରେ ଅପଡେଟ୍ ହେବା ଯୋଗୁ ହଜାର ହଜାର ପରିବାର ଶିକ୍ଷା, ନିଯୁକ୍ତି ଏବଂ ରାଜନୈତିକ ସଂରକ୍ଷଣ ଅଧିକାରରୁ ଅଞ୍ଚିତ ହୋଇଆସୁଛନ୍ତି। ଜଣେ ଯୁବ ଆଦିବାସୀ ଛାତ୍ରଙ୍କ ପାଇଁ ଜନଜାତି ତାଲିକାରେ ଉପଯୁକ୍ତ ଅନ୍ତର୍ଭୁକ୍ତି ସେମାନଙ୍କୁ ଛାତ୍ରବୃତି, ଉଚ୍ଚଶିକ୍ଷା ପାଇଁ ମହାବିଦ୍ୟାଳୟରେ ସ୍ଥାନ କିମ୍ବା ଚାକିରି ମିଳିବ କି ନାହିଁ ତାହା ନିର୍ଣ୍ଣୟ କରିପାରିବ। ଏହି ବିଲ୍ ଐତିହାସିକ ଅନ୍ୟାୟକୁ ସଂଶୋଧନ କରିବା ଏବଂ ଓଡ଼ିଶାର କୌଣସି ଯୋଗ୍ୟ ସମ୍ପ୍ରଦାୟ ସାମ୍ବିଧାନିକ ସୁରକ୍ଷା ବଳୟ ବାହାରେ ନ ରହିବାକୁ ନିଶ୍ଚିତ କରିବାକୁ ଚେଷ୍ଟା କରିବ ବୋଲି ଏମ୍‌ପି ଉଲାକା କହିଛନ୍ତି। ସମ୍ବିଧାନ (ସଂଶୋଧନ) ବିଲ୍ ୨୦୨୫ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସୋରା (ସୌରା) ଏବଂ ହୋ ଭାଷାକୁ ଅନ୍ତର୍ଭୁକ୍ତ କରିବାକୁ ପ୍ରସ୍ତାବ ଦିଆଯାଇଛି। ଏହା ସୋରା ଭାଷାଭାଷୀ ଏବଂ ହୋ-ଭାଷୀ ଆଦିବାସୀ ସମ୍ପ୍ରଦାୟର ଭାଷାଗତ ଏବଂ ସାଂସ୍କୃତିକ ଐତିହ୍ୟକୁ ସ୍ୱୀକୃତି ପ୍ରଦାନ କରିବ। ବିସ୍ତୃତ, ବିପାକ୍ଷିକ ସହଯୋଗ ପାଇଁ ଆହ୍ୱାନ କରି ଏମ୍‌ପି ଉଲାକା କେନ୍ଦ୍ର ସରକାର ଏବଂ ସମସ୍ତ ସଂସଦ ସଦସ୍ୟଙ୍କୁ ଏହି ବିଲ୍‌କୁ ଗଠନମୂଳକ, ନିରପେକ୍ଷ ଭାବରେ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ଦାୟିତ୍ୱସମ୍ପନ୍ନ ରୋଡମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ସେ ଓଡ଼ିଶା ରାଜ୍ୟ ସରକାର ଏବଂ ସ୍ଥାନୀୟ ଅଂଶୀଦାରମାନଙ୍କ ସହିତ ମିଶି କାମ କରିବାର ଆବଶ୍ୟକତା ଉପରେ ଏମ୍‌ପି ଉଲାକା ଗୁରୁତ୍ୱାରୋପ କରିଛନ୍ତି।

**କେବିକେ ବିକାଶ ପାଇଁ ବିଲ୍ ଗୃହୀତ ଦାବି**

# ସମସ୍ୟା ସମାଧାନ ନ ହେଲେ ୮ରୁ ରାସ୍ତାରୋକୋ ଚେତାବନୀ



ଦାବି ଜଣାଇବାକୁ ଆସିଥିବା ଗ୍ରାମବାସୀ।

ଟିକିରି, ୬।୧୨
(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଗୋରଖପୁର ପଞ୍ଚାୟତ ସଦର ଗ୍ରାମବାସୀ ଶନିବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ କାଶୀପୁର ତହସିଲ ଅଫିସରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗାଁରେ ରହିଥିବା ସମସ୍ୟା ସମାଧାନ ନ ହେଲେ ୮ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ରାସ୍ତାରୋକୋ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଗାଁରେ ପିଇବା ପାଣି, ରାସ୍ତା, ମୋବାଇଲ୍ ଟାୱାର ସମସ୍ୟା ରହିଛି। ଏହାସହ ସ୍ଥାନୀୟ ମେଡିକାଲରେ ଡାକ୍ତର ପଦବୀ ମଧ୍ୟ ଖାଲି ରହିଛି। ଗ୍ରାମରେ ଥିବା ସମସ୍ୟା ସମାଧାନ ପାଇଁବହୁତବାର ବ୍ଲକଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନଙ୍କୁ ମଧ୍ୟ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସମାଧାନ ହୋଇନାହିଁ। ତେଣୁ ଶନିବାର ବ୍ଲକ କାର୍ଯ୍ୟାଳୟରେ ଦାବିପତ୍ର ଦିଆଯାଇଛି ବୋଲି ଗ୍ରାମବାସୀ କହିଛନ୍ତି।

# ପିକ୍‌ନିକ୍ ଗାଡ଼ି ଦୁର୍ଘଟଣାଗ୍ରସ୍ତ

ମୁକୁନ୍ଦପୁର,୬।୧୨(ପୃଥ୍ୱୀରାଜ ମହାନ୍ତି)

ରାୟଗଡ଼ା ଜିଲା କୋଲନରା ବ୍ଲକ ୩୨୬ ନମ୍ବର ଜାତୀୟ ରାଜପଥର ମୁକୁନ୍ଦପୁର ଗ୍ରାମ ମୁଖ୍ୟ ବଜାରର ବୁଲାଣୀ ନିକଟରେ ଶନିବାର ଏକ ପିକନିକ୍ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ କୌଣସି ଯାତ୍ରୀଙ୍କ କ୍ଷୟକ୍ଷତି ହୋଇ ନାହିଁ। ମୁକୁନ୍ଦପୁର ଫାଣ୍ଡି ପୋଲିସ ଦୁର୍ଘଟଣା ଗ୍ରସ୍ତ ଗାଡ଼ିକୁ ଏକ କ୍ରେନ୍ ଯୋଗେ ବାହାର କରିଛନ୍ତି।

ସୂଚନାନୁଯାୟୀ, ବ୍ରହ୍ମପୁରରୁ ୨ ଶହ କିଲୋମିଟର ଦୂର ଏକ ଗ୍ରାମରୁ ୨୪ ଜଣ ଯାତ୍ରୀ ଏକ ଗାଡ଼ି (ଓଡି-୦୫ଏଏସ୍-୬୧୪୬)ରେ ପିକ୍‌ନିକ୍ କରିବା ପାଇଁ କୋରାପୁଟ ଅଭିମୁଖେ ଯାଉଥିଲେ। ଏହି ସମୟରେ ୩୨୬ ନମ୍ବର ଜାତୀୟ ରାଜପଥର ମୁକୁନ୍ଦପୁର ଗ୍ରାମ ମୁଖ୍ୟ ବଜାର ବୁଲାଣୀ ନିକଟରେ ଭୋର ପ୍ରାୟ ସାଢେ ୪ଟାରେ ହଠାତ୍ ଗାଡ଼ିଟି ରାସ୍ତା କଡ଼ରେ ଥିବା ଡିମ୍ବିରି ଗଛକୁ ଧକ୍କା ଦେଇଥିଲା। ଏଥିରେ ଥିବା ୨୪ ଜଣ ଯାତ୍ରୀଙ୍କର କିନ୍ତୁ କୌଣସି କ୍ଷତି ହୋଇନାହିଁ। ଦୁର୍ଘଟଣା ଗ୍ରସ୍ତ ଗାଡ଼ିର ଇନ୍ଧନ ଟ୍ୟାଙ୍କ କ୍ଷତିଗ୍ରସ୍ତ ହୋଇଛି। ଦୁର୍ଘଟଣା ସମ୍ପର୍କରେ ଖବରପାଇ ମୁକୁନ୍ଦପୁର ଫାଣ୍ଡି ଅଧିକାରୀ ଉମାଶଙ୍କର ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ଏକ କ୍ରେନ ସାହାଯ୍ୟରେ ଗାଡିକୁ ଉଦ୍ଧାର କରି ତଦନ୍ତ ଚଳାଇଛନ୍ତି।



ଦୁର୍ଘଟଣାଗ୍ରସ୍ତ ଗାଡ଼ି।

# ଉଭୟ ସହରର ପରିମଳ ସେବାରେ ଉନ୍ନତି ନେଇ ଆଲୋଚନା




ରାୟଗଡ଼ା ପୌରପରିଷଦ ଓ ଚିକିଟି ଏନ୍‌ଏସି ସଦସ୍ୟମାନେ ଆଲୋଚନା କରୁଛନ୍ତି।

ରାୟଗଡ଼ା,୬।୧୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ପୌରପାଳିକାର ପରିମଳ ବ୍ୟବସ୍ଥା ଅନୁଧ୍ୟାନ କରିବା ପାଇଁ ଗଞ୍ଜାମ ଜିଲା ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଶନିବାର ରାୟଗଡ଼ା ପହଞ୍ଚିଛନ୍ତି। ଚିକିଟି ଏନ୍‌ଏସି ଅଧ୍ୟକ୍ଷା ଦୀପା ସାହୁ, ଉପାଧ୍ୟକ୍ଷ ହର ପ୍ରସାଦ ଚୌଧୁରୀ, କାଉନସିଲର, କାର୍ଯ୍ୟ ନିର୍ବାହୀ ଅଧିକାରୀ, ବରିଷ୍ଠ ଅଧିକାରୀ, ବିଭାଗୀୟ ଯନ୍ତ୍ରୀ, ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁପରଭାଇଜର ଏବଂ ପରିମଳ ବିଶେଷଜ୍ଞଙ୍କୁ ନେଇ ଗଠିତ ଏହି ଦଳକୁ ରାୟଗଡ଼ା ପୌରପାଳିକାର କର୍ମଚାରୀ ସ୍ୱାଗତ କରିଥିଲେ। ରାୟଗଡ଼ା ପୌରପାଳିକାର ସମ୍ମିଳନୀ କକ୍ଷରେ ଉଭୟ ପକ୍ଷଙ୍କ ମଧ୍ୟରେ ଏକ ସୌଜନ୍ୟମୂଳକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଉଭୟ ସହରାଞ୍ଚଳରେ ପରିମଳ ସେବାରେ କିପରି ଅଧିକ ଉନ୍ନତି ଅଣାଯାଇପାରିବ ଏବଂ ସହରକୁ କିପରି ଅଧିକ ସ୍ୱଚ୍ଛ ରଖାଯାଇପାରିବ ସେ ନେଇ ଆଲୋଚନା କରାଯାଇଛି।

ପ୍ରତିନିଧି ଦଳ ରାୟଗଡ଼ା ପୌରପାଳିକାର ୧୧ ନମ୍ବର ୱାର୍ଡ ଅଧୀନ ଅଣ୍ଡାରିଗୁଡ଼ାରେ ନିର୍ମିତ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ସେଠାରେ କାର୍ଯ୍ୟକ୍ଷମ ଥିବା ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର, ମ୍ୟାଟେରିଆଲ୍ ରିକଭରୀ ଫାସିଲିଟି ଏବଂ ଏଫ୍‌ଏସ୍‌ଟିପି ପ୍ଲାଣ୍ଟ ପରିଦର୍ଶନ କରି ବର୍ଜ୍ୟବସ୍ତୁ ପରିଚାଳନା ଶୈଳୀ ସମ୍ପର୍କରେ ଅବଗତ ହୋଇଥିଲେ। ଏହା ସହିତ ରାୟଗଡା ପୌର ପରିଷଦ ଦ୍ୱାରା ପରିଚାଳିତ ଅଡିଟୋରିୟମ, ଆହାର କେନ୍ଦ୍ର, ଅଶୋକ କଲ୍ୟାଣ ମଣ୍ଡପ, ମହାତ୍ମାଗାନ୍ଧି ପାର୍କ ଏବଂ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ମଧ୍ୟ ବୁଲି ଦେଖିଥିଲେ। ରାୟଗଡ଼ା ପୌରାଧ୍ୟକ୍ଷ ପି. ମହେଶ ପଟ୍ଟନାୟକ, ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡା, ନିର୍ବାହୀ ଅଧିକାରୀ କୁଳଦୀପ କୁମାର, ପୌର କର୍ମଚାରୀ, ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁପରଭାଇଜର ଏବଂ ପରିମଳ ବିଶେଷଜ୍ଞଙ୍କ ସହିତ ପୌର ପରିଷଦର କାଉନସିଲରମାନେ ଉପସ୍ଥିତ ରହି ଚିକିଟି ପ୍ରତିନିଧି ଦଳ ସହ ଆଲୋଚନା କରିଥିଲେ।

**ରାୟଗଡ଼ାରେ ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦର ପ୍ରତିନିଧି ଦଳ**

# ଅଭିଯୁକ୍ତଙ୍କୁ ୨ ବର୍ଷ ଜେଲ୍, ୨୦ହଜାର ଜରିମାନା

ରାୟଗଡ଼ା,୬।୧୨
(ଆଶିଷ ରଞ୍ଜନ ପଣ୍ଡା)

ବ୍ୟବସାୟିକ ଶତ୍ରୁତାକୁ ନେଇ ମରଣାନ୍ତକ ଆକ୍ରମଣ ଘଟଣାରେ ରାୟଗଡ଼ା ଆସିଷ୍ଟାଣ୍ଟ ସେସନ୍ସ ଜଜ୍ ଆଶିଷ ପଟ୍ଟନାୟକ ଶନିବାର ଅଭିଯୁକ୍ତଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ଅଭିଯୁକ୍ତ ହେଲେ ରାୟଗଡା ସହର ରାଣିଗୁଡ଼ା ଫାର୍ମ ଅଞ୍ଚଳର ରଞ୍ଜିତ ମିଶ୍ର। ସୂଚନନୁଯାୟୀ, ୨୦୧୮ରେ ରାୟଗଡ଼ା ମଙ୍ଗଳା ମନ୍ଦିର ନିକଟରେ ଥିବା ଏକ ରାସ୍ତା କଡ଼ର ପାଇପ ନିକଟରୁ ପାଣି ଆଣୁଥିବା ସମୟରେ ପାଣ୍ଡବ ଜୟ ସିଂଙ୍କୁ ରଞ୍ଜିତ ମିଶ୍ର ଛୁରୀରେ ଆକ୍ରମଣ କରିଥିଲେ। ଗୁରୁତର ପାଣ୍ଡବ ଜୟ ସିଂଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅଭିଯୋଗ ପରେ ରାୟଗଡ଼ା ପୋଲିସ କେସ ନଂ ୨୧୮/୨୦୧୮ରେ ମାମଲା ରୁଜୁ କରିଥିଲେ। ଏହି ମାମଲାରେ ୧୦ ଜଣଙ୍କ ସାକ୍ଷୀଙ୍କ ବୟାନ ଆଧାରରେ ଆସିଷ୍ଟାଣ୍ଟ ସେସନ୍ସ ଜଜ୍ ଉପରୋକ୍ତ ରାୟ ଶୁଣାଇଥିଲେ। ରାୟଗଡ଼ା ଥାନାର ତତ୍କାଳୀନ ଏସ୍ଆଇ ଚନ୍ଦ୍ର ଶେଖର ଜେନା ତଦନ୍ତ କରିଥିଲେ। ସରକାରଙ୍କ ପକ୍ଷରୁ ଏପିପି ମହେଶ୍ୱର ମହାପାତ୍ର ମାମଲା ପରିଚାଳନା କରିଥିଲେ।

**ହତ୍ୟା ଉଦ୍ୟମ ମାମଲା**

# କନିଷ୍ଠ ଯନ୍ତ୍ରୀଙ୍କ ଦେଶିକା ତୋଟା ଚେକ୍‌ଡ୍ୟାମ୍ ସ୍ଥିତି ଅନୁଧ୍ୟାନ

ପଦ୍ମପୁର,୬।୧୨(ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁର ଲାଉଗୁଡା ନିକଟ ଦେଶିକା ତୋଟା ଚେକ୍ ଡ୍ୟାମ ମରାମତି ନେଇ ଗୁଣପୁର କ୍ଷୁଦ୍ର ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ ଅଳକା ରାଣୀ ସାହୁ ଅନୁଧ୍ୟାନ କରିଛନ୍ତି। ଏହି ଚେକଡ୍ୟାମ ୨ ବର୍ଷ ହେବ ଲଘୁଚାପ ଜନିତ ବର୍ଷା ପ୍ରଭାବରେ କିଛି ଲୁହା ଗେଟ, କଟପା ୱାଲ, ପଥର ପେକିଂ ଭାସି ଯାଇଥିବାରୁ ଜମିକୁ ଜଳସେଚନ ହୋଇପାରୁ ନାହିଁ। ଚାଷୀମାନେ ବିଭିନ୍ନ ସମୟରେ ରାୟଗଡ଼ା ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ମରାମତି ପାଇଁ ଲିଖିତ ଭାବେ ଜଣାଇଥିଲେ। ଏହାର ସ୍ଥିତି ଅନୁଧ୍ୟାନ କରି ମରାମତି କରିବା ପାଇଁ ଗୁଣପୁର ଉପଜିଲାପାଳ ଓ ରାୟଗଡ଼ା ଅତିରିକ୍ତ ଜିଲାପାଳ କ୍ଷୁଦ୍ର ଜଳସେଚନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ କନିଷ୍ଠ ଯନ୍ତ୍ରୀ ସାହୁ ଏହି ଚେକ୍ ଡ୍ୟାମ୍‌ର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ରବି ଏବଂ ଖରିପ ଚାଷରେ ୨ହଜାର ହେକ୍ଟର ଚାଷ ଜମିକୁ ଜଳସେଚିତ ହେଉଥିଲା। ଏହାର କିଛି ଅଂଶ ମରାମତି ନ ହେବାରୁ ଚଳିତବର୍ଷ ଚାଷୀମାନେ ଚାନ୍ଦା ଆଦାୟ କରି ମରାମତି କରିଥିଲେ। କିନ୍ତୁ ଅକ୍ଟୋବର ମାସ ବନ୍ୟାରେ ଏହା ଭାଙ୍ଗିଯାଇଛି। ମରାମତି ହେଲେ ଲାଉଗୁଡ଼ା ମୌଜା ଚାଷୀ ଉପକୃତ ହେବେ ବୋଲି ଚାଷୀ ଶ୍ରୀନିବାସ ପାଣିଗ୍ରାହୀ, ନରସିଂହ ପାଣିଗ୍ରାହୀ,ଜୟ କ୍ରିଷ୍ଣା ପାଣିଗ୍ରାହୀ,ରବୀନ୍ଦ୍ର ନାଥ ମହାପାତ୍ର କହିଛନ୍ତି।



କନିଷ୍ଠ ଯନ୍ତ୍ରୀ ଅଳକା ରାଣୀ ସାହୁ ଚେକ୍ ଡ୍ୟାମ ବୁଲି ଦେଖୁଛନ୍ତି।

# ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପାଠଚକ୍ର

ଗୁଣପୁର,୬।୧୨( ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଅଧୀନ ଡମ୍ବସରା ଡିଗ୍ରୀ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗରେ ଯୁଗ ପ୍ରତିବାଦରେ ଆଉ ଏକ ଯୁଗର ପ୍ରଭାବ ଉପରେ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଛି। ଏଥିରେ ଗୁଣପୁର ସ୍ନାତକ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଡ ଇନ୍ଦିରା ଅଧିକାରୀ ବିଭାଗୀୟ ମୁଖ୍ୟ ତାଙ୍କ ବକ୍ତବ୍ୟରେ ସାମ୍ପ୍ରତିକ ଯୁଗରେ ନାରୀର ଭୂମିକା ଓ ସମସ୍ତ ନାରୀ କିପରି ସ୍ୱାବଲମ୍ବୀ ହୋଇପାରିବେ ସେ ନେଇ ଛାତ୍ରୀମାନଙ୍କୁ ବୁଝାଇଥିଲେ। ଏଥିରେ କଲେଜ ବିଭାଗୀୟ ମୁଖ୍ୟ ରାମକୃଷ୍ଣ ସେନାପତି ବରିଷ୍ଠ ଅଧ୍ୟାପକ ଓ ମନ୍ଦିରା ପ୍ରଧାନ ମଧ୍ୟ ବ୍ୟକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ପାଠ ଚକ୍ର ପ୍ରମୁଖ ରତିକାନ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। କଲେଜର ସମସ୍ତ ବିଭାଗୀୟ ମୁଖ୍ୟ ଉପସ୍ଥିତ ରହି ଆଲୋଚନା ଚକ୍ରକୁ ଉପଭୋଗ କରିଥିଲେ। ଅଧ୍ୟକ୍ଷ ଡ କୃଷ୍ଣଚନ୍ଦ୍ର ପଣ୍ଡା କବିବର ରାଧାନାଥ ରାୟଙ୍କ ଲିଖିତ ଚନ୍ଦ୍ରଭାଗା ଓ କେଦାର ଗୌରୀ ପାଶ୍ଚାତ୍ୟ ସାହିତ୍ୟରୁ କିପରି ରୂପାନ୍ତରିକରଣ ହୋଇଛି ତାହାର ଏକ ଝଲକ ପ୍ରଦାନ କରିଥିଲେ। ଡେମନଷ୍ଟ୍ରେଟର ହେମନ୍ତ କୁମାର ମଲ୍ଲିଫୁଲ ଧନ୍ୟବାଦ ପ୍ରଦାନ କରିଥିଲେ।




ସାହିତ୍ୟ ପାଠଚକ୍ରରେ ଡ. ଇନ୍ଦିରା ଅଧିକାରୀ ବକ୍ତବ୍ୟ ରଖୁଛନ୍ତି।

# ମହର୍ଷି ଗୁରୁକୁଳ ଟେକ୍ନୋ କନ୍‌ସେପ୍ଟ ସ୍କୁଲରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ଗୁଣପୁର, ୬।୧୨( ପ୍ରଦୀପ କୁମାର ପାଢ଼ୀ )

ଗୁଣପୁର ନିଳାଦ୍ରୀ ବିହାରସ୍ଥିତ ମହର୍ଷି ଗୁରୁକୁଳ ଟେକ୍ନୋ କନସେପ୍ଟ ସ୍କୁଲରେ ଶନିବାର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଶନିବାର କରାଯାଇଛି। ମୁଖ୍ୟ ଅତିଥି ଭାବେ ଆଇଆର୍‌ବି ଏନ କମାଣ୍ଡେଣ୍ଟ ବ୍ରଜମୋହନ ନାୟକ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ବିଦ୍ୟାଳୟ ଉପସଭାପତି ଲୋକନାଥ ମିଶ୍ର, ସମ୍ପାଦକ କୃଷ୍ଣ ମାଧବ ଦାସ, ପ୍ରିନ୍ସପାଲ କୃଷ୍ଣଚନ୍ଦ୍ର ଶତପଥୀ ମଞ୍ଚାସୀନ ଥିଲେ। ଶିକ୍ଷୟିତ୍ରୀ ରଶ୍ମିତା ପାଣିଗ୍ରାହୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନ ସଭାପତି ସନ୍ତୋଷ ଗୁରୁ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ଘୋଷଣା କରିଥିଲେ। ବିଦ୍ୟାଳୟ ସମ୍ପାଦକ ରାଜେଶ କୁମାର ପଣ୍ଡା ପ୍ରତିଯୋଗିତାର ସୂଚନା ଦେଇଥିଲେ। ଏହା ପୂର୍ବରୁ ଶିକ୍ଷକ ଜ୍ଞାନେଶ୍ୱର ନାୟକଙ୍କ ତତ୍ତ୍ୱାବଧାନରେ ମଙ୍ଗଳା ମନ୍ଦିରରୁ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ଶୋଭାଯାତ୍ରା ମଶାଲ ବାହାରି ମିନି ଷ୍ଟାଡିୟମରେ ପହଞ୍ଚି ମୁଖ୍ୟ ଅତିଥିଙ୍କୁ ହସ୍ତାନ୍ତର କରିଥିଲା। ଶିକ୍ଷୟତ୍ରୀ ରଶ୍ମି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାକୁ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ।

# ଶିକ୍ଷୟିତ୍ରୀଙ୍କୁ ଫେରାଇ ଆଣିବା ନେଇ ଦାବି

ଟିକିରି,୬।୧୨(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡା ଜିଲା କାଶୀପୁର ବ୍ଲକ ଗୋରଖପୁର ପଞ୍ଚାୟତ ଅଧୀନ କୁତ୍ରାଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ ୩୮ଜଣ ଛାତ୍ରୀଛାତ୍ରଙ୍କ ପାଇଁ ଜଣେ ମାତ୍ର ଶିକ୍ଷୟିତ୍ରୀ ଅଛନ୍ତି। ଫଳରେ ପାଠପଢ଼ାରେ ବ୍ୟାଘାତ ହେଉଥିବା ଅଭିଯୋଗ କରି ଛାତ୍ରୀଛାତ୍ର ଓ ଅଭିଭାବକ ରାୟଗଡା ବିଧାୟକ ଆପାଲସ୍ୱାମି କାଡ୍ରାକାଙ୍କୁ ଶନିବାର ଦାବିପତ୍ର ପ୍ରଦାନ କରିଛନ୍ତି । ପୂର୍ବରୁ ସ୍କୁଲରେ ୩ଜଣ ଶିକ୍ଷକ ରହିଥିଲେ। ସେମାନଙ୍କ ମଧ୍ୟରୁ ଶିକ୍ଷକ ବିଜୟ କୁମାର ସାହୁଙ୍କୁ ଜିଲା ଭିତ୍ତିକ ବଦଳି କରାଯାଇଥିଲା। ଡେପୁଟେଶନରେ ମିନତି ନାଏକଙ୍କୁ ଅମରସିଙ୍ଗଗୁଡ଼ା ପ୍ରାଥମିକ ବିଦ୍ୟାଳୟକୁ ନିଆ ଯାଇଛି। ତାଙ୍କ ଡେପୁଟେଶନ ବାତିଲ କରି ଫେରାଇ ଆଣିବାକୁ ବିଧାୟକଙ୍କୁ ଦିଆଯାଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ସମସ୍ୟାର ସମାଧାନ ନ ହେଲେ ବିଦ୍ୟାଳୟରେ ତାଲା ପକାଇବେ ବୋଲି ଅଭିଭାବକ ଚେତାବନୀ ଦେଇଛନ୍ତି।



ବିଧାୟକଙ୍କୁ ଛାତ୍ରୀଛାତ୍ର ଦାବିପତ୍ର ଦେଉଛନ୍ତି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.: 50-SBP-TRD-OT-2025-26, ତା.28.11.2025ରିଖ

**କାର୍ଯ୍ୟର ନାମ :** ଦୁଇ ବର୍ଷ ଅବଧି ନିମନ୍ତେ ସମ୍ବଲପୁର ମଣ୍ଡଳର TRD ବିଭାଗର ଅଗ୍ନି ନିର୍ବାପକ ଯନ୍ତ୍ରଗୁଡ଼ିକର ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି(AMC) ।

**ଆନୁମାନିକ ମୂଲ୍ୟ (₹):** 4,29,041.00, EMD (₹): 8,600.00, ଟେଣ୍ଡର ନଥିପତ୍ରର ମୂଲ୍ୟ (₹) : 1,180.00, ଶେଷ ହେବା ଅବଧି : 24 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.22.12.2025 ରିଖ 1530 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ(Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-876/Q/25-26



केनरा बैंक Canara Bank — ସିଣ୍ଡିକେଟ Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର, ଏଫ୍-୪, ୨ୟ ମହଲା, ଇନ୍ଦ୍ରଧନୁ ମାର୍କେଟ, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଯେହେତୁ, ଋଣଗ୍ରହୀତା ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪)ସହିତ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିଗୁଡ଼ିକୁ **ଦଖଲ** କରିଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କର ପୁରୀ ବଡଦାଣ୍ଡ ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ପୁରୀ ବଡଦାଣ୍ଡ ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିଗୁଡିକର ସଂପୂର୍ଣ୍ଣ ବିବରଣୀ / (ଖ)ଧାରା ୧୩(୨) ନୋଟିସ୍ ତାରିଖ / (ଗ) ଧାରା ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ପରିମାଣ |
|---|---|
| ଋଣଗ୍ରହୀତାମାନେ: ୧) **ଶ୍ରୀ ଗୋପାଳ ଚନ୍ଦ୍ର ଆଚାର୍ଯ୍ୟ**, ପିତା: ୰ ଉଦୟନାଥ ଆଚାର୍ଯ୍ୟ, ୨) **ଶ୍ରୀମତୀ ମିତା ଆଚାର୍ଯ୍ୟ**, ସ୍ୱାମୀ: ଗୋପାଳ ଚନ୍ଦ୍ର ଆଚାର୍ଯ୍ୟ, ଉଭୟଙ୍କ ଠିକଣା- ସା/ପୋ: ବିରଗୋବିନ୍ଦପୁର, ଭାୟା: ସାକ୍ଷୀଗୋପାଳ, ପୁରୀ-୭୫୨୦୧୪ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଜୟନ୍ତୀ ଦାସ**, ସ୍ୱାମୀ: ଅଶୋକ କୁମାର ନାଥଶର୍ମା, ସା: ଜୟପୁର, ପୋ: ସାକ୍ଷୀଗୋପାଳ, ଭାୟା: ସାକ୍ଷୀଗୋପାଳ, ପୁରୀ-୭୫୨୦୧୪ | **ଶ୍ରୀ ଗୋପାଳ ଚନ୍ଦ୍ର ଆଚାର୍ଯ୍ୟ**ଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ପୁରୀ, ଥାନା: ସତ୍ୟବାଦୀ, ଥାନା ନଂ.: ୧୩୮, ତହସିଲ: ସତ୍ୟବାଦୀ, ତହସିଲ ନଂ.: ୫୦୯, ମୌଜା: ବିରଗୋବିନ୍ଦପୁର, ମ୍ୟୁଟେସନ୍ ଖାତା ନଂ.: ୨୫୪, ପ୍ଲଟ୍ ନଂ.: ୨୭୨୨/୪୬୪୭, କ୍ଷେତ୍ର: ଏକର୦.୦୩ ଡିସିମିଲି, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଅନୁରୂପ ଖାତା ନଂ.: ୨୩୬(କ) (ଚୂଡାନ୍ତ ହୋଇନଥିବା ହାଲ୍ ଖାତା) ପ୍ଲଟ୍ ନଂ.: ୧୭୬୮/୧୬୧୫, କ୍ଷେତ୍ର: ଏକର୦.୦୩ ଡିସିମିଲି, ପରବର୍ତ୍ତୀ ଅନୁରୂପ ପୂର୍ବ ଖାତା ନଂ.: ୭୩୨, ପ୍ଲଟ୍ ନଂ.: ୧୭୬୮(ଅଂଶ), ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ରାସ୍ତା, ଉତ୍ତର: ପି ଆଚାର୍ଯ୍ୟ, ଦକ୍ଷିଣ: ଗୋବିନ୍ଦ ଆଚାର୍ଯ୍ୟ, **CERSAI ID- 400008206368** / ଖ) ୦୬.୦୯.୨୦୨୫ / ଗ) ୦୧.୧୨.୨୦୨୫ / ଘ) ଟ.୨,୭୨,୫୬୪.୪୭ |

(ଦୁଇ ଲକ୍ଷ ବାସ୍ତରୀ ହଜାର ପାଞ୍ଚ ସହ ଚଉଷଠୀ ଟଙ୍କା ଏବଂ ସତଚାଳିଶି ପଇସା ମାତ୍ର) ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୬.୧୨.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ



No.T-113

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
************
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସପ୍ତଦଶ ବିଧାନସଭାର ପଞ୍ଚମ ଅଧିବେଶନ ବଳବତ୍ତର ଥିବା ହେତୁ ଆସନ୍ତା ସୋମବାର, ଇଂରାଜୀ ତା 08/12/2025 ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0209/2526



**DEPARTMENT OF POSTS, INDIA**
**OFFICE OF THE SR. SUPDT. OF POST OFFICES**
**BHUBANESWAR - 751009**
भारतीय डाक — India Post

**WALK-IN-INTERVIEW FOR ENGAGEMENT OF DIRECT AGENTS FOR SALE OF POSTAL LIFE INSURANCE PRODUCTS**

1. **Qualification (Essential):** Must have Passed 10th standard or equivalent examination conducted by a Board recognized by Central/State Govt.
2. **Age:** Minimum age of the applicant shall be 18 years on date of Walk-in-Interview.
3. **Venue & Time:** O/o The Sr. Supdt. of Post Offices, Bhubaneswar Division, Bhubaneswar - 751009 at 11.00 A.M. onwards on **Dtd. 15th & 16th December 2025**.

Interested candidates may attend "Walk-in-Interview" along with their bio-data, Proof of age, educational qualification, required certificates and experience, if any.

**For more details please Contact:**
**DO (PLI), Bhubaneswar Division, Mob.: 9658784699.**

**Sr. Supdt. of Post Offices**
**Bhubaneswar Division, Bhubaneswar-751009**



**GOPABANDHU ANCHALIKA DEGREE MAHAVIDYALAYA**
**KALIMELA, DIST.-MALKANGIRI**
**WALK-IN-INTERVIEW**

A Walk-in-interview for Lecturers (Contractual) in the Subjects of Economics and English will be conducted on 17th December 2025 (Wednesday). Interested candidates having 55% of marks or above in the P.G Level for Lecturer (Ph.D. Candidates will be more preferable) post may appear in the interview. They have to report in the College Office with their Original certificates along with a set of self-attested photo copy and resume at 10.00 A.M. No TA/DA is admissible.

The authority reserves the right to cancel or reject the walk-in-interview any reason thereof.

**Sd./- Principal-Cum-Secretary,**
**G.A.Degree Mahavidyalaya**
**Kalimela, Dist. - Malkangiri**



**कार्यपालक अभियंता का कार्यालय**
**लघु सिंचाई प्रमंडल, दुमका**

शुद्धि–पत्र

इस कार्यालय के द्वारा प्रकाशित ई–निविदा संख्या – WRD/MID/DUMKA/B.D./S.L.I.-01/2025-26 एवं पी० आर० नं० – 366293 Minor Irrigation (25-26):D के Date of Publication of Tender on website & Submission of Tender on Portal की तिथि – 26/11/2025 से 10/12/2025 तक के स्थान पर दिनांक – 11/12/2025 से 21/12/2025 तक पढ़ा जाय। निविदा खोलने की तिथि – 11/12/2025 के स्थान पर दिनांक – 22/12/2025 पढ़ा जाय। निविदा की बाकी सभी शर्तें यथावत रहेंगी।

ह0/–
कार्यपालक अभियंता,
लघु सिंचाई प्रमंडल, दुमका

PR 367886 (Minor Irrigation)25-26*D

# ସ୍କୁଲ ୟୁନିଫର୍ମ ନାଁରେ ଠକେଇ ଅଭିଯୋଗ

## ପିଲାଙ୍କୁ ଦିଆଯାଉଛି ନିମ୍ନମାନର ପୋଷାକ

ବନ୍ଧୁଗାଁ,୬ା୧୨ (ବେଣୁଧର ଲାବାଲା)

ରାଜ୍ୟ ସରକାର ଛାତ୍ରାଛାତ୍ରୀଙ୍କୁ ସ୍କୁଲ ଯିବାକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ଯୋଜନା ସହ ନିଃଶୁଳ୍କ ବହି, ୟୁନିଫର୍ମ ଓ ମଧ୍ୟାହ୍ନ ଭୋଜନ ଆଦି ବ୍ୟବସ୍ଥା ମଧ୍ୟ କରିଛନ୍ତି। କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକରେ ସ୍କୁଲ ୟୁନିଫର୍ମ ନାଁରେ କେତେଜଣ ଅସାଧୁ ବ୍ୟକ୍ତି ଓ ଶିକ୍ଷା ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ଚକ୍ରାନ୍ତ ଯୋଗୁ ସ୍ଥାନୀୟ ଛାତ୍ରାଛାତ୍ରୀ ଉତ୍ତମ ମାନର ପୋଷାକ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଚଳିତ ବର୍ଷ ୨୦୨୫-୨୬ ପାଇଁ ଉନ୍ନତ ମାନର ପୋଷାକ ବଣ୍ଟନ ନେଇ କୋରାପୁଟ ଜିଲ୍ଲା ଶିକ୍ଷାଧିକାରୀଙ୍କ ଚିଠି ନଂ.୨୧୮୧, ଭିଜିଓ/୨୫, ତା.୭ା୮ା୨୦୨୫ରେ ସ୍କୁଲ ୟୁନିଫର୍ମ ପୋଷାକ ବଣ୍ଟନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବନ୍ଧୁଗାଁ ବ୍ଲକରେ ପାଖାପାଖି ୩୦ ଟେଣ୍ଡର ଆବେଦନ କରାଯାଇଥିଲା। ସେଥିରୁ ଜିଲ୍ଲା ଶିକ୍ଷାଧିକାରୀଙ୍କ ଚିଠି ନଂ.୩୨୩୭/୨୫ ଭିଜାଇ, ଭିଜିଓ ୨୦୨୫,ତା.୨୬ା୯ା୨୦୨୫ରେ ବ୍ଲକରେ ୫ ଏଜେନ୍ସିଙ୍କୁ ୬୮ ସ୍କୁଲର ୫୦୬୮ ଛାତ୍ରାଛାତ୍ରୀ ଏବଂ ୩ ଏଜେନ୍ସିକୁ ୟୁନିଟ୍ ଯଥା ନବଦୀପ ଗାର୍ମେଣ୍ଟ୍ସ,କଲକତ୍ତା କ୍ଲଥ୍ ଷ୍ଟୋର, ଶୁଭାଂଶୁ ଏଣ୍ଟରପ୍ରାଇଜେସ୍‌କୁ ୩୮ ସ୍କୁଲର ୧୬୨୦ ଛାତ୍ରାଛାତ୍ରୀଙ୍କୁ ଉନ୍ନତ ମାନର ସରକାରଙ୍କ ଗାଇଡଲାଇନ ଅନୁସାରେ ଲୋଗୋ ସହ ସ୍କୁଲ ୟୁନିଫର୍ମ ପୋଷାକ ବଣ୍ଟନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସେଥିରୁ ୭୫ ପ୍ରତିଶତ ସ୍କୁଲରେ ବିନା ଲୋଗୋରେ ପୁରୁଣା ସ୍କୁଲ ୟୁନିଫର୍ମ ବଣ୍ଟନ କରାଯାଇଥିବା ଦେଖିବାକୁ ମିଳୁଛି। ୧୦୬ ସ୍କୁଲର ୮୪୮ ଛାତ୍ରାଛାତ୍ରୀଙ୍କ ପାଇଁ ସ୍କୁଲ ୟୁନିଫର୍ମ ନିମ୍ନମାନର ଦିଆଯାଇଥିବା ଜଣାପଡ଼ିଛି। ଚଳିତବର୍ଷ ଟୋପିରେ, ଟି-ସାର୍ଟରେ,ଆଇକାର୍ଡରେ ଲୋଗୋ ରହିବା କଥା। ବନ୍ଧୁଗାଁ ସହ ଅନ୍ୟ ବ୍ଲକର ଅସାଧୁ ଦଲାଲଙ୍କଠାରୁ ସମସ୍ତ ପ୍ରଧାନଶିକ୍ଷକ ନିୟମକୁ ଫୁଙ୍କ କରି ୟୁନିଫର୍ମ ବାଧ୍ୟତାମୂଳକ ଭାବେ ବଣ୍ଟନ କରିଥିବା ସୂଚନା ମିଳିଛି। ଶିକ୍ଷା ବିଭାଗର ଜଣେ ଛାତ୍ରାଛାତ୍ରୀଙ୍କୁ ୨ହଳ ସ୍କୁଲ ୟୁନିଫର୍ମ ଓ ହଳେ ଜୋତା ବଣ୍ଟନ କରାଯାଇଛି। ବ୍ଲକ୍ ଅଞ୍ଚଳରେ ଥିବା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଥମରୁ ୮ମ ଯାଏ ଛାତ୍ରାଛାତ୍ରୀଙ୍କୁ ଡ୍ରେସ୍ ବଣ୍ଟନ କରାଯାଉଛି। ବ୍ୟବସାୟୀମାନେ ବିଭିନ୍ନ ସ୍କୁଲକୁ ନମୁନା ଦେବା ବେଳେ ଠିକ୍ ମାନର ନମୁନା ଦେଖାଉଛନ୍ତି, କିନ୍ତୁ ଯୋଗାଣ ସମୟରେ ନିମ୍ନମାନର ପୋଷାକ ଦେଉଥିବା ଦେଖିବାକୁ ମିଳିଛି। ଏହି ବାବଦରେ ସୋମାନେ ପ୍ରାୟ ୬୦ ପ୍ରତିଶତ ଅର୍ଥ ବାଟମାରଣା କରୁଥିବା ଓ ପୋଷାକ ବ୍ୟବହାରଯୋଗ୍ୟ ନ ଥିବାରୁ ଅଭିଭାବକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିପ୍ରତି ବ୍ଲକ୍ ପ୍ରଶାସନ ଓ ଅନୁମୋଦନ କମିଟି ସ୍ୱତନ୍ତ୍ର ଧ୍ୟାନଦେବାକୁ ଦାବି ହୋଇଛି। ସପ୍ତାହକୁ ଗୋଟିଏ ସପ୍ତାହ ବିତି ନ ଥିବା ବେଳେ ପୋଷାକରୁ ସିଲେଇ ଛାଡ଼ି ଯାଉଥିବା ବେଳେ ବୋତାମ ଓ ଜିପ୍ ବାହାରିଯାଉଥିବା କେତେଜଣ ଅଭିଭାବକ କହିଛନ୍ତି। ପିଲାଙ୍କୁ ମିଳୁଥିବା ଜୋତା ଅବସ୍ଥା ମଧ୍ୟ ସମାନ। ବିଦ୍ୟାଳୟର ଏନ୍‌ରୋଲମେଣ୍ଟ ଅନୁଯାୟୀ ପ୍ରଧାନ ଶିକ୍ଷକଙ୍କ ଆକାଉଣ୍ଟରୁ ଡ୍ରେସ୍ ଯୋଗାଣକାରୀ ସଂସ୍ଥାର ଆକାଉଣ୍ଟକୁ ଟଙ୍କା ଡିପୋଜିଟ ହୋଇଥାଏ। କପଡ଼ା ବ୍ୟବସାୟୀ ଏହି ବାବଦକୁ ପ୍ରଧାନଶିକ୍ଷକଙ୍କୁ ପିସି ଦେଉଥାନ୍ତି। ପ୍ରଧାନଶିକ୍ଷକ ଓ ଶିକ୍ଷା ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ପ୍ରଲୋଭନ ଦେଖାଇ ନିମ୍ନମାନର ପୋଷାକ ଦେଇ ପ୍ରତିବର୍ଷ ବହୁ କୋଟି ଟଙ୍କା ହଡ଼ପ କରୁଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟଗୁଡ଼ିକରେ ପୋଷାକ ଯୋଗାଣ ପାଇଁ ସାମୁହିକ ସହକାରୀ ବ୍ଲକ୍ ଶିକ୍ଷାଧିକାରୀ ଅନୁମୋଦନ କରିଥାନ୍ତି। ପ୍ରଧାନଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟି ମିଶି କାହାଠୁ ଡ୍ରେସ୍ ଆସିବ ଏହା ନିଷ୍ପତ୍ତି ନେଇଥାନ୍ତି। ଏ ସମ୍ପର୍କରେ ବନ୍ଧୁଗାଁ ବିଇଓ ମିନତି ଜଗଦେବଙ୍କୁ ପଚାରିବାରୁ ଯାଞ୍ଚ କରିବା ବେଳେ ଥିଲି। କିନ୍ତୁ ଦେବା ବେଳେ ଶିକ୍ଷା ବିଭାଗର କର୍ତ୍ତାଗାରୀ ବୁଝନ୍ତି ବୋଲି ସେ କହିଛନ୍ତି। ଏ ନେଇ ଏବିଇଓ ମଦନ ପାଣିଙ୍କୁ ଯୋଗାଯୋଗ କରିବାରୁ ବାହାରୁ ୧୫ ଦିନରେ ଥରେ ବନ୍ଧୁଗାଁ ଆସୁଥିବାରୁ ଫୋନରେ ଜିଜ୍ଞା କହି ଦେବେନି, ଗଲା ପରେ କଥା ହେବି ବୋଲି କହିଥିଲେ। ବନ୍ଧୁଗାଁ ଏକ୍ସବର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ପ୍ରତିଭା ଦାସଙ୍କ ସହ ଆଲୋଚନା କରିବା ପରେ ସେ କେତେଜଣ ସ୍ଥାନୀୟ ନେତାଙ୍କ ଚାପରେ ପଡ଼ି ବାଧ୍ୟହୋଇ ରଖିବାକୁ ପଡ଼ୁଥିବା କହିଛନ୍ତି। ଜଣେ ଛାତ୍ରଙ୍କୁ ପଚାରିବାରୁ ଆମକୁ ମାପ ଅନୁସାରେ ପୋଷାକ ଦିଆଯାଇନାହିଁ ବୋଲି କହିଛନ୍ତି। ବନ୍ଧୁଗାଁ ଉପାଧକ୍ଷ ଗୀତାଞ୍ଜଳି ପିଡିକା ଏବଂ ଭାଜପା ଜିଲ୍ଲା କାର୍ଯ୍ୟକର୍ତ୍ତା ଶରତ ପାତ୍ର ନିରପେକ୍ଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ କରିବାକୁ ମତ ଦେଇଛନ୍ତି।

# ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଘାଟିତ



ଅତିଥି ପ୍ରଦର୍ଶିତ ପ୍ରକଳ୍ପ ବୁଲି ଦେଖୁଛନ୍ତି।

କୋରାପୁଟ,୬ା୧୨ (ଅମିତାଭ ବେହେରା)

ଶୁକ୍ରବାର କୋରାପୁଟସ୍ଥିତ ରାମକୃଷ୍ଣ ବିଦ୍ୟାମନ୍ଦିରରେ ବିଦ୍ୟାଳୟସ୍ତରୀୟ ଦୁଇଦିନିଆ ବିଜ୍ଞାନ ମେଳା ଉଦ୍‌ଘାଟିତ ହୋଇଛି। ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ବିଜୟା ମହାପାତ୍ର ମେଳାକୁ ଉଦ୍‌ଘାଟନ କରିଥିଲେ। ନୂତନ ବିଜ୍ଞାନ ପ୍ରକଳ୍ପ ଉଦ୍ଭାବନ ପାଇଁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ସଭାପତି ଡ.ଅମୂଲ୍ୟ ରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ। ଚତୁର୍ଥ ଓ ପଞ୍ଚମ ଶ୍ରେଣୀର ପିଲାମାନଙ୍କ ମଧ୍ୟରେ ବିଜ୍ଞାନ, ସାମାଜିକ ବିଜ୍ଞାନ ଓ ଗଣିତ ଏହି ୩ ବିଭାଗରେ ପ୍ରତିଯୋଗିତା ହୋଇଥିଲା। ମେଳାରେ ୭୨ ପ୍ରକଳ୍ପ ପ୍ରଦର୍ଶିତ ହୋଇଛି। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଅଧ୍ୟକ୍ଷା ତପସ୍ୱିନୀ ମହାପାତ୍ର ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ କବିତା ପଟ୍ଟନାୟକ, ସ୍ୱରୂପା ରାଣୀ ପଟ୍ଟନାୟକ, ରୋଜାଲିନ ସୁରିଆ, ସଂଯୁକ୍ତା ମହାନ୍ତି, ଗୀତାଞ୍ଜଳି ସ୍ୱାଇଁ, ଆର.ବସନ୍ତ ଲଳିତା ଓ ସୁସ୍ମିତା ଶୁଭଦର୍ଶିନୀ ପ୍ରମୁଖ ସହଯୋଗ କରିଥିଲେ।

# ପ୍ରତାପ ବରିଷ୍ଠ ନାଗରିକ ସଂଘ ସଭାପତି

ସୁନାବେଡ଼ା/ସେମିଳିଗୁଡ଼ା,୬ା୧୨ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲ୍ଲା ସେମିଳିଗୁଡ଼ା କାର୍ଯ୍ୟାଳୟ ପରିସରରେ ବରିଷ୍ଠ ନାଗରିକ ସଂଘର ନୂତନ କର୍ମକର୍ତ୍ତା ଚୟନ ହୋଇଛି। ସଂଘର ନୂତନ ସଭାପତି ଭାବେ ପ୍ରତାପ ଚନ୍ଦ୍ର ପାତ୍ରଙ୍କୁ ସର୍ବସମ୍ମତିରେ ଚୟନ କରାଯାଇଛି। ସାଧାରଣ ସମ୍ପାଦକ ଭାବେ ଭୁବନେଶ୍ୱର ପଟ୍ଟନାୟକଙ୍କୁ ଚୟନ କରାଯାଇଛି। କାର୍ଯ୍ୟକାରୀ ସଭାପତି ଈଶ୍ୱର ଗୁରୁ, ଉପସଭାପତି ଗଜାନନ ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ନୀଳମଣି ନାୟକ, ସହ ସମ୍ପାଦକ ରୂପେ ନୀଳକଣ୍ଠ ଡୋଲିଆ ଓ କାର୍ଯ୍ୟାଳୟ ସମ୍ପାଦକ ପ୍ରଶାନ୍ତ ଚନ୍ଦ୍ର ବେହେରା,ସଂଗଠନ ସମ୍ପାଦକ ରୂପେ ସିଏଚ ପ୍ରଦୀପ କୁମାର ପାତ୍ର ଓ ଫକୀର ଚରଣ ରାଉତ,କୋଷାଧ୍ୟକ୍ଷ ପାଣ୍ଡୁ ଚରଣ ସାହୁ ଅଡିଟର ରୂପେ ଅନାଦି ଚରଣ ସାହୁଙ୍କୁ ଚୟନ କରାଯାଇଥିବା ଜଣାପଡ଼ିଛି। ସଂଘ ପକ୍ଷରୁ କାର୍ଯ୍ୟ ନିର୍ବାହୀ କମିଟିରେ ୧୦ ଜଣ ସଦସ୍ୟ ରହିଥିବା ଓ ଉପଦେଷ୍ଟା ଭାବେ ୮ଜଣ ବରିଷ୍ଠ ସଦସ୍ୟଙ୍କୁ ବଛାଯାଇଥିବା ସଂଘ ପକ୍ଷରୁ ସୂଚନା ମିଳିଛି।



ନୂତନ ଭାବେ ଚୟନ ହୋଇଥିବା ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତା।

# ଫେରିବାଲାଙ୍କ ଦୌରାତ୍ମ୍ୟ ନେଇ ଥାନାରେ ଅଭିଯୋଗ



ଦାବିପତ୍ର ଦେବାକୁ ଆସିଥିବା ବିଶ୍ୱ ହିନ୍ଦୁ ପରିଷଦର ସଦସ୍ୟ।

କୁନ୍ଦୁରା,୬ା୧୨ (ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକରେ ପଶ୍ଚିମବଙ୍ଗରୁ ଆସିଥିବା ବଙ୍ଗାଳି ବ୍ୟବସାୟୀଙ୍କ ଦୌରାତ୍ମ୍ୟ ନେଇ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଥାନାରେ ଗୁରୁବାର ଅଭିଯୋଗ କରାଯାଇଛି। କୁନ୍ଦୁରା ବ୍ଲକ୍ ସଭାପତି ଧନୁର୍ଦ୍ଧର ଘିଉରିଆଙ୍କ ନେତୃତ୍ୱରେ ପ୍ରାୟ ୨୦ କାର୍ଯ୍ୟକର୍ତ୍ତାଙ୍କ ଥାନାଧିକାରୀ ଅଶ୍ୱିନୀ ପଟ୍ଟନାୟକଙ୍କୁ ଭେଟି ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ପଶ୍ଚିମବଙ୍ଗ ମୁର୍ଶିଦାବାଦ ଅଞ୍ଚଳରୁ ଗ୍ରାମାଞ୍ଚଳରେ ରହି ବିଭିନ୍ନ ଅନୈତିକ କାର୍ଯ୍ୟ କରୁଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ବ୍ଲକର ଗ୍ରାମାଞ୍ଚଳର ଫେରିବାଲାମାନଙ୍କ ମଧ୍ୟରୁ କେତେଜଣ ବଙ୍ଗାଳି ବ୍ୟବସାୟୀ ଲୋକଙ୍କୁ ଧାର ଉଧାର ଦେଇ ପ୍ରଲୋଭିତ କରୁଥିବା କୁହାଯାଉଛି। ଅନୈତିକ କାର୍ଯ୍ୟ କରିଥିବା ଜଣେ ସ୍ଥାନୀୟ ଓ ଅନ୍ୟ ଜଣେ ବଙ୍ଗାଳି ଫେରିବାଲାଙ୍କୁ କୁନ୍ଦୁରା ପୋଲିସ ଅଟକ ରଖିବା ପରେ ଜୟପୁର ମହିଳା ଥାନାକୁ ହସ୍ତାନ୍ତର କରିଛି। କୁନ୍ଦୁରା ଅଞ୍ଚଳରେ ଥିବା କେତେଜଣ ବାଂଲାଦେଶୀ ରୋହିଙ୍ଗ୍ୟାଙ୍କୁ ପୋଲିସ ୨୪ ଘଣ୍ଟା ଭିତରେ ଅଞ୍ଚଳ ଛାଡ଼ିବାକୁ ନିର୍ଦ୍ଦେଶ ଜାରି କରିଛି। ବ୍ଲକ୍ ଉପକଣ୍ଠସ୍ଥିତ ଗିରାଗୁଡ଼ାରେ କେତେଜଣ ଫେରିବାଲା ଥିବା ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ପୋଲିସକୁ ସୂଚନା ଦିଆଯାଇଛି। ଗୁରୁବାର ପୁଟୁଗାଁ ଅଞ୍ଚଳରୁ ୨ ଫେରିବାଲାଙ୍କୁ କୁନ୍ଦୁରା ପୋଲିସ ନେଇ ଅଟକ ରଖିଛି। ଏକ ସପ୍ତାହ ହେବ ବିଶ୍ୱ ହିନ୍ଦୁ ପରିଷଦର କାର୍ଯ୍ୟ ବାହକମାନେ ଗାଁ ଗାଁ ବୁଲି ରୋହିଙ୍ଗ୍ୟାମାନଙ୍କୁ ଚିହ୍ନଟ କରିବା ନେଇ ସଚେତନ କରୁଛନ୍ତି। ବୁଲା ଫେରିବାଲାଙ୍କୁ କୁନ୍ଦୁରା ଅଞ୍ଚଳରୁ ବାହାର କରିବା ନେଇ ଗ୍ରାମୀଣ ପୋଲିସର ତତ୍ପରତା ଦେଖିବାକୁ ମିଳିଛି। ଏହି ଅବସରରେ ପଦ୍ମଲାମ ନାୟକ, ବଦ୍ରିନାରାୟଣ ଆଚାର୍ଯ୍ୟ, ମାନସିଂ ଘିଉରିଆ, ଭି.ଗିରିରାଓ, ତୁଷାର ଭଞ୍ଜ,ଅଭିଲାଷ ବେହେରା,ଧନୁର୍ଦ୍ଧର କାକଳ ପଡ଼ିଆ, ପଦ୍ମନ ହନ୍ତାଳ,ବୁଦ୍ଧରା ବଦାପୁଟିଆ ଓ ସୁଶୀଲ ଖୁଡ଼ି ପ୍ରମୁଖ ଉପସ୍ଥିତ ଥିଲେ।

# ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

ପଟ୍ଟାଙ୍ଗି,୬ା୧୨ (ଶରତ କୁମାର ଧଳ)

କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ୍ ଅଧୀନ ସମ୍ବାଲ ପଞ୍ଚାୟତ ଦେବତାଘାଟିରେ ଏକ ଅଜଣା ଗାଡ଼ି ଧକ୍କାରେ ଆହତ ବାଇକ୍ ଆରୋହୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ପଞ୍ଚାୟତ ସଦର ମହକୁମାର ରାମ ପାଙ୍ଗି ଏବଂ ତାଙ୍କ ସହ ପଣସପୁଟ ଗ୍ରାମର ସିରାଜି ଖରା ବାଇକ(ନଂ ଓଡି୧୦ଜେଡ୍ ୨୪୪୩)ରେ ଆନ୍ଧ୍ରର ସାପ୍ତାହିକ ହାଟ ଆଡ଼କୁ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ୨ ଆହତଙ୍କୁ ଉଠାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ରାମଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ମେଡିକାଲରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଥିଲା। ପରିବାର ଲୋକେ ଏ ନେଇ ପଟ୍ଟାଙ୍ଗି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।


No.T-113

**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସପ୍ତଦଶ ବିଧାନସଭାର ପଞ୍ଚମ ଅଧିବେଶନ ଚାଲୁଥିବା ହେତୁ ଆସନ୍ତା ସୋମବାର, ଇଂରାଜୀ ତା 08/12/2025 ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମୟପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

OIPR-09014/11/0209/2526


# କାନ୍ଥରେ ଚିତ୍ରକଳା ଦେଖାଇଲେ ଚିତ୍ରକର



ଚିତ୍ରକଳା ସହ ପ୍ରତିଯୋଗିତାରେ ଭାଗ ନେଇଥିବା ଜଣେ ପ୍ରତିଯୋଗୀ।

ନବରଙ୍ଗପୁର,୬ା୧୨ (ସଦାଶିବ ପ୍ରହରାଜ)

ଲୁଚାୟିତ ପ୍ରତିଭାର ପ୍ରଦର୍ଶନ ମଣ୍ଡେଇ ମହୋତ୍ସବ ୨୦୨୫ର ପାଳନ ଅବସରରେ ଶନିବାର ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ଆକର୍ଷଣୀୟ ଜିଲ୍ଲାସ୍ତରୀୟ କାନ୍ଥ ଚିତ୍ରକଳା ପ୍ରତିଯୋଗିତା କରାଯାଇଛି। ଜିଲା ଶିକ୍ଷାଧିକାରୀ, ଜିଲା କଲ୍ୟାଣ ଅଧିକାରୀ ଏବଂ ଜିଲା ସଂସ୍କୃତି ଅଧିକାରୀଙ୍କ ସମନ୍ୱୟରେ ପରିଚାଳିତ ହୋଇଥିଲା। ପ୍ରତିଯୋଗିତାକୁ ଛାତ୍ର ସ୍ତର ଓ ବୃତ୍ତିଗତସ୍ତର ନାମରେ ଦୁଇଟି ଭାଗରେ ବିଭକ୍ତ କରାଯାଇଥିଲା। ଉଭୟ ବିଭାଗରେ ସମଗ୍ର ନବରଙ୍ଗପୁର ଜିଲ୍ଲାରୁ ୧୦ ଜଣ ଲେଖାଏଁ ଉତ୍ସାହୀ ପ୍ରତିଯୋଗୀ ଛାତ୍ର ଏବଂ ବୃତ୍ତିଗତ ମୋଟ ୨୦ ଜଣ ଅଂଶଗ୍ରହଣ କରିଥିଲେ। ଉଭୟ ବିଜେତା ପ୍ରତିଯୋଗୀଙ୍କୁ ମଣ୍ଡେଇ ମହୋତ୍ସବ ମଞ୍ଚରେ ପୁରସ୍କୃତ କରାଯିବ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ସାଧାରଣ) ତପନ କୁମାର ଝୁଞ୍ଜିଆ ପ୍ରତ୍ୟେକ କଳାକାରଙ୍କୁ ଅଂଶଗ୍ରହଣ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳ ସମସ୍ତଙ୍କୁ ଉତ୍ସାହିତ କରିବା ସହ ସମାଜରେ ସୃଜନଶୀଳ ଯାତ୍ରାକୁ ଆଗକୁ ବଢ଼ାଇବା ପାଇଁ ପରାମର୍ଶ ଦେଇଥିଲେ। ଡେବ୍ଲିଙ୍କୁଷ୍ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଚିତ୍ରକଳା ଶିକ୍ଷକ ପୁଲୋଚନ ବାରିକ, ପାପଡ଼ାହାଣ୍ଡି ଓଏଭି ଚିତ୍ରକଳା ଶିକ୍ଷକ ବିଶ୍ୱଜିତ୍ ଟିଡ଼ି, ଅବସରପ୍ରାପ୍ତ ଚିତ୍ରକଳା ଶିକ୍ଷକ ବସନ୍ତ ବେହେରା ବିଚାରକଭାବେ ଉଭୟ ବିଭାଗରେ ଶ୍ରେଷ୍ଠ ୩ ଲେଖାଏଁ ବିଜେତା ଚୟନ କରିଥିଲେ। ୮ ତାରିଖରେ ନବରଙ୍ଗପୁର ମହିଳା ମହାବିଦ୍ୟାଳୟରେ ହେବାକୁ ଥିବା ମେହେନ୍ଦୀ ପ୍ରତିଯୋଗିତାରେ ଭାଗନେବାକୁ ସମସ୍ତଙ୍କୁ କୁହାଯାଇଥିଲା।

# ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ

ଜୟପୁର,୬ା୧୨ (ପବନ ପାଣିଗ୍ରାହୀ)



ଛାତ୍ରାଛାତ୍ରୀ ଚିତ୍ରାଙ୍କନ କରୁଛନ୍ତି।

ଜୟପୁର ବିକ୍ରମଦେବ କଳା ଓ ଚାରୁକଳା ବିଦ୍ୟାଳୟ ସାମାଜିକ ମହାରାଣୀ କଳା ଭବନ ପରିସରରେ ଜିଲାସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ଏହି ପ୍ରଦର୍ଶନୀକୁ ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦନ କୁମାର ନାୟକ ଉଦଘାଟନ କରିଥିଲେ। ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ଯଶୋଦା ଗାଦାବାଙ୍କ ଆଧ୍ୟକ୍ଷତାରେ ଜିଲାର ବିଭିନ୍ନ ବ୍ଲକର ୬୫ ଚିତ୍ରଶିଳ୍ପୀ ଅଂଶଗ୍ରହଣ କରିଥିଲେ। କନିଷ୍ଠ, ବରିଷ୍ଠ ଓ ସର୍ବକନିଷ୍ଠ ବିଭାଗରେ ଚିତ୍ରକଳା ପ୍ରତିଯୋଗିତା ହୋଇଥିଲା। ଏଥିରେ ଲମତାପୁଟ, ବୈପାରିଗୁଡ଼ା, ବୋରିଗୁମ୍ମା, ନନ୍ଦପୁର, ସିମିଳିଗୁଡ଼ା, ଦଶମନ୍ତପୁର,ଜୟପୁର, କୋଟପାଡ଼ ବ୍ଲକର ପ୍ରତିଯୋଗୀ ଭାଗ ନେଇଥିଲେ। ବିଚାରକ ଭାବେ ବରିଷ୍ଠ ଚିତ୍ରଶିଳ୍ପୀ ପି.ଶ୍ରୀନିବାସ, ନରସିଂହ ପ୍ରସାଦ ଷଡ଼ଙ୍ଗୀ, ପଦ୍ମଚରଣ ଚୌଧୁରୀ, ଦୀପକ କୁମାର ଦାସ ତଥା କଳା ବିଦ୍ୟାଳୟର ପ୍ରଶିକ୍ଷକ କୃଷ୍ଣା ପାଙ୍ଗୀ ଓ ସୌଭାଗ୍ୟ ରଞ୍ଜନ ପାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର କର୍ମଚାରୀ କେ.ସୁନିଲ କୁମାର ପରିଚାଳନା କରିଥିଲେ। କୃତୀ ଛାତ୍ରାଛାତ୍ରୀଙ୍କୁ ୮ ତାରିଖରେ କଳା ପ୍ରଦର୍ଶନୀରେ ପୁରସ୍କୃତ କରାଯିବ।

# ଖଳାରେ ନିଆଁ ଲାଗି ଅମଳ ଶସ୍ୟ ନଷ୍ଟ

ଦଶମନ୍ତପୁର, ୬ା୧୨ (ଅରବିନ୍ଦ ନାୟକ)

କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଟିକାମ ପଞ୍ଚାୟତ ଅଧୀନ ଗଞ୍ଜେଇପୁଟ ଏକ ଖଳାରେ ନିଆଁ ଲାଗି ଚାଷୀଙ୍କ ଅମଳ ଶସ୍ୟ ପୋଡ଼ି ନଷ୍ଟ ହୋଇଯାଇଛି। ଚାଷୀମାନେ ଖଳାରେ ବିଭିନ୍ନ ଉତ୍ପାଦିତ ଶସ୍ୟ ଅମଳ କରିବା ପାଇଁ ଗଚ୍ଛିତ କରି ରଖିଥିଲେ। ଗ୍ରାମର ବିଜୟ ସାଉଣ୍ଟାଙ୍କ ହାରାହାରି ୩୦ ହଜାର ଟଙ୍କାର ଧାନ, ଫୁଆଁ, ନରସିଂହଙ୍କ ୧୦ ହଜାର ଟଙ୍କାର ଧାନ, କେଶବ ନାଇକଙ୍କ ୮ ହଜାର ଧାନ, ଖାର୍ଗେମେଘର ସଙ୍ଖ ସାଉଣ୍ଟାଙ୍କ ୫୦ ହଜାର ଟଙ୍କାର ଧାନ, ଫୁଆଁ ଓ ରାଜେନ୍ଦ୍ର ଖୁରାଙ୍କ ୧୦ ହଜାର ଟଙ୍କାର ମାଣ୍ଡିଆ ପୋଡ଼ି ନଷ୍ଟ ହୋଇଯାଇଛି। ନିଆଁକୁ ଆୟତ୍ତ କରିବା ସମୟ ହୋଇପାରି ନ ଥିବା ଚାଷୀମାନେ କହିଛନ୍ତି। ସରକାରୀ ସହାୟତା ପାଇଁ ଦାବି କରିଛନ୍ତି।


DEPARTMENT OF POSTS, INDIA
OFFICE OF THE SR. SUPDT. OF POST OFFICES
BHUBANESWAR - 751009

**WALK-IN-INTERVIEW FOR ENGAGEMENT OF DIRECT AGENTS FOR SALE OF POSTAL LIFE INSURANCE PRODUCTS**

1. **Qualification (Essential):** Must have Passed 10th standard or equivalent examination conducted by a Board recognized by Central/State Govt.
2. **Age:** Minimum age of the applicant shall be 18 years on date of Walk-in-Interview.
3. **Venue & Time:** O/o The Sr. Supdt. of Post Offices, Bhubaneswar Division, Bhubaneswar - 751009 at 11.00 A.M. onwards on **Dtd. 15th & 16th December 2025**.

Interested candidates may attend "Walk-in-Interview" along with their bio-data, Proof of age, educational qualification, required certificates and experience, if any.

For more details please Contact:
**DO (PLI), Bhubaneswar Division, Mob.: 9658784699.**
Sr. Supdt. of Post Offices
Bhubaneswar Division, Bhubaneswar-751009



**GOPABANDHU ANCHALIKA DEGREE MAHAVIDYALAYA KALIMELA, DIST.-MALKANGIRI**

**WALK-IN-INTERVIEW**

A Walk-in-interview for Lecturers (Contractual) in the Subjects of Economics and English will be conducted on 17th December 2025 (Wednesday). Interested candidates having 55% of marks or above in the P.G Level for Lecturer (Ph.D. Candidates will be more preferable) post may appear in the interview. They have to report in the College Office with their Original certificates along with a set of self-attested photo copy and resume at 10.00 A.M. No TA/DA is admissible.

The authority reserves the right to cancel or reject the walk-in-interview any reason thereof.

Sd/- Principal-Cum-Secretary,
G.A.Degree Mahavidyalaya
Kalimela, Dist. - Malkangiri


# ମୃତ୍ତିକା ପରୀକ୍ଷା, ଜୈବିକ ପଦ୍ଧତି ଚାଷକୁ ଗୁରୁତ୍ୱ

## ଅଗ୍ରଗାମୀ ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ବିଶ୍ୱ ମୃତ୍ତିକା ଦିବସ

ଡେବ୍ରିଗୁଡ଼ା,୬ା୧୨ (ବିକାଶ ସାହୁ)

ଅଗ୍ରଗାମୀ ଅନୁଷ୍ଠାନ ପକ୍ଷରୁ ଶନିବାର ବିଶ୍ୱ ମୃତ୍ତିକା ଦିବସ ଉପଲକ୍ଷେ ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟକ୍ରମ କରାଯାଇଛି। ତେନ୍ତୁଳିଖୁଣ୍ଟି, ଲମତାଗୁଡ଼ା, ପୂଜାରୀଗୁଡ଼ା, ମାଝିଗାଁ, ଗୌଡ଼ଦେଉପାଲି ପଞ୍ଚାୟତରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ, ନାଏବ ସରପଞ୍ଚ, ୱାର୍ଡମେମ୍ବର, ପଞ୍ଚାୟତ ନିର୍ବାହୀ ଅଧିକାରୀ, କୃଷି ଓଭରସିୟରଙ୍କ ସହିତ ଅଗ୍ରଗାମୀ କର୍ମକର୍ତ୍ତା, କୃଷି ବିଭାଗ, ପଞ୍ଚାୟତ କାର୍ଯ୍ୟାଳୟ କର୍ମଚାରୀ ଓ ଚାଷୀ ଉପସ୍ଥିତ ଥିଲେ। ମୃତ୍ତିକାର ସଂରକ୍ଷଣ, ଏହାର ଆବଶ୍ୟକତା ସମ୍ପର୍କରେ ସମସ୍ତଙ୍କୁ ସଚେତନ କରାଯାଇଥିଲା। ଲମତାଗୁଡ଼ା ପଞ୍ଚାୟତ ଉପରଗୋଡ଼ି ଗ୍ରାମରେ ଶ୍ରୀ ଅନ ଅଭିଯାନର ବ୍ଲକ୍ ସଂଯୋଜକ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କୃଷି ଓଭରସିୟର ମଧୁସ୍ମିତା ପତି, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିକାଶ ସାମଲ, ଅଗ୍ରଗାମୀ ପକ୍ଷରୁ କଲ୍ୟାଣ ମିଶ୍ର, ନାରୋଦ ପଣ୍ଡା, ଅଶ୍ୱିନୀ ନାୟକ, ସୋମାରୁ ମାଝୀ, ଭାସ୍କର ବାସ୍ତିଆ ପ୍ରମୁଖ ଯୋଗ ଦେଇଥିଲେ। ମୃତ୍ତିକା ସଂରକ୍ଷଣ, ମୃତ୍ତିକା ପରୀକ୍ଷା, ଜୈବିକ ପଦ୍ଧତିରେ ଚାଷ କରିବାକୁ କୃଷି ଓଭରସିୟର ମଧୁସ୍ମିତା ପତି କହିଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ନଂ.: 50-SBP-TRD-OT-2025-26, ତା.28.11.2025ରିଖ

କାର୍ଯ୍ୟର ନାମ: ... TRD ... (AMC)।

ଆନୁମାନିକ ମୂଲ୍ୟ (₹): 4,29,041.00, EMD (₹): 8,600.00, ... (₹): 1,180.00, ... : 24 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.22.12.2025 ରିଖ 1530 ଘଟିକାରେ।

... www.ireps.gov.in ...

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-876/O/25-26



କେନରା ବ୍ୟାଙ୍କ Canara Bank
ସିଣ୍ଡିକେଟ Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର, ଏଫ୍-୪, ୨ୟ ମହଲା, ଉତ୍କଳ ମାର୍କେଟ, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତିଗୁଡ଼ିକ ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ କାନାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ... CERSAI ID- 400008206368 ...

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୬.୧୨.୨୦୨୫
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ



**कार्यपालक अभियंता का कार्यालय**
**लघु सिंचाई प्रमंडल, दुमका**

**शुद्धि–पत्र**

इस कार्यालय के द्वारा प्रकाशित ई–निविदा संख्या – WRD/MID/DUMKA/B.D./S.L.I.-01/2025-26 एवं पी० आर० नं० – 366293 Minor Irrigation (25-26):D के Date of Publication of Tender on website & Submission of Tender on Portal की तिथि – 26/11/2025 से 10/12/2025 तक के स्थान पर दिनांक – 11/12/2025 से 21/12/2025 तक पढ़ा जाय। निविदा खोलने की तिथि – 11/12/2025 के स्थान पर दिनांक – 22/12/2025 पढ़ा जाय। निविदा की बाकी सभी शर्तें यथावत रहेंगी।

ह०/–
कार्यपालक अभियंता,
लघु सिंचाई प्रमंडल, दुमका

PR 367886 (Minor Irrigation)25-26*D

# ଗୋଟିଏ କାର୍ବାଇନ୍ ସମେତ ୧୧ ବନ୍ଧୁକ, ୧୨ ଗୁଳି ଜବତ





ଗିରଫ ୨ ଅଭିଯୁକ୍ତ ଏବଂ ଜବତ ବନ୍ଧୁକ ଓ ଗୁଳି।

ଭୁବନେଶ୍ୱର,୬।୧୨(ତ୍ରିନାଥ ମହାନ୍ତି)

**୨ ଆନ୍ତଃରାଜ୍ୟ ବନ୍ଧୁକ ବେପାରୀ ଗିରଫ**

- ■ଅନୁଗୋଳରୁ ବ୍ରହ୍ମପୁରକୁ ଯାଉଥିଲା ଝାଡ଼ଖଣ୍ଡ ଓ ବିହାରୀ ବନ୍ଧୁକ
- ■୨ମାସରେ ୩୩ ବନ୍ଧୁକ ଜବତ କଲାଣି ସ୍ପେଶାଲ କ୍ରାଇମ୍ ୟୁନିଟ୍

କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ୍ ପୋଲିସ ହାତରେ ଧରାପଡିଲେ ଆଉ ଦୁଇ ଆନ୍ତଃରାଜ୍ୟ ବନ୍ଧୁକ ବେପାରୀ। ଅନୁଗୋଳରୁ ବୋଲେରୋରେ ବ୍ରହ୍ମପୁରକୁ ବନ୍ଧୁକ ଚାଲାଣ ବେଳେ ଭୁବନେଶ୍ୱର ଖଣ୍ଡଗିରି ଓଭରବ୍ରିଜ୍ ଉପରେ ପୋଲିସ ସେମାନଙ୍କୁ ଗିରଫ କରିବା ସହ ୧୧ ବନ୍ଧୁକ, ୧୨ ରାଉଣ୍ଡ ଗୁଳି ଓ ମୋବାଇଲ ଜବତ କରିଛି। ଜବତ ବନ୍ଧୁକ ଭିତରେ ଗୋଟିଏ କାର୍ବାଇନ, ଦୁଇଟି ୯ ଏମ୍ଏମ୍ର ଥିବା ବେଳେ ବାକି ୮ଟି ୭.୬୫ ବନ୍ଧୁକ ରହିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ଅନୁଗୋଳ ନୂଆ ହାଟସାହିର ସୁମନ୍ତ ନାୟକ ଏବଂ ଢେଙ୍କାନାଳର ସୌଭାଗ୍ୟ ନାୟକ। ସୁମନ୍ତଙ୍କ ନାମରେ ତାଳଚେର ଓ ଅନୁଗୋଳରେ ୬ଟି ମାମଲା ଏବଂ ସୌଭାଗ୍ୟଙ୍କ ନାମରେ ୪ଟି ମାମଲା ରହିଥିବା ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ସୂଚନା ଦେଇଛନ୍ତି। ପୋଲିସ ସେବା ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇ କମିଶନରେ କହିଲେ, ଏହି ଦୁଇ ଅପରାଧୀ ପ୍ରଥମେ ଡକାୟତି ଓ ଅନ୍ୟ ଛୋଟ ମାମଲା କରୁଥିଲେ। କମ୍ ସମୟରେ ଅଧିକ ଟଙ୍କା ରୋଜଗାର ଲୋଭରେ ଚୋରା ବନ୍ଧୁକ କାରବାର କଲେ। ଝାଡ଼ଖଣ୍ଡ ଓ ବିହାର ମୁଙ୍ଗେରରୁ ବନ୍ଧୁକ ଆଣି ବ୍ରହ୍ମପୁର, ଭୁବନେଶ୍ୱର, କଟକ ଏବଂ ରାଉରକେଲାରେ ବିକ୍ରି କରନ୍ତି। ଅର୍ଦ୍ଧର ପରେ ଅପରାହ୍ନ ୪ଟାରେ ଦୁଇ ଅପରାଧୀ ଅନୁଗୋଳରୁ ବନ୍ଧୁକ ଆଣି ବୋଲେରୋରେ ବ୍ରହ୍ମପୁର ଯାଉଥିଲେ। ଏନେଇ ନିଜ ଗୋଇନ୍ଦା ସୂତ୍ରରୁ ଖବର ପାଇ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଟିମ୍ ଶୁକ୍ରବାର ଅପରାହ୍ନରୁ ଖଣ୍ଡଗିରି ଓଭରବ୍ରିଜ୍ ଉପରେ ଜଗି ରହିଥିଲା। ଟାର୍ଗେଟରେ ଥିବା ଓଡ଼ି-୧୯ଟି-୮୦୨ ନମ୍ବର ବିଶିଷ୍ଟ ବୋଲେରୋକୁ ଯାଉଥିବା ଦେଖି ପୋଲିସ ଅଟକାଇବାକୁ ଚେଷ୍ଟା କରିଥିଲା। ହେଲେ ଦୁଇ ଅଭିଯୁକ୍ତ ଗାଡ଼ିକୁ ଦ୍ରୁତ ଗତିରେ ନେଇ ଫେରାର ହେବାକୁ ଚେଷ୍ଟା କରୁଥିବାବେଳେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଟିମ୍ ପିଛା କରି ଧରିଥିଲା। ପରେ ଦୁଇ ଅଭିଯୁକ୍ତଙ୍କୁ କାବୁ କରିବେଳେ ସହ ଯାଞ୍ଚବେଳେ ଗାଡି ମଝି ସିଟରେ ଥିବା ଏକ ବ୍ୟାଗରେ ୧୧ ବନ୍ଧୁକ ଓ ୧୨ ଗୁଳି ଥିବା ଦେଖି ତାହାକୁ ଜବତ କରାଯାଇଥିଲା। ପୋଲିସ ସେମାନଙ୍କୁ ପଚରାଉଚରା କରିବା ପରେ ସତ ପଦାକୁ ଆସିଛି। ଅଭିଯୁକ୍ତ ଦ୍ୱୟ ବିହାର ଓ ଝାଡ଼ଖଣ୍ଡ ଯାଇ ୨୦ ହଜାର ଟଙ୍କାରେ ୯ ଏମ୍ଏମ୍ ବନ୍ଧୁକ ଆଣି ଓଡ଼ିଶାରେ ୬୦ରୁ ୮୦ ହଜାରରେ ବିକ୍ରି କରୁଥିଲେ। କାର୍ବାଇନକୁ ୨ରୁ ଅଢେଇ ଲକ୍ଷ ଟଙ୍କାରେ ବିକ୍ରି କରିବା ସହ ଏଥିପାଇଁ ଆଗୁଆ ଅର୍ଡର ଓ ଆଡ୍ଭାନ୍ସ ଦେବାକୁ ପଡୁଥିଲା। ତେବେ ଅଧିକାଂଶ ବନ୍ଧୁକ ସେମାନେ ବ୍ରହ୍ମପୁର ଓ ଭୁବନେଶ୍ୱରରେ ବିକ୍ରି କରିଥିବା କହିଛନ୍ତି। କମିଶନର କହିଛନ୍ତି, ଆମେ ବନ୍ଧୁକ ସପ୍ଲାଏର ଚେନ୍ ଭାଙ୍ଗିବୁ। ଏଥିସହ ବନ୍ଧୁକ ଯେଉଁଠୁ ସପ୍ଲାଏ ହେଉଛି ଆମେ ସେଠାରେ ପହଞ୍ଚିବାକୁ ଚେଷ୍ଟା କରୁଛୁ। ପୁରା ରାକେଟକୁ ସମୂଳେ ନଷ୍ଟ କରିବୁ। ଓଡ଼ିଶା ସମେତ ଅନ୍ୟ ରାଜ୍ୟରେ ଚଢ଼ାଉ କରି ବନ୍ଧୁକ ବେପାରୀଙ୍କୁ ଧରିବୁ। କାର୍ବାଇନ୍ ଜବତକୁ ନେଇ ଭୟଭୀତ ହେବାର କିଛିନାହିଁ। ବାହାର ରାଜ୍ୟ ପାଇଁ ବନ୍ଧୁକ ମାଫିଆମାନେ କାର୍ବାଇନ୍ ଆଣିଥିଲେ। ଓଡ଼ିଶାରେ କେହି ଚୋରା କାର୍ବାଇନ ରଖି ନ ଥିବା ଆମେ ସୂଚନା ପାଇଛୁ। ଏହି ଦୁଇ ବନ୍ଧୁକ ମାଫିଆଙ୍କ ଲିଙ୍କ୍ ଖୋଜୁଛୁ। ସେମାନଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯିବ। ଏଥିସହ ସେମାନଙ୍କ ଆର୍ଥିକ କାରବାରର ଖୋଳତାଡ଼ କରାଯାଉଛି। ସେମାନେ ଯଦି ଏହି ବନ୍ଧୁକ କାରବାର ଟଙ୍କାରେ ସମ୍ପତ୍ତି କରିଥାନ୍ତି ତେବେ ତାହାକୁ ଜବତ କରାଯିବ। ୨ମାସରେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ୩୩ ବନ୍ଧୁକ ଜବତ କଲାଣି। ଆଗକୁ ଚୋରା ବନ୍ଧୁକ କାରବାରକୁ ରୋକିବାକୁ ଚଢ଼ାଉ ଜୋରଦାର କରାଯିବ ବୋଲି କମିଶନର ସିଂ କହିଛନ୍ତି।

# ଲାଞ୍ଚ ନେଇ ଧରାପଡ଼ିଲେ ଏଡିଇଓ

ବାରିପଦା,୬।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

**ଶ୍ରମ କୋଡ୍ ସୃଷ୍ଟି ନିମନ୍ତେ ୨୫ଶହ ଟଙ୍କା ନେଉଥିଲେ**



ଅଭିଯୁକ୍ତ ଏଡିଇଓ ହେମନ୍ତ କୁମାର ବେହେରା।

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ୍ ଅଧୀନ ତାଳପଦା ପଞ୍ଚାୟତ ଆକାଉଣ୍ଟାଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟର(ଏଡିଇଓ) ହେମନ୍ତ କୁମାର ବେହେରା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଜଣେ ହିତାଧିକାରୀଙ୍କ ଏମ୍ଜିଏନ୍ଆରଇଜିଏସ୍ ଯୋଜନାର କାର୍ଯ୍ୟ କୋଡ ସୃଷ୍ଟି କରିବା ନିମନ୍ତେ ୨୫ଶହ ଟଙ୍କା ନେଉଥିଲେ।

ସୂଚନାଯୋଗ୍ୟ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍ଜିଏନ୍ଆରଇଜିଏସ୍)ରେ ମଞ୍ଜୁର ହୋଇଥିବା ଏକ ଫାର୍ମ ପୋଖରୀ ଖୋଳାକୁ ନେଇ ଶ୍ରମ କୋଡ ସୃଷ୍ଟି କରିବାକୁ ଏଡିଇଓ ୨୫ଶହ ଟଙ୍କା ଲାଞ୍ଚ ମାଗିଥିଲେ। ଏଥିରେ ହିତାଧିକାରୀ ଚାଷୀ ଜଣକ ଅତ୍ୟନ୍ତ ଗରିବ ହୋଇଥିବାରୁ ଟଙ୍କା ଦେବାକୁ ଅସମର୍ଥ ହୋଇଥିଲେ। ଫଳରେ ହିତାଧିକାରୀ ଜଣକ ଏକ ମାସ ଧରି ବାରମ୍ବାର କାର୍ଯ୍ୟାଳୟକୁ ଯାଇ ନିରାଶ ହୋଇ ଫେରୁଥିଲେ। ଟଙ୍କା ନ ଦେଲେ କାର୍ଯ୍ୟାଦେଶର କୋଡ ଦିଆଯିବ ନାହିଁ ବୋଲି ଅଭିଯୁକ୍ତ ଏଡିଇଓ ବେହେରା ଜିଦ୍ ଧରିଥିଲେ। ଚାଷୀ ଜଣକ ନିରୁପାୟ ହୋଇ ବାଲେଶ୍ୱର ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ଲାଞ୍ଚ ଟଙ୍କା ନେଉଥିବା ସମୟରେ ଭିଜିଲାନ୍ସ ଅଧିକାରୀମାନେ ମାଡ଼ି ବସିଥିଲେ। ତାଙ୍କଠାରୁ ରଙ୍ଗବୋଳା ସମସ୍ତ ନୋଟ୍ ଜବତ କରିବା ସହିତ ଆୟ ବହିର୍ଭୂତ ସମ୍ପତ୍ତି ଠୁଳକୁ ନେଇ ବିଭାଗ ପକ୍ଷରୁ ୨ଟି ସ୍ଥାନରେ ଚଢ଼ାଉ କରାଯାଇଛି। ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୧୮/୨୫)ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି।

# ନାବାଳକଙ୍କ ଖଣ୍ଡାଚୋଟରେ ବୃଦ୍ଧ ମୃତ

କବିସୂର୍ଯ୍ୟନଗର,୬।୧୨ (କୃପାସିନ୍ଧୁ ସ୍ୱାଇଁ)

**ନେଉଳ ଚିକେନ ତରକାରି ଖାଇଦେବାରୁ ହତ୍ୟାକାଣ୍ଡ**

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ପଥରାପଲ୍ଲୀ ଗାଁରେ ଜଣେ ନାବାଳକଙ୍କ ଖଣ୍ଡା ଚୋଟରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୃଷ୍ଣଚନ୍ଦ୍ର ମହାନ୍ତି (୭୨)। କୃଷ୍ଣଚନ୍ଦ୍ର ନାବାଳକଙ୍କ ପଡୋଶୀ ବୋଲି ଜଣାପଡିଛି।

ଖବରରୁ ଜଣାପଡିଛି, ଶୁକ୍ରବାର ପଡୋଶୀଙ୍କ ଏକ ପୋଷା ନେଉଳ ବୃଦ୍ଧ କୃଷ୍ଣଚନ୍ଦ୍ରଙ୍କ ଘରେ ପଶି ଚିକେନ ତରକାରି ଖାଇଦେଇଥିଲା। ଏନେଇ କୃଷ୍ଣଚନ୍ଦ୍ର ନେଉଳ ରଖିଥିବା ପଡୋଶୀଙ୍କ ଘରେ ଅଭିଯୋଗ କରି ନେଉଳ ନ ଛାଡିବାକୁ କହିଥିଲେ। ମାତ୍ର ଶନିବାର ସକାଳ ୭ଟାରେ ପୁଣି ନେଉଳ କୃଷ୍ଣଚନ୍ଦ୍ରଙ୍କ ଘରେ ପଶିଥିଲା। କୃଷ୍ଣଚନ୍ଦ୍ର ନେଉଳକୁ ଘଉଡ଼ାଇବା ପାଇଁ ଏକ ବାଡ଼ି ଫୋପାଡି ଥିଲେ। ଏହା ନେଉଳ ଦେହରେ ବାଜିବାରୁ ତା'ର ମୃତ୍ୟୁ ଘଟିଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ନେଉଳ ରଖିଥିବା ପରିବାରର ନାବାଳକ (୧୫) ଜଣକ କୃଷ୍ଣଚନ୍ଦ୍ରଙ୍କ ନିକଟରେ ପହଞ୍ଚି ତାଙ୍କୁ ଖଣ୍ଡାରେ ମୁଣ୍ଡକୁ ହାଣି ଦେଇଥିଲେ। ଫଳରେ କୃଷ୍ଣଚନ୍ଦ୍ର ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ କବିସୂର୍ଯ୍ୟନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ବୋହୂଙ୍କ ଏତଲାକ୍ରମେ ନଂ. ୮୨୫/୨୫ରେ ପୋଲିସ ଏକ ମାମଲା ରୁଜୁ କରିଛି। ସମ୍ପୃକ୍ତ ନାବାଳକଙ୍କୁ ଧରିଆଣି ପୋଲିସ ଅଟକ ରଖି ପଚରାଉଚରା କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

# ସ୍ତ୍ରୀ ପାଇଁ ନିଜ ଗଳା କାଟିଲେ ଯୁବକ

ଜି.ଉଦୟଗିରି,୬।୧୨(ଚିନ୍ମୟ କୁମାର ସେଠୀ)

କନ୍ଧମାଳ ଜିଲା ଜି.ଉଦୟଗିରି ବ୍ଲକ କଳିଙ୍ଗା ପଞ୍ଚାୟତର ଡୁଗୁଡ଼ିପାରୀ ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀଙ୍କୁ ନିଜ ଘରକୁ ନେବାକୁ ଆସି ବିଫଳ ହେବା ପରେ ଜଣେ ଯୁବକ ନିଜ ଗଳା କାଟି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ହେଲେ ଖଜୁରିପଡ଼ାର ଶୁଭ୍ରାଂଶୁ ସାହୁ (୨୨)। ଶୁଭ୍ରାଂଶୁ ଡୁଗୁଡ଼ିପାରି ଗ୍ରାମର ଜଣେ ଯୁବତୀ(୨୧)ଙ୍କୁ କଲେଜରେ ପାଠପଢ଼ା ସମୟରେ ଦେଖା ସାକ୍ଷାତରୁ ଭଲପାଇ ବସିଥିଲେ। ଉଭୟଙ୍କ ମଧ୍ୟରେ ସମ୍ପର୍କ ନିବିଡ଼ ହୋଇଥିଲା। ପରିବାର ଲୋକଙ୍କ ଅଜାଣତରେ ଶୁଭ୍ରାଂଶୁ ତାଙ୍କୁ ବାହା ହୋଇ ନିଜ ଘରକୁ ନେଇ ଯାଇଥିଲେ। ମାତ୍ର ଝିଅ ଅନ୍ୟ ଜାତିର କହି ଶୁଭ୍ରାଂଶୁଙ୍କ ପରିବାର ଏହି ବିବାହକୁ ସ୍ୱୀକାର କରି ନ ଥିଲେ। ଅନ୍ୟପକ୍ଷରେ ଯୁବତୀ ଜଣକ ଶୁଭ୍ରାଂଶୁଙ୍କ ଘରେ ରହିଥିଲେ ମଧ୍ୟ ମାନସିକ ନିର୍ଯାତନା ପାଇବାରୁ ସେ ନିଜ ବାପଘରକୁ ଫେରିଯାଇଥିଲେ। କିଛିଦିନ ପରେ ଶୁଭ୍ରାଂଶୁ ମଧ୍ୟ ତାଙ୍କ ଘରେ ଆସି ରହୁଥିଲେ।

ଶନିବାର ସକାଳ ସାଢେ ୯ଟାରେ ଶୁଭ୍ରାଂଶୁଙ୍କ ସ୍ତ୍ରୀ ଗାଧୋଇବାକୁ ନିକଟସ୍ଥ କୁଆକୁ ଯାଇଥିଲେ। ଶୁଭ୍ରାଂଶୁ ମଧ୍ୟ ତାଙ୍କ ପଛେ ପଛେ କୁଆକୁ ଯାଇ ତାଙ୍କୁ ନିଜ ଘର ଖଜୁରିପଡ଼ା ଯିବାକୁ କହିଥିଲେ। ମାତ୍ର ସ୍ତ୍ରୀ ଯିବାକୁ ମନା କରିଥିଲେ। ଏଥିରେ ମର୍ମାହତ ହୋଇ ଶୁଭ୍ରାଂଶୁ ପାଖରେ ରଖିଥିବା ଏକ ବ୍ଲେଡ୍ରେ ନିଜ ଗଳା କାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ରକ୍ତାକ୍ତ ଅବସ୍ଥାରେ ଶୁଭ୍ରାଂଶୁ ତଳେ ପଡ଼ିଯିବା ଦେଖି ତାଙ୍କ ସ୍ତ୍ରୀ ମା'ବାପାଙ୍କୁ ଡାକି ପୋଲିସ ସହ ଯୋଗାଯୋଗ କରିଥିଲେ। ଖବର ପାଇ ଇନ୍ସପେକ୍ଟର ରଞ୍ଜିତା ବେହେରା ପହଞ୍ଚି ଶୁଭ୍ରାଂଶୁଙ୍କୁ ଉଦ୍ଧାର କରି ଜି.ଉଦୟଗିରି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତାଙ୍କ ଗଳାରେ ୧୮ଟି ଷ୍ଟିଚ୍ ପଡିଛି। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଡାକ୍ତର କହିଛନ୍ତି।

# ଦେହରେ ନିଆଁ ଲଗାଇ ନାବାଳିକାଙ୍କ ଆତ୍ମାହୁତି ଉଦ୍ୟମ

ସୁନ୍ଦରଗଡ଼/ରାଜଗାଙ୍ଗପୁର, ୬।୧୨
(ଜୟନାରାଣ ମେଣ୍ଡୁଲି/ ଅଶୋକ ପାଣି)

- ■ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି
- ■ଜଣଙ୍କୁ ବାନ୍ଧିଲା ପୋଲିସ

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଲାଞ୍ଜିବେର୍ଣ୍ଣା ଗ୍ରାମର ଜଣେ ନାବାଳିକା ଶୁକ୍ରବାର ବିଳମ୍ବିତ ରାତିରେ ଦେହରେ ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଆଇଜିଏଚ୍ରେ ଭର୍ତ୍ତି କରାଯାଇଛି। ତାଙ୍କ ବୟସ ୧୭ ବର୍ଷ ୮ ମାସ ହେବ ବୋଲି ଜଣାପଡିଛି। ସେ ରାଜଗାଙ୍ଗପୁର ସରବତୀ ଦେବୀ ମହିଳା ମହାବିଦ୍ୟାଳୟର ଛାତ୍ରୀ। ଏହି ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ କୁତ୍ରା ଥାନା ଅଞ୍ଚଳର ନିଲେସ ସାହୁ। ଏନେଇ ପୋଲିସ ଏକ ମାମଲା ନଂ.୬୪/୨୫ ରୁଜୁ କରି ଘଟଣାର ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ନାବାଳିକା ଜଣକ କଲେଜ ଯିବା ଆସିବା କରିବା ସମୟରେ ନିଲେସ ତାଙ୍କୁ ପିଛା କରନ୍ତି ଏବଂ ମନ୍ଦ ଉଦ୍ଦେଶ୍ୟ ରଖି ନିର୍ଯାତନା ଦିଅନ୍ତି। ଏନେଇ ନାବାଳିକା ପରିବାର ଲୋକଙ୍କୁ କିଛି ଜଣାଇ ନ ଥିଲେ। ସବୁଦିନ ପରି ଶୁକ୍ରବାର ସେ କଲେଜ ଯିବା ବେଳେ ନିଲେସ ତାଙ୍କୁ ପିଛା କରି ନିର୍ଯାତନା ଦେଇଥିଲେ। ନାବାଳିକା କିଛି ନ କହି ସେଠାରୁ ଚାଲି ଆସିଥିଲେ। ରାତିରେ ପରିବାର ଲୋକଙ୍କ ସହ ଖାଇପିଇ ଶୋଇବାକୁ ଯାଇଥିଲେ। ବିଳମ୍ବିତ ରାତିରେ ହଠାତ୍ ଦେହରେ ନିଆଁ ଲଗାଇ ଦେଇଥିଲେ। ନିଆଁ ସହି ନ ପାରି ପାଟି କରିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଆଇଜିଏଚ୍ରେ ଭର୍ତ୍ତି କରିଥିଲେ। ଘଟଣା ପରେ ସୁନ୍ଦରଗଡ ଏସ୍ପି ଅମ୍ରିତପାଲ କୌର, ରାଜଗାଙ୍ଗପୁର ଥାନାଧିକାରୀ ବିଜୟ ଦାସ, ଲାଞ୍ଜିବେର୍ଣ୍ଣା ଫାଣ୍ଡି ଅଧିକାରୀ ପ୍ରୀତିରଞ୍ଜନ ପରିଡ଼ା ଓ ଅନ୍ୟାନ୍ୟ ପୋଲିସ ଅଧିକାରୀ ତଥା ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି। ଏଥିସହ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ନାବାଳିକାଙ୍କୁ ଭେଟି ତାଙ୍କ ବୟାନ ରେକର୍ଡ କରାଯାଇଛି ବୋଲି ଏସ୍ପି କୌର ଶନିବାର ସନ୍ଧ୍ୟାରେ ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ମା'ଙ୍କୁ ଠେଙ୍ଗାରେ ପିଟି ହତ୍ୟା: ପୁଅ ଗିରଫ

ମାଲକାନଗିରି,୬।୧୨(ସୁଚିତ୍ରା ଦାସ)

ମାଲକାନଗିରି ଜିଲା ମାଥିଲି ଥାନା ଅଧୀନ ପାଙ୍ଗାମ ପଞ୍ଚାୟତ ବଡ଼ାଗୁଡ଼ାରେ ମା'ଙ୍କୁ ଠେଙ୍ଗାରେ ପିଟିପିଟି ପୁଅ ହତ୍ୟା କରିଥିବା ଜଣାପଡ଼ିଛି। ମୃତା ହେଲେ ଦାନେ ଭୂମିଆ। ଏହି ଘଟଣାରେ ମାଥିଲି ପୋଲିସ ଅଭିଯୁକ୍ତ ପୁଅ ମତିସିଂହ ଭୂମିଆ(୨୨)ଙ୍କୁ ଗିରଫ କରିଛି।

ସୂଚନାନୁଯାୟୀ, ଦାନେ ପ୍ରତିଦିନ ମଦ ପିଇ ଘରକୁ ଆସି ବିଶୃଙ୍ଖଳା ସୃଷ୍ଟି କରୁଥିଲେ। ମଦ ନ ପିଇବାକୁ ସାନ ପୁଅ ମତିସିଂହ ତାଙ୍କୁ ବାରମ୍ବାର ବାରଣ କରି ଆସୁଥିଲେ। ଏହା ସତ୍ତ୍ୱେ ଦାନେ ପୁଅଙ୍କ କଥାକୁ ନ ମାନି ମଦ ପିଇ ଶନିବାର ଘରକୁ ଆସି ବିଶୃଙ୍ଖଳା କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ମତିସିଂହ ଏକ ଠେଙ୍ଗାରେ ମା'ଙ୍କୁ ପିଟିଥିଲେ। ଏହି ସମୟରେ ଦାନେଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ମାଥିଲି ଥାନାଧିକାରିଣୀ ଦୀପାଞ୍ଜଳି ପ୍ରଧାନ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଏ ନେଇ ମାଥିଲି ପୋଲିସ ନଂ.୨୫୫/୨୫ରେ ଏକ ହତ୍ୟା ମାମଲା ରୁଜୁ କରିଛି। ମାଥିଲି ଉପଖଣ୍ଡ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନାଧିକାରୀ ପ୍ରଧାନ ସୂଚନା ଦେଇଛନ୍ତି।

## Business

# ୨୦୪୭ ସୁଦ୍ଧା କାର୍ଯ୍ୟକ୍ଷମ ହେବ ୧୫ ବିମାନବନ୍ଦର

ଭୁବନେଶ୍ୱର,୬।୧୨(ଅନୁରାଧା ମହାରଣା)

ବିକଶିତ ଓଡ଼ିଶା ୨୦୩୬-୪୭ର ଦୃଷ୍ଟିକୋଣ ସହ ଓଡ଼ିଶାର ବିମାନ ଚଳାଚଳ ଇକୋସିଷ୍ଟମକୁ ଆଗକୁ ବଢ଼ାଇବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ଖାରବେଳ ଭବନର ୮ମ ମହଲା ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ବିମାନ ଚଳାଚଳ ଉଚ୍ଚ କ୍ଷମତାସମ୍ପନ୍ନ କମିଟିର ଚତୁର୍ଥ ବୈଠକ ଅନୁଷ୍ଠିତ ହୋଇଥିଲା। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗ, ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ, କମିଶନର-କମ୍- ଶାସନ ସଚିବ ପର୍ଯ୍ୟଟନ ବଳବନ୍ତ ସିଂହ ପ୍ରମୁଖ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ। କମିଟି ବିମାନ ଚଳାଚଳ କ୍ଷେତ୍ରରେ ପ୍ରମୁଖ ସୁଯୋଗଗୁଡ଼ିକର ସମୀକ୍ଷା କରିଥିଲା ଏବଂ ଭିତ୍ତିଭୂମି ବିକାଶକୁ ତ୍ୱରାନ୍ୱିତ କରିବା, ସଂଯୋଗୀକରଣ ବୃଦ୍ଧି କରିବା ଏବଂ ଏକ ସକ୍ଷମ ନୀତିଗତ ପରିବେଶ ସୃଷ୍ଟିକରିବା ପାଇଁ ପଦକ୍ଷେପଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ୨୦୪୭ ସୁଦ୍ଧା ୧୫ଟି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ବିମାନବନ୍ଦର ପ୍ରତିଷ୍ଠା କରିବା ପାଇଁ ରାଜ୍ୟର ଦୀର୍ଘକାଳୀନ ଲକ୍ଷ୍ୟ, ଯାହା ଏକ ମାଇଲଖୁଣ୍ଟ ଓ ଓଡ଼ିଶାର ଆଞ୍ଚଳିକ, ଘରୋଇ ଏବଂ ଅନ୍ତର୍ଜାତୀୟ ବିମାନ ସଂଯୋଗକୁ ଉଲ୍ଲେଖନୀୟ ଭାବରେ ଉନ୍ନତ କରିବ। ଢେଙ୍କାନାଳରେ ବିମାନ ଚଳାଚଳ କେନ୍ଦ୍ରର କାର୍ଯ୍ୟକ୍ଷମ ନେଇ ମଧ୍ୟ ସମୀକ୍ଷା କରାଯାଇଥିଲା, ଏହାକୁ ଉଡ଼ାଣ ତାଲିମ ଏବଂ କ୍ଷମତା ନିର୍ମାଣ ପାଇଁ ଏକ ପ୍ରମୁଖ କେନ୍ଦ୍ର କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ନିୟାମକ ପ୍ରକ୍ରିୟାକୁ ସୁଗମ କରିବା, ଘରୋଇ ନିବେଶକୁ ଆକର୍ଷିତ କରିବା ଏବଂ ସମଗ୍ର କ୍ଷେତ୍ରରେ ସମାନ ଅଭିବୃଦ୍ଧିକୁ ସହଜ କରିବା ପାଇଁ ଏକ ବ୍ୟାପକ ରାଜ୍ୟ ବିମାନ ଚଳାଚଳ ନୀତି ପ୍ରସ୍ତୁତ କରିବା ଉପରେ ଆଲୋଚନା କରାଯାଇଥିଲା। ଆଲୋଚନାରେ ସାଧାରଣ ବିମାନ ସଂଯୋଗକୁ ବିସ୍ତାରକରିବା ଏବଂ କ୍ଷୁଦ୍ର ବିମାନଭିତ୍ତିକ ସେବା ମାଧ୍ୟମରେ ଆଞ୍ଚଳିକ ସୁଗମତାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ନୂତନ ଗନ୍ତବ୍ୟ ନୀତିର ବିକାଶ ମଧ୍ୟ ଅନ୍ତର୍ଭୁକ୍ତ ଥିଲା। ବିଶେଷକରି ଏହା ଦୂରଦୂରାନ୍ତ ଏବଂ ଅନୁନ୍ନତ ଅଞ୍ଚଳ ପାଇଁ। ପୁରୀରେ ପ୍ରସ୍ତାବିତ ଗ୍ରୀନ୍ଫିଲ୍ଡ ଅନ୍ତର୍ଜାତୀୟ ବିମାନବନ୍ଦର ସମେତ ବିମାନବନ୍ଦର ଏବଂ ବିମାନଘାଟିର ବିକାଶର ଅଗ୍ରଗତି, ବିସ୍ତୃତ ଭାବରେ ସମୀକ୍ଷା କରାଯାଇଥିଲା। ପୂର୍ବ ଭାରତରେ ଓଡ଼ିଶାକୁ ଏକ ପ୍ରମୁଖ ବିମାନ ଚଳାଚଳ କେନ୍ଦ୍ର ଭାବରେ ପ୍ରତିଷ୍ଠା କରିବା ଏବଂ ପର୍ଯ୍ୟଟନ, ବାଣିଜ୍ୟ ଏବଂ ନିବେଶ ପାଇଁ ନୂତନ ଦିଗନ୍ତ ଉନ୍ମୋଚନ କରିବା ପାଇଁ ଆନ୍ତଃ ବିଭାଗୀୟ ସମନ୍ୱୟ, ସମୟୋଚିତ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଏବଂ ସକ୍ରିୟ ଯୋଜନାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇଛି। ରାଉରକେଲା ଏବଂ ଝାରସୁଗୁଡ଼ାକୁ ସଂଯୋଗୀକରଣ ଉପରେ ମଧ୍ୟ ସମୀକ୍ଷା କରାଯାଇଥିଲା।

# ପତଞ୍ଜଳି ଯୋଗପୀଠ ଏବଂ ରୁଷିଆ ସରକାର ମଧ୍ୟରେ ଏମ୍ଓୟୁ

ଭୁବନେଶ୍ୱର,୬।୧୨




ଦିଲ୍ଲୀରେ ପତଞ୍ଜଳି ଗ୍ରୁପ୍ ଏବଂ ରୁଷିଆ ସରକାର ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଏମ୍ଓୟୁ ସ୍ୱାକ୍ଷରିତ ହୋଇଛି। ପତଞ୍ଜଳି ଗ୍ରୁପ୍ ପକ୍ଷରୁ ଯୋଗଗୁରୁ ରାମଦେବ ଏବଂ ମସ୍କୋ ସରକାର ପକ୍ଷରୁ ଇଣ୍ଡୋ-ରୁଷିଆ ବିଜ୍ନେସ୍ କାଉନସିଲର ଚେୟାରମ୍ୟାନ ତଥା ରୁଷିଆର ବାଣିଜ୍ୟ ମନ୍ତ୍ରୀ ସର୍ଗେଇ ଚେରେମିନ ଉକ୍ତ ଏମ୍ଓୟୁରେ ସ୍ୱାକ୍ଷର କରିଛନ୍ତି। କାର୍ଯ୍ୟକ୍ରମକୁ ସମ୍ବୋଧିତକରି ରାମଦେବ କହିଛନ୍ତି , ଏହି ଏମ୍ଓୟୁ ସ୍ୱାସ୍ଥ୍ୟ ଏବଂ ୱେଲ୍ନେସ୍ ପ୍ରୋତ୍ସାହନ, ସ୍ୱାସ୍ଥ୍ୟ ଟୁରିଜମ, ଦକ୍ଷ ମାନବ ସମ୍ବଳର ବିନିମୟ ଏବଂ ଗବେଷଣା ସମ୍ବନ୍ଧୀୟ ପଦକ୍ଷେପଗୁଡ଼ିକରେ ଧ୍ୟାନ ଦେଇଛି। ସେ କହିଛନ୍ତି , ଏହି ଏମ୍ଓୟୁର ପ୍ରଥମ ପ୍ରମୁଖ ଉଦ୍ଦେଶ୍ୟ ହେଉଛି ରୁଷିଆରେ ପତଞ୍ଜଳିର ୱେଲ୍ନେସ୍ ସେବାଗୁଡ଼ିକର ବିସ୍ତାର। ରୁଷିଆ ସହ ମିଶି ବୟସ ବୃଦ୍ଧିକୁ ବିରୋଧ କରିବା ଏବଂ ଦୀର୍ଘାୟୁ ବଢ଼ାଇବା ଉପରେ ଗଭୀର ଗବେଷଣା କରାଯିବ, ଯାହା ମାନବ ଶରୀରରେ ଗମ୍ଭୀର ରୋଗଗୁଡ଼ିକୁ ବର୍ଷ ପୂର୍ବରୁ ଚିହ୍ନଟ କରିବାକୁ ସକ୍ଷମ କରିବ। ଏହାସହ ଭାରତର ଆଧ୍ୟାତ୍ମିକ ଜ୍ଞାନ, ସଂସ୍କୃତି, ଯୋଗ, ଆୟୁର୍ବେଦ ଏବଂ ଅମୂଲ୍ୟ ଐତିହ୍ୟକୁ ରୁଷିଆ ସହ ବାଣ୍ଟିବ। ଏହି ଅବସରରେ ସର୍ଗେଇ ଚେରେମିନ କହିଛନ୍ତି, ସେମାନେ ପତଞ୍ଜଳି ସହ ଆମର ଭାଗୀଦାରିତାକୁ ମଜଭୁତ କରିବେ। ସେ କହିଛନ୍ତି , ପତଞ୍ଜଳିର ଯୋଗ, ଆୟୁର୍ବେଦ ଏବଂ ନାଚୁରୋପାଥିକୁ ଗ୍ରହଣକରି ସେମାନେ ରୁଷିଆର ଲୋକଙ୍କ ଜୀବନଶୈଳୀକୁ ପରିବର୍ତ୍ତନ କରିବାକୁ ଏବଂ ସେମାନଙ୍କୁ ଅଧିକ ସ୍ୱାସ୍ଥ୍ୟବାନ୍ ଏବଂ ରୋଗମୁକ୍ତ କରିବାକୁ ଲକ୍ଷ୍ୟ ରଖିଛନ୍ତି।

# ରିଲାଏନ୍ସ ଜିଓର 'ସମସ୍ତଙ୍କ ପାଇଁ ଏଆଇ ଅଭିଯାନ'

ଭୁବନେଶ୍ୱର,୬।୧୨

'ସମସ୍ତଙ୍କ ପାଇଁ ଏଆଇ' ଅଭିଯାନରେ ରିଲାଏନ୍ସ ଜିଓ ସାରା ଓଡ଼ିଶାରେ କଲେଜ ଛାତ୍ରୀଛାତ୍ରମାନଙ୍କୁ ଗୁଗଲ ଜେମିନି ପ୍ରୋ ମାଧ୍ୟମରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବ୍ୟବହାର ଦିଗରେ ସଚେତନ କରୁଛି। ବର୍ତ୍ତମାନ ସୁଦ୍ଧା ୬୦୦ରୁ ଅଧିକ କଲେଜ ଏବଂ ଉଚ୍ଚଶିକ୍ଷା ପ୍ରତିଷ୍ଠାନରେ ଜିଓ ପକ୍ଷରୁ ସ୍ୱତନ୍ତ୍ର ଅଧିବେଶନ କରାଯାଇଛି। ଜିଓର ବରିଷ୍ଠ କର୍ମଚାରୀମାନେ ଛାତ୍ରୀଛାତ୍ରଙ୍କୁ ଗୁଗଲର ସବୁଠାରୁ ସକ୍ଷମ ଏଆଇ ସିଷ୍ଟମ ଗୁଗଲ ଜେମିନି ସହ ପରିଚିତ କରାଇବା ପାଇଁ ଅଭିନବ ଆଲୋଚନାଭିତ୍ତିକ ସେସନରେ ଭାଗନେଇ ଏଆଇ ଜରିଆରେ ଶିକ୍ଷାଗତ ଉତ୍କର୍ଷ, ବୈଷୟିକ ଦକ୍ଷତା, ସୃଜନଶୀଳତା ଏବଂ ଦକ୍ଷତା ଶିକ୍ଷା ପାଇଁ ବ୍ୟବହାରିକ ପ୍ରୟୋଗ ଉପରେ ଧ୍ୟାନ କେନ୍ଦ୍ରିତ କରିବାରେ ସହାୟତା କରୁଛନ୍ତି। ଛାତ୍ରୀଛାତ୍ରୀମାନଙ୍କୁ ଏଆଇ ଜରିଆରେ ନୋଟ୍ ପ୍ରସ୍ତୁତ କରିବା ଏବଂ ଆସାଇନମେଣ୍ଟ ଲେଖିବା, କୋଡିଂ, ପ୍ରୋଜେକ୍ଟ ପରିକଳ୍ପନା, ଡିଜାଇନ, ସାକ୍ଷାତ୍କାର ପ୍ରସ୍ତୁତି ଇତ୍ୟାଦି ପାଇଁ ନୋଟ୍ବୁକ୍ ଏଲ୍ଏମ୍ ଭଳି ଏଆଇ ଟୁଲସ ବ୍ୟବହାର କରି ସେମାନଙ୍କର ବ୍ୟକ୍ତିଗତ ଏବଂ ବୃତ୍ତିଗତ ଅଭିବୃଦ୍ଧି ହାସଲ କରିବା ଉପରେ ଆଲୋକପାତ କରାଯାଇଛି। ଏହି ମିଶନର ସହାୟତା ପାଇଁ ଗୁଗଲ ଜେମିନି ପ୍ରୋ ପ୍ଲାନ୍ ସମସ୍ତ ସକ୍ରିୟ ଜିଓ ଅନ୍ଲିମିଟେଡ୍ ୫ଜି ଉପଭୋକ୍ତାମାନଙ୍କ ପାଇଁ ମାଗଣାରେ ଉପଲବ୍ଧ, ଯାହା ୩୫,୧୦୦ ଟଙ୍କା ମୂଲ୍ୟର ୧୮ ମାସର ସବ୍ସ୍କ୍ରିପସନ ମାଗଣାରେ ପ୍ରଦାନ କରୁଛି।

# ବେଦାନ୍ତ ଆଲୁମିନିୟମ ପକ୍ଷରୁ 'ଶିଶୁ ସଞ୍ଜୀବନୀ'



ନୂଆ ଭୁବନେଶ୍ୱର,୬।୧୨(ଅନୁରାଧା ମହାରଣା)

ବେଦାନ୍ତ ଆଲୁମିନିୟମ କାଶୀପୁର ଏବଂ ଭବାନୀପାଟଣାର ୨୫ଟି ଅଙ୍ଗନୱାଡି କେନ୍ଦ୍ରରେ ଶିଶୁ ସଞ୍ଜୀବନୀ ନାମକ ଏକ ପୁଷ୍ଟିକର ପରିପୂରକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛି । ଏହାଦ୍ୱାରା ୩ରୁ ୬ବର୍ଷ ବୟସର ୬୦୦ରୁ ଅଧିକ ପିଲା ଉପକୃତ ହେଉଛନ୍ତି। ଜାତୀୟ ଦୁଗ୍ଧ ବିକାଶ ବୋର୍ଡ ଦ୍ୱାରା ବିକଶିତ ଶିଶୁ ସଞ୍ଜୀବନୀ ଆଇସିଏମଆର୍-ଏନ୍ଆଇଏନ୍ ନିର୍ଦ୍ଦେଶାବଳୀ ଅନୁଯାୟୀ ଅଙ୍ଗନୱାଡି କର୍ମୀଙ୍କ ଜରିଆରେ ନିରାପଦ ଏବଂ ନିୟମିତ ପୁଷ୍ଟିକର ଖାଦ୍ୟ ଗ୍ରହଣ ସୁନିଶ୍ଚିତ କରିଥାଏ। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ଏହି ପଦକ୍ଷେପ ଶୈଶବ ପୋଷଣକୁ ମଜଭୁତ କରିବା ଏବଂ ସାମଗ୍ରିକ ଗୋଷ୍ଠୀ ବିକାଶକୁ ସମର୍ଥନ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ରାୟଗଡ଼ାର କାଶୀପୁର ଶିଶୁବିକାଶ କାର୍ଯ୍ୟକ୍ରମ ଅଧିକାରୀ ଜ୍ୟୋତ୍ସ୍ନା ବାରିକ କହିଛନ୍ତି, ବେଦାନ୍ତର ଏଭଳି ପଦକ୍ଷେପ ପିଲାମାନଙ୍କ ପାଇଁ ବହୁ ସହାୟକ ହୋଇଛି। ଲଡୁ ପୁଷ୍ଟିକର ଏବଂ ପିଲାମାନେ ଏହାକୁ ଆଗ୍ରହର ସହ ଗ୍ରହଣ କରନ୍ତି ଏବଂ ଆମେ ଅନୁଭବ କରୁଛୁ ଯେ ସେମାନେ ଅଙ୍ଗନୱାଡିରେ ଉପଯୁକ୍ତ ପୁଷ୍ଟିକର ଖାଦ୍ୟ ପାଉଛନ୍ତି।

# 'ଟ୍ରେଣ୍ଡସ ପାର୍ଟି କ୍ରାସର୍ସ' କ୍ୟାମ୍ପେନ ଆରମ୍ଭ

ଭୁବନେଶ୍ୱର, ୬।୧୨




ବେଙ୍ଗାଲୁରୁ ଭିତ୍ତିକ ଏଜେନ୍ସି ଫାଣ୍ଟମ ଆଇଡିଆଜ ସହ ମିଶି ଟ୍ରେଣ୍ଡସ ନିଜର ନୂଆ କ୍ୟାମ୍ପେନ 'ଟ୍ରେଣ୍ଡସ ପାର୍ଟି କ୍ରାସର୍ସ: ଫ୍ୟାଶନ ଦାଟ୍ ଗେଟ୍ସ ୟୁ ଇନ୍' ଲଞ୍ଚ କରିଛି। ବ୍ରାଣ୍ଡର ନୂଆ ଆମ୍ବାସାଡର ଆନୀତ ପାଡ୍ଡା ଏହି କ୍ୟାମ୍ପେନର ମୁଖ୍ୟ ଆକର୍ଷଣ ରହିଛନ୍ତି। ବିବାହ ପାର୍ଟି, ବ୍ରଞ୍ଚ ପାର୍ଟି ଏବଂ ହାଉସ ପାର୍ଟି ପାଇଁ ଏହି କ୍ୟାମ୍ପେନ ଅଧୀନରେ ସ୍ୱତନ୍ତ୍ର ଆଉଟଫିଟ୍ ଉପଲବ୍ଧ ହୋଇଛି। ଟ୍ରେଣ୍ଡସ ଭାରତରେ ୧୦୦୦ରୁ ଅଧିକ ସହରରେ ୨୦୦୦ରୁ ଅଧିକ ଷ୍ଟୋର୍ ନେଟ୍ୱର୍କ ସହ ଉପସ୍ଥିତ। ଏହା ମହିଳା, ପୁରୁଷ ଏବଂ ଶିଶୁ କାଟେଗୋରିରେ ୧୦୦ରୁ ଅଧିକ ନ୍ୟାଶନାଲ ଏବଂ ଇଣ୍ଟରନ୍ୟାଶନାଲ ବ୍ରାଣ୍ଡ ଏବଂ ୨୦ ନିଜସ୍ୱ ବ୍ରାଣ୍ଡ ରଖିଛି। ଡିସେମ୍ବରରେ ବିବାହ, ବଡ଼ଦିନ, ନୂଆବର୍ଷ ଆଦିକୁ ଦୃଷ୍ଟିରେ ରଖି ଏହି କ୍ୟାମ୍ପେନର ଶୁଭାରମ୍ଭ କରାଯାଇଛି। ଟ୍ରେଣ୍ଡସର ବିଜ୍ନେସ ହେଡ୍ ନୀତିନ ସେହଗାଲ କହିଛନ୍ତି, ଏହି କ୍ୟାମ୍ପେନ ଦର୍ଶାଉଛି , ଆମେ ଯୁବକଙ୍କ ପସନ୍ଦ ଜାଣୁ ଏବଂ ଆଧୁନିକ ଭାରତର ଅଲ-ଅକେଜନ ଷ୍ଟାଇଲିଷ୍ଟ ଭାବେ ବ୍ରାଣ୍ଡର ସ୍ଥିତିକୁ ସୁଦୃଢ଼ କରୁଛୁ। ଫାଣ୍ଟମ ଆଇଡିଆଜର ଫାଉଣ୍ଡର ଏବଂ ଚିଫ୍ କ୍ରିଏଟିଭ ଅଫିସର୍ ରୋବି ଆନ୍ଥୋନି କହିଛନ୍ତି, ଟ୍ରେଣ୍ଡସର ଆଧୁନିକ ପାର୍ଟିୱେୟାର୍ ଷ୍ଟାଇଲ ଓ ଆନୀତଙ୍କ ଚାର୍ମ ଗ୍ରାହକଙ୍କୁ ଆକୃଷ୍ଟ କରୁଛି।




# ଭାଜପାରେ ପ୍ରଫୁଲ୍ଲଙ୍କ ୨ ପୁଅ ଓ ଭଉଣୀ

ଭୁବନେଶ୍ୱର,୬।୧୨(ସୁନିତ୍ ମିଶ୍ର)

ଭଦ୍ରକ ଜିଲାରେ ବିଜେଡି ଗଡ଼ ଧୀରେଧୀରେ ଭୁଶୁଡ଼ିବାରେ ଲାଗିଛି। ପ୍ରତିଦିନ ପଞ୍ଚାୟତରୁ ଆରମ୍ଭକରି ରାଜ୍ୟ ଓ ନିର୍ବାଚନମଣ୍ଡଳୀ ସ୍ତରୀୟ ନେତାମାନେ ବିଜେଡି ଛାଡ଼ି ଭାଜପାରେ ସାମିଲହେବାରେ ଲାଗିଛନ୍ତି। ଶନିବାର ବିଜେଡିର ବରିଷ୍ଠ ନେତା ପ୍ରଫୁଲ୍ଲ ସାମଲଙ୍କ ୨ ପୁଅ ଓ ଭଉଣୀଙ୍କ ସମେତ ବ୍ଲକ୍ ଅଧ୍ୟକ୍ଷଙ୍କଠାରୁ ଆରମ୍ଭକରି ଏକାଧିକ ତୃଣମୂଳସ୍ତର ନେତା ଭାଜପାରେ ମିଶିଯାଇଛନ୍ତି। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଏଥିରେ ଭଦ୍ରକ ଜିଲାର ୪ ବ୍ଲକ୍‌ର ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଜିଲା ପରିଷଦ ସଭ୍ୟ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷଙ୍କ ସମେତ ବହୁ ସରପଞ୍ଚ, ସମିତି ସଭ୍ୟ ଏବଂ ଜନପ୍ରତିନିଧିମାନେ ବିଜେଡି ଓ କଂଗ୍ରେସ ପରିତ୍ୟାଗକରି ଭାଜପାରେ ମିଶିଛନ୍ତି। ସେହିପରି ଭୁବନେଶ୍ୱର ସାଙ୍ଗଠନିକ ଜିଲାରୁ ୪ ଜଣ ପୂର୍ବତନ କର୍ପୋରେଟଙ୍କ ସମେତ ବହୁ ନେତା ଓ କର୍ମୀ ବିଜେଡି ଓ କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେଇଛନ୍ତି। ମିଶ୍ରଣ ପର୍ବରେ ଭଦ୍ରକ ମ୍ୟୁନିସିପାଲିଟିର ପୂର୍ବତନ ଅଧ୍ୟକ୍ଷ ପ୍ରୟାସକାନ୍ତି ସାମଲ, ବାସୁଦେବପୁର ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ବନ୍ତ ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଭଣ୍ଡାରିପୋଖରୀ ବ୍ଲକ ଅଧ୍ୟକ୍ଷା ସୁମତି ସେଠୀ, ଜିଲା ପରିଷଦ ସଦସ୍ୟ ବଦ୍ରି ରାଉତ, ଭଣ୍ଡାରିପୋଖରୀ ବ୍ଲକ ଉପାଧ୍ୟକ୍ଷା ପ୍ରଣିତିକାନ୍ତି ସାମଲ ପ୍ରମୁଖ ନିଜ ନିଜ ସମର୍ଥକଙ୍କ ଗହଣରେ ବିଜେଡି ଛାଡି ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି।

ଏହି ଅବସରରେ ମନମୋହନ ସାମଲ କହିଛନ୍ତି, ରାଜ୍ୟରେ ଡବଲ ଇଞ୍ଜିନ ସରକାରର ବିକାଶ ମଡେଲ ସମସ୍ତଙ୍କ ମନରେ ନୂଆ ଆଗ୍ରହ ସୃଷ୍ଟି କରିଛି। ଓଡ଼ିଶାବାସୀଙ୍କ ସହଯୋଗରେ ରାଜ୍ୟରେ ଭାଜପା ସରକାର ୧୭ ମାସ ପୂରଣ କରିଛି। ଇତିମଧ୍ୟରେ ସୁଭଦ୍ରା ଯୋଜନାଠାରୁ ଆରମ୍ଭକରି ଚାଷୀଙ୍କ ରୋଜଗାର ବୃଦ୍ଧି କରିବା ପାଇଁ ଧାନର ସହାୟକ ମୂଲ୍ୟ ବୃଦ୍ଧି କରାଯାଇଛି। ସ୍ୱଳ୍ପ ସମୟ ମଧ୍ୟରେ ବହୁ ଲୋକପ୍ରିୟ ଯୋଜନା କରି ସରକାର ରାଜ୍ୟବାସୀଙ୍କ ହୃଦୟ ଜିଣିପାରିଛି ବୋଲି ସେ କହିଛନ୍ତି।

ପ୍ରଫୁଲ୍ଲ ସାମଲଙ୍କ ପୁଅ ପ୍ରୟାସକାନ୍ତି ସାମଲ କହିଛନ୍ତି, ଏଇଟା ତାଙ୍କର ପୁରୁଣା ଦଳ, ଯେତେବେଳେ ଲୋକମାନେ ସରକାର ବଦଳାଉଛନ୍ତି ସେତେବେଳେ ଜନପ୍ରତିନିଧିମାନେ ବଦଳିବାରେ ଅସୁବିଧା କେଉଁଠାରେ। ତାଙ୍କ ବାପାଙ୍କ ରାଜନୈତିକ ଦଳ ଅଲଗା, ସେଥିରେ ପରିବାରର ବିଚାର ଧାରା ଅଲଗା ବୋଲି ସେ କହିଛନ୍ତି। ଏହି ମିଶ୍ରଣ ପର୍ବରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ନୂତନ କାର୍ଯ୍ୟକର୍ତ୍ତାମାନଙ୍କୁ ସ୍ୱାଗତ କରିବା ସହ ଭାଜପା ସରକାରର ଲୋକପ୍ରିୟତା ଦିନକୁ ଦିନ ବଢ଼ି ଚାଲିଛି ବୋଲି ସେ କହିଛନ୍ତି।

# ଅଟକାଇ ପାରିଲେନି ବାପା



ଭୁବନେଶ୍ୱର ଯିବା ପାଇଁ ଭଦ୍ରକ ନୂଆ ବସ୍‌ଷ୍ଟାଣ୍ଡରେ ପ୍ରୟାସକାନ୍ତି ସାମଲଙ୍କ ସହ ଅନ୍ୟ ନେତା ଓ କର୍ମୀ।

ଭଦ୍ରକ,୬।୧୨(ସନାତନ ରାଉତ)

**ଭଦ୍ରକ ବିଜେଡି କନ୍ଦଳ**

ଗତ କିଛିଦିନ ଧରି ଭଦ୍ରକ ବିଜେଡିରେ କନ୍ଦଳ ଲାଗି ରହିଥିବା ବେଳେ ଜଣଙ୍କ ପରେ ଜଣେ ଦଳ ଛାଡୁଥିଲେ। ଶେଷରେ ଶନିବାର ଭଦ୍ରକ ବିଜେଡିର କେତେଜଣ ନେତାଙ୍କ ସହ ବିଜେଡିରୁ ଇସ୍ତଫା ଦେଇଥିବା ୪ ବ୍ଲକ୍‌ର ଅଧ୍ୟକ୍ଷା ଅଧ୍ୟକ୍ଷ, କେତେଜଣ ସରପଞ୍ଚ ଓ ସମିତିସଭ୍ୟ ପଦ୍ମ ଧରିଛନ୍ତି। ଭୁବନେଶ୍ୱରଠାରେ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ସେମାନେ ଭାଜପାରେ ଯୋଗ ଦେଇଛନ୍ତି। ତେବେ ବିଜେଡିର ବରିଷ୍ଠ ନେତା ପ୍ରଫୁଲ୍ଲ ସାମଲ ଦଳ ସମ୍ଭାଳିବାର ଦାୟିତ୍ୱ ନେଇଥିବା ବେଳେ ତାଙ୍କ ଦୁଇପୁଅଙ୍କୁ ମଧ୍ୟ ସେ ଅଟକାଇ ପାରିନାହାନ୍ତି। ତାଙ୍କ ବଡ଼ପୁଅ ପ୍ରୟାସକାନ୍ତିଙ୍କ ନେତୃତ୍ୱରେ ସାନପୁଅ ଭଣ୍ଡାରିପୋଖରୀ ବ୍ଲକ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ଭଉଣୀ ତଥା ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକ ଓ ଭଣଜା ଯୁବନେତା ପ୍ରିୟବ୍ରତ ନାୟକଙ୍କ ସମେତ ଦଳରୁ ଇସ୍ତଫା ଦେଇଥିବା ନେତୃବର୍ଗ ଭାଜପାରେ ସାମିଲ ହୋଇଛନ୍ତି। ଏହାକୁ ନେଇ ଭଦ୍ରକରେ ଦିନତମାମ ଚର୍ଚ୍ଚା ଜୋର ଧରିଛି।

ଭଦ୍ରକ ନୂଆ ବସ୍‌ଷ୍ଟାଣ୍ଡରେ ସମସ୍ତେ ଏକତ୍ରିତ ହେବା ପରେ ଭୁବନେଶ୍ୱର ଭାଜପା ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। କିଛିଦିନ ତଳେ ନାଟକୀୟ ମୋଡ଼ରେ ଭଦ୍ରକ ଜିଲାର ବିଜେଡି ସମର୍ଥିତ ଭଦ୍ରକ, ବନ୍ତ, ବାସୁଦେବପୁର ଓ ଭଣ୍ଡାରିପୋଖରୀ ବ୍ଲକ୍ ଅଧ୍ୟକ୍ଷା ଅଧ୍ୟକ୍ଷ ଦଳରୁ ଇସ୍ତଫା ଦେଇଥିଲେ। ଏହାକୁ ନେଇ ଭଦ୍ରକ ବିଜେଡିରେ କମ୍ପନ ସୃଷ୍ଟି ହୋଇଥିଲା। ପରେ କେତେଜଣ ସରପଞ୍ଚ ଓ ସମିତିସଭ୍ୟ ମଧ୍ୟ ଦଳରୁ ଇସ୍ତଫା ଦେଇଛନ୍ତି। ଏହାପରେ ଦଳ ସୁପ୍ରିମୋ ନବୀନ ପଟ୍ଟନାୟକ ଭଦ୍ରକର ବରିଷ୍ଠ ନେତା ପ୍ରଫୁଲ୍ଲଙ୍କ ସହ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଭଦ୍ରକ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନାଙ୍କ ସମେତ କେତେଜଣ ବରିଷ୍ଠ ନେତାଙ୍କୁ ନବୀନ ନିବାସ ଡକାଇ ଆଲୋଚନା କରିଥିଲେ। ପ୍ରଫୁଲ୍ଲଙ୍କୁ ତାଗିଦ୍ କରିବା ସହ ଜିଲାରେ ବିଜେଡିକୁ ସଙ୍ଗଠିତ କରିବା ପାଇଁ ନବୀନ ତାଙ୍କୁ ଦାୟିତ୍ୱ ଦେଇଥିଲେ। ସେମାନଙ୍କୁ ଅଟକାଇବା ପାଇଁ ବାପାଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ସେ ଅଟକାଇ ପାରିଲେ ନାହିଁ। ପୁଅ ସମସ୍ତଙ୍କୁ ସାଙ୍ଗରେ ନେଇ ଭାଜପାରେ ମିଶାଇ ଦେଲେ ବୋଲି ଚର୍ଚ୍ଚା ହେଉଛି। ପ୍ରକାଶଥାଉ କି, ଜିଲାର ସମସ୍ତ ୭ ବ୍ଲକ ଅଧ୍ୟକ୍ଷ ପଦ ଓ ଜିଲା ପରିଷଦ ସଭ୍ୟ ପଦ ବିଜେଡି ଦଖଲରେ ରହିଥିବା ବେଳେ ସରକାର ପରିବର୍ତ୍ତନର ମାତ୍ର ଦେଢ଼ ବର୍ଷରେ ତାସ ପତା ପରି ଭୁଶୁଡ଼ି ଚାଲିଛି। ଆଗକୁ ପ୍ରଫୁଲ୍ଲଙ୍କ ଭୂମିକା କ'ଣ ରହିବ ସେନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

# ଅଙ୍ଗନୱାଡି ନିର୍ମାଣ ପାଇଁ ୨୫ ଲକ୍ଷ ଖର୍ଚ୍ଚ କରିବାକୁ ପ୍ରସ୍ତାବ ଅଛି: ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ

ଭୁବନେଶ୍ୱର,୬।୧୨(ସୁନିତ୍ ମିଶ୍ର)

- ୫୦ ଅନୁମୋଦିତ କେନ୍ଦ୍ରରୁ ଗୋଟିକ କାମ ଆରମ୍ଭ
- ରାଜ୍ୟରେ ୨୦,୧୫୦ କେନ୍ଦ୍ରର ନିଜସ୍ୱ ଗୃହ ନାହିଁ
- ୧୩ ପିଭିଟିଜି ଅଞ୍ଚଳରେ ନିର୍ମାଣ ହେବ ୯୦ କେନ୍ଦ୍ର

ରାଜ୍ୟ ସରକାର ପ୍ରଥମେ ୫, ପରେ ୭ ଓ ୧୨ ଲକ୍ଷ ଟଙ୍କା ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପ୍ରଥମେ ଦେଉଥିଲେ। ଏବେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ଲାଗି ସରକାର ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେଉଛନ୍ତି। ହେଲେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗୋଟିଏ ବୈଠକ କିଛିଦିନ ତଳେ ହୋଇଥିଲା। ଏଥିରେ ସରକାରଙ୍କ ପକ୍ଷରୁ ଅଙ୍ଗନୱାଡି କେନ୍ଦ୍ର ପ୍ରତିଷ୍ଠା ଲାଗି ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦିଆଯିବାକୁ ପ୍ରସ୍ତାବ ରହିଛି। ଯେଉଁଠାରେ ଅର୍ଥ ଅଭାବ କାରଣରୁ ଅଧାପନ୍ତରିଆ ଭାବେ ଅଙ୍ଗନୱାଡି କେନ୍ଦ୍ର ପଡ଼ି ରହିଛି। ବିଧାୟକମାନେ ତାଲିକା କରି ସିଡିପିଓଙ୍କ ମାଧ୍ୟମରେ ରିପୋର୍ଟ ପ୍ରଦାନକଲେ ବିଭାଗ ପକ୍ଷରୁ ତା'ର କାର୍ଯ୍ୟ କରାଯିବ। ବିଭାଗ ନିଜ ଅର୍ଥରେ ଜାଗା କିଣି ଅଙ୍ଗନୱାଡି କରିବା ଲାଗି ପ୍ରସ୍ତୁତ ଅଛି, ହେଲେ ବିଧାୟକମାନେ ଯଦି କୌଣସି କମ୍ୟୁନିଟି ସ୍ଥାନ ଚିହ୍ନଟ କରିବେ ତେବେ ସେହି କାର୍ଯ୍ୟ ଆହୁରି ତ୍ୱରନ୍ତ ହୋଇପାରିବ। ରାଜ୍ୟରେ ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ର ନିଜସ୍ୱ ଗୃହରେ ଚାଲିବ। ରାଜ୍ୟରେ ସମୁଦାୟ ୭୪,୨୨୪ଟି ଅଙ୍ଗନୱାଡି କେନ୍ଦ୍ର ଥିବାବେଳେ ସେଥିମଧ୍ୟରୁ ୨୦,୧୫୦ଟି



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

କେନ୍ଦ୍ରର ନିଜସ୍ୱ ଗୃହ ନାହିଁ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।

ବିଧାନସଭାରେ ଶନିବାର ପ୍ରଶ୍ନକାଳ ସମୟରେ ବହୁ ବିଧାୟକ ଅଙ୍ଗନୱାଡି କେନ୍ଦ୍ର ସମ୍ପର୍କିତ ସମସ୍ୟା ନେଇ ପ୍ରଶ୍ନ କରିଥିଲେ। ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି, ୨୦୨୪-୨୫ ଆର୍ଥିକ ବର୍ଷରୁ ମୋଟ୍ ୫୦ଟି ଅଙ୍ଗନୱାଡି କେନ୍ଦ୍ର ଲାଗି ବିଭାଗ ପକ୍ଷରୁ ୧୨ ଲକ୍ଷ ଟଙ୍କା ଲେଖାଏ ମୋଟ ୬ କୋଟି ଟଙ୍କା ଯୋଗାଇ ଦିଆଯାଇଛି। ହେଲେ ସେଥିରୁ ସମସ୍ତ ଅଙ୍ଗନୱାଡି କେନ୍ଦ୍ର ପ୍ରତିଷ୍ଠା ଲାଗି ଜାଗା ଚିହ୍ନଟ ସରିଥିବା ବେଳେ ଗୋଟିଏ କେନ୍ଦ୍ରର କାର୍ଯ୍ୟ ଆରମ୍ଭ ହୋଇଛି, ବାକି ଖୁବ୍‌ଶୀଘ୍ର ଆରମ୍ଭ ହେବ। ରାଜ୍ୟର ୧୩ଟି ପିଭିଟିଜି ଅଞ୍ଚଳରେ ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ୯୦ଟି ଅଙ୍ଗନୱାଡି କେନ୍ଦ୍ର ଖୋଲିବାକୁ କେନ୍ଦ୍ର ସରକାର ୧୨ ଲକ୍ଷ ଟଙ୍କା ଲେଖାଏ ଯୋଗାଇ ଦେଇଛନ୍ତି। ଯେତେଶୀଘ୍ର ଜାଗା ଚିହ୍ନଟ ହେବ ସେତେଶୀଘ୍ର କାର୍ଯ୍ୟ ହେବ ବୋଲି ସେ କହିଛନ୍ତି।

ଏହି ଅବସରରେ ନିର୍ମାଣ ଏବଂ ପର୍ଯ୍ୟଟନ ବିଭାଗ ଉପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଧାୟକ ପ୍ରଦୀପ ସାହୁ, ମଙ୍ଗୁ ଖିଲ, ଧ୍ରୁବ ଚରଣ ସାହୁ, ଦୁର୍ଗା ପ୍ରସନ୍ନ ନାୟକ, ଗଣେଶ୍ୱର ବେହେରା, ସରୋଜ ପାଢ଼ୀ, ରମେଶ ଚନ୍ଦ୍ର ବେହେରା, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସନ୍ତୋଷ ଖଟୁଆ ପ୍ରମୁଖ ଏଥିରେ ଭାଗ ନେଇଥିଲେ।

# ବଳିଦାନକୁ ସମ୍ମାନ

ଆମ ଦେଶରେ ଡିସେମ୍ବର ୭ରେ ପାଳନ ହୋଇଆସୁଛି ସଶସ୍ତ୍ର ବାହିନୀ ପତାକା ଦିବସ। ଏହା ଭାରତୀୟ ସେନା, ଭାରତୀୟ ନୌସେନା ଓ ଭାରତୀୟ ବାୟୁସେନାରେ କାର୍ଯ୍ୟରତ ତଥା ଅବସରପ୍ରାପ୍ତ ସଦସ୍ୟଙ୍କୁ ଦାନ ଏବଂ ସମ୍ପ୍ରଦାୟର ସମ୍ପୃକ୍ତି ମାଧ୍ୟମରେ ସମ୍ମାନିତ କରେ। ଛାତ୍ରୀଛାତ୍ରମାନେ ମର୍ଯ୍ୟାଦା ଏବଂ ଅନ୍ତର୍ଭୁକ୍ତି ପାଳନ କରିବା ସହ ସଚେତନତା ଏବଂ ପାଣ୍ଠି ସଂଗ୍ରହରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି। ଅବଶ୍ୟ ଏହି ଦିବସ ଏକ ଜାତୀୟ କାର୍ଯ୍ୟକ୍ରମ, ଯାହା ଦେଶର ସାମରିକ କର୍ମଚାରୀଙ୍କ ସମର୍ପଣ ଏବଂ ବଳିଦାନକୁ ସମ୍ମାନ ଜଣାଇବା ପାଇଁ ପ୍ରତିବର୍ଷ ପାଳନ କରାଯାଏ। ତେବେ ଏହି ଦିବସ ସାଧାରଣ ସଶସ୍ତ୍ର ବାହିନୀ ଦିବସଠାରୁ ଭିନ୍ନ ଏବଂ ଛୋଟ ପତାକା ବଣ୍ଟନ ଓ ସ୍ୱେଚ୍ଛାକୃତ ଦାନ ସଂଗ୍ରହକରି ପାଳନକରାଯାଏ।


**ଆଜି ସଶସ୍ତ୍ର ବାହିନୀ ପତାକା ଦିବସ**



ସୂଚନାଯୋଗ୍ୟ, ସଶସ୍ତ୍ର ବାହିନୀ ପତାକା ଦିବସ ପ୍ରଥମେ ପ୍ରତିରକ୍ଷା ମନ୍ତ୍ରଣାଳୟ ଦ୍ୱାରା ୧୯୪୯ ମସିହାରେ ପ୍ରଚଳନ କରାଯାଇଥିଲା, ଯାହାର ଲକ୍ଷ୍ୟ ପ୍ରତ୍ୟେକ ଭାରତୀୟଙ୍କୁ ସାମରିକ ବାହିନୀକୁ ସମର୍ଥନ ଏବଂ ସମ୍ମାନ ଦେବାରେ ସାମିଲକରିବା ଥିଲା।

# 'ସମସ୍ତଙ୍କ ପାଇଁ ନିରାପଦ ଆକାଶ ଓ ସ୍ଥାୟୀ ଉଡ଼ାଣ'

୧୯୯୬ରେ ମିଳିତ ଜାତିସଂଘ ସାଧାରଣ ସଭା ଡିସେମ୍ବର ୭ତାରିଖକୁ ଆନୁଷ୍ଠାନିକ ଭାବେ ଅନ୍ତର୍ଜାତୀୟ ବେସାମରିକ ବିମାନ ଚଳାଚଳ ଦିବସ ଭାବେ ସ୍ୱୀକୃତି ଦେଇଥିଲା। ଏହି ଦିବସ ସଦସ୍ୟ ରାଷ୍ଟ୍ରଗୁଡ଼ିକର ସ୍ଥାୟୀ ବିକାଶ ପାଇଁ ଅନ୍ତର୍ଜାତୀୟ ବେସାମରିକ ବିମାନ ଚଳାଚଳର ଗୁରୁତ୍ୱ ବିଷୟରେ ସଚେତନତାକୁ ଉତ୍ସାହିତ କରେ। ଏଥିସହ ସମସ୍ତଙ୍କ ପାଇଁ ନିରାପଦ ତଥା ପରିବେଶଗତ ଦାୟିତ୍ୱପୂର୍ଣ୍ଣ ବିମାନ ପରିବହନକୁ ପ୍ରୋତ୍ସାହିତ କରିବାରେ ଅନ୍ତର୍ଜାତୀୟ ବେସାମରିକ ବିମାନ ଚଳାଚଳ ସଙ୍ଗଠନ (ଆଇସିଏଓ)ର ନେତୃତ୍ୱକୁ ସମର୍ଥନକରେ। ସୂଚନାଯୋଗ୍ୟ, ୧୯୯୪ ମସିହାରୁ ଆଇସିଏଓ




**ଅନ୍ତର୍ଜାତୀୟ ବେସାମରିକ ବିମାନ ଚଳାଚଳ ଦିବସ**

ପକ୍ଷରୁ ଡିସେମ୍ବର ୭ରେ ଅନ୍ତର୍ଜାତୀୟ ବେସାମରିକ ବିମାନ ଚଳାଚଳ ଦିବସ ପାଳନ କରାଯାଇଆସୁଛି। ତେବେ ଚଳିତବର୍ଷ ଏହି ଦିବସ ଲାଗି ବିଷୟବସ୍ତୁ ରହିଛି 'ସମସ୍ତଙ୍କ ପାଇଁ ନିରାପଦ ଆକାଶ ଏବଂ ସ୍ଥାୟୀ ଉଡ଼ାଣ'।

# ଧାମରାରେ ବୁଲୁଛି ମହାବଳ ବାଘ

ଚାନ୍ଦବାଲି,୬।୧୨(ଅଶୋକ ପଣ୍ଡା)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଧାମରା ଅଞ୍ଚଳରେ ଏକ ମହାବଳ ବାଘ ବୁଲୁଛି। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଶନିବାର ବନବିଭାଗକୁ ନାକେଦମ୍ ହେବାକୁ ପଡ଼ିଛି।

ସୂଚନା ଅନୁଯାୟୀ, ଧାମରା ବନ୍ଦର ୩ ନଂ. ଗେଟ୍ ଆଗରେ ଏକ ମହାବଳ ବାଘ ବୁଲୁଥିବାର ଭିଡିଓ କେହି ଜଣେ ଭାଇରାଲ କରିଛନ୍ତି। ପ୍ରକୃତରେ ସେଠାରେ ବାଘ ଅଛି କିମ୍ବା ଏଆଇ ମାଧ୍ୟମରେ ପ୍ରସ୍ତୁତ କରାଯାଇ ଭାଇରାଲ ହୋଇଛି, ପ୍ରକୃତ ତଥ୍ୟ ଜଣାପଡ଼ିନାହିଁ। ଭିଡିଓ ଭାଇରାଲ ପରେ ଧାମରା ବନପାଳ କୁମୁଦ ଚନ୍ଦ୍ର ସାହୁ ଓ କରଞ୍ଜମାଳ ବନପାଳ ସନ୍ତୋଷ ମାଝୀ ୫ଜଣ ବନରକ୍ଷୀଙ୍କୁ ନେଇ କଇଥଖୋଲା, କରଞ୍ଜମାଳ ଅଞ୍ଚଳ ବୁଲି ଦେଖିବା ସହ କୌଣସି ସ୍ଥାନରେ ବାଘର ପାଦ ଚିହ୍ନ ମଧ୍ୟ ପାଇନାହାନ୍ତି। ପ୍ରଥମେ ଧାମରା ବନ୍ଦର କର୍ତ୍ତୃପକ୍ଷଙ୍କ ସିସି କ୍ୟାମେରାରେ ଏହି ଭିଡିଓ କଏଦ ହୋଇଥିବା କଥା ଶୁଣିବାକୁ ମିଳିଥିବା ବେଳେ ଧାମରା ବନ୍ଦର କର୍ତ୍ତୃପକ୍ଷ ଏହାକୁ ଅଗ୍ରାହ୍ୟ କରି ଦେଇଥିଲେ। ଶନିବାର ଦିନତମାମ ବନପାଳ ଏବଂ ବନରକ୍ଷୀମାନେ ସମସ୍ତ ସ୍ଥାନ ବୁଲି ଦେଖିଥିଲେ ମଧ୍ୟ ମହାବଳ ବାଘର କୌଣସି ସୁରାକ୍ ପାଇନାହାନ୍ତି। ଏଣୁ କେଉଁ ପରିସ୍ଥିତିରେ ଏବଂ କିଏ ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିଛନ୍ତି, ସେଥିପ୍ରତି ଜିଲା ପ୍ରଶାସନ ସଜାଗ ହେବା ସହ ତୁରନ୍ତ ଭାଇରାଲ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି।

**ଭିଡିଓ ଭାଇରାଲ ପରେ ବନ ବିଭାଗ ନାକେଦମ୍**



ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ବାଘର ଫଟୋ।

**ପ୍ରଥମ ପୃଷ୍ଠାରୁ...**

## ମୁଖ୍ୟମନ୍ତ୍ରୀ ରେଶମ...

ସମ୍ପର୍କରେ ଶନିବାର ଗୃହକୁ ଜଣାଇଛନ୍ତି। ରାଜ୍ୟରେ ବୟନ ଶିଳ୍ପର ଅନୁକୂଳ ପରିସ୍ଥିତିକୁ ସୁଦୃଢ଼ କରିବା ଏବଂ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ। ଏଥିପାଇଁ ୪୯୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇ ମୁଖ୍ୟମନ୍ତ୍ରୀ ବୟନ ଶିଳ୍ପ ବିକାଶ ଯୋଜନା (ଏମ୍‌ବିଏସ୍‌ବିୱାଇ)କୁ ଅନୁମୋଦନ ମିଳିଛି। ଏହି ଯୋଜନା ଦ୍ୱାରା ନୂତନ ନିବେଶକଙ୍କୁ ଆକର୍ଷିତ କରିବା, ଉତ୍ପାଦକତା ବୃଦ୍ଧି କରିବା, ସ୍ଥାନୀୟ ଉଦ୍ୟୋଗଗୁଡିକୁ ସଶକ୍ତ କରିବା ଏବଂ ରାଜ୍ୟରେ ଏକ ପ୍ରତିଯୋଗିତାମୂଳକ ବୟନ ମୂଲ୍ୟ ଶୃଙ୍ଖଳା ଗଠନ ହେବ। ଓଡ଼ିଶା ପୋଷାକ ଓ ବୈଷୟିକ ବସ୍ତ୍ରନୀତି ୨୦୨୨ ଓ ଶିଳ୍ପନୀତି ସଂକଳ୍ପ ୨୦୧୫ ଅନୁଯାୟୀ ନୂତନ ବସ୍ତ୍ର ଉତ୍ପାଦନ ସଂସ୍ଥାଗୁଡିକୁ ମିଳୁଥିବା ସୁବିଧା ସହ ଏମ୍‌ବିଏସ୍‌ବିୱାଇର ବିକାଶକୁ ମଧ୍ୟ ସାହାଯ୍ୟ ହେବ। ଏହାଦ୍ୱାରା ଆସନ୍ତା ୫ ବର୍ଷରେ ଏମ୍‌ବିଏସ୍‌ବିୱାଇ ଦ୍ୱାରା ଅଧିକ ନିବେଶକ ଆକର୍ଷିତ ହେବା ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ବିପୁଳ ରୋଜଗାର ସୃଷ୍ଟିହେବ।

କ୍ୟାବିନେଟ୍ ବୈଠକରେ ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ(ଶିକ୍ଷକ କ୍ୟାଡରରେ ସଂରକ୍ଷଣ) ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହାଦ୍ୱାରା ପ୍ରଫେସର, ଆସୋସିଏଟ୍ ପ୍ରଫେସର ଏବଂ ଆସିଷ୍ଟାଣ୍ଟ ପ୍ରଫେସର ନିଯୁକ୍ତିରେ ସଂରକ୍ଷଣ କାର୍ଯ୍ୟକାରୀ କରିବା ପାଇଁ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟକୁ ଏକକ ଭାବେ ବିଚାର କରିବାକୁ ପ୍ରସ୍ତାବ ନିଆଯାଇଛି। ଏହା ବର୍ତ୍ତମାନ ଚାଲୁଥିବା ବିଭାଗ ଭିତ୍ତିକ ସଂରକ୍ଷଣ ପ୍ରଣାଳୀକୁ ପରିବର୍ତ୍ତନ କରିବ। ଏହାଦ୍ୱାର ପ୍ରତ୍ୟେକ କ୍ୟାଡର୍ ନିମନ୍ତେ ପୋଷ୍ଟ ଆଧାରିତ ରୋଷ୍ଟର ବ୍ୟବସ୍ଥା କରାଯିବ, ଯାହାଦ୍ୱାରା ସଂରକ୍ଷଣ ନୀତି ସମସ୍ତ ବିଶ୍ୱବିଦ୍ୟାଳୟରେ ସମରୂପ ଭାବେ ପ୍ରୟୋଗ ହେବ। ନିଯୁକ୍ତି ପ୍ରକ୍ରିୟା ଅଧିକ ସ୍ୱଚ୍ଛ ଓ ସହଜ ହେବ। ଏହି ପ୍ରସ୍ତାବ ଫଳସ୍ୱରୂପ ଏସ୍‌ସି, ଏସ୍‌ଟି, ଏସ୍‌ଇବିସି ଓ ଅନ୍ୟାନ୍ୟ ଯୋଗ୍ୟ ବର୍ଗମାନଙ୍କ ପ୍ରତିନିଧିତ୍ୱ ବୃଦ୍ଧି, ପ୍ରଶାସନୀୟ ପ୍ରଣାଳୀରେ ସରଳତା ଏବଂ ରାଷ୍ଟ୍ରୀୟ ସ୍ତରର ଅନୁସରିତ ନୀତି ସହିତ ସମନ୍ୱୟ ସୁନିଶ୍ଚିତ କରିବ।

ସେହିପରି ଓଡ଼ିଶା ମତ୍ସ୍ୟସେବା(ଓଏଫ୍‌ଏସ୍) କ୍ୟାଡର ପୁନର୍ଗଠନକୁ ଅନୁମୋଦନ ମିଳିଛି। ଏହାଦ୍ୱାରା ଅତିରିକ୍ତ ମତ୍ସ୍ୟ ନିର୍ଦ୍ଦେଶକ ପଦ ସଂଖ୍ୟା ୨ରୁ ୪, ମିଳିତ ମତ୍ସ୍ୟ ନିର୍ଦ୍ଦେଶକ ପଦ ୩ରୁ ୧୯ ଏବଂ ଉପ ମତ୍ସ୍ୟ ନିର୍ଦ୍ଦେଶକ ପଦ ସଂଖ୍ୟା ୧୮ରୁ ୧୧୯କୁ ବୃଦ୍ଧି ପାଇଛି। ସେହିପରି ବ୍ଲକ୍ ମତ୍ସ୍ୟ ଅଧିକାରୀ ବା ସହକାରୀ ମତ୍ସ୍ୟ ନିର୍ଦ୍ଦେଶକ(ଗ୍ରୁପ୍-ଏ)ର ୧୯୫ଟି ନୂତନ ପଦବୀ ସୃଷ୍ଟି କରାଯାଇଛି।

କ୍ୟାବିନେଟ୍ ବୈଠକରେ ଓଡ଼ିଶା ଔଷଧ ଏବଂ ଚିକିତ୍ସା ଉପକରଣ ନୀତି-୨୦୨୫କୁ ଅନୁମୋଦନ ଲାଭ କରିଛି। ଏହି ନୀତି ଦ୍ୱାରା ଆବଶ୍ୟକ ଶିଳ୍ପ ଭିତ୍ତିଭୂମିର ସୁବିଧା ଯୋଗାଇବା ପାଇଁ ଓଡ଼ିଶା ଫାର୍ମା ପାର୍କ ଏବଂ ଓଡ଼ିଶା ମେଡ୍‌ଟେକ୍ ପାର୍କର ପରିକଳ୍ପନା କରାଯାଇଛି। ଏଥିରେ ଓଡ଼ିଶା ଔଷଧ ବିକାଶ ସେଲ୍(ଓପିଡିସି) କ୍ଷେତ୍ରୀୟ ପ୍ରମୁଖ ସଂସ୍ଥା ଭାବେ କାର୍ଯ୍ୟ କରିବ। ଇପିକଲ୍ ଏବଂ ଇଡ୍‌କୋ ସ୍ୱଚ୍ଛ, ସମୟସୀମାବଦ୍ଧ ସୁବିଧା ଏବଂ ଆର୍ଥିକ ପରିଚାଳନାକୁ ସୁଲଭ କରିବ।

ସେହିପରି ଓଡ଼ିଶା ଜୁଡିସିଆଲ ସର୍ଭିସ୍ ଏବଂ ଓଡ଼ିଶା ଜୁଡିସିଆଲ ସର୍ଭିସ୍ ରୁଲ୍, ୨୦୦୭ର କିଛି ନିୟମାବଳୀରେ ସଂଶୋଧନ ହେବାକୁ ନିଷ୍ପତ୍ତି ହୋଇଛି। ସୁପ୍ରିମକୋର୍ଟଙ୍କ ପକ୍ଷରୁ ଗତ ମେ ୨୦ ତାରିଖରେ ଏନେଇ ଆଦେଶ ଦିଆଯାଇଥିଲା। ଏହି ସଂଶୋଧନରେ ମୁଖ୍ୟତଃ, ନିଯୁକ୍ତି ବର୍ଷ ପ୍ରଚଳନ, ସଂଶୋଧନ ଜିଲା ଜଜ୍ ନିଯୁକ୍ତିର ଅନୁପାତ, ସିଭିଲ ଜଜ୍(ବରିଷ୍ଠ ବିଭାଗ) ପାଇଁ ପଦୋନ୍ନତି, ସିଭିଲ ଜଜ୍(କନିଷ୍ଠ ବିଭାଗ) ପଦ ପାଇଁ ୩ ବର୍ଷର ଅଭ୍ୟାସ ସହ ସିଧାସଳଖ ନିଯୁକ୍ତି ଲାଗି ଉପର ବୟସସୀମାକୁ ୪୨ ବର୍ଷ ପାଇଁ ବୃଦ୍ଧି କରାଯାଇଛି। ଏହାସହ ପାଠ୍ୟକ୍ରମ, ପରୀକ୍ଷା, ତାଲିମ ଏବଂ ବରିଷ୍ଠତା ପ୍ରକ୍ରିୟାକୁ ସୁଗମ କରାଯାଇଛି।

## ୩୧୪ ଓଏଭିରେ...

ନୂତନ ନିଯୁକ୍ତି ପାଇଁ ଆଶାନୁରୂପ ବିଜ୍ଞପ୍ତି ବାହାରିଲା ନାହିଁ। ସରକାର ନୂତନ ପଦ ସୃଷ୍ଟି କରିବା ପରିବର୍ତ୍ତେ ପୁରୁଣା ପଦଗୁଡ଼ିକୁ ଉଚ୍ଛେଦ କରୁଛନ୍ତି। ଗ୍ରନ୍ଥାଗାରିକ ଆଶାୟୀମାନେ ବାରମ୍ବାର ଆନ୍ଦୋଳନ ଓ ଦାବି କରିବା ସତ୍ତ୍ୱେ ସେମାନଙ୍କୁ ନିଯୁକ୍ତି ନ ଦେଇ ସମ୍ପୂର୍ଣ୍ଣ ପଦକୁ ଉଚ୍ଛେଦ କରିବା ନିଷ୍ପତ୍ତି ସମସ୍ତଙ୍କୁ ନିରାଶ କରିଛି। ଗ୍ରନ୍ଥାଗାରିକ ପଦ ରହିବା ସହ ନୂତନ ଭାବେ ଓଡ଼ିଆ ଶିକ୍ଷକ ପଦ ସୃଷ୍ଟି କରାଯାଇ ପାରିଥାନ୍ତା। ହେଲେ ସରକାର ସେପରି ନ କରି ସିବିଏସ୍‌ଇ ନିୟମକୁ ଉଲ୍ଲଂଘନ କରୁଛନ୍ତି ବୋଲି ସେ କହିଛନ୍ତି।

## ସିରିଜ୍ ଜିତିଲା...

ଦୁଇ ଓପନର ରୋହିତ ଶର୍ମା ଓ ଜୟସ୍ୱାଲ ୧୫୫ ରନର ଦୃଢ଼ ଆରମ୍ଭ ପ୍ରଦାନ କରିଥିଲେ। ଶତକ ଆଡ଼କୁ ଅଗ୍ରସର ହେଉଥିବା ରୋହିତ ୨୬ତମ ଓଭରରେ ମିଡ୍ ଉଇକେଟ ଉପରେ ଛକା ମାରିବାକୁ ଯାଇ କ୍ୟାଚ୍ ଆଉଟ୍ ହୋଇଯାଇଥିଲେ। ସେ ୭ ଚୌକା ଓ ୩ ଛକା ସହିତ ୭୫ ରନ କରିଥିଲେ। ଏହାପରେ କୋହଲି ଓ ଜୟସ୍ୱାଲ ଜିତିବା ପାଇଁ ଆବଶ୍ୟକ ରନ ସଂଗ୍ରହ କରି ଦଳକୁ ମ୍ୟାଚ୍ ଜିତାଇଥିଲେ। ଜୟସ୍ୱାଲ ୧୨୧ ବଲରେ ୧୧୬ ରନ କରିଥିଲେ। ତାଙ୍କ କ୍ୟାରିୟରର ପ୍ରଥମ ଦିନିକିଆ ଶତକରେ ୧୨ ଚୌକା ଓ ୨ ଛକା ସାମିଲ ଥିଲା। କୋହଲି ୪୫ ବଲରେ ୬ ଚୌକା ଓ ୩ ଛକା ସହିତ ୬୫ ରନ କରି ଅପରାଜିତ ରହିଥିଲେ। ଭାରତ ୩୯.୫ ଓଭରରେ ୧ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା: ୪୭.୫ ଓଭରରେ ୨୭୦/ଅଲଆଉଟ (କ୍ୱିଣ୍ଟନ ଡି କକ୍-୧୦୬, ଟେମ୍ବା ବଭୁମା-୪୮, କୁଲଦୀପ ଯାଦବ-୪/୪୧, ପ୍ରସିଦ୍ଧ କୃଷ୍ଣା-୪/୬୬)। ଭାରତ: ୩୯.୫ ଓଭରରେ ୨୭୧/୧ (ଯଶସ୍ୱୀ ଜୟସ୍ୱାଲ- ୧୧୬*, ରୋହିତ ଶର୍ମା-୭୫, ବିରାଟ କୋହଲି-୬୫*, କେଶବ ମହାରାଜ-୧/୪୪)।

# ଟ୍ରେଲର ଧକ୍କାରେ ୨ ବାଇକ୍ ଆରୋହୀ ମୃତ

ଲହୁଣୀପଡ଼ା,୬।୧୨(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ୧୪୩ ନଂ. ଜାତୀୟ ରାଜପଥ ଗମଲେଇ ଛକ ନିକଟରେ ଶନିବାର ସକାଳ ପ୍ରାୟ ସାଢ଼େ ୯ଟାରେ ଏକ ଟ୍ରେଲର ଧକ୍କାରେ ୨ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଝସକେତନ କିଷାନ (୫୩) ଓ ଲକ୍ଷ୍ମୀଧର କିଷାନ(୩୭)। ଏନେଇ ଲହୁଣୀପଡ଼ା ପୋଲିସ ଏକ ମାମଲା ନଂ. ୨୭୧/୨୫ ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି।

ପୋଲିସ ସୂଚନା ଅନୁଯାୟୀ, ବଣାଇଁ ଥାନା ଅନ୍ତର୍ଗତ ଟିକ୍ରାପୋଷ ନୂଆସାହିର ଝସକେତନ ଓ ଗଉଡ଼ ସାହିର ଲକ୍ଷ୍ମୀଧର ବାଇକ୍ ନଂ. ଓଆର୧୪କେ- ୩୦୪୭ ଯୋଗେ ନରେନ୍ଦ୍ର ପଟୁ ୧୪୩ ନମ୍ବର ଜାତୀୟ ରାଜପଥରେ ଗମଲେଇ ସାପ୍ତାହିକ ହାଟକୁ ଯାଉଥିଲେ। ଗମଲେଇ ଛକରେ ପଛପଟୁ ଆସୁଥିବା ଟ୍ରେଲର ନଂ. ଓଡି ୦୨ସିଏଫ -୨୯୬୯ ତାଙ୍କୁ ଧକ୍କାଦେଇ ଉଭୟଙ୍କ ମୁଣ୍ଡରେ ଚଢ଼ି ଯାଇଥିଲା। ଫଳରେ ଘଟଣା ସ୍ଥଳରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିଲା। କିଛି ସମୟ ପାଇଁ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲେ ମଧ୍ୟ ପୋଲିସ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।






# ସେଫ୍ ୱିଣ୍ଟର ଟ୍ରାଭେଲ



**ଶୀତଦିନ ଆସିଲେ ଥଣ୍ଡା ଥଣ୍ଡା ପାଗରେ ବୁଲାବୁଲିର ମଜା ବଢ଼ିଯାଏ। ଯେଉଁଥିପାଇଁ ନା କେବଳ ଟୁରିଷ୍ଟ ସ୍ପଟ୍‌ଗୁଡ଼ିକରେ ଗହଳି ବଢ଼ିଯାଏ, ବରଂ ବିଭିନ୍ନ ସ୍ଥାନରେ ପିକ୍‌ନିକ୍‌ର ଆସର ବି ବେଶ୍ ଜମେ। ହେଲେ ଏଦିନେ ଘନକୁହୁଡ଼ି ଯୋଗୁ ରାସ୍ତାଘାଟ ଭଲ ଭାବେ ଦେଖାଯାଉ ନ ଥିବାରୁ ଦୁର୍ଘଟଣା ବୃଦ୍ଧି ପାଇଥାଏ। ତେଣୁ ନିଜର ୱିଣ୍ଟର ଟ୍ରାଭେଲକୁ ନିରାପଦ ଓ ସୁରକ୍ଷିତ କରିବା ଲାଗି କେତେକ ଦିଗ ପ୍ରତି ବିଶେଷ ସଜାଗ ରହିବା ଆବଶ୍ୟକ...**



ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ୍ (ଡବ୍ଲ୍ୟୁଏଚ୍‌ଓ) ରିପୋର୍ଟ ମୁତାବକ, ବର୍ତ୍ତମାନ ସମଗ୍ର ପୃଥିବୀରେ ୮ମ ସର୍ବାଧିକ ମୃତ୍ୟୁସଂଖ୍ୟାର କାରଣ ସାଜିଛି ସଡ଼କ ଦୁର୍ଘଟଣା। ଆଉ ଶୀତଦିନେ ଏହି ସଂଖ୍ୟା ଅଧିକ ଥାଏ। କାରଣ ଶୀତଦିନେ ବାୟୁମଣ୍ଡଳରେ ସାଧାରଣଠାରୁ ଯଥେଷ୍ଟ ଅଧିକ ପରିମାଣରେ ଜଳୀୟବାଷ୍ପ ରହିଥାଏ, ଯାହାକି ଥଣ୍ଡା ହେବା ଦ୍ୱାରା ଘନୀଭୂତ ହୋଇ କୁହୁଡ଼ି ଆକାରରେ ଭୂପୃଷ୍ଠରେ ଭାସିବୁଲେ। ବର୍ତ୍ତମାନ ହେଉଥିବା ବାୟୁପ୍ରଦୂଷଣ ହେତୁ କୁହୁଡ଼ିରେ ଧୂଆଁ ମିଶି ଘନକୁହୁଡ଼ି ବା ସ୍ମଗ୍ ସୃଷ୍ଟି କରିଥାଏ। ଏମିତିରେ ରାସ୍ତାଘାଟ ଭଲଭାବେ ଦେଖାଯାଉ ନ ଥିବାରୁ ଦୁର୍ଘଟଣା ବୃଦ୍ଧି ପାଇଥାଏ। ତେଣୁ ଶୀତରେ ଗାଡ଼ି ଚଲାଇବା ସମୟରେ ବିଶେଷକରି ସକାଳେ କିମ୍ବା ରାତିରେ କେଉଁଆଡ଼େ ଟ୍ରାଭେଲ କରୁଥିଲେ ସୁରକ୍ଷା ଦୃଷ୍ଟିରୁ ଅନେକ ଦିଗ ପ୍ରତି ସତର୍କ ରହିବା ଆବଶ୍ୟକ...

**ସ୍ପିଡ୍ କଣ୍ଟ୍ରୋଲ୍ ଜରୁରୀ:** ବର୍ତ୍ତମାନ ଅଧିକାଂଶ ଦୁର୍ଘଟଣାର ମୂଳ କାରଣ ସାଜିଛି ହାଇ ସ୍ପିଡ୍‌ରେ ଗାଡ଼ି ଚଲାଇବା। କାରଣ ସ୍ପିଡ୍‌ରେ ଗାଡ଼ି ଚଲାଇବା ଦ୍ୱାରା ଆଗରେ କୌଣସି ଗାଡ଼ି, ମଣିଷ କିମ୍ବା ପଶୁ ଆସିଗଲେ ପିଟି ହୋଇଯାଏ କିମ୍ବା ହଠାତ୍ ବ୍ରେକ୍ କରିବା ଦ୍ୱାରା ଗାଡ଼ି ଭାରସାମ୍ୟ ହରାଇ ପଡ଼ିଯାଏ। ବିଶେଷକରି ଶୀତଦିନେ କୁହୁଡ଼ି ଥିବାରୁ ସକାଳ ଏବଂ ସନ୍ଧ୍ୟା ସମୟରେ ସ୍ପିଡ୍ ଗାଡ଼ି ଚଲାଇଲେ ଦୁର୍ଘଟଣା ଆଶଙ୍କା ବଢ଼ିଯାଏ। ତେଣୁ ନିଜ ୱିଣ୍ଟର ଟ୍ରାଭେଲ୍‌କୁ ସୁରକ୍ଷିତ ଏବଂ ନିରାପଦ କରିବାକୁ ହେଲେ ଗାଡ଼ିର ସ୍ପିଡ୍ ସବୁବେଳେ ମଧ୍ୟମ ତଥା ନିୟନ୍ତ୍ରଣରେ ରଖନ୍ତୁ। ଅନ୍ୟ ଗାଡ଼ିଗୁଡିକଠାରୁ ଆବଶ୍ୟକ ଦୂରତା ରକ୍ଷା କରନ୍ତୁ। ବିଶେଷକରି ଟର୍ନିଂ ବା ବୁଲାଣି ସ୍ଥାନରେ ଗାଡ଼ି ଧୀରେ ଚଲାନ୍ତୁ ଏବଂ ଲମ୍ବା ହର୍ନ ଦିଅନ୍ତୁ।

**ବ୍ୟବହାର କରନ୍ତୁନି ଫୋନ୍:** ବର୍ତ୍ତମାନ ବେପରୁଆ ଗାଡ଼ିଚାଳନା ସାଙ୍ଗକୁ ଗାଡ଼ିରେ ମୋବାଇଲ ଫୋନ୍ ବ୍ୟବହାର ଦିନକୁଦିନ ସଡ଼କ ଦୁର୍ଘଟଣାଜନିତ ଜୀବନହାନି ସଂଖ୍ୟା ବୃଦ୍ଧି କରୁଛି। ନ୍ୟାଶନାଲ ସେଫ୍ଟି କାଉନ୍‌ସିଲ ରିପୋର୍ଟ ଅନୁଯାୟୀ, ଯୁବାବସ୍ଥାରେ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟାର ସର୍ବାଧିକ କାରଣ ଗାଡ଼ି ଚଲାଇବା ବେଳେ ମୋବାଇଲ ଫୋନ୍ ବ୍ୟବହାର ବୋଲି ଜଣାପଡ଼ିଛି। କେବଳ ମୋବାଇଲ୍‌ରେ କଥା ହେବା ଯୋଗୁ ନୁହେଁ, ବରଂ ବର୍ତ୍ତମାନ ଅଧିକାଂଶ ଯୁବପିଢ଼ିଙ୍କଠାରେ ଗାଡ଼ି ଚଲାଇବା ବେଳେ ଦେଖିବାକୁ ମିଳୁଥିବା ସେଲ୍‌ଫି ନେବା, ଭିଡିଓ ଶୁଟ୍ କରିବାର କ୍ରେଜ୍ ବି ଆକ୍ସିଡେଣ୍ଟ ହେବାର ଅନ୍ୟ ଏକ ମୁଖ୍ୟ କାରଣ। ତେଣୁ ଶୀତଦିନେ କୁହୁଡ଼ିରେ ଗାଡ଼ି ଚଲାଉଥିବା ସମୟରେ ମୋବାଇଲ୍‌ରେ ଆଦୌ କଥା ହୁଅନ୍ତୁ ନାହିଁ। ଏପରିକି ଇୟରଫୋନ୍ କିମ୍ବା ବ୍ଲୁଟୁଥ୍ ବ୍ୟବହାର କରିବା ମଧ୍ୟ ବିପଜ୍ଜନକ। ଏହାଦ୍ୱାରା ନା କେବଳ ଆପଣ ଅନ୍ୟମନସ୍କ ହେବା କିମ୍ବା ପଛ ଗାଡ଼ିଗୁଡିକର ହର୍ନ ନ ଶୁଣି ପାରିବା କାରଣରୁ ଦୁର୍ଘଟଣାର ସମ୍ମୁଖୀନ ହୋଇପାରନ୍ତି ବରଂ କୁହୁଡ଼ି ସଂସ୍ପର୍ଶରେ ଆସି ମୋବାଇଲ୍ ଖରାପ ହେବାର ମଧ୍ୟ ଆଶଙ୍କା ରହିଛି। ତେଣୁ ଗାଡ଼ି ଚଲାଇବା ବେଳେ କଲ୍ ଆସୁଥିଲେ ରାସ୍ତା କଡ଼ରେ ଡ୍ରାଇଭିଂ ବନ୍ଦ କରି କଥା ହୁଅନ୍ତୁ କିମ୍ବା ପହଞ୍ଚିବା ପରେ କଲ୍‌ବ୍ୟାକ୍ କରନ୍ତୁ। ଯଦି ନିଜେ ଡ୍ରାଇଭ ନ କରୁଛନ୍ତି, ତେବେ ଗାଡ଼ି ଚାଲିଥିବା ବେଳେ ଫଟୋ, ଭିଡିଓ ଉଠାଇବା, ଜୋର୍‌ରେ ଗୀତ ଲଗାଇ ନାଚିବା ଆଦି କାର୍ଯ୍ୟ କରି ଡ୍ରାଇଭର୍‌ଙ୍କୁ ଡିଷ୍ଟର୍ବ କରନ୍ତୁ ନାହିଁ।




**ମାନନ୍ତୁ ସେଫ୍ଟି ଟିପ୍ସ ଏବଂ ଟ୍ରାଫିକ୍ ନିୟମ:** ଶୀତରେ ସାଙ୍ଗସାଥି ଏକାଠି ବାଇକ୍ ଧରି ବୁଲିଯିବାକୁ ବେଶ୍ ପସନ୍ଦ କରନ୍ତି। ହେଲେ ଥଣ୍ଡା ପବନର ମଜା ନେବା ଆଳରେ ଅନେକେ ହେଲ୍‌ମେଟ୍ ଲଗାନ୍ତି ନାହିଁ। ଫଳରେ କୁହୁଡିରେ ଦୁର୍ଘଟଣା ହେଲେ ମୁଣ୍ଡରେ ଆଘାତ ଲାଗିବା ସହ ମୃତ୍ୟୁ ଆଶଙ୍କା ବୃଦ୍ଧି ପାଇଥାଏ। ତେଣୁ ଦୁଇଚକିଆ ଯାନ ଚଲାଇବା ବେଳେ ଟ୍ରାଫିକ୍ ନିୟମ କିମ୍ବା ଫାଇନ୍ ଦେବା ଡରରେ ନୁହେଁ ବରଂ ନିଜ ସୁରକ୍ଷା ପାଇଁ ଚାଳକ ଏବଂ ପଛରେ ବସିଥିବା ବ୍ୟକ୍ତି ମଧ୍ୟ ହେଲ୍‌ମେଟ୍ ନିହାତି ପିନ୍ଧିବା ଆବଶ୍ୟକ। ମନେ ରଖନ୍ତୁ କୁହୁଡ଼ିରେ ବାରମ୍ବାର ହେଲ୍‌ମେଟ୍ ଗ୍ଲାସ୍‌ରେ କୁହୁଡ଼ି ଲାଗି ଅସ୍ପଷ୍ଟ ହୋଇ ଦେଖିବାରେ କଷ୍ଟ ହୋଇଥାଏ ଏବଂ ଦୁର୍ଘଟଣାର ଆଶଙ୍କା ବୃଦ୍ଧିପାଇଥାଏ। ତେଣୁ ମଝିରେ ମଝିରେ ଏହାକୁ କଟନ୍ କପଡ଼ାରେ ପୋଛନ୍ତୁ। ସେହିପରି ୪ ଚକିଆ ଗାଡ଼ି ଚଲାଇବା ବେଳେ ସିଟ୍‌ବେଲ୍ଟ ବାନ୍ଧନ୍ତୁ। କୁହୁଡ଼ି ସମୟରେ ଡିଫ୍ରଷ୍ଟର ବ୍ୟବହାର କରନ୍ତୁ। କାରଣ କୁହୁଡ଼ି ଗାଡ଼ିର ୱିଣ୍ଡସିଲ୍ଡରେ ଜମା ହେବା ଦ୍ୱାରା ଦେଖାଯିବା କଷ୍ଟ ହୋଇଥାଏ। ଆବଶ୍ୟକ ସ୍ଥଳେ ୱାଇପର ମଧ୍ୟ ବ୍ୟବହାର କରନ୍ତୁ। ଅଧିକ କୁହୁଡ଼ିରେ ସକାଳ ସମୟରେ ବି ସୂର୍ଯ୍ୟକିରଣ ଢାଙ୍କି ହୋଇ ରାସ୍ତାଘାଟ ଅନ୍ଧାରିଆ ଲାଗିଥାଏ। ତେଣୁ ଗାଡ଼ି ଚଲାଇବା ସମୟରେ ଅଧିକ କୁହୁଡ଼ି ସ୍ଥାନରେ କୁହୁଡ଼ିଜନିତ ଦୁର୍ଘଟଣା ହ୍ରାସ କରିବା ଲାଗି ବର୍ତ୍ତମାନ ଗାଡ଼ିଗୁଡିକରେ ଦିଆଯାଉଥିବା ସ୍ପେଶାଲ ଫଗ୍ ଲାଇଟ୍ (ହଳଦିଆ ଆଲୁଅ) ବ୍ୟବହାର କରିବାକୁ ଆଦୌ ଭୁଲନ୍ତୁ ନାହିଁ।

**ଓଭରଲୋଡ୍:** ବାଇକ, କାର୍ ହେଉ ଅବା ବସ୍ କିମ୍ବା ଟ୍ରାଭେଲର୍‌ରେ ଯାଉଥିଲେ ଆଦୌ ଆବଶ୍ୟକତାଠାରୁ ଅଧିକ ଜଣ ଯାଆନ୍ତୁ ନାହିଁ। କାରଣ ଏହାଦ୍ୱାରା କେବେକେବେ ଗାଡ଼ି ଭାରସାମ୍ୟ ହରାଇ ଦୁର୍ଘଟଣା ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।







## ଆଗାମୀ ଆଶା

### ଏ ସପ୍ତାହର ପ୍ରଶ୍ନ ?

୧– ରତ୍ନମହଲ ୱାଇଲ୍ଡଲାଇଫ୍ ସାଞ୍ଚୁଆରୀ ............ ରାଜ୍ୟରେ ଅବସ୍ଥିତ ?
୨– ଜାଭେଲିନ୍ ମିସାଇଲ୍ .............. ଦେଶ ନିର୍ମାଣ କରିଛି ?
୩– ଆଇଏଫ୍‌ଏସ୍‌ର ଫୁଲ୍‌ଫର୍ମ ............ ?
୪– ମଦର ମେରୀ କମ୍‌ସ ଟୁ ମି ପୁସ୍ତକ .............. ଲେଖିଛନ୍ତି ?
୫– ସାମ୍ବାଦିକତା କ୍ଷେତ୍ରରେ ଦିଆଯାଉଥିବା ପୃଥିବୀର ସର୍ବୋଚ୍ଚ ପୁରସ୍କାର ............ ?

### ଗତ ଥରର ଉତ୍ତର

୧ ଶ୍ରୀଲଙ୍କାର ୟୁନିଭର୍ସିଟି ଅଫ୍ କଲମ୍ବୋ
୨ ୟୁନାଇଟେଡ୍ ଆରବ ଏମିରେଟ୍ସ
୩ ମଣିପୁର
୪ କଞ୍ଜ୍ୟୁମର ଆଫାୟାର୍ସ, ଫୁଡ୍ ଆଣ୍ଡ ପବ୍ଲିକ୍ ଡିଷ୍ଟ୍ରିବ୍ୟୁଶନ୍
୫ ଜାପାନ

### ଉତ୍ତରଦାତା



ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର



ଦିନେଶ ନାୟକ, କେନ୍ଦୁଝର

### ଟପ୍ ଟେନ୍ ୧୦

**ସର୍ବବୃହତ୍ ପାଣିଜାହାଜ–୨୦୨୫**

୧ . ସିୱାଇଜ୍ ଜିଆଣ୍ଟ ............................ ୪୫୮.୪୬ ମିଟର
୨. ବାଟିଲସ୍ କ୍ଲାସ୍ .............................. ୪୧୪.୨୨ ମିଟର
୩. ଇସୋ ଆଟ୍‌ଲାଣ୍ଟିକ୍/ଇସୋ ପାସିଫିକ୍......... ୪୦୬.୫୭ ମିଟର
୪. ଭେଲ୍‌ମ୍ୟାକ୍ସ ................................. ୩୬୦–୩୬୨ ମିଟର
୫. ଓଆସିସ୍ କ୍ଲାସ୍ .............................. ୩୬୦–୩୬୨ ମିଟର
୬. ପାୟୋନିଅରିଂ ସ୍ପିରିଟ୍ ........................ ୩୮୨ ମିଟର
୭. କ୍ୱାଣ୍ଟମ କ୍ଲାସ୍ .................................. ୩୪୭.୦୬– ୩୪୮ ମିଟର
୮. କ୍ୱିନ୍ ମ୍ୟାରୀ ୨ .............................. ୩୪୫.୦୩ ମିଟର
୯. ବର୍ଗ ଷ୍ଟାଲ୍ ..................................... ୩୪୨ ମିଟର
୧୦. ଏମ୍‌ଓଏଲ୍ ଟ୍ରାଇଅମ୍ଫ୍ କ୍ଲାସ୍ ..................... ୪୦୦ ମିଟର

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ। ଇ–ମେଲ୍ ଠିକଣା: dharitriagamiasha@gmail.com

## ଜାଣନ୍ତୁ ଦୁନିଆ

# ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ

**ପୃଥିବୀର ବିଭିନ୍ନ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ ଅନ୍ୟତମ। ଏହା ସମ୍ପର୍କରେ ଜାଣନ୍ତୁ ବିଭିନ୍ନ ରୋଚକ ତଥ୍ୟ...**

★ଯୁକ୍ତରାଷ୍ଟ୍ର ଆମେରିକାରେ ଉଚ୍ଚ ଶିକ୍ଷା ଲାଗି ୧୬୩୬ ମସିହାରେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ ସ୍ଥାପନା କରାଯାଇଥିଲା।

★ଏହି ବିଶ୍ୱବିଦ୍ୟାଳୟର ନାମ ଜନ୍ ହାର୍ଭର୍ଡଙ୍କ ନାମରେ ରଖାଯାଇଥିଲା। ସେ ନିଜ ସମ୍ପତ୍ତିର ଅଧା ସହ ନିଜର ୪୦୦ ବହିଥିବା ଏକ ଲାଇବ୍ରେରି ଏବଂ ୭୭୯ ଡଲାର ମୁଦ୍ରା ଏହି ଅନୁଷ୍ଠାନକୁ ଦାନ କରିଥିଲେ।

★ପ୍ରତିବର୍ଷ ଏହି ୟୁନିଭର୍ସିଟିରେ ୨୧ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଆଡ୍‌ମିଶନ୍ ନେଇଥା'ନ୍ତି, ଯାହା ମଧ୍ୟରୁ ୭ ହଜାର ହେଉଛନ୍ତି ବିଦେଶୀ।

★ଏହା ମଧ୍ୟରେ ରହିଛି ଏଠାକାର ସବୁଠୁ ପୁରୁଣା ବା ଐତିହାସିକ ସ୍ଥାନ ହାର୍ଭାର୍ଡ ୟାର୍ଡ, ଯାହାକୁ ବିଶ୍ୱବିଦ୍ୟାଳୟର ହୃଦୟ ବୋଲି କୁହାଯାଏ। ଏଠାରେ ଛାତ୍ର, ଶିକ୍ଷକ ଏବଂ ବାହାରୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ସଭାସ୍ଥଳ ରହିଛି।

★ହାର୍ଭାର୍ଡ ଲାଇବ୍ରେରିରେ ୭୦ରୁ ଅଧିକ ପୁସ୍ତକାଳୟ ରହିଛି, ଯାହାକୁ ପୃଥିବୀର ସବୁଠୁ ବଡ଼ ଶୈକ୍ଷଣିକ ପୁସ୍ତକାଳୟମାନଙ୍କ ମଧ୍ୟରେ ଗଣାଯାଏ। ଏଥିରେ ବହି, ପାଣ୍ଡୁଲିପି, ଡିଜିଟାଲ୍ ପଢ଼ା ସାମଗ୍ରୀର ଏକ ବିଶାଳ ସଂଗ୍ରହାଳୟ ରହିଛି।

★ଏହା ବ୍ୟତୀତ ବିଶ୍ୱବିଦ୍ୟାଳୟ ପରିସରରେ ମେମୋରିଆଲ୍ ହଲ୍, ହାର୍ଭାର୍ଡ କଳା ସଂଗ୍ରହାଳୟ ଭଳି ବିଭିନ୍ନ ପ୍ରତିଷ୍ଠିତ ସ୍ଥଳ ରହିଛି।

★ଏହି ବିଶ୍ୱବିଦ୍ୟାଳୟର ଆଥ୍‌ଲେଟିକ୍ ଟିମ୍ ହାର୍ଭାର୍ଡ କ୍ରିମ୍‌ସନ୍ ନାମରେ ପରିଚିତ। ଏଠାରେ ଫୁଟ୍‌ବଲ୍, ବାସ୍କେଟ୍‌ବଲ୍, ରୋଇଂ ସହିତ ଅନେକ କ୍ରୀଡ଼ାକ୍ଷେତ୍ରରେ ଦକ୍ଷ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ଯୋଗାଇ ଦିଆଯାଇଥାଏ।

★କେବଳ ଏତିକି ନୁହେଁ, ଏଠାରେ ଥିବା ଛାତ୍ର କ୍ଲବ୍ ଏବଂ ସଙ୍ଗଠନଗୁଡ଼ିକ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସାମୁଦାୟିକ ସେବା ଭଳି ଏକାଧିକ ଅବସର ପ୍ରଦାନ କରିଥାଏ, ଯାହାକି ଛାତ୍ରୀଛାତ୍ରମାନଙ୍କ ବ୍ୟକ୍ତିଗତ ବିକାଶରେ ବହୁତ ସାହାଯ୍ୟ କରିଥାଏ।

★ଏହି ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଲ ସ୍କୁଲ୍‌କୁ ବିଶ୍ୱର ସର୍ବବୃହତ୍ ଲ' ସ୍କୁଲ୍‌ର ମାନ୍ୟତା ମିଳିଛି।

★ଏଠାରେ ପାଠ ପଢ଼ିଥିବା ପୁରାତନ ଛାତ୍ରୀଛାତ୍ରଙ୍କ ତାଲିକାରେ ଅନେକ ସଫଳ ବ୍ୟକ୍ତିତ୍ୱଙ୍କ ନାମ ରହିଛି। ଯାହା ମଧ୍ୟରେ ଆମେରିକାର ୮ ଜଣ ରାଷ୍ଟ୍ରପତି, ଅନେକ ନୋବେଲ ଏବଂ ପୁଲିଜର ଭଳି ବିଶ୍ୱର ସର୍ବବୃହତ୍ ପୁରସ୍କାର ବିଜେତାଙ୍କ ନାମ ସାମିଲ ରହିଛି।



## ୟୁଥ୍ ଫ୍ୟାଶନ୍

# ଇୟରମଫ୍ ଟ୍ରେଣ୍ଡ

**ଶୀତଦିନେ କାନକୁ ଥଣ୍ଡା ପବନରୁ ରକ୍ଷା କରିବା ଲାଗି କିଏ ମଫ୍‌ଲର୍ ତ କିଏ ସ୍କାର୍ଫ କିମ୍ବା ଉଲେନ୍ କ୍ୟାପ୍ ବ୍ୟବହାର କରିଥାଆନ୍ତି। ହେଲେ ବର୍ତ୍ତମାନ ବିଭିନ୍ନ ଆଟ୍ରାକ୍ଟିଭ୍ ଡିଜାଇନ୍ ଓ କଲରର ଇୟରମଫ୍ ଯୁବପିଢ଼ିଙ୍କ ପାଇଁ ଲାଟେଷ୍ଟ ଫ୍ୟାଶନ୍ ଷ୍ଟେଟ୍‌ମେଣ୍ଟ ପାଲଟିଛି...**

**ବନି ଇୟରମଫ୍:** ବର୍ତ୍ତମାନ ବନି ଇୟରମଫ୍ ଉଭୟ ଯୁବପିଢ଼ି ଏବଂ ପିଲାଙ୍କ ମଧ୍ୟରେ ସବୁଠୁ ପପୁଲାର ପାଲଟିଛି। ଏହା ଦେଖିବାକୁ ଯେତିକି ଆଟ୍ରାକ୍ଟିଭ୍ ପିନ୍ଧିବାକୁ ସେତିକି ଆରାମଦାୟକ ମଧ୍ୟ। ଏହା ଶୀତରେ କାନକୁ ଉଷୁମ ରଖିଥାଏ। ଡ୍ରେସ୍ ସହିତ ଏହାର ମାଚିଂ କଲର ମଧ୍ୟ ମିଳିଯାଉଛି, ଯାହା ଲୁକ୍‌କୁ ଆହୁରି ଷ୍ଟାଇଲିଶ୍ କରୁଛି। ତା'ଛଡ଼ା ବର୍ତ୍ତମାନ ମାର୍କେଟ୍‌ରେ କାନ ହଲାଇ ପାରୁଥିବା ଇୟରମଫ୍ ମିଳୁଛି, ଯାହାକି ରିଲ୍ସ ଭିଡିଓ କରିବା ଲାଗି ଯୁବପିଢ଼ିଙ୍କର ପ୍ରଥମ ପସନ୍ଦ ପାଲଟିଛି।

**ପଫି ଏବଂ ଫୁଲ୍‌ଫର୍ ଇୟରମଫ୍:** ଏହି ଇୟରମଫ୍ କାନକୁ ଭଲ ଭାବେ କଭର କରି ଥଣ୍ଡା ପବନରୁ ରକ୍ଷା କରେ ଏବଂ ଉଷୁମ ରଖିଥାଏ। ଏହା ଦେଖିବାକୁ ଅପେକ୍ଷାକୃତ ଟ୍ରେଣ୍ଡି ଲାଗିଥାଏ। ଏହାକୁ ଆଉଟିଂରେ ଯିବା ବେଳେ ହେଉ କିମ୍ବା ପାର୍ଟି ଫଙ୍କସନ୍‌ରେ ପିନ୍ଧିଲେ କ୍ଲାସି ଲୁକ୍ ଦେଇଥାଏ। ଏହାର ମଧ୍ୟ ପ୍ରାୟ ସବୁ କଲର ମାର୍କେଟ୍‌ରେ ଉପଲବ୍ଧ ହେଉଥିବାରୁ ଯୁବପିଢ଼ିଙ୍କୁ ନିଜ ୱିଣ୍ଟର ଆଉଟ୍‌ଫିଟ୍ ସହିତ ମ୍ୟାଚିଂ କରିବା ସହଜ ହୋଇପାରୁଛି।

**ଫର୍ମାଲ୍ ଏବଂ ସିମ୍ପଲ୍ ଇୟରମଫ୍:** ଏହି ଇୟରମଫ୍ ଦେଖିବାକୁ ସିମ୍ପଲ୍ ଏବଂ ସୁନ୍ଦର। ଯାହାକୁ ଯୁବପିଢ଼ି ମୁଖ୍ୟତଃ କଲେଜ୍ କିମ୍ବା ଅଫିସ୍ ଯିବା ସମୟରେ କାନକୁ ଥଣ୍ଡା ପବନରୁ ରକ୍ଷା କରିବା ଲାଗି ଅଧିକ ବ୍ୟବହାର କରୁଛନ୍ତି। ଏହା ଖୁବ୍ ହାଲୁକା ହୋଇଥିବାରୁ ଦୀର୍ଘ ସମୟ ପର୍ଯ୍ୟନ୍ତ ପିନ୍ଧିଲେ ବି ଆରାମ ଲାଗିଥାଏ। ତା'ଛଡ଼ା ଏହାକୁ ଯେକୌଣସି ଆଉଟ୍‌ଫିଟ୍ ସହିତ ମିକ୍ସ ମ୍ୟାଚ୍ କରି ପିନ୍ଧିଲେ ବି ଭଲ ଲାଗିଥାଏ।







**କ୍ଲାସିକ୍ ଇୟରମଫ୍:** ଏହା ଯୁବକମାନଙ୍କର ଅଧିକ ପସନ୍ଦ। ଏହା ମୁଖ୍ୟତଃ ୩ ପ୍ରକାରର, ଯଥା– ଓଭର ଦ ହେଡ୍, ବିହାଇଣ୍ଡ ଦ ହେଡ୍ ଏବଂ ଇୟର ୱାର୍ମର ହେଡ୍‌ବ୍ୟାଣ୍ଡ। ଏହା ଅନ୍ୟ ଡିଜାଇନ୍ ଇୟରମଫ୍ ଭଳି କାନଠୁ ବାହାରକୁ ବାହାରି ନ ଥାଏ। ଏହା ପତଳା ହୋଇ କାନରେ ଲାଗି ରହୁଥିବାରୁ ଏହା ଉପରେ ହେଲ୍‌ମେଟ୍ ପିନ୍ଧିବା ବି ସହଜ ହୋଇଥାଏ। ତେଣୁ ଶୀତରେ ଗାଡ଼ି ଚଲାଇ ବେଳେବେଳେ ଅଧିକାଂଶ ଯୁବପିଢ଼ି ଏହି ଇୟରମଫ୍ ବ୍ୟବହାର କରିଥା'ନ୍ତି।

**ମଲ୍ଟି କଲର ଇୟରମଫ୍:** ବର୍ତ୍ତମାନ ଅନେକେ ମଲ୍ଟିକଲର ଉଲେନ୍ ଇୟରମଫ୍ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି, ଯାହାକି କାନକୁ ଅପେକ୍ଷାକୃତ ଅଧିକ ଉଷୁମ ରଖିବାରେ ସାହାଯ୍ୟ କରୁଛି ଏବଂ ସବୁ କଲର ଡ୍ରେସ୍ ସହିତ ସହଜରେ ମ୍ୟାଚିଂ ବି କରିହେଉଛି।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ